ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ଏପ୍ରିଲ ୮/୨୦୧୯ (୨୦ ପୃଷ୍ଠା) | Berhampur, Monday, April 8/2019 | ★★★

୧୫ ଶ ଭାଗ ୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ୨୦୧୯ ପାଇଁ ବିଜେପିର ନିର୍ବାଚନ ଇସ୍ତାହାର ଆସିଗଲା । ଏବେ ଆସନ୍ତୁ ତାଙ୍କ ୨୦୧୪ ଇସ୍ତାହାରର ତର୍ଜମା କରିବା ।

**ପ୍ରତିଶ୍ରୁତି ୧** ଓଡ଼ିଶା ପାଇଁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ।
**ପରିଣତି** ପୁରାପୁରି ଭୁଲିଗଲା ବିଜେପି । ଏବେ ସମ୍ପୂର୍ଣ୍ଣ ନିରବତା ।

**ପ୍ରତିଶ୍ରୁତି ୨** ଏସ୍‌ଟି ଏସ୍‌ସି ଛାତ୍ରବୃତ୍ତି ୨ ଗୁଣ ବଢାଯିବ ।
**ପରିଣତି** ଅନୁଦାନ ବନ୍ଦ କରିଦିଆଗଲା ।

**ପ୍ରତିଶ୍ରୁତି ୩** ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯିବ ୫ ଲକ୍ଷ ଟଙ୍କା ।
**ପରିଣତି** ଟଙ୍କାଟିଏ ବି ଦିଆଗଲା ନାହିଁ ।

**ପ୍ରତିଶ୍ରୁତି ୪** ଗାଁ ସାଥୀ, ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ପାରିଶ୍ରମିକ ଅତିକମ୍‌ରେ ୨ ଗୁଣ ବଢାଯିବ ।
**ପରିଣତି** ଗାଁ ସାଥୀଙ୍କ କଥା ପୁରାପୁରି ଭୁଲିଗଲେ, ଆଶା କର୍ମୀ ମିଛ ଆଶାରେ ରହିଗଲେ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ପାରିଶ୍ରମିକ ବାବଦକୁ କେନ୍ଦ୍ରର ୯୦ : ରାଜ୍ୟର ୧୦ ହିସାବରେ ମିଳୁଥିବା ଅନୁଦାନ କମେଇ ଦିଆଯାଇ ୬୦:୪୦ କରିଦିଆଗଲା ।

**ପ୍ରତିଶ୍ରୁତି ୫** ବିଧବାଙ୍କ ପାଇଁ ମାସକୁ ୧ ହଜାର ଟଙ୍କା ପେନ୍‌ସନ୍ ।
**ପରିଣତି** ୫ ବର୍ଷ ଧରି ମାସକୁ ୩୦୦ ଟଙ୍କା ମିଳିଲା । ନବୀନ ପଟ୍ଟନାୟକ ଏହାକୁ ୫୦୦ ଟଙ୍କାକୁ ବୃଦ୍ଧି କଲେ ।

**ପ୍ରତିଶ୍ରୁତି ୬** ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧.୫ ଗୁଣ ବଢିବ । ସାର ଦର କମିବ ।
**ପରିଣତି** ଚାଷୀକୂଳକୁ ଠକି ଦେଲେ ।

**ପ୍ରତିଶ୍ରୁତି ୭** ସମ୍ପୂର୍ଣ୍ଣ ଗ୍ରାମ ବିକାଶ ଯୋଜନା ଆରମ୍ଭ କରାଯିବ ।
**ପରିଣତି** ଆଦୌ ଆରମ୍ଭ ହୋଇ ପାରିଲା ନାହିଁ ।

**ପ୍ରତିଶ୍ରୁତି ୮** ବସ୍ତିବାସିନ୍ଦା ଥଇଥାନ ନୀତି ଅଣାଯିବ ।
**ପରିଣତି** କିଛି ହେଲାନି । ନବୀନ ପଟ୍ଟନାୟକ ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ଜାଗା ଯୋଜନା କଲେ ।

**ପ୍ରତିଶ୍ରୁତି ୯** ସବୁ ଜିଲ୍ଲାରେ ବିଶ୍ୱସ୍ତରୀୟ ହସ୍‌ପିଟାଲ ପ୍ରତିଷ୍ଠା କରାଯିବ ।
**ପରିଣତି** ସତ୍ୟତା ହେଲା ଜାତୀୟ ଗ୍ରମୀଣ ସ୍ୱାସ୍ଥ୍ୟ ମିଶନର ଅନୁଦାନ କମାଇ ଦିଆଗଲା ଏବଂ କୌଣସି ହସ୍‌ପିଟାଲ ଟଙ୍କାଟିଏ ବି ପାଇଲେ ନାହିଁ ।

**ପ୍ରତିଶ୍ରୁତି ୧୦** ଆନ୍ତଃ ନଦୀ ଜଳ ପରିବହନ ନଦୀ ସଂଯୋଗୀକରଣ କରାଯିବ ।
**ପରିଣତି** ନିର୍ଦ୍ଧୁମ ଖରାରେ ବରଫ ବର୍ଷା ହେଉଥିବାର ସ୍ୱପ୍ନ ଦେଖିଲାଭଳି ହେଲା ।

**କହିବା ଏବଂ କରିବା ଭିତରେ କେତେ ଫରକ ଥାଏ ତାହା ଆମେ ଆଜି ଓଡ଼ିଶାବାସୀଙ୍କ ନିକଟରେ ବିନମ୍ରତାର ସହ ରଖୁଛୁ ।**

**ବିଜୁ ଜନତା ଦଳ**

ପ୍ରତିଶ୍ରୁତି ନୁହେଁ ପ୍ରତିବଦ୍ଧତା



ଲୋକ ସଭା ନିର୍ବାଚନରେ କଂଗ୍ରେସକୁ ଭୋଟ ଦେଇ ଜିତାଇଲେ ଦେଶରେ ଆତଙ୍କବାଦ ଓ ମାଓବାଦ ବଢ଼ିବା ସହ ବିଚ୍ଛିନ୍ନତାବାଦୀ ତତ୍ତ୍ୱକୁ ବଳ ମିଳିବ।
-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ବୋମାମାଡ଼ରେ ୧୩ ନିହତ

ବିରୁଟ୍,୭।୪(ଏଏଫ୍‌ପି): ଉତ୍ତର ପଶ୍ଚିମ ସିରିଆରେ ବୋମାମାଡ଼ ଯୋଗୁ ୧୩ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ସିରିଆର ପୂର୍ବତନ ଅଲ୍-କାଏଦା ସ୍ୱୀକୃତ ସଂଗଠନ ନିୟନ୍ତ୍ରଣରେ ଥିବା ଇଡ୍‌ଲିବ୍ ଅଞ୍ଚଳରେ ରକେଟ ଓ ସେଲ୍ ମାଡରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ମାନବାଧିକାର ପର୍ଯ୍ୟବେକ୍ଷଣକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି। ସେହିପରି ମାସ୍ୟାଫ ସହରରେ ଇସ୍‌ଲାମିକ୍ ଯୋଦ୍ଧାଙ୍କ ବୋମାମାଡ଼ ଫଳରେ ୪ ନିହତ ହୋଇଛନ୍ତି। ଏକ ହସ୍ପିଟାଲ ଉପରେ ରକେଟ ମାଡ଼ ହେବାରୁ ଜଣେ କର୍ମଚାରୀଙ୍କ ଜୀବନ ଯାଇଛି।

### ୧୦୦ ଭାରତୀୟ ମତ୍ସ୍ୟଜୀବୀଙ୍କୁ ମୁକ୍ତ କଲା ପାକିସ୍ତାନ

କରାଚି, ୭।୪(ଏଏଫ୍‌ପି): ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ପାକିସ୍ତାନ କର୍ତ୍ତୃପକ୍ଷ ଏକ ସଦିଚ୍ଛାମୂଳକ ପଦକ୍ଷେପ ସ୍ୱରୂପ ସେଠାରେ ବନ୍ଦୀ ଥିବା ୧୦୦ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ରବିବାର ମୁକ୍ତ କରିଦେଇଛନ୍ତି। ଚଳିତ ମାସରେ ୩୬୦ ଭାରତୀୟ ମତ୍ସ୍ୟଜୀବୀଙ୍କୁ ୪ ପର୍ଯ୍ୟାୟରେ ଛଡାଯିବ ବୋଲି ଇସ୍‌ଲାମାବାଦ ପକ୍ଷରୁ ଘୋଷଣା କରାଯାଇଛି। ଏମାନେ ଅନ୍ତର୍ଜାତୀୟ ଜଳସୀମା ଉଲ୍ଲଂଘନ କରି ଗିରଫ ହୋଇଥିଲେ। ସେମାନଙ୍କୁ ଏଧି ଫାଉଣ୍ଡେଶନ୍ ପକ୍ଷରୁ ଉପହାର ଏବଂ ଯାତାୟାତ ଖର୍ଚ୍ଚ ମଧ ପ୍ରଦାନ କରାଯାଇଛି।

### ରେଳ ଖାଦ୍ୟ ଖାଇ ରାଜଧାନୀ ଏକ୍ସପ୍ରେସ୍‌ର ୨୦ ଯାତ୍ରୀ ଅସୁସ୍ଥ

ନୂଆଦିଲ୍ଲୀ,୭।୪(ପି.ଟି.): ଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍‌ରେ ରେଲୱେ ପକ୍ଷରୁ ପରିବେଷଣ କରାଯାଇଥିବା ଖାଦ୍ୟ ଖାଇ ୨୦ ଜଣ ଯାତ୍ରୀ ଅସୁସ୍ଥ ହୋଇପଡିଛନ୍ତି। ଗୋମୋହ ଷ୍ଟେଶନରେ ଅସୁସ୍ଥ ଯାତ୍ରୀମାନଙ୍କ ଚିକିତ୍ସା କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ରେଲୱେ ପକ୍ଷରୁ କୁହାଯାଇଛି। ବୋକାରୋ ଓ ଟାଟା ନଗରଠାରେ ମଧ ଡାକ୍ତର ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ସତର୍କତା ବ୍ୟବସ୍ଥା ସ୍ୱରୂପ ଜଣେ ଡାକ୍ତରଙ୍କୁ ମଧ ଟ୍ରେନ୍‌ରେ ନିଆଯାଇଥିଲା। ପ୍ୟାଣ୍ଟ୍ରି କାର୍ ଯାଞ୍ଚ ହେବା ସହ ଖାଦ୍ୟ ନମୁନା ତଦନ୍ତ ପାଇଁ ସଂଗ୍ରହ କରାଯାଇଛି।

### [ଇତିହାସର ଆଇନାରେ]

### ଏପ୍ରିଲ ୮ର ପ୍ରମୁଖ ଘଟଣା

୧୯୬୪ ଏପ୍ରିଲ ୮ରେ ଜେମିନି ୧ର ପରୀକ୍ଷା କରାଯାଇଥିଲା। ଫ୍ଲୋରିଡାର କେପ୍ କାନାଭେରାଲ ଲଞ୍ଚ୍ କମ୍ପ୍ଲେକ୍ସ ୧୯ରୁ ଏହାକୁ ଉତ୍‌କ୍ଷେପଣ କରାଯାଇଥିଲା। ଉକ୍ତ ସ୍ପେସ୍‌କ୍ରାଫ୍ଟ କକ୍ଷପଥରେ ପାଖାପାଖି ୬୪ଥର ପୃଥିବୀକୁ ପରିକ୍ରମା କରିବା ବାୟୁମଣ୍ଡଳର ଆକର୍ଷଣ ଯୋଗୁ ଏହା ଧ୍ୱଂସପ୍ରାପ୍ତ ହୋଇଥିଲା।

୧୯୯୩ ଏପ୍ରିଲ ୮ରେ ରିପବ୍ଲିକ୍ ଅଫ୍ ମାସିଡୋନିଆ ଜାତିସଂଘରେ ଯୋଗ ଦେଇଥିଲା। ଉତ୍ତର ମାସିଡୋନିଆକୁ ସରକାରୀ ଭାବେ ରିପବ୍ଲିକ୍ ଅଫ୍ ନର୍ଥ ମାସିଡୋନିଆ କୁହାଯାଏ। ଦକ୍ଷିଣ-ପୂର୍ବ ୟୁରୋପର ବାଲକାନ୍ ଉପଦ୍ୱୀପରେ ଏହି ଦେଶ ଅବସ୍ଥିତ।

## ■ ମୁସ୍‌ଲିମ ମତଦାତାଙ୍କୁ ମାୟାବତୀଙ୍କ ଅନୁରୋଧ

# ମହାମେଣ୍ଟକୁ ଏକତରଫା ଭୋଟ ଦିଅ

### ଭାଷଣକୁ ନେଇ ରିପୋର୍ଟ ମାଗିଲେ ନିର୍ବାଚନ କମିଶନ

ଦେଓବନ୍ଦ,୭।୪(ପି.ଟି.)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଗ୍ରୀଷ୍ମର ଉଷ୍ମତା ସହ ସମତାଳ ଦେଇ ବୃଦ୍ଧି ପାଇବାରେ ଲାଗିଛି ରାଜନୈତିକ ତାପମାତ୍ରା। ସବୁଠି ଚାଲିଛି ନିଜ ଦଳ ପାଇଁ ପ୍ରଚାର ଆଉ ଅନ୍ୟଙ୍କୁ ଟାର୍ଗେଟ। ଏହି ପରିପ୍ରେକ୍ଷୀରେ ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶ(ୟୁପି)ର ଶାହରନପୁର ଜିଲ୍ଲା ଦେଓବନ୍ଦରେ ବିରୋଧୀ ମହାମେଣ୍ଟ ପକ୍ଷରୁ ରବିବାର ପ୍ରଥମ ନିର୍ବାଚନୀ ସଭା କରାଯାଇଛି। ଏଥିରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ନେତୃବୃନ୍ଦ ଏକାଠି ହୋଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଓ ରାଜ୍ୟର ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ବିଏସ୍‌ପି ସୁପ୍ରିମୋ ମାୟାବତୀ ସଂଖ୍ୟାଲଘୁ ମୁସଲମାନ ମତଦାତାଙ୍କୁ ମହାମେଣ୍ଟ ସପକ୍ଷରେ ଏକତରଫା ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି। ମାୟାବତୀ ଧର୍ମ ଆଧାରରେ ଭୋଟ ମାଗିଥିବାରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଅଭିଯୋଗ ହେବା ପରେ ତାଙ୍କ ମନ୍ତବ୍ୟକୁ ନେଇ ସ୍ଥାନୀୟ ପ୍ରଶାସନକୁ ରିପୋର୍ଟ ମାଗିଛନ୍ତି ନିର୍ବାଚନ କମିଶନ।

ପଶ୍ଚିମ ୟୁପିର ୮ ଲୋକ ସଭା ଆସନରେ ଆସନ୍ତା ୧୧ରେ ପ୍ରଥମ ପର୍ଯ୍ୟାୟ ଭୋଟ ହେବ। ଏଥିଲାଗି ମୁସଲମାନ ବହୁଳ ଦେଓବନ୍ଦରେ ବିରୋଧୀ ମହାମେଣ୍ଟ ରାଲିରେ ମାୟାବତୀଙ୍କ ସହ ଏକାଠି ହୋଇଛନ୍ତି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଆର୍‌ଏଲ୍‌ଡି ମୁଖ୍ୟ ଅଜିତ୍ ସିଂ। ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମାୟାବତୀ କହିଛନ୍ତି, ଭାଜପା ମତଦାତାଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି, ଏହି ଦଳ ହାରିବ। ସେହିପରି କଂଗ୍ରେସ ମହାମେଣ୍ଟର ବିଜୟ ଚାହୁଁନାହିଁ, କେବଳ ଭୋଟ ବିଭାଜନ କରିବ। ଏହି ଦୁଇ ଦଳ ଦେଶକୁ ବହୁବର୍ଷ ଧରି ଶାସନ କରିଛନ୍ତି। କିନ୍ତୁ ସେମାନେ ଭୁଲ ନୀତି ଆପଣେଇଛନ୍ତି। ଭାଜପା ତା'ର ପୂର୍ବ ନିର୍ବାଚନୀ ପ୍ରତିଶ୍ରୁତିକୁ ପାଳନ କରିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବଙ୍କ ମଙ୍ଗଳ ପାଇଁ ପ୍ରକୃତରେ ସମ୍ବେଦନଶୀଳ ଥିଲେ ସେ ନିର୍ବାଚନ ତାରିଖ ଘୋଷଣା ପରେ ଯୋଜନାଗୁଡ଼ିକ ଆରମ୍ଭ କରି ୫ ବର୍ଷର ଶାସନ କାଳରେ ସେଗୁଡ଼ିକୁ ଲାଗୁ କରିଥାନ୍ତେ। ଏବେ ମହାମେଣ୍ଟ କ୍ଷମତାକୁ ଆସିବାକୁ ଅଛି ଜାଣି ଭାଜପା ଲୋକଙ୍କୁ ଡର ଦେଖାଉଛି। ପ୍ରଧାନମନ୍ତ୍ରୀଙ୍କ ଚୌକିଦାର ଅଭିଯାନ ଏକ ପ୍ରହସନ। ବିରୋଧୀଙ୍କୁ ପ୍ରତିହତ କରିବା ପାଇଁ ଭାଜପା ସିବିଆଇ ଏବଂ ଇଡି ଭଳି ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର କରୁଛି। ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ କରାଯାଉଛି। ସେହିପରି କଂଗ୍ରେସର ନିର୍ବାଚନୀ ଘୋଷଣାପତ୍ରରେ ଥିବା ନ୍ୟୂନତମ ଆୟ ଯୋଜନା (ନ୍ୟାୟ)କୁ ମଧ ମାୟାବତୀ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମଧ ଦାରିଦ୍ର୍ୟ ଦୂରୀକରଣ ପାଇଁ ୨୦ ସୂତ୍ରୀ କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ଏହା କ'ଣ କାମ ଦେଇଥିଲା? ଉଭୟ କଂଗ୍ରେସ ଓ ଭାଜପା ଭ୍ରଷ୍ଟାଚାରର ସୀମା ଅତିକ୍ରମ କରିଛନ୍ତି। ତେଣୁ ଏହି ଦୁଇ ଦଳର ପ୍ରଚାରରେ ବିଭ୍ରାନ୍ତ ନ ହୋଇ ମହାମେଣ୍ଟକୁ ଭୋଟ ଦେବା ପାଇଁ ମାୟାବତୀ ଆହ୍ୱାନ ଦେଇଛନ୍ତି।




ମହାମେଣ୍ଟ ରାଲିରେ ଆର୍‌ଏଲ୍‌ଡି ମୁଖ୍ୟ ଅଜିତ୍ ସିଂ, ବିଏସ୍‌ପି ସୁପ୍ରିମୋ ମାୟାବତୀ ଏବଂ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ଅନ୍ୟମାନେ।

### ନିର୍ବାଚନରେ ମହାପରିବର୍ତ୍ତନ ଆଣିବ ମହାମେଣ୍ଟ: ଅଖିଳେଶ

ସେହିପରି ଅଖିଳେଶ କହିଛନ୍ତି, ଏନ୍‌ଡିଏ ସରକାର ସମାଜକୁ ବ୍ରିଟିଶ ସରକାରଠାରୁ ଅଧିକ ବିଭାଜନ କରିବାରେ ଲାଗିଛି। ୨୦୧୪ରେ ମୋଦି ଚା ବାଲା ହୋଇ ଆସିଥିଲେ। ସେ ଅଚ୍ଛେ ଦିନ ଆଣି କୋଟି କୋଟି ଯୁବତୀଯୁବକଙ୍କୁ ନିଯୁକ୍ତି ଦେବେ ବୋଲି ସମସ୍ତେ ଭାବିଥିଲେ। ହେଲେ ଏବେ ନିର୍ବାଚନ ଆସିଥିବାରୁ ସେ ଚୌକିଦାର ହୋଇଗଲେ। ଏଥର ଆମେ ସମସ୍ତେ ତାଙ୍କର ଚୌକି ଛଡ଼ାଇନେବୁ। ମହାମେଣ୍ଟ ମହା ଅପମିଶ୍ରଣ ନୁହେଁ। ଏଥର ଲୋକ ସଭା ନିର୍ବାଚନ ପରିବର୍ତ୍ତନ ଆଣିବ।

# ପ୍ରଚାରମୁଖର ଦୁଇ ଜାତୀୟ ଦଳ

### ପୁଣିଥରେ ମୋଦି ସରକାର: ଭାଜପା



ନୂଆଦିଲ୍ଲୀ,୭।୪(ପି.ଟି.)

ସାଧାରଣ ନିର୍ବାଚନ ପୂର୍ବରୁ ଦୁଇ ଜାତୀୟ ଦଳ ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ରବିବାର ପ୍ରଚାରକୁ ଆଗକୁ ବଢ଼ାଇବା ପାଇଁ ନିଜ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀ ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଦଳର ନିର୍ବାଚନ ଥିମ୍ (ବିଷୟବସ୍ତୁ) ଜାରି କରିଛନ୍ତି। ସେ କହିଛନ୍ତି, ସମସ୍ତଙ୍କୁ ସାଙ୍ଗରେ ନେଇ ଯାଉଥିବା ପରୀକ୍ଷିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଏବଂ ବିରୋଧୀଙ୍କ ଦ୍ୱନ୍ଦ୍ୱ ଓ ମହାଅପମିଶ୍ରଣ ମଧ୍ୟରୁ ଗୋଟିଏକୁ ମତଦାତା ବାଛିବେ। ଏନ୍‌ଡିଏର ୫ ବର୍ଷର ଶାସନକୁ ଲୋକେ ପରଖିବେ। ଏଥର ପୁଣିଥରେ ମୋଦି ସରକାର ଆସିବ। ଅନ୍ୟପକ୍ଷରେ କଂଗ୍ରେସ ତା'ର ନିର୍ବାଚନ ପ୍ରଚାର ଟ୍ୟାଗ୍ ଲାଇନ୍‌ରେ ଗରିବଙ୍କ ପାଇଁ ସର୍ବନିମ୍ନ ଆୟ ଯୋଜନା 'ନ୍ୟାୟ'କୁ ଗୁରୁତ୍ୱ ଦେଇଛି। କଂଗ୍ରେସ ପକ୍ଷରୁ ଦଳ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଫଟୋ ସହ 'ଏବେ ନ୍ୟାୟ ହେବ' ବୋଲି ଟ୍ୟାଗ୍‌ଲାଇନ୍ ଟୁଇଟ୍ କରାଯାଇଛି। ପ୍ରକାଶ ଯେ, ମାର୍ଚ୍ଚ ୨୫ରେ ରାହୁଲ 'ନ୍ୟାୟ' ଯୋଜନା ଘୋଷଣା କରି କଂଗ୍ରେସ କ୍ଷମତାକୁ ଆସିଲେ ଅତି ଗରିବଙ୍କୁ ବାର୍ଷିକ ୭୨,୦୦୦ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ଯାହାକି ଦଳର ଘୋଷଣାପତ୍ରରେ ମଧ ସ୍ଥାନ ପାଇଛି।

### ଏବେ ହେବ ନ୍ୟାୟ: କଂଗ୍ରେସ



### କଂଗ୍ରେସ ବୈଠକରେ ବିରିୟାନି ପରିବେଷଣକୁ ନେଇ ସଂଘର୍ଷ

ମୁଜାଫରନଗର,୭।୪(ପି.ଟି.)

କଂଗ୍ରେସର ଏକ ନିର୍ବାଚନୀ ବୈଠକରେ ବିରିୟାନି ପରିବେଷଣକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ କଂଗ୍ରେସର ବିଜନୁର ପ୍ରାର୍ଥୀ ନସିମୁଦ୍ଦିନ ସିଦ୍ଦିକିଙ୍କ ଅନେକ ସମର୍ଥକ ଆହତ ହୋଇଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ୯ ଜଣଙ୍କୁ ଗିରଫ କରିଛି। ବିଏସ୍‌ପି ଛାଡି ଗତ ସପ୍ତାହରେ କଂଗ୍ରେସରେ ଯୋଗଦେଇଥିବା ପୂର୍ବତନ ବିଧାୟକ ମୌଲାନା ଜମିଲଙ୍କ ବାସଭବନରେ ଶନିବାର ଦଳୀୟ ବୈଠକ ଚାଲିଥିଲା। ବୈଠକ ପରେ ବିରିୟାନି ପରିବେଷଣ ହେବାର ଥିଲା। ତେବେ ପ୍ରଥମେ ବିରିୟାନି ଦିଆଯାଉ ଦାବି କରି କେତେକ ପାଟିତୁଣ୍ଡ କରିବାରୁ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ଜମିଲ ଓ ତାଙ୍କ ପୁଅଙ୍କ ସମେତ ୩୪ ଜଣଙ୍କ ନାଁରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଏବଂ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି।

## ନଶିଦଙ୍କ ଦଳକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା

ମାଲେ,୭।୪(ଏଏଫ୍‌ପି)

### ମାଲଦ୍ୱୀପ ନିର୍ବାଚନ



ମାଲଦ୍ୱୀପ ସାଧାରଣ ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦଙ୍କ ଦଳକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳିଛି। ନିର୍ବାସନରୁ ଫେରିବାର ୫ ମାସ ପରେ ନଶିଦ ପୂର୍ଣ୍ଣ ବହୁମତ ସହ କ୍ଷମତାକୁ ଫେରିଛନ୍ତି। ଶାସନ କ୍ଷେତ୍ରରେ ଅନେକ ସଂସ୍କାର ଆଣିବା ସହିତ ଦୁର୍ନୀତି ଦୂର କରିବା ଲାଗି ସେ ରବିବାର ପ୍ରତିଜ୍ଞା କରିଛନ୍ତି। ଦେଶକୁ ବାହୁବଳୀ ଶାସନ, ରାଜନୈତିକ ସଙ୍କଟ ଏବଂ ଦୁର୍ନୀତିରୁ ମୁକ୍ତ କରି ଏକ ସ୍ଥିର ତଥା ଗଣତନ୍ତ୍ରର ନୂଆ ଯୁଗ ଆରମ୍ଭ କରିବେ ଏବଂ ଶାନ୍ତି ଫେରାଇଆଣିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ୮୭ ଆସନ ବିଶିଷ୍ଟ ଜାତୀୟ ପାର୍ଲାମେଣ୍ଟରେ ନଶିଦଙ୍କ ମାଲଦ୍ୱୀପ ଡେମୋକ୍ରାଟିକ୍ ପାର୍ଟି (ଏମ୍‌ଡିପି) ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ତାଙ୍କର ଏହି ବିପୁଳ ବିଜୟ ଫଳରେ ବିରୋଧୀ ଦଳ ତଥା ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ଲା ଯାମିନଙ୍କୁ ଶକ୍ତ ଝଟକା ଲାଗିଛି। ୟାମିନଙ୍କ ପ୍ରୋଗ୍ରେସିଭ୍ ପାର୍ଟି ଅଫ ମାଲଦ୍ୱୀପକୁ ମାତ୍ର ୪ଟି ଆସନ ମିଳିଛି।

## ରାଜନୈତିକ ଦଳଙ୍କୁ ଆର୍‌ଟିଆଇ ପରିସରକୁ ଆଣିବା ଲାଗି ସୁପ୍ରିମକୋର୍ଟରେ ଆବେଦନ

ନୂଆଦିଲ୍ଲୀ,୭।୪(ପି.ଟି.)

ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆଇନ ଅଧୀନରେ ସମସ୍ତ ପଞ୍ଜୀକୃତ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ସାର୍ବଜନିକ କର୍ତ୍ତୃପକ୍ଷ (ପବ୍ଲିକ୍ ଅଥରିଟୀ) ଭାବେ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ଦାଏର ପିଟିଶନରେ କୁହାଯାଇଛି, ଜନପ୍ରତିନିଧି ଆଇନର ଧାରା ୨୯-ଗ ଅନୁଯାୟୀ ରାଜନୈତିକ ଦଳ ଗ୍ରହଣ କରୁଥିବା ଚାନ୍ଦା ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ଜଣାଇବାର ଆବଶ୍ୟକତା ରହିଛି। ନିର୍ବାଚନ କମିଶନ (ଇସି) ରାଜନୈତିକ ଦଳଗୁଡିକୁ ନିର୍ବାଚନ ଚିହ୍ନ ପ୍ରଦାନ କରିଥାନ୍ତି। ଆଚରଣ ବିଧି ଉଲ୍ଲଂଘନ ହେଲେ ଦଳର ସ୍ୱୀକୃତି ପ୍ରତ୍ୟାହାର କ୍ଷମତା ଇସିଙ୍କର ରହିଛି। ସେହି କାରଣରୁ ଆର୍‌ଟିଆଇର ଧାରା ୨(ଏଚ୍) ଏବଂ ଆରପିଏର ଧାରା ୨୯-କ, ୨୯-ଖ ଏବଂ ୨୯-ଗ ଅନୁଯାୟୀ ରାଜନୈତିକ ଦଳଗୁଡିକୁ ପବ୍ଲିକ୍ ଅଥରିଟୀ ଭାବେ ଅଦାଲତ ଘୋଷଣା କରିପାରିବେ ବୋଲି ପିଟିଶନରେ କୁହାଯାଇଛି। ସେଥିପାଇଁ ରାଜନୈତିକ ଦଳଗୁଡିକୁ ୪ ସପ୍ତାହ ମଧ୍ୟରେ ଜନସମ୍ପର୍କ ଅଧିକାରୀ ଓ ଆପିଲେଟ୍ ଅଧିକାରୀ ନିଯୁକ୍ତ କରିବା ଏବଂ ଆର୍‌ଟିଆଇ ଆଇନରେ ତଥ୍ୟ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ପିଟିଶନରେ ଅନୁରୋଧ କରାଯାଇଛି।

## ■ ଇତିହାସ ରଚିବ ନିଜାମାବାଦ୍ ଲୋକ ସଭା ଆସନ

# ପ୍ରତି ବୁଥ୍‌ରେ ୧୨ ଇଭିଏମ୍



ହାଇଦ୍ରାବାଦ, ୭।୪

ତେଲେଙ୍ଗାନାର ନିଜାମାବାଦ୍ ଲୋକ ସଭା ଆସନ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଏଠାରେ ୧୮୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ପ୍ରତି ବୁଥ୍‌ରେ ୧୨ଟି ବଡ ଆକୃତିର ଇଭିଏମ୍ ଦ୍ୱାରା ଭୋଟଗ୍ରହଣ କରାଯିବ। ମତଦାତା ୧୮୫ଜଣଙ୍କ ମଧ୍ୟରୁ ନିଜ ପସନ୍ଦର ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବେ। ନିଜାମାବାଦ ହେଉଛି ପ୍ରଥମ ଲୋକ ସଭା ନିର୍ବାଚନମଣ୍ଡଳୀ, ଯେଉଁଠି ଏତେସଂଖ୍ୟକ ପ୍ରାର୍ଥୀଙ୍କ ନିମନ୍ତେ ଇଭିଏମ୍ ବ୍ୟବହାର ହେବାକୁଯାଉଛି। ଏଠାରେ ୧୭୮ ଚାଷୀ ଏଥର ପ୍ରାର୍ଥୀ ହୋଇଛନ୍ତି। ଇଭିଏମ୍‌ରେ ସର୍ବାଧିକ ୬୪ଟି ନାଁ ରହୁଥିବାରୁ ଏହାଠୁ ଅଧିକ ସଂଖ୍ୟକ ପ୍ରାର୍ଥୀଙ୍କ ନିମନ୍ତେ ବାଲଟ ପେପର ବ୍ୟବସ୍ଥା କରିବାକୁ ନିର୍ବାଚନ କମିଶନ ଚିନ୍ତା କରୁଥିଲେ। କିନ୍ତୁ ପରେ ବାଲଟ ପେପର ବ୍ୟବସ୍ଥାକୁ ବିରୋଧ କରି ୨୬,୮୨୦ ଇଭିଏମ୍, ୨୨୪୦ କଣ୍ଟ୍ରୋଲ ୟୁନିଟ୍ ଏବଂ ୨୬୦୦ ଭିଭିପିଏଟି ଯୋଗାଇଦେବାକୁ ଇଲେକ୍‌ଟ୍ରୋନିକ୍ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ଇସିଆଇଏଲ୍)କୁ କମିଶନ୍ ନିର୍ଦ୍ଦେଶ ଦେଇଥିଲେ। ଭୋଟଗ୍ରହଣକୁ ୩ ଦିନ ବାକି ଥିବାବେଳେ ନିର୍ବାଚନ କର୍ତ୍ତୃପକ୍ଷ ଏବଂ ଇଞ୍ଜିନିୟରମାନେ ଖୁବ୍ ତତ୍ପର ହୋଇପଡିଛନ୍ତି। ଉକ୍ତ ଲୋକ ସଭା ଆସନରେ ନିର୍ବାଚନ ପରିଚାଳନା ପାଇଁ ସର୍ବାଧିକ ୩୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଅନ୍ୟ ଆସନଗୁଡ଼ିକର ହାରାହାରି ଖର୍ଚ୍ଚ ଅପେକ୍ଷା ଏଠାରେ ୧୫ କୋଟି ଅଧିକ ବ୍ୟୟ ହେଉଥିବା ସୂଚନା ମିଳିଛି।

## ■ ୫୦% ଭିଭିପିଏଟି ସ୍ଲିପ୍ ଗଣନା

# ଫଳାଫଳ ୬ ଦିନ ବିଳମ୍ବକୁ ବିରୋଧୀଙ୍କ ସମ୍ମତି

ନୂଆଦିଲ୍ଲୀ,୭।୪ (ପି.ଟି.)

୫୦ ପ୍ରତିଶତ ଭିଭିପିଏଟି ସ୍ଲିପ୍ ଗଣନାରେ ନିର୍ବାଚନ ଫଳାଫଳ ପ୍ରକାଶରେ ଯଦି ୬ ଦିନ ବିଳମ୍ବ ହୁଏ ତେବେ କିଛି ଯାଏଆସେ ନାହିଁ ବୋଲି ୨୧ଟି ବିରୋଧୀ ଦଳର ନେତାମାନେ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲାଗି ଏହା ଗୁରୁତର ବିଳମ୍ବ ନୁହେଁ ବୋଲି ସେମାନେ କହିଛନ୍ତି। ୫୦% ଭିଭିପିଏଟି ସ୍ଲିପ୍ ଯାଞ୍ଚ କରିବାକୁ ହେଲେ ଫଳାଫଳ ଘୋଷଣା ପାଖାପାଖି ୬ ଦିନ ବିଳମ୍ବ ହେବ ବୋଲି ନିର୍ବାଚନ କମିଶନ ଅଦାଲତଙ୍କୁ ଜଣାଇବା ପରେ ଏହା ଉପରେ ବିରୋଧୀ ଦଳଙ୍କ ମତାମତ ମଗାଯାଇଥିଲା। ତେଲୁଗୁ ଦେଶମ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍.ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ ବିରୋଧୀ ଦଳ ପକ୍ଷରୁ ଅଦାଲତରେ ଉପରୋକ୍ତ ଜବାବ ଦାଖଲ କରାଯାଇଛି।

ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ଗୋଟିଏ ମତଦାନ କେନ୍ଦ୍ରର ଭିଭିପିଏଟି ସ୍ଲିପ୍ ଗଣନା କରାଯାଉଛି। ତେବେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ସ୍ଲିପ୍ ଗଣନା ଦାବିରେ ବିରୋଧୀ ଦଳଗୁଡିକ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ସୋମବାର ହେବ।




# କମଳନାଥଙ୍କ ଓଏସ୍‌ଡିଙ୍କ ଘରେ ଆୟକର ଚଢ଼ାଉ

ନୂଆଦିଲ୍ଲୀ/ଭୋପାଳ,୭।୪(ପି.ଟି.)

ହାୱାଲା ଅର୍ଥ କାରବାର ଓ ଟିକସ ଫାଙ୍କି ଅଭିଯୋଗରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ପୂର୍ବତନ ଓଏସ୍‌ଡି ପ୍ରବୀଣ କକ୍କଡଙ୍କ ସମେତ ତାଙ୍କର ଘନିଷ୍ଠ ସହଯୋଗୀଙ୍କ ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଗୋଆରେ ଥିବା ୫୦ଟି ସ୍ଥାନରେ ରବିବାର ଆୟକର ଅଧିକାରୀମାନେ ଏକସଙ୍ଗେ ଚଢ଼ାଉ କରିଛନ୍ତି। ତେବେ ଏହି ଚଢ଼ାଉ ବେଳେ ପଶ୍ଚିମବଙ୍ଗ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସିଆରପିଏଫ ଯବାନ ଏବଂ ରାଜ୍ୟ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ରାଜ୍ୟ ପୋଲିସ ଆୟକର ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ କରିବାକୁ ଦେଇ ନ ଥିଲେ ବୋଲି ସିଆରପିଏଫ ଅଧିକାରୀ କହିଛନ୍ତି। ଭୋର ୩ଟାରୁ ଆରମ୍ଭ ହୋଇଥିବା ଚଢ଼ାଉରେ ୨୦୦ରୁ ଊର୍ଦ୍ଧ୍ୱ ଆୟକର ଅଧିକାରୀ ଓ ସିଆର୍‌ପିଏଫ୍ ଯବାନ ସାମିଲ ଥିଲେ। ୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହେବା ସହ ଚଢ଼ାଉ ଜାରି ରହିଛି।

ସୂଚନାଯୋଗ୍ୟ ଦୁଇ ମାସ ତଳେ ସିବିଆଇ ଅଧିକାରୀମାନେ ତତ୍କାଳୀନ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଜେରା କରିବାକୁ ଯାଇଥିବା ବେଳେ ତାଙ୍କୁ ପଶ୍ଚିମବଙ୍ଗ ପୋଲିସ ବାଧା ଦେଇଥିଲା। ରାଜନୈତିକ ଫାଇଦା ପାଇଁ କେନ୍ଦ୍ର ସରକାର ସିବିଆଇକୁ ବ୍ୟବହାର କରୁଥିବା ଅଭିଯୋଗ ଆଣି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଧାରଣାରେ ବସିଥିଲେ, ଯାହାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା। ଅନୁରୂପ ଭାବେ ରବିବାର କକ୍କରଙ୍କ ସହଯୋଗୀ ଅଶ୍ୱିନୀ ଶର୍ମାଙ୍କ ଘରେ ଆୟକର ଅଧିକାରୀ ଚଢ଼ାଉ କରୁଥିବାବେଳେ ବାହାରେ ମୁତୟନ ଥିବା ସିଆର୍‌ପିଏଫ୍ ଯବାନଙ୍କ ସହ ମଧ୍ୟପ୍ରଦେଶ ପୋଲିସ ଅଧିକାରୀଙ୍କର ବଚସାରୁ ଧସ୍ତାଧସ୍ତି ହୋଇଛି। ଆୟକର ଅଧିକାରୀମାନେ ଘର ଭିତରେ ଚଢ଼ାଉ କରୁଥିବାବେଳେ ପୋଲିସ ଅଧିକାରୀମାନେ ଜବରଦସ୍ତ ପ୍ରବେଶ କରିବାକୁ ଉଦ୍ୟମ କରିବାରୁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜ୍ୟ ପୋଲିସ ସିଆରପିଏଫ କର୍ମଚାରୀମାନଙ୍କୁ କାମ କରିବାକୁ ଦେଇ ନ ଥିଲେ ବୋଲି ଏହାର ଅଧିକାରୀ ପ୍ରଦୀପ କୁମାର କହିଛନ୍ତି। ତେବେ ଭୋପାଳ ଏସ୍‌ପି ଭୂପିନ୍ଦର ସିଂ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଚଢ଼ାଉ ଚାଲିଥିବା ରେସିଡେନ୍ସିଆଲ କମ୍ପ୍ଲେକ୍ସରେ ରହୁଥିବା ଜଣେ ବାସିନ୍ଦା ମେଡିକାଲ ସହାୟତା ପାଇଁ ଏସ୍‌ଏଚ୍‌ଓରେ ସହାୟତା ଚାହିଁଥିଲେ। ଚଢ଼ାଉ ଯୋଗୁ ସମ୍ପୂର୍ଣ୍ଣ କମ୍ପ୍ଲେକ୍ସକୁ ଅବରୋଧ କରାଯାଇଥିବାରୁ ପୋଲିସ ସେଥିରେ ହସ୍ତକ୍ଷେପ କରିଥିଲା ବୋଲି ଏସ୍‌ପି କହିଛନ୍ତି।

ଇନ୍ଦୋର, ଭୋପାଳ ଏବଂ ଦିଲ୍ଲୀର ଗ୍ରୀନ୍ ପାର୍କ ଅଞ୍ଚଳରେ ଥିବା କମଳନାଥଙ୍କ ପୂର୍ବତନ ଓଏସ୍‌ଡି ପ୍ରବୀଣ କକ୍କଡ, ପୂର୍ବତନ ଉପଦେଷ୍ଟା ରାଜେନ୍ଦ୍ର ମିଗ୍ଲାନୀ, ତାଙ୍କ ଭିଣୋଇଙ୍କ କମ୍ପାନୀ ମୋସେର ବାୟର ସହ ସମ୍ପୃକ୍ତ ଅଫିସରଙ୍କ ଘର ଏବଂ କମଳନାଥଙ୍କ ଭଣଜା ରାତୁଲ ପୁରୀଙ୍କ କମ୍ପାନୀ ଉପରେ ଚଢ଼ାଉ ହୋଇଥିବା ଜଣାପଡିଛି। ଲୋକ ସଭା ନିର୍ବାଚନ ଘୋଷଣା ପୂର୍ବରୁ କକ୍କଡ଼ ଏବଂ ମିଗ୍ଲାନି ସେମାନଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଏହାବ୍ୟତୀତ କୋଲକାତାର ବ୍ୟବସାୟୀ ପରାସ ମଲ୍ ଲୋଧାଙ୍କ ଘରେ ମଧ ଚଢ଼ାଉ ହୋଇଥିବା ଜଣାପଡିଛି।

ମଧ୍ୟପ୍ରଦେଶର ପୂର୍ବତନ ପୋଲିସ ଅଫିସର କକ୍କଡଙ୍କୁ କମଳନାଥ ଗତବର୍ଷ ଓଏସ୍‌ଡି ନିଯୁକ୍ତ କରିଥିଲେ। ଏହା ପୂର୍ବରୁ ସେ ଉପା ଅମଳରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାନ୍ତିଲାଲ ଭୁରିଆଙ୍କର ଓଏସ୍‌ଡି ଥିଲେ। ତାଙ୍କ ପରିବାର ଅନେକ ବ୍ୟବସାୟ ସହ ସମ୍ପୃକ୍ତ। ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତ ସପ୍ତାହରେ ରାତୁଲ ପୁରୀଙ୍କୁ ଜେରା କରିଥିଲା। ରାଜନୈତିକ ଶତ୍ରୁତା କାରଣରୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧୀ ଦଳ ନେତାମାନଙ୍କୁ ଟାର୍ଗେଟ କରୁଥିବା ରାଜ୍ୟ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ଜବାବ ଦେବାକୁ ଯାଇ ଭାଜପା କହିଛି, ଚୋରମାନେ ଚୌକିଦାରଙ୍କ ବିରୋଧରେ ଅଭିଯୋଗ କରୁଛନ୍ତି।



### ■ ଏମ୍‌ପିରେ ପଶ୍ଚିମବଙ୍ଗ ଭଳି ସ୍ଥିତି
### ■ ପୋଲିସ-ସିଆରପିଏଫ୍ ମୁହାଁମୁହିଁ

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ଏପ୍ରିଲ ୮/୨୦୧୯ Berhampur, Monday, April 8/2019


## କଳାହାଣ୍ଡି, ଗଜପତି, ଗଞ୍ଜାମ, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ହେଉ ବା ମାଲକାନଗିରି

ଏଠିକି ଭୋଟ ଛଡା ଅନ୍ୟବେଳେ
କେନ୍ଦ୍ର ନେତା କାହାରି ଦେଖା ନଥାଏ ।



## ଆପଣମାନଙ୍କ ପ୍ରତି କେନ୍ଦ୍ରର ଦରଦ ଏମିତି !

କେ.ବି.କେ ଯୋଜନା ବନ୍ଦ ।

ଅନୁସୁଚିତ ଜାତି ଓ ଜନଜାତି
ପିଲାଙ୍କ ଛାତ୍ରବୃତ୍ତି ବନ୍ଦ ।

ଭବାନୀପାଟଣା ଓ
ଶୀତଳାପଲ୍ଲୀରେ
ରେଳୱାଗନ କାରଖାନା ବନ୍ଦ ।

ମହାନଦୀ ପାଣି ବନ୍ଦ ।..ମରୁଡ଼ି ।
ପୋଲାଭରମ୍ ଯୋଗୁଁ
ବୁଡିଯିବ ମାଲକାନଗିରି ।

କୁଆଡେ ଗଲା
ଦୁଇଗୁଣ ଏମ୍‌ଏସ୍‌ପି ?
୧୦ କୋଟି ଚାକିରୀ ?

ନବରଙ୍ଗପୁର ରେଳଲାଇନ୍ ?

ବୀମା କରି
ଚାଷୀ ଆଜି ହଇରାଣ,
ବୀମା କମ୍ପାନୀ ମାଲାମାଲ ।

ବିଜୁ ଜନତା ଦଳ

ନବୀନ ମୋର ପରିବାର
'ଶଙ୍ଖ' ମୋର ଚିହ୍ନ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରୁଦ୍ର
ପରିବାରବର୍ଗ


ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଓଡ଼ିଶା ଇଲେକ୍ସନ ୱାଚ୍ ଓ ଏଡିଆର୍‌ର ପ୍ରଥମ ପର୍ଯ୍ୟାୟ ରିପୋର୍ଟ ପ୍ରକାଶ

# ଏମ୍‌ପି ପ୍ରାର୍ଥୀ ଭି. ଚନ୍ଦ୍ରଶେଖରଙ୍କ ସମ୍ପତ୍ତି ୩୬ କୋଟି

- ୨୬ ପ୍ରାର୍ଥୀଙ୍କ ମଧ୍ୟରୁ ୧୦ଜଣ କୋଟିପତି
- ୧୨ଜଣଙ୍କ ଶିକ୍ଷାଗତ ଯୋଗ୍ୟତା ପଞ୍ଚମରୁ ଦ୍ୱାଦଶ

ଭୁବନେଶ୍ୱର,୭।୪ (ବ୍ୟୁରୋ)

ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୧୧ ତାରିଖରେ ହେବ ପ୍ରଥମ ପର୍ଯ୍ୟାୟ ମତଦାନ। ଏହି ପର୍ଯ୍ୟାୟରେ ୪ ଲୋକସଭା ଆସନ ପାଇଁ ୨୬ଜଣ ଓ ୨୮ ବିଧାନସଭା ଆସନ ପାଇଁ ୧୯୧ ପ୍ରାର୍ଥୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଯୋଗ୍ୟ ଜନପ୍ରତିନିଧିଙ୍କୁ ବାଛିବେ ଜନତା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଇଲେକ୍ସନ ୱାଚ୍ ଓ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର୍) ପକ୍ଷରୁ ପ୍ରାର୍ଥୀମାନଙ୍କ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ରବିବାର ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରାର୍ଥୀଙ୍କ ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା, ଆପରାଧିକ ପୃଷ୍ଠଭୂମି ଆଦି ଉପରେ ତଥ୍ୟ ଉପସ୍ଥାପନ କରାଯାଇଛି। ପ୍ରଲୋଭନର ଶିକାର ନ ହୋଇ ଯୋଗ୍ୟ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାକୁ ଭୋଟରମାନଙ୍କୁ ପରାମର୍ଶ ଦିଆଯାଇଛି।

ପ୍ରାର୍ଥୀଙ୍କ ସତ୍ୟପାଠ ଆଧାରରେ ପ୍ରସ୍ତୁତ ଉକ୍ତ ରିପୋର୍ଟ ଅନୁସାରେ, ୨୬ ଏମ୍‌ପି ପ୍ରାର୍ଥୀଙ୍କ ମଧ୍ୟରୁ ୩୯ ପ୍ରତିଶତ ଅର୍ଥାତ ୧୦ଜଣ ପ୍ରାର୍ଥୀଙ୍କ ସମ୍ପତ୍ତି ୧ କୋଟିରୁ ଊର୍ଦ୍ଧ୍ୱ ରହିଛି। ବ୍ରହ୍ମପୁର ଲୋକ ସଭା ଆସନରୁ ଲଢୁଥିବା କଂଗ୍ରେସ ପ୍ରାର୍ଥୀ ଭି ଚନ୍ଦ୍ରଶେଖର ନାଇଡୁଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୩୬ କୋଟି ଟଙ୍କାରୁ ଊର୍ଦ୍ଧ୍ୱ। ସେହିପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ନବରଙ୍ଗପୁର ଲୋକସଭା ଆସନରୁ ଲଢୁଥିବା ଭାଜପା ପ୍ରାର୍ଥୀ ବଳଭଦ୍ର ମାଝି। ତାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୮ କୋଟିରୁ ଊର୍ଦ୍ଧ୍ୱ। କୋରାପୁଟ ଭାଜପା ପ୍ରାର୍ଥୀ ଜୟରାମ ପାଙ୍ଗୀଙ୍କ ସମ୍ପତ୍ତିର ମୂଲ୍ୟ ୪ କୋଟିରୁ ଊର୍ଦ୍ଧ୍ୱ ବୋଲି ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

ସେହିପରି ସବୁଠୁ କମ୍ ସମ୍ପତ୍ତିର ଅଧିକାରୀ ହେଉଛନ୍ତି କୋରାପୁଟ ଲୋକସଭା ଆସନ ପାଇଁ ଲଢୁଥିବା ସିପିଆଇଏମ୍‌ଏଲ୍ ପ୍ରାର୍ଥୀ ରାଜେନ୍ଦ୍ର କେନ୍ଦୁକା। ତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ମୂଲ୍ୟ ୫୬୫ ଟଙ୍କା ବୋଲି ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେହିପରି ବ୍ରହ୍ମପୁର ଲୋକସଭା ଆସନର ସ୍ୱାଧୀନ ପ୍ରାର୍ଥୀ କେ. ଶ୍ୟାମବାବୁ ସୁବୁଦ୍ଧିଙ୍କ ସମ୍ପତ୍ତିର ମୂଲ୍ୟ ୧୦ ହଜାର ଟଙ୍କା ଓ ଦାମୋଦର ସବରଙ୍କ ସମ୍ପତ୍ତିର ମୂଲ୍ୟ ୧୫ ହଜାର ଟଙ୍କା ଦର୍ଶାଯାଇଛି।

ଅନ୍ୟପକ୍ଷରେ ୨୬ ପ୍ରତିଶତ ଅର୍ଥାତ୍ ୬ ଜଣ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଛି। ୧୨ ଜଣ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀରୁ ଦ୍ୱାଦଶ ମଧ୍ୟରେ ରହିଛି। ୧୪ଜଣ ଦ୍ୱାଦଶ ଶ୍ରେଣୀରୁ ଅଧିକ ପାଠ ପଢ଼ିଛନ୍ତି। ଜଣେ ପ୍ରାର୍ଥୀ ପଞ୍ଚମ, ୨ଜଣ ଅଷ୍ଟମ, ୪ ଜଣ ପାର୍ଥୀ ଦଶମ, ୫ ଜଣ ଦ୍ୱାଦଶ, ୬ ଜଣ ଗ୍ରାଜୁଏଟ୍, ୬ଜଣ ଗ୍ରାଜୁଏଟ ପ୍ରଫେସନାଲ ଏବଂ ଦୁଇ ଜଣ ପୋଷ୍ଟ ଗ୍ରାଜୁଏଟ ରହିଛନ୍ତି। ଏହି ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଦୁଇଜଣ ମହିଳା ପ୍ରାର୍ଥୀ ନିର୍ବାଚନ ଲଢୁଥିବା ଉକ୍ତ ରିପୋର୍ଟରୁ ଜଣାପଡିଛି।

ପ୍ରାର୍ଥୀଙ୍କ ବିଷୟରେ ଅଧିକ ଜାଣିବା ପାଇଁ ୦୮୦୧୦୪୫୫୫୫୫ ନମ୍ବରକୁ ମିସ୍‌ଡ କଲ୍ ନଚେତ MYNETA<CONSTITUENCY OR PINCODE> TO 09212356070 OR 56070SBSMS ଏସ୍‌ଏମ୍‌ଏସ୍ କରିବାକୁ କୁହାଯାଇଛି। ନିର୍ବାଚନ ଆଚାର ସଂହିତା ସଂକ୍ରାନ୍ତରେ CVIIGIL APPରେ ଜଣାଇବାକୁ ପରାମର୍ଶ ଦିଆଯାଇଛି।

# ସରୋଜିନୀ ବାରିପଦା ବିଧାନସଭା ବିଜେଡି ପ୍ରାର୍ଥୀ

- ବାକି ରହିଲା କେନ୍ଦ୍ରାପଡ଼ା
- ରାଜ୍ୟ ସଭାରୁ ଆସି ନିର୍ବାଚନ ଲଢ଼ିବାରେ ୬ଷ୍ଠ ପ୍ରାର୍ଥୀ

ଭୁବନେଶ୍ୱର, ୭।୪(ବ୍ୟୁରୋ)

ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ୍‌ଙ୍କୁ ବାରିପଦା ବିଧାନସଭା ଆସନ ପାଇଁ ରବିବାର ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରିଛି। ବିଜେଡି ସଭାପତି ତଥା ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ସରୋଜିନୀଙ୍କ ନାଁ ଉପରେ ମୋହର ମରାଯାଇଛି। ୨୦୧୪ରେ ଏହି ଆସନରୁ ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହି ଘୋଷଣା ପରେ ବିଜେଡି ପକ୍ଷରୁ କେବଳ କେନ୍ଦ୍ରାପଡ଼ା ବିଧାନସଭା ଆସନ ଲାଗି ପ୍ରାର୍ଥୀ ଚୟନ ବାକି ରହିଲା।

ସରୋଜିନୀଙ୍କ ରାଜ୍ୟ ସଭା କାର୍ଯ୍ୟକାଳ ଆସନ୍ତା ୨୦୨୦ ଏପ୍ରିଲରେ ଶେଷ ହେବାର ଥିଲା। ଏହା ପୂର୍ବରୁ ମଧ୍ୟ ରାଜ୍ୟ ସଭାର ୫ ସଦସ୍ୟଙ୍କୁ ବିଜେଡି ପ୍ରାର୍ଥୀ କରିସାରିଛି। ସେମାନେ ହେଉଛନ୍ତି- ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, କନ୍ଧମାଳ ଲୋକ ସଭା ପ୍ରାର୍ଥୀ ଅଚ୍ୟୁତ ସାମନ୍ତ, କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅନୁଭବ ମହାନ୍ତି, ଆଳି ବିଧାନସଭା ପ୍ରାର୍ଥୀ ପ୍ରତାପ ଦେବ ଏବଂ ଖଣ୍ଡପଡ଼ା ବିଧାନସଭା ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ। ଘୋଷଣା ହୋଇ ନ ଥିବା କେନ୍ଦ୍ରାପଡ଼ା ସଂରକ୍ଷିତ ଆସନରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ପ୍ରାର୍ଥୀ କରାଯିବାର ଯଥେଷ୍ଟ ସମ୍ଭାବନା ଥିବା ଶୁଣିବାକୁ ମିଳୁଛି।

# ବିଜେଡି ଛାଡ଼ିଲେ ରବି ନାରାୟଣ ପାଣି

- ଦଳୀୟ କାର୍ଯ୍ୟଶୈଳୀରେ ଅସନ୍ତୋଷ

ଭୁବନେଶ୍ୱର, ୭।୪(ବ୍ୟୁରୋ)

ବରିଷ୍ଠ ବିଜେଡି ନେତା ତଥା ପାଲଲହଡାର ପୂର୍ବତନ ବିଧାୟକ ରବି ନାରାୟଣ ପାଣି ରବିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ରବି ନବୀନ ନିବାସ ଗସ୍ତକରି ନିଜ ଇସ୍ତଫାପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ସାମ୍ପ୍ରତିକ ପରିସ୍ଥିତିରେ ଦଳୀୟ କାର୍ଯ୍ୟଶୈଳୀରେ ଅସନ୍ତୋଷ ପ୍ରକାଶ କରି ସେ ଇସ୍ତଫା ଦେଇଥିବା ଜଣାପଡିଛି। ନିକଟରେ ଦଳ ପକ୍ଷରୁ ପ୍ରଥମ ଦୁଇ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ଷ୍ଟାର ପ୍ରଚାରକ ତାଲିକାରେ ରବିଙ୍କ ନାଁ ରହିଥିଲା। ରବି ପାଲଲହଡ଼ା ବିଧାନସଭା କିମ୍ବା ଢେଙ୍କାନାଳ ଲୋକ ସଭାରୁ ଦଳୀୟ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ହେଲେ କିଛିଦିନ ପୂର୍ବରୁ ଢେଙ୍କାନାଳ ଲୋକ ସଭା ପାଇଁ ମହେଶ ସାହୁ ଏବଂ ପାଲଲହଡ଼ା ବିଧାନସଭା ପାଇଁ ମୁକେଶ ପାଲଙ୍କ ନାଁ ଘୋଷଣା କରାଯାଇ ସାରିଛି। ଏହା ପରେ ରବି କୌଣସି ପଦକ୍ଷେପ ନେଇ ନ ଥିଲେ। ବର୍ତ୍ତମାନ ରବି ଅନ୍ୟ ଦଳକୁ ଯାଇ ପ୍ରାର୍ଥୀ ହେବାର ମଧ୍ୟ କୌଣସି ସମ୍ଭାବନା ନାହିଁ। ହେଲେ ପାଲଲହଡ଼ାରେ ତାଙ୍କର କିଛି ନିଜସ୍ୱ ସମର୍ଥକ ରହିଛନ୍ତି। ତେଣୁ ବିଜେଡିରୁ ରବି ଯିବା ପରେ ପାଲଲହଡ଼ା ବିଧାନସଭା ଆସନରେ ବିଜେଡି ବ୍ୟାକ୍‌ଫୁଟରେ ରହିବ ବୋଲି ଆଲୋଚନା ହେଉଛି। ୨୦୦୯ରେ ରବି ପାଲଲହଡ଼ା ବିଧାନସଭା ଆସନରେ ବର୍ତ୍ତମାନ କେନ୍ଦ୍ରମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ପରାସ୍ତ କରିଥିଲେ। ଏଥିସହିତ ବିଧାନସଭାରେ ଶାସକ ଦଳ ମୁଖ୍ୟ ସଚେତକ ମଧ୍ୟ ହୋଇଥିଲେ।

# ଡିଜିପିଙ୍କ ସ୍ତ୍ରୀଙ୍କ ପରଲୋକ

**ରାଜସ୍ଥାନ ଆଜମେରରେ ହେବ ଶେଷକୃତ୍ୟ ସମ୍ପନ୍ନ**

କଟକ ଅଫିସ, ୭।୪

ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ସ୍ତ୍ରୀ ତୁଷାର ଶର୍ମା(୫୨)ଙ୍କର ରବିବାର ପୂର୍ବାହ୍ନରେ ଦିଲ୍ଲୀସ୍ଥିତ ଗଙ୍ଗାରାମ ହସ୍ପିଟାଲରେ ପରଲୋକ ଘଟିଛି। ସେ ନିମୋନିଆରେ ପୀଡ଼ିତ ହୋଇ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଡିଜିପି ଶର୍ମାଙ୍କ ସମେତ ତାଙ୍କ ଦୁଇ ଝିଅ ଓ ପରିବାର ଲୋକ ଉପସ୍ଥିତ ଥିଲେ। ମରଶରୀରକୁ ରାଜସ୍ଥାନ ଆଜମେରସ୍ଥିତ ଡିଜିପିଙ୍କ ନିଜ ଘରକୁ ନିଆଯାଇଛି। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି। ତୁଷାରଙ୍କ ବିୟୋଗରେ ରାଜ୍ୟ ପୋଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି।

**ଜଗନ୍ନାଥ ଦର୍ଶନ ସାରି ଫେରୁଥିବାବେଳେ ଦୁର୍ଘଟଣା**

# ଡମ୍ଫରକୁ ପଛରୁ ପିଟିଲା କାର୍, ୪ ମୃତ

ବସ୍ତା/ ଜଳେଶ୍ୱର, ୭।୪(ସ୍ୱ.ପ୍ର./ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ୬୦ ନଂ. ଜାତୀୟ ରାଜପଥ କୁଣ୍ଡପୁର ଛକଠାରୁ ଅନତି ଦୂରରେ ଶନିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯାତ୍ରୀମାନେ ଜଗନ୍ନାଥ ଦର୍ଶନ ସାରି ପୁରୀରୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ମୃତକମାନେ ହେଲେ ଚୋରମରା ଗ୍ରାମର ସୁଭି ରଞ୍ଜନ ପରିଡ଼ା, ପାଇକସିଦା ଗ୍ରାମର ପ୍ରତାପ କାମିଲା, ତାଙ୍କ ସ୍ତ୍ରୀ କଳ୍ପନା କାମିଲା ଓ ଗାଡ଼ି ଡ୍ରାଇଭର ବାଲିଆପାଳ ଥାନା ଖଗଡ଼ାପାଳ ଗ୍ରାମର ତପନ ରଣା। ଅନ୍ୟ ଆହତମାନେ ହେଲେ ସୁଭି ରଞ୍ଜନଙ୍କ ସ୍ତ୍ରୀ ପାର୍ବତୀ, ତାଙ୍କ ପୁଅ ସାଗର ଓ ପ୍ରତାପ କାମିଲାଙ୍କ ଅଢ଼େଇ ବର୍ଷର ଝିଅ ଭୂମି।

ସିଂଲା ଥାନା ଚୋରମରା ଓ ଜଳେଶ୍ୱର ଥାନା ପାଇକସିଦା ଗ୍ରାମରୁ ଦୁଇ ପରିବାର ଶୁକ୍ରବାର ଜଗନ୍ନାଥ ଦର୍ଶନ ପାଇଁ ତାଙ୍କର ସମ୍ପର୍କୀୟ ତପନ ରଣାଙ୍କ ଏକ କାର୍ (ନଂ.ଓଡ଼ି-୦୨ଏଏନ୍-୪୦୧୯) ଯୋଗେ ପୁରୀ ଯାଇଥିଲେ। ସେମାନେ ଶନିବାର ପୁରୀରୁ ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରୁଥିବାବେଳେ ୬୦ନଂ. ରାଜପଥର କୁଣ୍ଡପୁର ନିକଟରେ ପୂର୍ବରୁ ରାସ୍ତା ପାଖରେ ଛିଡ଼ା ହୋଇଥିବା ଚିପ୍‌ସ ଭର୍ତ୍ତି ଡମ୍ଫର (ନଂ. ଓଡି-୦୧ଆର୍-୦୫୬୭)କୁ ପଛପଟୁ କାର୍ ଧକ୍କା ଦେଇଥିଲା। ସେତେବେଳେ ରାସ୍ତା ପ୍ରାୟତଃ ଫାଙ୍କା ରହିଥିଲା। ସ୍ଥାନୀୟ ଅଞ୍ଚଳର ୨ ଜଣ ଯୁବକ ସେହି ରାସ୍ତାଦେଇ ଯାଉଥିବାବେଳେ ଦୁର୍ଘଟଣାକୁ ଦେଖି ସେଠାରେ ଅଟକି ଥିଲେ। ସେମାନେ ସଙ୍ଗେ ସଙ୍ଗେ ଦମକଳବାହିନୀ, ପୋଲିସ ଓ ରାଜପଥ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଉଥିବାରୁ ଯୁବକଦ୍ୱୟ ଗାଡ଼ିର କାଚକୁ ଭାଙ୍ଗି ସେମାନଙ୍କୁ ଉଦ୍ଧାର ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ଗାଡ଼ି


ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ କାର୍।

ଡ୍ରାଇଭର ତପନ ଓ ଚୋରମରା ଗ୍ରାମର ସୁଭିରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଗୁରୁତରମାନଙ୍କୁ ରାଜପଥ ଆମ୍ବୁଲାନ୍ସ ଓ ବସ୍ତା ଦମକଳ ବାହିନୀ ସହାୟତାରେ ବସ୍ତା ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ବେଳକୁ କଳ୍ପନା କାମିଲାଙ୍କର ମୃତ୍ୟୁ ହୋଇସାରିଥିଲା। ଆହତ ୪ ଜଣଙ୍କୁ ବସ୍ତା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଡାକ୍ତରଖାନାରେ ଆମ୍ବୁଲାନ୍ସ ନ ଥିବାରୁ ୧୦୮କୁ ଖବର ଦିଆଯାଇଥିଲା। ହେଲେ ଫୋନ୍ ବ୍ୟସ୍ତ ଥିବାରୁ ଉଦ୍ଧାରକାରୀ ଦୁଇ ଯୁବକ ବସ୍ତା ଥାନାରେ ରହୁଥିବା ୧୦୮ ଆମ୍ବୁଲାନ୍ସକୁ ଡାକିବା ପାଇଁ ଯାଇଥିଲେ। ସେଠାରେ ଆମ୍ବୁଲାନ୍ସ କର୍ମଚାରୀ ଜଣେ ଗର୍ଭବତୀଙ୍କୁ ନେଇଯିବା ପାଇଁ ନିର୍ଦ୍ଦେଶ ଥିବା କହିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଏହି ସମୟ ମଧ୍ୟରେ ପ୍ରତାପ କାମିଲାଙ୍କ ମୃତ୍ୟୁ ହୋଇଥିଲା। ପରେ ଅନ୍ୟ ଗୁରୁତର ପାର୍ବତୀ ପରିଡ଼ା, ତାଙ୍କ ପୁଅ ସାଗର ପରିଡ଼ା, ମୃତ ପ୍ରତାପ କାମିଲାଙ୍କ ଝିଅ ଭୂମିଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ମୃତ ସୁଭିରଞ୍ଜନଙ୍କ କକା ପବିତ୍ର ପରିଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା (ନଂ. ୯୪/୧୯) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର ଶ୍ରୀଚନ୍ଦ୍ର ଯାତ୍ରା, ବିବାଦ, ଗୃହାରମ୍ଭ ବ୍ୟତୀତ ଅର୍ଥ ସଂଗ୍ରହ, ବାଣିଜ୍ୟ ବ୍ୟବସାୟ ପାଇଁ ବହୁତ ଶୁଭଙ୍କର ଅଟେ। ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିଲେ ମଧ ମାନସିକ ଅସ୍ଥିରତାରୁ ମୁକ୍ତି ମିଳିବ ନାହିଁ। କୌଣସି କଥାକୁ ନ ବୁଝି ଅଯଥା ବିରକ୍ତି ପ୍ରକାଶ କରିପାରନ୍ତି। ନୂତନ ଯାନ୍ତ୍ରିକ ଜିନିଷ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ**

ଆଜି ରାଶିରେ ମଙ୍ଗଳ ରହିଥିବାରୁ ଦୂରଯାତ୍ରା, ବାଣିଜ୍ୟ ତଥା ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ଭଲ ରହିବ। କିନ୍ତୁ ବ୍ୟୟାଧିକ୍ୟ ଏବଂ ବିବାଦୀୟ ସ୍ଥିତି ମନରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିପାରେ। ପରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରିଆସିବ। କର୍ମକ୍ଷେତ୍ରରେ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇ ପାରନ୍ତି।

**ମିଥୁନ**

ରାହୁ ଓ ଶନିଙ୍କ ଦ୍ୱାରା ବୃହସ୍ପତି ପ୍ରଭାବିତ ହୋଇଥିବାରୁ ଆପଣଙ୍କ ଚେଷ୍ଟା ସଫଳ ଆଶା ଦୁରୁହ ହୋଇପାରେ। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ସନ୍ତୋଷଜନକ ହେବନାହିଁ। ଧାର କରଜ କରିବାକୁ ପଡ଼ିପାରେ। ନୂତନ କର୍ମାରମ୍ଭ ଓ ଆନୁଷ୍ଠାନିକ କାମରେ ସ୍ୱଳ୍ପ ସାହାଯ୍ୟ ସହଯୋଗର ଆଶା କରାଯାଇପାରେ।

**କର୍କଟ**

ଚନ୍ଦ୍ର କର୍ମସ୍ଥାନରେ ପାପଗ୍ରହ ମଧ୍ୟସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବ। ଏଣେ ପରିବାରେ ମଧ ଛୋଟ ଛୋଟ କଥାକୁ ନେଇ ବାକ୍ୟୁଦ୍ଧ ଲାଗିପାରେ। ତଥାପି ଅଶ୍ଳେଷା ନକ୍ଷତ୍ର ପ୍ରଶଂସା ଓ ପ୍ରୋତ୍ସାହନ ପାଇ କାର୍ଯ୍ୟ ହାସଲରେ ସମର୍ଥ ହେବେ। ଇଚ୍ଛା ନ ଥିଲେ ମଧ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ସିଂହ**

ଭାଗ୍ୟାଧିପତି କର୍ମସ୍ଥାନରେ ଆପଣଙ୍କ ଉଦ୍ୟମକୁ ନିଶ୍ଚିତ ସାକାର କରିବେ। ପଦସ୍ଥବ୍ୟକ୍ତି ବିଶେଷଙ୍କ ସାହାଯ୍ୟ ଓ ସମର୍ଥନ ଆପଣଙ୍କ ଅଭିଳାଷ ପୂରଣରେ ସହାୟକ ହେବ। ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ଆତ୍ମୀୟ ସ୍ୱଜନଙ୍କ ଭୁଲ୍ ବୁଝାମଣା ଯୋଗୁ କେତେକ ଘରୋଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା**

ରାଶିକୁ ପାରସ୍ପରିକ ଶତ୍ରୁ ମନୋଭାବାପନ୍ନ ଶନି ଓ ରବି ପୂର୍ଣ୍ଣଦୃଷ୍ଟିରେ ଦେଖୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଅଧିକାଂଶ ସମୟ ଟେନ୍‌ସନ ଲାଗି ରହିଲେ ମଧ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରିବେ। ତଥାପି କଳା, ସାହିତ୍ୟ, କ୍ରୀଡ଼ା, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା କ୍ଷେତ୍ରରେ ସଫଳତା ମିଳିପାରେ।

**ତୁଳା**

ପାପଗ୍ରହ ବିବର୍ଜିତ ଚନ୍ଦ୍ରଙ୍କ ଶୁଭଦୃଷ୍ଟି ରାଶି ଉପରେ ପଡୁଥିବାରୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ,ପ୍ରତିଷ୍ଠାର ସହ କାର୍ଯ୍ୟ ହାସଲ କରିବେ। ତୃତୀୟସ୍ଥ ଶନି ସମସ୍ୟା ସମାଧାନ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିପାରନ୍ତି। ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରେ ଆର୍ଥିକ ଉନ୍ନତି, ଗୃହୋପଯୋଗୀ ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ ଲାଭର ସୂଚନା ରହିଛି।

**ବିଛା**

ରାଶିର କେନ୍ଦ୍ରସ୍ଥାନରେ ବୁଧ ଓ ଶୁକ୍ର ପାରିବାରିକ ଜୀବନକୁ ସରସ ସୁନ୍ଦର କରାଇବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ବିଶିଷ୍ଟବ୍ୟକ୍ତି ମାନଙ୍କ ସଂସ୍ପର୍ଶରେ ଆସି ଅଭିଳାଷକୁ ପୂରଣ କରିବା ପାଇଁ ବାଟ ଫିଟିଯାଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଭୂମି, ନିର୍ମାଣାଧୀନ କାର୍ଯ୍ୟ, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ।

**ଧନୁ**

ରାଶିରେ ଗୁରୁଶୋରୀ ଯୋଗ ସଂଘଟିତ ହୋଇଥିବାରୁ ଅର୍ଥନୈତିକ ସ୍ଥିତି,ରାଜନୈତିକ ପରିସ୍ଥିତି, ସଙ୍ଗଠନ, ଆଇନ ସହାୟତା ପାଇପାରିବେ। ରାହୁ ସପ୍ତମରେ ରହିଥିବାରୁ ଯାତ୍ରାରେ ଅଭିଳଷିତ ଫଳ ପାଇବା ସକାଶେ ବହୁତ ହଇରାଣ ହେବାକୁ ପଡ଼ିପାରେ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିବ।

**ମକର**

ଏକାଧାରରେ ଚନ୍ଦ୍ର, ଚତୁର୍ଥାଧିପତି ମଙ୍ଗଳ ଓ ଶୁକ୍ର ଶୁଭଭାବରେ ଅବସ୍ଥାନ କରି ଅନ୍ତର୍ନିହିତ ଲୁକ୍କାୟିତ ଅଭିଳାଷକୁ ସହଜରେ ପୂରଣ କରିପାରିବେ। ସାଙ୍ଗସାଥୀ, ପଡ଼ୋଶୀ ତଥା ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସାମୟିକ ଭାବରେ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**କୁମ୍ଭ**

ବୁଧ ଓ ଶୁକ୍ରଙ୍କ ସୁପ୍ରଭାବରେ ଯାହା ଆଶା କରୁଛନ୍ତି ତାହା ନିଶ୍ଚିତ ପାଇପାରିବେ। କିନ୍ତୁ ଷଷ୍ଠାଧିପତି ଚନ୍ଦ୍ର ତୃତୀୟ ସ୍ଥାନରେ ରହି କୌଣସି ଆତ୍ମୀୟଙ୍କ ସହ ବିବାଦୀୟ ସ୍ଥିତି ସୃଷ୍ଟି କରିପାରନ୍ତି। ସତ୍ୟ ପ୍ରକାଶ କରି ବନ୍ଧୁମାନଙ୍କ ବିରାଗ ଭାଜନ ହେବେ। ସତର୍କତା ଅଭାବରୁ ଧନହାନି ସଙ୍ଗକୁ ହାତ, ପାଦରେ ଆଘାତ ଲାଗିବାର ଆଶଙ୍କା ରହିଛି।

**ମୀନ**

ଷଷ୍ଠାଧିପତି ରବି ରାଶିରେ ରହି କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସହ ବିବାଦ ସୃଷ୍ଟି କରିପାରନ୍ତି। ବିଶେଷତଃ ରବି ଓ ରାହୁ ରାଜନୈତିକ ଗ୍ରହ ହେତୁ ଏହାର ପୃଷ୍ଠଭୂମିରେ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ରାହୁଙ୍କ ସ୍ଥାନ ସ୍ଥିତିରୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ତଥାପି ଆପଣ ଉପସ୍ଥିତ ବୁଦ୍ଧି ଯୋଗୁ ବହୁ ବିପଦରୁ ରକ୍ଷା ପାଇପାରିବେ।

ଆଜି ଚୈତ୍ର ଶୁକ୍ଳ ତୃତୀୟା ସୋମବାର, ଏପ୍ରିଲ ୮ ତାରିଖ, ବିଶ୍ୱ ପରମ୍ପରା ଦିବସ, ରାଶି ନକ୍ଷତ୍ର-ଦିବା ଘ୧୦।୩୨ମି. ଗତେ, କୃତିକା/ମେଷ, ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୦ମି. ଗତେ ଘ୧।୨୪ମି. ମଧ୍ୟେ, ଘ୪।୨୮ମି. ଗତେ ଘ୬।୦୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ୮।୪୨ମି. ଗତେ ଘ୧୦।୧୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭।୧୧ମି. ଗତେ ଘ୮।୪୩ମି. ମଧ୍ୟେ ରାହୁକାଳ।


# CLASSIFIEDS




**SALE**

Hondacity 2010, 1.5 Ext model, red 55,000 km. running good condition for sale. Contact: ManuMohan-8968228275. D- 59292




**SALE**

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 9439206202. D-66308

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (out-right). 9776934361, 8144706560. D-66317

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ (**Grand bazar**) **NH5ରୁ** ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot କିଣନ୍ତୁ। 9938737955.** D-66323

Bhubaneswar GITA College ଠାରେ 1200 sqft. 4,50,000/-ରେ de-marcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର Infosys-II ପଛପଟେ ପାଚେରି ସହ sqft. 600/-ରେ plot ବିକ୍ରିହେବ। 8658962508, 8480864171. D-66321

ସ୍ଥିତିବାନ ଘରବାରି ପ୍ଲଟ ରେତଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329




4BHK with all facilities available at Kailash Vihar, Contact No. 9437284089. D- 65631




ଶ୍ରୀ ଗଣେଶ ଜ୍ୟୋତିଷ ତୁରନ୍ତ ସମାଧାନ 101% ଗୃହକ୍ଳେଶ, ଶତ୍ରୁପୀଡ଼ା, ବ୍ୟବସାୟ, ସ୍ୱାମୀ-ସ୍ତ୍ରୀ, ବିବାହ, କଳାଯାଦୁ, ପ୍ରେମ ସମସ୍ୟା, ବଶୀକରଣ, ସ୍ପେଶାଲିଷ୍ଟ, ପଣ୍ଡିତ ସାଗରଜୀ: 9928051901. D-11986

**୧୬ତମ ଜନ୍ମଦିନ ଶୁଭେଚ୍ଛା**



(ସିପ୍ରା)

**ରୁତୁପର୍ଣ୍ଣା ପଟ୍ଟନାୟକ**

ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା

ଶୁଭେଚ୍ଛା ସହ: ବାବା, ମାମା, ଅଜା, ରିନୁ ଅପା, ଶ୍ରୀୟା, ବାବି ମାମୁଁ, ନିତୁ ଭାଇ, ସମସ୍ତ ବନ୍ଧୁ ଏବଂ ପରିବାରବର୍ଗ। ଧ-୧୨୦୨୯

**ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**



**ରୁଦ୍ର ନାରାୟଣ ସାହୁ**

**କାଗେଶ୍ୱରୀ କଲୋନୀ, ବାଲକାଟୀ**

ତୋର ଦ୍ୱିତୀୟ ଜନ୍ମ ବାର୍ଷିକରେ ପ୍ରଭୁ ଶ୍ରୀ ଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ ତୋତେ ଦୀର୍ଘାୟୁ କରନ୍ତୁ। ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେବାପା-ଦେବରାଜ, ମା- ସୁଭଦ୍ରା, ଗୁଡୁଲି, ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୬୬୪୨୫

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜି କଳାହାଣ୍ଡିରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

**ଭବାନୀପାଟଣା,୭।୪(ଡି.ଏନ.ଏ.):** ଆସନ୍ତା ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ କଳାହାଣ୍ଡି ଓ ନୂଆପଡା ଜିଲାରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀମାନଙ୍କ ପ୍ରଚାର ନିମନ୍ତେ ୮ ତାରିଖ (ସୋମବାର) ନୂଆପଡା ଓ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ରୋଡ ଶୋ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଜେଡି କଳାହାଣ୍ଡି ଜିଲା କାର୍ଯ୍ୟକାରୀ ସଭାପତି ପ୍ରବୋଧ କୁମାର ରଥ ସୂଚନା ଦେଇଛନ୍ତି।

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି

# ଆଜି ୧୪ ଜିଲାରେ କାଳବୈଶାଖୀ ସମ୍ଭାବନା

**ଟିଟିଲାଗଡ଼ରେ ୪୧.୫ ଡିଗ୍ରୀ**

ଭୁବନେଶ୍ୱର, ୭।୪(ବ୍ୟୁରୋ): ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମପ୍ରବାହ। ରବିବାର ସମସ୍ତ ଜିଲାର ତାପମାତ୍ରା ୩୦ ଡିଗ୍ରୀ ଉପରେ ରହିଥିବାବେଳେ କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଡେଇଁଥିଲା। ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୧.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ବାଲେଶ୍ୱରଠାରେ ସର୍ବନିମ୍ନ ତାପମାତ୍ରା ୧୭.୮ ଡିଗ୍ରୀ ସେଲସିୟସ୍ ରହିଥିଲା। ସେହିପରି ଭବାନୀପାଟଣା ଓ ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ରହିଥିବାବେଳେ ସୁନ୍ଦରଗଡ଼ ଓ ମାଲକାନଗିରି ୩୯, ସମ୍ବଲପୁର ୩୭.୯, କେନ୍ଦୁଝର ୩୭.୫, ସୋନପୁର ୩୬.୮, ଚାନ୍ଦବାଲି ଓ କୋରାପୁଟ ୩୬.୨ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୩ରୁ ୪ ଦିନ ମଧ୍ୟରେ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର, ଆଭ୍ୟନ୍ତର ଓ ଉପକୂଳ ଓଡ଼ିଶାରେ କାଳବୈଶାଖୀ ହେବ। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଗଞ୍ଜାମ, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ବୌଦ୍ଧ ଓ ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ସହ ବର୍ଷା ହେବାର ସମ୍ଭାବନା ରହିଛି। ଗୋଟିଏ ଦୁଇଟି ସ୍ଥାନରେ ପବନର ବେଗ ଅଧିକ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ରବିବାର ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ସହ ବର୍ଷା ଓ ବଜ୍ରପାତ ଆଶଙ୍କାକୁ ଦୃଷ୍ଟିରେ ରଖି ସତର୍କ ସୂଚନା ଜାରି କରାଯାଇଥିଲା। ତେବେ କାଳବୈଶାଖୀ ସମୟରେ ପଦାକୁ ନ ବାହାରିବାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ଏପ୍ରିଲ ୮/୨୦୧୯ | Berhampur, Monday, April 8/2019 | ପୃଷ୍ଠା-୧




**୭୭ ବର୍ଷରେ ଜିତେନ୍ଦ୍ର**

ବଲିଉଡ଼ର 'ଜମ୍ପିଂ ଜ୍ୟାକ୍' କୁହାଯାଉଥିବା ଜିତେନ୍ଦ୍ର ୭୭ ବର୍ଷରେ ପଦାର୍ପଣ କରିଛନ୍ତି।

**୦୩ ୧୪**

**ସୁଶ୍ରୀ ଦିବ୍ୟଦର୍ଶିନୀ ଅଧିନାୟିକା**

ରାଞ୍ଚିରେ ହେବାକୁଥିବା ୨୩ ବର୍ଷରୁ କମ୍ ମହିଳା ଦିନିକିଆ ଚ୍ୟାଲେଞ୍ଜର ଟ୍ରଫି ପାଇଁ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନଙ୍କୁ ଇଣ୍ଡିଆ ଗ୍ରୀନ ଦଳର ଅଧିନାୟିକା ମନୋନୀତ କରାଯାଇଛି।




"ଭାଇ ଓ ଭଉଣୀମାନେ,
ଚିଟ୍‌ଫଣ୍ଡ ଘୋଟାଲା କରିଥିବା, ଗରିବଙ୍କ ଝାଳବୁହା ରୋଜଗାରକୁ ନେଇ ନିଜ ସିନ୍ଦୁକ ଭରୁଥିବା,
ଆଦିବାସୀଙ୍କ ସମ୍ପଦ ଖଣି ମାଫିଆଙ୍କୁ ଭେଟି ଦେଇ ପ୍ରୋତ୍ସାହିତ କରୁଥିବା ଲୋକ, ଯାହାଙ୍କ
ଶାସନରେ ମହିଳାମାନେ ଅସୁରକ୍ଷିତ, ସେମାନେ ଓଡ଼ିଶାକୁ ମଜବୁତ୍ କରି ପାରିବେ କି ?"
- ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ




ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar
ଏମ୍‌ପି ଏବଂ ଏମ୍ଏଲ୍ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ


■ ପାର୍ଲାମେଣ୍ଟ, ବିଧାନସଭାରେ ମହିଳାଙ୍କୁ ଗୁରୁତ୍ୱ ପ୍ରସଙ୍ଗ

# କୁଆଡ଼େ ଗଲା ୩୩ ପ୍ରତିଶତ ସଂରକ୍ଷଣ

■ କଂଗ୍ରେସ, ଭାଜପାରେ ମଧ ସମଦଶା

■ ବହୁ ଦକ୍ଷ, ଯୋଗ୍ୟ ମହିଳା ପ୍ରାର୍ଥିତ୍ୱରୁ ବଞ୍ଚିତ

ଭୁବନେଶ୍ୱର, ୭।୪(ବ୍ୟୁରୋ)

ଦେଶର ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭା ଆସନଗୁଡ଼ିକରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦିଆଯାଉ। ଏ ସଂକ୍ରାନ୍ତରେ ଏକ ସଂକଳ୍ପ ଓଡ଼ିଶା ବିଧାନସଭାରେ ରାଜ୍ୟ ସରକାର ଗୃହୀତ କରାଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବାରେ ଖୋଦ୍ ବିଜୁ ଜନତା ଦଳ (ବିଜେଡି)ପଛରେ ପଡ଼ିଯାଇଛି। ନିକଟରେ ରାଜ୍ୟରେ ହେବାକୁ ଥିବା ବିଧାନସଭା ଏବଂ ଲୋକ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା ହୋଇଥବବା ତାଲିକାରୁ ଏହା ସ୍ପଷ୍ଟ ହୋଇଛି। ବିଜେଡି ପକ୍ଷରୁ ୨୧ ଲୋକ ସଭା ଆସନ ମଧ୍ୟରୁ ୭ଟିରେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ସେହି ନ୍ୟାୟରେ ୧୪୭ ବିଧାନସଭା ଆସନ ମଧ୍ୟରୁ ୪୯ ଆସନରେ ମହିଳା ପ୍ରାର୍ଥୀ ଦେବା କଥା। ହେଲେ ଦଳ ପକ୍ଷରୁ ଘୋଷିତ ୧୪୬ ଆସନ ମଧ୍ୟରୁ ୧୯ଟିରେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ବାକିଥିବା କେନ୍ଦ୍ରାପଡ଼ା ଆସନରେ ଯଦି ମହିଳା ପ୍ରାର୍ଥୀ ଦିଆଯାଏ, ତେବେ ଏହି ସଂଖ୍ୟା ୨୦କୁ ବୃଦ୍ଧି ପାଇବ। ଏହା ମୋଟ ଆସନର ମାତ୍ର ୧୩.୬୦ ପ୍ରତିଶତ।

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସଂକ୍ରାନ୍ତ ଏକ ସଂକଳ୍ପ ପ୍ରସ୍ତାବ ଓଡ଼ିଶା ସରକାର ବିଧାନସଭାରେ ଗୃହୀତ କରାଇଥିଲେ। କେବଳ ଏତିକି ନୁହେଁ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ଦେଶର ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ଲେଖିଥିଲେ। ଏମିତି କି ଦଳର ବରିଷ୍ଠ ନେତାମାନେ ପ୍ରତିନିଧି ହୋଇ ଦେଶର ଅନ୍ୟାନ୍ୟ ପ୍ରମୁଖ ରାଜନୈତିକ ଦଳର ସହଯୋଗ ଲୋଡ଼ିଲେ। ମାତ୍ର ଚଳିତ ନିର୍ବାଚନରେ ଦଳ ବିଧାନସଭା ଆସନ ପାଇଁ ଆବଶ୍ୟକ ୩୩ ପ୍ରତିଶତ ମହିଳାଙ୍କ ନାମ ଘୋଷଣା କରିପାରିଲାନାହିଁ।

ବିଜେଡି ପକ୍ଷରୁ ପ୍ରମିଳା ବିଶୋଇ (ଆସିକା), କୌଶଲ୍ୟା ହିକ୍କା (କୋରାପୁଟ), ମଞ୍ଜୁଲତା ମଣ୍ଡଳ (ଭଦ୍ରକ), ସୁନୀତା ବିଶ୍ୱାଳ (ସୁନ୍ଦରଗଡ଼), ଶର୍ମିଷ୍ଠା ସେଠୀ (ଯାଜପୁର), ଚନ୍ଦ୍ରାଣୀ ମୁର୍ମୁ (କେନ୍ଦୁଝର) ଏବଂ ରାଜଶ୍ରୀ ମଲିକ (ଜଗତ୍‌ସିଂହପୁର)ଙ୍କୁ ଲୋକ ସଭା ଟିକେଟ ପ୍ରଦାନ କରାଯାଇଛି। ସେହିପରି କୋଟପାଡ଼ ବିଧାନସଭାରେ ପଦ୍ମିନୀ ଡିଆଁ, ଚିକିଟି- ଉଷା ଦେବୀ, ପାରଳାଖେମୁଣ୍ଡି- କଲ୍ୟାଣୀ ଗଜପତି, ମୋହନା-ପୂର୍ଣ୍ଣବାସୀ ନାୟକ, ଆସ୍କା-ମଞ୍ଜୁଳା ସ୍ୱାଇଁ, ସାନଖେମୁଣ୍ଡି- ନନ୍ଦିନୀ ଦେବୀ, କବିସୂର୍ଯ୍ୟନଗର- ଲତିକା ପ୍ରଧାନ, ଟିଟିଲାଗଡ଼- ଟୁକୁନି ସାହୁ, ଖଲ୍ଲିକୋଟ-କେ.କେ. ସୂର୍ଯ୍ୟମଣି ବୈଦ୍ୟ, ଅତାବିରା- ସ୍ନେହାଙ୍ଗିନୀ ଛୁରିଆ, ସମ୍ବଲପୁର- ରାସେଶ୍ୱରୀ ପାଣିଗ୍ରାହୀ, ରାଇରଙ୍ଗପୁର-ବାସନ୍ତୀ ମାରାଣ୍ଡି,ବରୀ- ସୁନନ୍ଦା ଦାସ, ରେଙ୍ଗାଲି- ରୀନା ତାଣ୍ଡି , ହିନ୍ଦୋଳ-ସୀମାରାଣୀ ନାୟକ,କରଞ୍ଜିଆ- ବାସନ୍ତୀ ହେମ୍ବ୍ରମ୍ , ବିଂଝାରପୁର - ପ୍ରମିଳା ମଲିକ,ଚମ୍ପୁଆ-ମିନାକ୍ଷୀ ମହନ୍ତ, ବାରିପଦା- ସରୋଜିନୀ ହେମ୍ବ୍ରମଙ୍କୁ ପ୍ରାର୍ଥୀ କରାଯାଇଛି। ଏ ଯାଏ ଘୋଷଣା ହୋଇ ନ ଥିବା କେନ୍ଦ୍ରାପଡା ଆସନରେ ସିପ୍ରା ମଲିକଙ୍କୁ ପ୍ରାର୍ଥୀ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ହେଲେ ଉପରୋକ୍ତ ମହିଳା ମାନଙ୍କ ମଧ୍ୟରୁ କେବଳ ୬ଜଣଙ୍କୁ ପୁର୍ନବାର ସୁଯୋଗ ଦିଆଯାଇଛି। ସେହିପରି ଟିକେଟ୍ ଦିଆଯାଇ ନ ଥିବା ପ୍ରାର୍ଥୀନୀମାନେ ହେଉଛନ୍ତି- ସୁଞ୍ଚାନ କୁମାର ଦେଓ(କବିସୂର୍ଯ୍ୟନଗର), ବାସନ୍ତୀ ମଲିକ (ମୋହନା) ଏବଂ ରୀତା ସାହୁ (ବିଜେପୁର)। ସେହିପରି ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲିକଙ୍କୁ ଚଳିତ ଥର ଜଗତସିଂହପୁର ଲୋକସଭା ପ୍ରାର୍ଥୀନୀ କରାଯାଇଛି। ସେହିପରି ଗତଥର ବିଜେଡି ଟିକେଟ୍‌ରେ ବିଜୟୀ ହୋଇଥିବା ରୀତା ତରାଇ(ଯାଜପୁର) ଏବଂ ଶକୁନ୍ତଳା ସିଂ ଲାଗୁରୀ(କେନ୍ଦୁଝର) ଙ୍କୁ ଚଳିତ ଥର ପ୍ରାର୍ଥୀ କରାଯାଇନାହିଁ। ସେହିପରି ସ୍ଥାନୀୟ ଅଞ୍ଚଳରେ ଲୋକପ୍ରିୟତା ବାଦ୍ କନ୍ଧମାଳରେ ପ୍ରତ୍ୟୁଷା ରାଜେଶ୍ୱରୀଙ୍କୁ ପୁର୍ନବାର ପ୍ରାର୍ଥୀ କରାଗଲା ନାହିଁ। ବାଧ ହୋଇ ଶେଷରେ ପ୍ରତ୍ୟୁଷା ଦଳ ଛାଡିଲେ।

ଏମାନଙ୍କୁ ବାଦ୍ ଦେଇ ବିଜେଡି ଅନେକ ଦକ୍ଷ ଏବଂ ଲୋକପ୍ରିୟ ମହିଳା ନେତ୍ରୀ ରହିଛନ୍ତି, ହେଲେ ତାଙ୍କୁ ଟିକେଟ୍ ମିଳିନାହିଁ। ସେମାନଙ୍କ ମଧ୍ୟରୁ କେତେକ ପ୍ରମୁଖ ନାମ ହେଉଛି- ମହିଳା ବିଜେଡି ସଭାନେତ୍ରୀ ମିନତୀ ବେହେରା, ପୂର୍ବତନ ମହିଳା କମିଶନ ଅଧକ୍ଷା ଜ୍ୟୋତି ପାଣିଗ୍ରାହୀ ଏବଂ ଲୋପାମୁଦ୍ରା ବକ୍ସି ପାତ୍ର, ମୁଖପାତ୍ର ସୁଲୋଚନା ଦାସ ଓ ସୁଲତା ଦେଓ ଏବଂ ପଞ୍ଚାୟତ ଶିଳ୍ପ ସମବାୟ ନିଗମ ଅଧକ୍ଷା ଥିବା ଶ୍ରୀମୟୀ ମିଶ୍ର। ଉପରୋକ୍ତ ସମସ୍ତ ନେତ୍ରୀ ସ୍ୱତନ୍ତ୍ର ଆସନ ପାଇଁ ଆଶାୟୀ ଥିଲେ ବି , ଏମାନଙ୍କୁ ଟିକେଟ୍ ପ୍ରଦାନ କରାଯାଇନାହିଁ। ଯାଜପୁର ଜିଲା ବରୀ ଆସନରୁ ସୁଲତା ଏବଂ ☞ପୃଷ୍ଠା-୧୦

# ଆଜିଠୁ ଯୁକ୍ତ୨ ଖାତାଦେଖା

ଭୁବନେଶ୍ୱର,୭।୪(ବ୍ୟୁରୋ)

ସୋମବାରଠାରୁ ପ୍ରଥମ ପର୍ଯ୍ୟାୟ ଯୁକ୍ତ୨ ଖାତା ମୂଲ୍ୟାଙ୍କନ ପ୍ରକ୍ରିୟା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ୨୩ରୁ ମେ ୨ ପର୍ଯ୍ୟନ୍ତ ଚାଲିବ। ରାଜ୍ୟରେ ପ୍ରାୟ ୧୬ହଜାର ଅଧାପିକା, ଅଧାପକ ଖାତାଦେଖାରେ ନିୟୋଜିତ ହୋଇଛନ୍ତି। କଳା ଓ ଧନ୍ଦାମୂଳକ ଶିକ୍ଷା ପାଇଁ ପ୍ରାୟ ୧୨ହଜାର ଅଧାପିକା, ଅଧାପକ ନିଯୁକ୍ତ ହୋଇଥିବା ବେଳେ ବିଜ୍ଞାନରେ ୩୫୦୦ ଏବଂ ବାଣିଜ୍ୟରେ ପ୍ରାୟ ୧ ହଜାର ନିଯୁକ୍ତ ହୋଇଛନ୍ତି। ତେବେ ପ୍ରଥମ ☞ପୃଷ୍ଠା-୧୦

# ଉଷା ପାଢ଼ୀଙ୍କୁ ପବନ ହଂସ ଲିମିଟେଡ୍‌ର ସିଏମ୍‌ଡି ଦାୟିତ୍ୱ



ଭୁବନେଶ୍ୱର,୭।୪(ବ୍ୟୁରୋ)

ଓଡ଼ିଶା କ୍ୟାଡରର ବରିଷ୍ଠ ଆଇଏଏସ୍ ଅଧିକାରୀ ଉଷା ପାଢ଼ୀ ପ୍ରଥମ ମହିଳା ଭାବେ ପବନ ହଂସ ଲିମିଟେଡ୍‌ର ଚେୟାରମ୍ୟାନ ଆଣ୍ଡ ମ୍ୟାନେଜିଂ ଡାଇରେକ୍ଟର(ସିଏମ୍‌ଡି) ଭାବେ ନିଯୁକ୍ତି ପାଇଛନ୍ତି। କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ ୨୦୧୫ରୁ ଯୁଗ୍ମ ସଚିବ ଥିବା ପାଢ଼ୀଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତାଙ୍କର ଏହି ନିଯୁକ୍ତି ସମ୍ପର୍କରେ ରବିବାର ପବନ ହଂସ ନିଜର ଅଫିସିଆଲ୍ ଟୁଇଟରରେ ଘୋଷଣା କରିଛି। ପବନ ହଂସ ହେଉଛି ଭାରତର ସବୁଠାରୁ ବଡ଼ ହେଲିକପ୍ଟର ସେବା ଯୋଗାଉଥିବା କମ୍ପାନୀ। ଉଚ୍ଚକୋଟୀର ହେଲିକପ୍ଟର ସେବା ସହ ଉନ୍ନତମାନର ରକ୍ଷଣାବେକ୍ଷଣାରେ ଏହାର ଖ୍ୟାତି ରହିଛି। ଉଷା ପାଢ଼ୀ କେନ୍ଦ୍ର ସରକାରଙ୍କ ଉଡାନ ଯୋଜନା ପାଇଁ ମଧ କାର୍ଯ୍ୟ କରୁଛନ୍ତି। ଯେଉଁ ସହରରେ ବିମାନ ସେବା ପହଞ୍ଚିପାରିନି, ସେଠାରେ କିପରି ଲୋକେ ସୁବିଧା ପାଇପାରିବେ ସେ ଦିଗରେ ବିଶେଷ କାର୍ଯ୍ୟ କରୁଛନ୍ତି। ଉଡାନ ଯୋଜନାର ତୃତୀୟ ପର୍ଯ୍ୟାୟରେ ତାଙ୍କର ଅତୁଳନୀୟ ଭୂମିକା ରହିଥିଲା, ଯେଉଁ ପର୍ଯ୍ୟାୟରେ ଭାରତର ୬ଟି ସହର ସହ ଓଡ଼ିଶାର ଝାରସୁଗୁଡ଼ାକୁ ବିମାନ ସେବା ପ୍ରଦାନ କରିବା ପାଇଁ ମୋହର ଲାଗିଥିଲା। ଗତ ମାର୍ଚ୍ଚ ୩୧ରେ ଝାରସୁଗୁଡ଼ା ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇଥିଲା। ପ୍ରଥମ ଦିନରେ ସ୍ପାଇସ୍ ଜେଟ୍ ବିମାନ ସେବା ପ୍ରଦାନ କରିଥିଲା। ୧୯୯୬ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଉଷା ପାଢ଼ୀ ଦିଲ୍ଲୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଲିମିଟେଡ୍‌ର ଅତିରିକ୍ତ ନିର୍ଦ୍ଦେଶକ ମଧ ଅଛନ୍ତି।

# ଭ୍ରଷ୍ଟାଚାରରେ କଂଗ୍ରେସକୁ ଟପିଯାଇଛି ବିଜେଡି

ଭୁବନେଶ୍ୱର, ୭।୪(ବ୍ୟୁରୋ)



ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ସଂକଳ୍ପ ପତ୍ର ପ୍ରକାଶ କରୁଛନ୍ତି।

୨୦୧୯ ନିର୍ବାଚନରେ ଭାଜପା ଓଡ଼ିଶାରେ ସରକାରକୁ ଆସିଲେ ଲୋକମାନଙ୍କ ପାଇଁ କ'ଣ କରିବ ତା'ର ଏକ ଲମ୍ବା ତାଲିକା ରବିବାର ଉପସ୍ଥାପନ କରିଛି। ଭାଜପା ପ୍ରକାଶ କରିଥିବା ନିର୍ବାଚନୀ ଇସ୍ତାହାରକୁ ନୂଆ ଓଡ଼ିଶା ସଂକଳ୍ପ ପତ୍ର ନାମରେ ନାମିତ କରିଛି। ଦଳ ଓଡିଆ ସଂସ୍କୃତି, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ, ଚାଷ, ରୋଜଗାର ଆଦି ୯ଟି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇଛି। ମୁଖ୍ୟତଃ ଓଡ଼ିଶାରେ ସରକାରକୁ ଆସିଲେ ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଦୋଷୀଙ୍କୁ ଜେଲ୍‌ରେ ପୂରାଇବା। ଆସନ୍ତା ୫ବର୍ଷରେ ଓଡିଶାକୁ ଏକ ମଡେଲ ରାଜ୍ୟରେ ପରିଣତ କରିବା ସହ ପୁରୀକୁ ଦେଶର ଆଧାତ୍ମିକ ରାଜଧାନୀ ରୂପେ ବିକଶିତ କରିବା ନେଇ ଭାଜପା ପ୍ରତିଶ୍ରୁତି ଦେଇଛି। ଦଳର ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଦିନିକିଆ ଓଡ଼ିଶା ଗସ୍ତରେ ଆସି ସଂକଳ୍ପ ପତ୍ରର ଉନ୍ମୋଚନ କରିବା ସହ ଉଭୟ କଂଗ୍ରେସ ଓ ବିଜେଡିକୁ ମଧ ସେ କଡା ସମାଲୋଚନା କରିଥିବା ଦେଖିବାକୁ ମିଳିଛି।

ଏହି ଅବସରରେ ଶାହ କହିଛନ୍ତି ଯେ, ଓଡ଼ିଶାରେ ବର୍ତ୍ତମାନ ସରକାର ପରିବର୍ତ୍ତନର ଆଭାସ ମିଳୁଛି। ବିଗତ ଦିନରେ ରାଜ୍ୟରେ କଂଗ୍ରେସର ☞ପୃଷ୍ଠା-୧୦

**ଭାଜପାର ସଂକଳ୍ପ ପତ୍ର**

■ ସରକାରକୁ ଆସିଲେ ଚିଟ୍‌ଫଣ୍ଡ ଦୋଷୀଙ୍କୁ ଜେଲ୍

■ ୫ବର୍ଷରେ ଓଡିଶା ହେବ ମଡେଲ ରାଜ୍ୟ

■ ପୁରୀ ହେବ ଭାରତର ଆଧାତ୍ମିକ ରାଜଧାନୀ

■ କଟକ-ଭୁବନେଶ୍ୱରରେ ଚାଲିବ ମେଟ୍ରୋ ଟ୍ରେନ୍

■ ପ୍ରଦେଶ କଂଗ୍ରେସର ନିର୍ବାଚନୀ ଇସ୍ତାହାର

# ସମସ୍ତଙ୍କୁ ଚାକିରି ପ୍ରତିଶ୍ରୁତି

ଭୁବନେଶ୍ୱର, ୭।୪(ବ୍ୟୁରୋ)

■ ନିଯୁକ୍ତି ମିଳିବା ଯାଏ ବେକାରଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା

■ ଗରିବ ପରିବାରକୁ ସର୍ବନିମ୍ନ ସହାୟତା ରାଶି

■ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିବ ଜମାରାଶି

ରାଜ୍ୟରେ କଂଗ୍ରେସ ସରକାର ଆସିଲେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ବାର୍ଷିକ ୭୨,୦୦୦ ଟଙ୍କାର ସର୍ବନିମ୍ନ ସହାୟତା ରାଶି ପ୍ରଦାନ କରାଯିବ। ଏଥିସହିତ ସମସ୍ତଙ୍କ ପାଇଁ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ନିଯୁକ୍ତି ମିଳିବା ଯାଏ ବେକାରଙ୍କୁ ମାସିକ ୩୦୦୦ ଟଙ୍କାର ବେକାରି ଭତ୍ତା ପ୍ରଦାନ କରାଯିବ। ଏହିଭଳି ୧୯ଟି ପ୍ରମୁଖ ପ୍ରସଙ୍ଗକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ୨୦୧୯ ସାଧାରଣ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପିସିସି ଇସ୍ତାହାର କମିଟି ଅଧକ୍ଷ ଗଣେଶ୍ୱର ବେହେରା ଏବଂ ଅନ୍ୟ ବରିଷ୍ଠ ନେତାଙ୍କ ଦ୍ୱାରା କଂଗ୍ରେସ ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

**ଅବାସ୍ତବ ଇସ୍ତାହାର**

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚୌକିଦାରି ଏକ ପ୍ରହସନ।
-ମାୟାବତୀ, ବିଏସ୍‌ପି ସୁପ୍ରିମୋ

**କିଛି ତଥ୍ୟ**

ଜିଏସ୍‌ଟିରେ ୧.୨୦ କୋଟି ବାଣିଜ୍ୟ ପଞ୍ଜିକୃତ ହୋଇଥିବା ବେଳେ ୨୦ ଲକ୍ଷ ବାଣିଜ୍ୟ କମ୍ପୋଜିଶନ ସ୍କିମ ଚୟନ କରିଛନ୍ତି। -ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 07.04.2019 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 92 | 148 | 158 |
| BLS | 94 | 150 | 160 |
| ANG | 88 | 142 | 152 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers


## ଲୋକନୀତି ସର୍ଭେର ଦାବି

# ବାଲାକୋଟ ଏୟାର ଷ୍ଟ୍ରାଇକ୍‌ରୁ ବଢୁଛି ମୋଦି ହାୱା

■ ପାକିସ୍ତାନ କହିଲା ଆଉ ଥରେ ଆକ୍ରମଣ ପାଇଁ ଯୋଜନା କରୁଛି ଭାରତ

■ ନିର୍ବାଚନ ଜିତିବା ପାଇଁ ପୁଲୱାମା ଆକ୍ରମଣ କରାଇଥିଲେ ମୋଦି: ଫାରୁକ୍

ମୁମ୍ବାଇ/ଶ୍ରୀନଗର/ ଇସ୍‌ଲାମାବାଦ,୭।୪

୨୦୧୪ ସାଧାରଣ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଶୀର୍ଷରେ ଥିଲା। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ଦେଶର ଭୋଟର ୫ ବର୍ଷ ପରଖିବା ପରେ ମୋଦିଙ୍କ ଆକର୍ଷଣ ଫିକା ପଡ଼ିଯାଇଥିଲା। ଏଭଳି ସମୟରେ ପୁଲୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣ ତାଙ୍କ ପାଇଁ ଆଶୀର୍ବାଦ ପାଲଟିଛି। ଲୋକନୀତି ପକ୍ଷରୁ କରାଯାଇଥିବା ସଦ୍ୟ ସର୍ବେକ୍ଷଣ ଏହାର ପ୍ରମାଣ ଦେଉଛି। ଅନ୍ୟପକ୍ଷରେ ସାଧାରଣ ନିର୍ବାଚନରେ ମୋଦିଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ପୁଲୱାମା ଆକ୍ରମଣକୁ ଅନୁମତି ଦେଇଥିଲେ ବୋଲି ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ରବିବାର ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେହିପରି ମୋଦି ସରକାର ପାକିସ୍ତାନ ଉପରେ ଏପ୍ରିଲ ୧୬ରୁ ୨୦ ତାରିଖ ମଧ୍ୟରେ ଆଉ ଏକ ଆକ୍ରମଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଇସ୍‌ଲାମାବାଦ ଅଭିଯୋଗ ଆଣିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି।

ଫେବୃୟାରୀ ୧୪ରେ ପୁଲୱାମା ଆକ୍ରମଣ ପରେ ୨୬ ତାରିଖରେ ପାକିସ୍ତାନର ଖାଇବରପାଖ୍‌ତୁନ୍‌ଖ୍ୱାସ୍ଥିତ ବାଲାକୋଟର ଜୈଶ୍ ଆତଙ୍କବାଦୀ ଶିବିର ଉପରେ ଭାରତୀୟ ବାୟୁସେନା ଏୟାର ଷ୍ଟ୍ରାଇକ୍ କରିଥିଲା। ଏହା ପରେ ଭାରତରେ ମୋଦି ହାୱାର ପ୍ରବାହ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୩ଟି ନିଷ୍ପତ୍ତି ସାଧାରଣ ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିପାରେ ବୋଲି ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ ଷ୍ଟଡି ଅଫ୍ ଡେଭଲପିଙ୍ଗ୍ ସୋସାଇଟିଜ୍‌ରେ ଲୋକନୀତି ପକ୍ଷରୁ କରାଯାଇଥିବା ଗବେଷଣା କାର୍ଯ୍ୟକ୍ରମରୁ ଜଣାପଡ଼ିଛି। ପ୍ରାକ୍ ନିର୍ବାଚନୀ ସର୍ବେକ୍ଷଣ ରିପୋର୍ଟରେ କୁହାଯାଇଛି ଯେ, ଆତଙ୍କବାଦୀ ଶିବିର ଉପରେ ପ୍ରତିଆକ୍ରମଣ, ଉଚ୍ଚବର୍ଗର ଆର୍ଥିକ ଅସ୍ୱଚ୍ଛଳ ବର୍ଗଙ୍କୁ ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ଏବଂ ପିଏମ୍-କିଷାନ ଯୋଜନାରେ ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ପ୍ରଦାନ ନିଷ୍ପତ୍ତି ମୋଦିଙ୍କୁ କ୍ଷମତାକୁ ପୁଣିଥରେ ଫେରିବା ପାଇଁ ବାଟ ଫିଟାଇଛି। ମୋଦି ପୁନଃ କ୍ଷମତାସୀନ ହୁଅନ୍ତୁ ବୋଲି ଦେଶର ୪୩% ମତଦାତା ଚାହାନ୍ତି। ୨୦୧୪ ଲୋକ ସଭା ନିର୍ବାଚନ ତୁଳନାରେ ୨୦୧୯ ଭୋଟ ମହାପର୍ବ ବେଳେ ମୋଦିଙ୍କ ଲୋକପ୍ରିୟତା ୭% ବୃଦ୍ଧି ପାଇଛି। ଦେଶର ୨୯ ରାଜ୍ୟ ମଧ୍ୟରୁ ୧୯ଟିର ୧୦,୦୧୦ ମତଦାତାଙ୍କୁ ନେଇ ଗତ ମାର୍ଚ୍ଚ ୨୪ରୁ ୩୧ ମଧ୍ୟରେ କରାଯାଇଥିବା ପୋଲ୍ ସର୍ଭେରେ ଏହି ବିଷୟ ସାମ୍ନାକୁ ଆସିଛି।

ସେପଟେ ପାକିସ୍ତାନର ମୁଲତାନରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ରବିବାର କହିଛନ୍ତି, ପାକିସ୍ତାନ ଉପରେ ଭାରତ ଆଉ ଏକ ଆକ୍ରମଣ କରିବା ପାଇଁ ନୂଆ ଯୋଜନା କରୁଛି। ଏପ୍ରିଲ ୧୬-୨୦ ତାରିଖ ମଧ୍ୟରେ ଭାରତ ଆକ୍ରମଣ କରିପାରେ ବୋଲି ପାକିସ୍ତାନର ବିଶ୍ୱସ୍ତ ଗୋଇନ୍ଦା ରିପୋର୍ଟ ଆଧାରରେ ସେ ଏହି ଦାବି କରିଛନ୍ତି। ଭାଜପା ନିର୍ବାଚନକୁ ଦୃଷ୍ଟିରେ ରଖି ଯୁଦ୍ଧ ଉନ୍ମାଦ ସୃଷ୍ଟି କରୁଛି ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅଭିଯୋଗ ଆଣିବାର ଦିନକ ପରେ କୁରେଶୀଙ୍କ ପକ୍ଷରୁ ଏହି ମନ୍ତବ୍ୟ ଆସିଛି।

ଇତିମଧ୍ୟରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ବିବାଦୀୟ ମନ୍ତବ୍ୟ ମୋଦି ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଶ୍ରୀନଗର ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା ଫାରୁକ୍ ରବିବାର ☞ପୃଷ୍ଠା-୧୦

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ



# ଅବାସ୍ତବ ଇସ୍ତାହାର

ଚଳିତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଏପ୍ରିଲ ୧୧ରୁ ଆରମ୍ଭ ହେଉଛି। ଇତିମଧ୍ୟରେ ବିଭିନ୍ନ ରାଜନୈତିକ ଦଳ ମାନିଫେଷ୍ଟୋ ବା ଇସ୍ତାହାରପତ୍ର ପ୍ରକାଶ କରିବାରେ ଲାଗିପଡ଼ିଛନ୍ତି। ଏହି ଘୋଷଣାପତ୍ରରେ ସ୍ଥାନ ପାଉଥିବା ପ୍ରତିଶ୍ରୁତି ଦେଖିଲେ ଅନେକ ବିଷୟ ଅବାସ୍ତବ ଥିବା ମନେହେଉଛି। ଏସବୁକୁ ଲକ୍ଷ୍ୟ କରି ନିକଟରେ ରାଜସ୍ଥାନର ପୂର୍ବତନ ଏମ୍‌ପି ତଥା ୪ ଥର ବିଧାୟକ ହୋଇଥିବା ୯୩ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ରାମକିଷନ କହିଛନ୍ତି ଯେ, ଦଳର ଇସ୍ତାହାରପତ୍ରରେ ଉଲ୍ଲେଖ ଥିବା ପ୍ରତିଶ୍ରୁତି ପାଳନରେ ରାଜନୈତିକ ଦଳ ଅସଫଳ ହେଲେ ତାକୁ ଦଣ୍ଡିତ କରାଯିବା ଦରକାର। ରାମକିଷନଙ୍କ ଉଦ୍‌ବେଗକୁ ଗମ୍ଭୀରତାର ସହ ବିଚାର କରାଯିବା ଉଚିତ।

ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଦଳଗୁଡ଼ିକ ଦେଇଥିବା ପ୍ରତିଶ୍ରୁତିର ୫ ବର୍ଷ ଶେଷ ବେଳକୁ ଅନୁଧ୍ୟାନ କଲେ ଅଧିକାଂଶ ଅପୂରଣୀୟ ରହିଯାଉଛି। ଭାରତୀୟ ଜନତା ପାର୍ଟି (ଭାଜପା) ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଇସ୍ତାହାରପତ୍ରରେ ଉଲ୍ଲେଖ କରିଥିଲା ଯେ, ଦଳ କ୍ଷମତାକୁ ଆସିଲେ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ହେବ। ହେଲେ ଏ ନେଇ କୌଣସି ଅଗ୍ରଗତି କରିନାହିଁ। ୨୦୧୯ ନିର୍ବାଚନ ପୂର୍ବରୁ କେବଳ କେତେକ ସାଧୁ ଓ ବାବାଜି ସେଠାରେ ମେଳି କରିଥିବା ଦେଖିବାକୁ ମିଳିଛି । କୁହାଯାଇଥିଲା ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବ। ତାହା ନ ହେବାରୁ ଏ ନେଇ ଭାଜପାକୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି, ମୁଦ୍ରା ଯୋଜନା ଏବଂ ଷ୍ଟାଣ୍ଡ୍ ଅପ୍ ଓ ଷ୍ଟାର୍ଟ ଅପ୍ ମାଧ୍ୟମରେ ୯ କୋଟି ଯୁବତୀଯୁବକ ଆତ୍ମନିଯୁକ୍ତି ପାଇଛନ୍ତି। ଏପରି କି ନିଜ ପ୍ରଚେଷ୍ଟାରେ ଚଳୁଥିବା ପକୁଡ଼ି ବିକାଳିଙ୍କୁ ଭାଜପା ନିଯୁକ୍ତି କରାଇପାରିଛି ବୋଲି ବାହାବା ନେଉଛି। ସେହିପରି ବିଦେଶରୁ କଳାଧନ ଅଣାଯାଇ ପ୍ରତ୍ୟେକ ଭାରତୀୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଭରିଦିଆଯିବ ବୋଲି କୁହାଯାଇଥିଲା। ତାହା ମିଳିଲା ନାହିଁ କି ସେ କ୍ଷେତ୍ରରେ ସଫେଇ ମଧ୍ୟ ଦିଆଗଲା ନାହିଁ। ବରଂ ବିମୁଦ୍ରୀକରଣ କରାଯିବା ଦ୍ୱାରା ଲୋକେ ନିଜ ଆକାଉଣ୍ଟରୁ ଟଙ୍କା ଉଠାଇବା କାଠିକର ପାଠ ହୋଇପଡ଼ିଲା। ନୋଟବନ୍ଦୀ ଚାପରେ ବ୍ୟବସାୟୀ କ୍ଷତିଗ୍ରସ୍ତ ହେବା ସହ ବହୁ ସଂଖ୍ୟକ ବ୍ୟକ୍ତି ରୋଜଗାର ହରାଇଲେ। କୃଷକଙ୍କ ଉନ୍ନତି ଲାଗି ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବିଗତ ୫ ବର୍ଷ ମଧ୍ୟରେ ଅସଂଖ୍ୟ କୃଷକ ପ୍ରାଣ ହରାଇଥିବା ବେଳେ ଦେଶର ବିଭିନ୍ନ ପ୍ରାନ୍ତରେ ଚାଷୀ ଆନ୍ଦୋଳନ ଓ ବିକ୍ଷୋଭ ଦେଖିବାକୁ ମିଳିଛି। ୨୦୧୯ ଏପ୍ରିଲ ୭ରେ ଭାଜପା ଓଡ଼ିଶାରେ ସଂକଳ୍ପପତ୍ର ପ୍ରକାଶ କରି କହିଛି, ଦଳ କ୍ଷମତାକୁ ଆସିଲେ କୃଷକଙ୍କୁ ଶୂନ ପ୍ରତିଶତ ସୁଧରେ ଋଣ ଯୋଗାଇ ଦେବ। ପ୍ରତି ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ୨୦୨୨ ସୁଦ୍ଧା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଘର, ପାଣି ଓ ବିଜୁଳି ଯୋଗାଇ ଦିଆଯିବ ବୋଲି ଏଥିରେ କୁହାଯାଇଛି। ଚିଟ୍‌ଫଣ୍ଡ ଠକଙ୍କୁ ଦଣ୍ଡିତ କରାଯିବ ବୋଲି ମଧ୍ୟ ସଂକଳ୍ପପତ୍ରରେ ଉଲ୍ଲେଖ କରାଯାଇଛି।

ଅନୁରୂପ ଭାବେ ସମାନ ଦିନରେ କଂଗ୍ରେସ ପକ୍ଷରୁ ପ୍ରକାଶିତ ଇସ୍ତାହାରପତ୍ରରେ ପ୍ରତ୍ୟେକ ଗରିବ ପରିବାରକୁ ସର୍ବନିମ୍ନ ଆୟ ଭାବେ ମାସିକ ୬,୦୦୦ ଟଙ୍କା ଦିଆଯିବା ସହ ପ୍ରତ୍ୟେକ ପରିବାରରୁ ଜଣକୁ ସରକାରୀ ବା ବେସରକାରୀ ଚାକିରି ଦିଆଯିବ ବୋଲି କୁହାଯାଇଛି। ବେକାର ଯୁବତୀଯୁବକଙ୍କୁ ମାସିକ ୩,୦୦୦ ଟଙ୍କା ଭତ୍ତା ଦିଆଯିବ ଓ ବାର୍ଦ୍ଧକ୍ୟ ଭତ୍ତା ୧୫୦୦ ଟଙ୍କାକୁ ବୃଦ୍ଧି କରାଯିବା ଭଳି ୧୯ଟି ପ୍ରତିଶ୍ରୁତି ଉକ୍ତ ଇସ୍ତାହାରପତ୍ରରେ ଉଲ୍ଲେଖ କରାଯାଇଛି। କେବଳ ଭାଜପା ଓ କଂଗ୍ରେସ ନୁହନ୍ତି, ଅନ୍ୟାନ୍ୟ ରାଜନୈତିକ ଦଳ କୃଷକ, ଯୁବବର୍ଗ, ମହିଳା ଏବଂ ସମାଜର ଦୁର୍ବଳ ବର୍ଗଙ୍କୁ ଆକୃଷ୍ଟ କରାଇ ଭୋଟ ହାତେଇବା ଲାଗି ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି।

ମୂଳ ପ୍ରଶ୍ନ ହେଉଛି, ଏହିସବୁ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଅର୍ଥ କେଉଁଠାରୁ ଆସିବ ସେହି ବାଟ କେହି ଦେଖାଇ ନାହାନ୍ତି। କରଦାତାଙ୍କଠାରୁ ଅଣାଯାଉଥିବା ଅର୍ଥ ଦେଶ ଗଢ଼ିବାର କେଉଁ କାର୍ଯ୍ୟରେ ଲାଗିବା ଦରକାର ତାହା ସାଧାରଣରେ ଉଲ୍ଲେଖ କରାଯାଇ ନ ଥାଏ। ଏହିସବୁ ବଡ଼ବଡ଼ ପ୍ରତିଶ୍ରୁତି ପାଇଁ ଅନେକ ହଜାର କୋଟି ଟଙ୍କା ଆବଶ୍ୟକ ଥିବା ବେଳେ ହଜାରେ ଟଙ୍କା ମଧ୍ୟ ନୂଆ ଉପାୟରେ ଅର୍ଜନ କରିବାର ଦିଗ୍‌ଦର୍ଶନ ଏହି ରାଜନୈତିକ ଦଳର ମୁଖ୍ୟମାନେ ଦେଉନାହାନ୍ତି। ସାଧାରଣରେ ଚର୍ଚ୍ଚା ହେଉଛି, ଯେଉଁମାନେ ଇସ୍ତାହାରପତ୍ରରେ ଭୋଟରଙ୍କୁ ଆକୃଷ୍ଟ କରିବା ସକାଶେ ପ୍ରତିଶ୍ରୁତି ଦେଉଛନ୍ତି, ସେମାନେ ରାଜକୋଷରୁ ନୁହେଁ, ଦଳୀୟ ପାଣ୍ଠିରୁ ତାହାକୁ ପୂରଣ କରନ୍ତୁ। ତାହା ହେଲେ ଅର୍ଥ କେଉଁଠାରୁ ଆସିବ ତାହା ଭାବିବା ପାଇଁ ଏମାନେ ବାଧ୍ୟ ହେବେ। ଏପରି କ୍ଷେତ୍ରରେ କାହାର ଦମ୍ କେତେ ଜଣାପଡ଼ିଯିବ।

ଏଭଳି ସ୍ଥଳେ ଯେଉଁ ରାଜନୈତିକ ଦଳ ଅବାସ୍ତବ ଓ ଅସମ୍ଭବ ମନେହେଉଥିବା ଭଳି ପ୍ରତିଶ୍ରୁତି ଦେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ପୂରଣ କରିପାରୁ ନାହାନ୍ତି, ସେଭଳି କ୍ଷେତ୍ରରେ ସେମାନଙ୍କ ବିରୋଧରେ ଦଣ୍ଡ ବିଧାନ କରାଯିବା ଲାଗି ଆଇନ ଆସିବା ଦରକାର। ଏଥିସହିତ ନିର୍ବାଚନ କମିଶନ (ଇସି) ଆର୍ଥିକ ଦୃଷ୍ଟିରୁ ବାସ୍ତବ ବା ଅବାସ୍ତବ ମନେହେଉଥିବା ପ୍ରତିଶ୍ରୁତିକୁ ପରଖି ମଞ୍ଜୁରୀ ଦେବା କଥା। ଏଥିପାଇଁ ନିର୍ବାଚନର ସର୍ବନିମ୍ନ ବର୍ଷେ ପୂର୍ବରୁ ଆୟୋଗଙ୍କ ନିକଟରେ ଇସ୍ତାହାରପତ୍ର ପହଞ୍ଚିବା ଦରକାର। ସେଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଯାଞ୍ଚ କରାଯାଇ ପାସ୍ ବା ଫେଲ୍ କରାଯିବା ଉଚିତ। ବିଶେଷକରି କ୍ଷମତାରେ ଥିବା ଦଳଗୁଡ଼ିକୁ ଶେଷ ବର୍ଷରେ କୌଣସି ନୂତନ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରିବାରେ ବାରଣ କରାଯିବା ଦରକାର। ଏହିଭଳି କେତୋଟି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ସଂସ୍କାର ଅଣାଯିବା ଆବଶ୍ୟକ। ତାହା ପରିବର୍ତ୍ତେ ଛୋଟିଆ କଥାରେ ହସ୍ତକ୍ଷେପ କରି ଆୟୋଗ କାମ ଚଳାଇଦେଉଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | A | E | 8 | 9 | | | 6 | 5 | 3 | 4 |
| | 4 | | E | | 7 | | | | | A | | | | 9 |
| | D | | | | | | | | 3 | | | B | E | 0 |
| | | | | | | 7 | | | | B | 9 | A | | D |
| | | | 5 | C | | 4 | | | D | | | | | 1 |
| E | B | 6 | | 3 | C | 0 | 7 | | | | A | 8 | | |
| D | | 2 | 4 | 7 | E | | 5 | | | | | | 9 | |
| | | 0 | | | | | 4 | | | 2 | 1 | | | |
| | | | | | | | A | | | 6 | | D | | |
| A | | | 9 | 8 | | | | | | E | | 7 | | |
| B | | 8 | 6 | 2 | | | | | | | E | | A | 5 |
| | | | | | | C | 1 | | B | | | E | | 7 |
| | 5 | | | | | | | | | 3 | | 0 | | |
| | 7 | | 3 | 4 | | 5 | | B | | | 2 | | | 8 |
| | | | 7 | | 8 | | | | 1 | 4 | 0 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 8 | 7 | 2 | 5 | 1 | 9 | E | D | 3 | 4 | C | 6 | A | B |
| A | 1 | 2 | 9 | 4 | D | 8 | 3 | 5 | 7 | 6 | B | C | 0 | E |
| 3 | 9 | B | E | C | 6 | 1 | A | 7 | 8 | 5 | 0 | 2 | 4 | D |
| 6 | 5 | 4 | 7 | A | 8 | 0 | C | B | D | 2 | E | 1 | 3 | 9 |
| E | D | C | 0 | B | 3 | 6 | 2 | 4 | A | 1 | 9 | 8 | 7 | 5 |
| 8 | 7 | 5 | B | E | 4 | D | 0 | 3 | 6 | 9 | 1 | A | 2 | C |
| C | 4 | A | 3 | D | 0 | E | 1 | 8 | 2 | B | 5 | 9 | 6 | 7 |
| 1 | B | D | 6 | 2 | 9 | 4 | 7 | C | 0 | A | 8 | E | 5 | 3 |
| 2 | 3 | E | 5 | 8 | 7 | A | 9 | 6 | 4 | C | D | 0 | B | 1 |
| 9 | 0 | 6 | A | 1 | C | 5 | B | 2 | E | 3 | 7 | D | 8 | 4 |
| 7 | 6 | 1 | 8 | 3 | E | B | 4 | 0 | C | D | A | 5 | 9 | 2 |
| B | E | 8 | D | 0 | 5 | 2 | 6 | 9 | 1 | 7 | 4 | 3 | C | A |
| 5 | A | 9 | C | 7 | 2 | 3 | D | 1 | B | 8 | 6 | 4 | E | 0 |
| D | C | 3 | 4 | 6 | A | 7 | 5 | E | 9 | 0 | 2 | B | 1 | 8 |
| 4 | 2 | 0 | 1 | 9 | B | C | 8 | A | 5 | E | 3 | 7 | D | 6 |

ଗତକାଲିର ଉତ୍ତର

# ଓଡ଼ିଆଙ୍କ ପଖାଳ: ସେକାଳରୁ ଏକାଳ



ଡ. ପ୍ରଫୁଲ୍ଲ କୁମାର ସାହୁ

ସାଧାରଣତଃ ଗୋଟିଏ ରାଜ୍ୟର ପରିବେଶ ଓ ଜଳବାୟୁ ଉପରେ ନିର୍ଭରକରେ ସେଠାକାର ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ। ଶହ ଶହ ବର୍ଷର ପରୀକ୍ଷା ନିରୀକ୍ଷା ପରେ ପ୍ରତିଷ୍ଠା ଲାଭକରେ ସେ ରାଜ୍ୟର ଖାଦ୍ୟ ପରମ୍ପରା। ଏହି ଆଧାରରେ ପଖାଳ ଓଡ଼ିଶାର ପରିବେଶ ଉପଯୋଗୀ ଏକ ମୌଳିକ ଖାଦ୍ୟ ଏବଂ ଓଡ଼ିଶା ହେଉଛି ତା'ର ଉତ୍ପତ୍ତିସ୍ଥଳ। ଗରିବ ହେଉ କି ଧନୀ, ଓଡ଼ିଶାରେ ଏହା ସମସ୍ତଙ୍କର ପ୍ରିୟ ନିତିଦିନିଆ ଖାଦ୍ୟ। ବିଶେଷକରି ଗାଉଁଲି ମଣିଷର ଜୀବନ ସହିତ ଏହା ଅଙ୍ଗାଙ୍ଗୀଭାବେ ଜଡ଼ିତ। ସକାଳ ହେଲେ ପଖାଳ କଂସାଏ ଖାଇଦେଇ ବିଲକୁ ବାହାରିଯାଏ ଚଷାଭାଇ। କେବଳ ସକାଳ ନୁହେଁ, ସଞ୍ଜବେଳେ ବି ସେ ଖୋଜେ ପଖାଳ। ଶୀତଦିନେ ଜମି ହିଡ଼ ଉପରେ ବସି ପଖାଳ ସାଙ୍ଗକୁ କଞ୍ଚାଲଙ୍କା, ପିଆଜ ଓ ଶୁଖୁଆ ଭଜା ବାସ୍ନାରେ ସେ ଅନୁଭବ କରେ ପରମ ତୃପ୍ତି। ଖରାଦିନେ ଭାଇଭଉଣୀ ଓ ଅନ୍ୟମାନଙ୍କ ସହ ବସି ଦହିପଖାଳ ସାଙ୍ଗକୁ ବଡ଼ିଚୂରା ଓ ଶାଗଭଜାର ମଜା ସମସ୍ତଙ୍କ ପାଇଁ ନିଆରା। ସେଥିପାଇଁ କୁହାଯାଏ, ଆତ୍ମୀୟତାର ଅନ୍ୟନାମ ପଖାଳ।

ଭାତକୁ ପାଣିରେ ପଖାଳି ପ୍ରସ୍ତୁତ କରାଯାଇଥିବାରୁ ଏହାକୁ କୁହାଯାଏ ପଖାଳ। ସଜ ପଖାଳ, ଚାଉଁ ପଖାଳ, ବାସି ପଖାଳ ଓ ଦହି ପଖାଳ ଭେଦରେ ଏହା ବିଭିନ୍ନ ପ୍ରକାରର ଓ ବିଭିନ୍ନ ସ୍ୱାଦର। କିଏ ଉଷୁନା ପଖାଳ ପସନ୍ଦକରେ ତ ଆଉ କିଏ ଦହି, ଜିରା, ଆମ୍ବକଷି ଓ ଭୃସୁଙ୍ଗପତ୍ର ଆଦି ପକେଇ ପ୍ରସ୍ତୁତକରେ ଅରୁଆ ପଖାଳ। ପଖାଳରେ ଲେମ୍ବୁ ପତ୍ର କି ଆମ୍ବନସି ପତ୍ର, ତା'ର ବାସ୍ନା ଆଉ ସ୍ୱାଦରୁ ବାରିହୋଇପଡ଼େ ଓଡ଼ିଆଣୀ ହାତର ଦକ୍ଷତା। କୁହାଯାଏ ଓଡ଼ିଆଘରର ପଖାଳହାଣ୍ଡି କେବେ ଫାଙ୍କା ପଡ଼େନି କି ବନ୍ଧୁବାନ୍ଧବ, ଗଲା ଆଇଲା, ହଳିଆ ମୂଲିଆ ଓ ଦାଣ୍ଡ ଭିକାରି ଆଦି ଯିଏ ଯେତେବେଳେ ଆଇଲେ ବି ଚର୍ଚ୍ଚା କରିବାକୁ ସଙ୍କୋଚ କରେନି ଓଡ଼ିଆଣୀ। ଆଉ କିଛି ଥାଉ କି ନ ଥାଉ ଘରେ ସାଇତା ହେଇ ରହିଥିବା ବାଡ଼ିପିଆଜ, ବଡ଼ି ଓ ଆଚାର ଟିକିଏ ଦେଇ ଉଠିଯାଏ କଂସେ ପଖାଳ। ପଖାଳର ତୋରାଣିରୁ ତିଆରି କାଞ୍ଜି ମଧ୍ୟ ଓଡ଼ିଶାର ଏକ ଲୋକପ୍ରିୟ ଖାଦ୍ୟ। ବାସି ତୋରାଣିରେ ଭୃସୁଙ୍ଗ ଓ ପୁଦିନାପତ୍ର ଆଦି ଛୁଙ୍କ ଦେଇ ତିଆରି ହୁଏ କାଞ୍ଜି। ଏହା ଯେତିକି ସ୍ୱାଦିଷ୍ଟ ସେତିକି ଖାଦ୍ୟପ୍ରାଣଯୁକ୍ତ। ପଖାଳର ଆଉ ଏକ ରୂପାନ୍ତର ହେଉଛି ଖୁଦପିତା। ପେଯ ତୋରାଣିରେ ଅରୁଆ ଚାଉଳ ଗୁଣ୍ଡ ମିଶେଇ ରନ୍ଧନକଲା ପରେ ଏଥିରେ ଦିଆଯାଏ ଦହି ଆଉ ନିମ୍ବପିତା ଛୁଙ୍କ। ଏହା ପାଟିକୁ ସାମାନ୍ୟ ପିତା ଲାଗିଲେ ବି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ। ଓଡ଼ିଶାରେ ବାସ କରୁଥିବା ଜନଜାତିର ଲୋକେ ପଖାଳର ତୋରାଣିରୁ ପ୍ରସ୍ତୁତ କରନ୍ତି ହାଣ୍ଡିଆ। ଏହା ସେମାନଙ୍କର ଏକ ପ୍ରଧାନ ଖାଦ୍ୟ ଏବଂ ଚିତ୍ତବିନୋଦନର ଏକ ସୁନ୍ଦର ମାଧ୍ୟମ। ଓଡ଼ିଶାରେ ଏମିତି ସବୁ ବର୍ଗର ଓ ସବୁ ସମ୍ପ୍ରଦାୟର ଲୋକଙ୍କ ପାଇଁ ପଖାଳ ଆଣିଦିଏ ତୃପ୍ତି ଓ ଉଲ୍ଲାସର ମୁଗ୍ଧ ମହକ।

ପଖାଳ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟ। ଆୟୁର୍ବେଦ କହେ ପଖାଳ ପିତ୍ତନାଶକ। ଚାଉଁ ପଖାଳ ଖାଇ ତା' ତୋରାଣି ପିଇଦେଲେ ଦୂରହୁଏ କୋଷ୍ଠକାଠିନ୍ୟ, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ ଓ ପେଟବ୍ୟଥା। ପଖାଳ ସାଙ୍ଗରେ ଖିଆଯାଉଥିବା ଶାଗଭଜା, ବାଇଗଣ ପୋଡ଼ା, ବଡ଼ିଚୂରା, ଚଟଣି, ଦେଶୀ ମାଛଭଜା ଓ ପରିବା ସନ୍ତୁଳା ଆଦି ବ୍ୟଞ୍ଜନରେ ନାଁ ଥାଏ ତେଲଘିଅର ପ୍ରାଚୁର୍ଯ୍ୟ ନା ରଙ୍ଗ ମସଲାର ସ୍ଥାନ। ଜାଳେଣିର ଅଭାବ ଓ ସମୟ ସଙ୍କଟକୁ ଟାଳିବା ପାଇଁ ପଖାଳ ହିଁ ଏକ ଚମତ୍କାର ବିକଳ୍ପ। କୁହାଯାଏ ନିଦ୍ରାହୀନତାରେ ପୀଡ଼ିତ ଲୋକଙ୍କ ପାଇଁ ଏହା ଏକ ଅବ୍ୟର୍ଥ ମହୌଷଧି। ନିଦ୍ରାକୁ ସ୍ୱତଃ ଆମନ୍ତ୍ରଣ କରିଆଣେ ଏଥିରେ ଥିବା ମାଦକତାଭରା ପ୍ରାକୃତିକ ଉପାଦାନ। ଅଂଶୁଘାତରୁ ବର୍ତ୍ତିବା ପାଇଁ ପଖାଳ ଏକ ଚମତ୍କାର ପ୍ରତିଷେଧକ। ଏହାକୁ ଦୃଷ୍ଟିରେ ରଖି ଖରାଦିନେ କେବଳ ଘରେ ନୁହେଁ, ବହୁ ଛୋଟବଡ଼ ହୋଟେଲରେ ମଧ୍ୟ ପରଷାଯାଉଛି ପଖାଳ। ଲୋକଙ୍କ ରୁଚିକୁ ଆଖି ଆଗରେ ରଖି ତାହା ପ୍ରସ୍ତୁତ ହେଉଛି ଭିନ୍ନ ଭିନ୍ନ ଶୈଳୀରେ। ମାତ୍ର ଘରେ ହେଉ କି ହୋଟେଲରେ ଯେତେ ବାଗରେ ତିଆରି କଲେ ବି ସେଥିରୁ ମିଳୁନି ସେକାଳ ପଖାଳର ବାସ୍ନା ଓ ସ୍ୱାଦ। କାରଣ ଆଗ ପରି ଆଉ ବିନା ସାର, ବିଷ ପ୍ରୟୋଗରେ ଚାଉଳ ଉତ୍ପାଦନ ହେଉନି କି କାଠଚୁଲି ଓ ମାଟିହାଣ୍ଡିରେ ରନ୍ଧା ହେଉନି ଭାତ।

କେବଳ ଓଡ଼ିଆ ନୁହେଁ, ଓଡ଼ିଆମାନଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ପଖାଳପ୍ରିୟ। ବଡ଼ ଦେଉଳରେ ଛପନଭୋଗ ମଧ୍ୟରେ ରହିଛି ପଖାଳ ଲାଗି ହେବା ବ୍ୟବସ୍ଥା। ଗ୍ରୀଷ୍ମଦିନେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଦହିପଖାଳ ମଣୋହିକରି ଚନ୍ଦନଯାତ୍ରାରେ ବାହାରନ୍ତି ଶ୍ରୀମଦନମୋହନ। ମାର୍ଗଶିର ମାସ ମାଣବସା ବେଳେ ଲକ୍ଷ୍ମୀ ଠାକୁରାଣୀଙ୍କ ପାଖରେ ନୈବେଦ୍ୟ ଭାବରେ ଅର୍ପଣ କରାଯାଏ ପଖାଳ ଓ ଶାଗଭଜା। ଓଡ଼ିଶାର ପୁରପଲ୍ଲୀରେ ଥିବା କୃଷ୍ଣ ମନ୍ଦିରରେ ବି ରହିଛି ପଖାଳ ଭୋଗ ଲାଗି କରିବାର ପରମ୍ପରା। ଲିଙ୍ଗରାଜ ମହାପ୍ରଭୁଙ୍କ ବଡ଼ସିଂହାର ଭୋଗବେଳେ ବି ଅର୍ପଣ କରାଯାଏ ପଖାଳ ଓ କଦଳୀଭଜା। କେବଳ ଆଧ୍ୟାତ୍ମିକତା ନୁହେଁ, ଆମ ଉତ୍ସବାନୁଷ୍ଠାନ ଓ ଲୋକ ସାହିତ୍ୟ ସହିତ ମଧ୍ୟ ପଖାଳର ସମ୍ପର୍କ ଅତି ନିବିଡ଼। ବାହାହୋଇ ଶାଶୁଘରକୁ ଯିବା ପୂର୍ବରୁ ପାଖ ପଡ଼ିଶା ଝିଅକୁ ସ୍ନେହରେ ଘରକୁ ଡାକି ଖାଇବାକୁ ଦେବାର ଯେଉଁ ପରମ୍ପରା ରହିଛି ତାକୁ କୁହାଯାଏ ତୋରାଣି ଖିଆ। ପଶ୍ଚିମ ଓଡ଼ିଶାରେ ଭାଇ ଜିଉଁନ୍ତିଆ ଓଷା ଅବସରରେ ରହିଛି ଭଉଣୀମାନଙ୍କର ପଖାଳ ଖିଆ ବିଧି। ଆମ ଲୋକସାହିତ୍ୟରେ ପଖାଳକୁ ନେଇ ଲେଖାଯାଇଛି ଅସୁମାରି ଲୋକପ୍ରିୟ ଗୀତ। ପଖାଳ କଂସାକୁ ଓଡ଼ିଆଙ୍କ ଜୀବନ ଭାବରେ ଗ୍ରହଣକରି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଲେଖିଛନ୍ତି- 'ଆହା ମୋ ଜୀବନଧନ ପଖାଳ କଂସା, ତୋର ବିନା ସଜନୀରେ ଉଡ଼ିଲା ହଂସା।' କିଶୋରୀମାନଙ୍କ ରଜଦୋଳି ଗୀତରେ ମଧ୍ୟ ସ୍ଥାନ ପାଇଛି- 'ମଦରଙ୍ଗା ଶାଗ ରାଇ, ପଖାଳ ଭାତକୁ ଚିଲିକା ଶୁଖୁଆ ମାଣିକପାଟଣା ଦହି।'

ଗାନ୍ଧିଜୀଙ୍କ ପାଇଁ ଓଡ଼ିଆମାନଙ୍କର ଏ ପଖାଳ ପ୍ରକ୍ରିୟାକରଣ ଥିଲା ଅତ୍ୟନ୍ତ ପ୍ରେରଣାଦାୟକ। ୧୯୩୪ ମସିହା ଓଡ଼ିଶାରେ ଗାନ୍ଧିଜୀଙ୍କର ହରିଜନ ପଦଯାତ୍ରା ସମୟର କଥା। ସେଦିନ ପଦଯାତ୍ରୀମାନଙ୍କ ପାଇଁ ଶିଉଳା ଛକଠାରେ ରୋଷେଇ ବ୍ୟବସ୍ଥା ହୋଇଥିଲା ଏବଂ ଭାତ କିଛି ବଳକା ରହିଯାଇଥିଲା ସେମାନଙ୍କ ମଧ୍ୟାହ୍ନଭୋଜନ ପରେ। ଓଡ଼ିଆ କର୍ମୀମାନେ ତାକୁ ନଷ୍ଟ ହେବାକୁ ନ ଦେଇ ପଖାଳିଦେଲେ, ଯାହାକୁ ଉପର ଓଳି ଭୋଜନକରି ପରମ ତୃପ୍ତି ଅନୁଭବ କଲେ ବିଭିନ୍ନ ରାଜ୍ୟରୁ ଆସିଥିବା ଅନେକ କଂଗ୍ରେସ କର୍ମୀ। ଏହା ଦେଖି ଗାନ୍ଧିଜୀ ଖୁବ୍ ଖୁସି ହୋଇଯାଇଥିଲେ ଏବଂ ସେଠାରେ ସେ ଓଡ଼ିଆମାନଙ୍କୁ ପ୍ରଶଂସା କରି କହିଥିଲେ- 'ଓଡ଼ିଶାର ଲୋକେ ଠିକ୍ ଜାଣିଛନ୍ତି ଖାଦ୍ୟର ସଦ୍‌ବ୍ୟବହାର।'' ଏ କଥା ଉଲ୍ଲେଖ ରହିଛି ଗୋପବନ୍ଧୁ ଚୌଧୁରୀଙ୍କ 'ଗାନ୍ଧୀ ଉତ୍କଳ', ମନମୋହନ ଚୌଧୁରୀଙ୍କ 'କସ୍ତୁରୀ ମୃଗ ସମ' ଓ ରମାଦେବୀଙ୍କ 'ଜୀବନ ପଥେ' ପୁସ୍ତକରେ।

ଓଡ଼ିଆମାନେ ଯେ କେବଳ ଓଡ଼ିଶାରେ ରହିଲେ ପଖାଳ ଖାଆନ୍ତି ତାହା ନୁହେଁ, ଯେଉଁ ରାଜ୍ୟକୁ ଗଲେ ବି ତାଙ୍କ ସାଥିରେ ଥାଏ ପଖାଳ ସଂସ୍କୃତି। ତାକୁ ଅନୁକରଣକରି ଅନ୍ୟାନ୍ୟ ରାଜ୍ୟରେ ବିଶେଷକରି ପଡ଼ୋଶୀ ପଶ୍ଚିମବଙ୍ଗ, ବିହାର, ଆସାମ, ଝାଡ଼ଖଣ୍ଡ ଓ ଛତିଶଗଡ଼ ଆଦି ରାଜ୍ୟରେ ରହିଛି ପଖାଳର ଆଦର। ଆସାମରେ ପଖାଳକୁ ପୋଇତା ଭାତ, ଛତିଶଗଡ଼ରେ ବୋରେ ଭାତ, ଝାଡ଼ଖଣ୍ଡ ଓ ବିହାରରେ କୁହାଯାଏ ମାରା ଭାତ ଓ ପନ୍ ଭାତ। ପଶ୍ଚିମବଙ୍ଗରେ ପଖାଳର ଏକ ଅଲଗା ରୂପ ହେଉଛି ଅମାନିର ଜଲ୍। ରାତିରେ ମାଟିହାଣ୍ଡିରେ ଭାତ ରାନ୍ଧି ପଖାଳି ଦିଆଯାଏ ଏବଂ ହାଣ୍ଡିର ମୁହଁକୁ ଏକ କପଡ଼ା ସାହାଯ୍ୟରେ ବାନ୍ଧି ଦିଆଯାଏ ପବନ ଚଳାଚଳ କରି ପାରିଲା ଭଳି। ସକାଳୁ ପଖାଳକୁ କଂସାରେ ବଢ଼ାଯାଏ ଓ ତାକୁ ଚକଟି ଅଲଗା କରି ଦିଆଯାଏ ଭାତ ଓ ତୋରାଣି। ଏହି ମୋଟା ତୋରାଣିରେ ଲେମ୍ବୁ ଓ ଲୁଣ ମିଶାଇ ଲୋକେ ପିଅନ୍ତି, ଯାହା ହୃଦ୍‌ରୋଗୀମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ।

ସମୟ ସହିତ ତାଳଦେଇ ବଦଳୁଛି ଆମ ଜୀବନଶୈଳୀ। ସେଥିରୁ ବାଦ୍ ପଡ଼ିନି ଆମର ଖାଦ୍ୟପେୟର ରୁଚି। ଆମ ପିଲାମାନଙ୍କୁ ଏବେ ଘାରିଛି ପଖାଳ ପରିବର୍ତ୍ତେ ମ୍ୟାଗି ଓ ଚାଓମିନ୍ ଖାଇବାର ନିଶା। ପିଲାଠାରୁ ବୁଢ଼ା ଯାଏ ରୁଟି ଖାଇବା ଅଭ୍ୟାସ ଯୋଗୁ ରାତିରେ ଆଉ ଭାତ ରନ୍ଧା ହେଉନି କି ସକାଳ ପାଇଁ ପ୍ରସ୍ତୁତ ହେଉନି ପଖାଳ। ଘରେ ଘରେ ପହଞ୍ଚୁଛି ନାମୀ ଦାମୀ କମ୍ପାନୀ ପ୍ରସ୍ତୁତ ଖାଦ୍ୟ ପଦାର୍ଥ। ତେଣୁ ପଖାଳ ପ୍ରତି କମିଯାଉଛି ଆମର ଆଦର ଓ ଆନ୍ତରିକତା। ମାତ୍ର ଏକଥା ଜାଣିରଖିବା ଉଚିତ ଆଧୁନିକତା ନାଁରେ ଆମେ ଆମ ମୌଳିକ ଖାଦ୍ୟ ପରମ୍ପରାଠାରୁ ଯେତିକି ଦୂରେଇଯିବା, ସେତିକି ଟାଣି ହୋଇଯିବା ନୂଆ ନୂଆ ବ୍ୟାଧିର ଆଁ ଭିତରକୁ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

# ପ୍ଲାଷ୍ଟିକ୍ ନିଷେଧ, କିଛି ବାସ୍ତବତା



ଇଂ. ମାୟାଧର ସ୍ୱାଇଁ

୨୦୧୮ ଜୁନ୍ ୫ ବିଶ୍ୱ ପରିବେଶ ଦିବସରେ ଭାରତର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ହର୍ଷବର୍ଦ୍ଧନ ଘୋଷଣା କରିଛନ୍ତି ଯେ, ଭାରତରେ ୨୦୨୨ ମସିହାରେ ଥରେମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପଦାର୍ଥର ବ୍ୟବହାର ବନ୍ଦ ହୋଇଯିବ। ଅନେକ ଦେଶରେ ପ୍ଲାଷ୍ଟିକ୍ ଉପରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲଗାଯାଇଛି। ଇଂଲଣ୍ଡ ପ୍ରଧାନମନ୍ତ୍ରୀ ଥେରେସା ମେ ଘୋଷଣା କରିଛନ୍ତି ଯେ, ତାଙ୍କ ଦେଶ ୨୦୪୨ ମସିହା ସୁଦ୍ଧା ପରିହାରଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାର ବନ୍ଦ କରିଦେବ। ଅନେକେ ଏହାକୁ ସମାଲୋଚନା କରି କହିଛନ୍ତି ଯେ ଏହା ପ୍ଲାଷ୍ଟିକ୍ ନିଷେଧ ପାଇଁ ହେଉଛି 'ଅତି କମ୍ ଓ ଅତି ବିଳମ୍ବ'। ଆମ ଓଡ଼ିଶାରେ ସରକାର ଅକ୍ଟୋବର ୨ ତାରିଖରୁ କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର ଓ ପୁରୀ ସହରରେ ୫୦ ମାଇକ୍ରନ୍‌ରୁ ଅଧିକ ସ୍ଥୂଳତାର ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ଏହାର ଅବମାନନା ପାଇଁ ଜରିମାନାର ବ୍ୟବସ୍ଥା ମଧ୍ୟ ହୋଇଛି। ଆରମ୍ଭରେ ମାତ୍ର ଅଳ୍ପ କେତେଦିନ ମ୍ୟୁନିସିପାଲିଟି ଓ ଭୁବନେଶ୍ୱର ନଗର ଉନ୍ନୟନ କର୍ତ୍ତୃପକ୍ଷ ବିଭିନ୍ନ ଦୋକାନ ଓ ବଜାରରେ ଚଢ଼ାଉ କରି କିଛି ଜରିମାନା ଆଦାୟ କଲେ। ଏହାପରେ ଭୟରେ ପ୍ଲାଷ୍ଟିକ୍ ବ୍ୟବହାର କମିଗଲା। ମାତ୍ର କ୍ରମେ ଦେଖାଯାଉଛି ଯେ, ବର୍ତ୍ତମାନ ଏହାର ବ୍ୟବହାର ପୂର୍ବଭଳି ଚାଲିଛି।

ପ୍ଲାଷ୍ଟିକର ବ୍ୟବହାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସମ୍ଭବ କି ? ବାସ୍ତବ ସ୍ଥିତି କ'ଣ ? ୧୮୬୦ ଦଶକରେ ଆଲେକଜାଣ୍ଡାର ପାର୍କସ୍ ଏହାକୁ ଉଦ୍ଭାବନ କରିବା ଏବଂ ୧୯୨୦ ଦଶକରେ ଫେନିଚେଲ୍ ଏହାର ଔଦ୍ୟୋଗିକ ବ୍ୟବହାର ଆରମ୍ଭ କରିବା ପରେ ମାନବ ସମାଜ ପାଇଁ ଏହା ବରଦାନ ସଦୃଶ ମନେ କରାଗଲା। ଏହାର ଉତ୍ପାଦନ ଓ ବ୍ୟବହାର ବର୍ଷକୁ ବର୍ଷ ବୃଦ୍ଧି ପାଇଲା। ଗାଡି, ଆସବାବପତ୍ର, କବାଟ, ଝରକାଠାରୁ ଆରମ୍ଭ କରି ଅନେକ ଉପକରଣରେ ଏହା ବ୍ୟବହୃତ ହେଲା। ବିଶେଷକରି ପ୍ୟାକେଜ୍ ଶିଳ୍ପ ଓ ବ୍ୟାଗ୍ ପାଇଁ ଏହାର ବ୍ୟବହାର ବହୁଳ ପରିମାଣରେ ହେଲା। ଏଥିମଧ୍ୟରୁ କେତେକ ମାତ୍ର ଥରଟିଏ ବ୍ୟବହାର ହୋଇ ଫିଙ୍ଗାଗଲା। ବର୍ତ୍ତମାନ ସମଗ୍ର ପୃଥିବୀରେ ବର୍ଷକୁ ୩୨୨ ନିୟୁତ ଟନ୍ ପ୍ଲାଷ୍ଟିକ୍ ଉତ୍ପାଦିତ ହେଉଛି ଏବଂ ଏହି ଶିଳ୍ପରେ ପ୍ରାୟ ୬୦୦ ବିଲିୟନ ଡଲାର ପୁଞ୍ଜି ବିନିଯୋଗ ହୋଇଛି। ବିକାଶଶୀଳ ଦେଶଗୁଡ଼ିକର ଜନସଂଖ୍ୟା ଓ ଉତ୍ପାଦନ କ୍ଷେତ୍ରର ବୃଦ୍ଧି ସହ ତାଳଦେଇ ଏହାର ବ୍ୟବହାର ବୃଦ୍ଧି ପାଉଛି। ପୃଥିବୀର ସବୁଠାରୁ ଅଧିକ ଜନବହୁଳ ଦୁଇ ଦେଶ ଚାଇନା ଓ ଭାରତ ମିଳିତ ଭାବେ ସମଗ୍ର ପୃଥିବୀରେ ବ୍ୟବହୃତ ପ୍ଲାଷ୍ଟିକ୍‌ର ୩୫ ପ୍ରତିଶତ ବ୍ୟବହାର କରୁଛନ୍ତି।

ପ୍ଲାଷ୍ଟିକ୍ ହେଉଛି ଗୋଟିଏ ଜୈବବିଘଟନ ଅଯୋଗ୍ୟ ପଦାର୍ଥ। ଏହାକୁ ବାହାରେ ଫିଙ୍ଗିଲେ ଅନେକ ବର୍ଷ ପର୍ଯ୍ୟନ୍ତ ନଷ୍ଟ ନ ହୋଇ ପଡ଼ିଥାଏ। ଏହା ନାଳନର୍ଦ୍ଦମାରେ ଜଳପ୍ରବାହକୁ ବନ୍ଦ କରି ଦେଇଥାଏ। ବୁଲା ଗୋରୁମାନେ ଏହାକୁ ଖାଇ ମୃତ୍ୟୁବରଣ କରୁଛନ୍ତି। ସମୁଦ୍ର ଜଳରେ ପଡ଼ିବା ଦ୍ୱାରା ଅନେକ ଜଳଚର ଜୀବ ଏହାକୁ ଖାଇ ମୃତ୍ୟୁ ଲଭୁଛନ୍ତି। ଏଣୁ ଏହା ବର୍ତ୍ତମାନ ପୃଥିବୀ ପାଇଁ ଗୋଟିଏ ଅଭିଶାପରେ ପରିଣତ ହୋଇଛି। ଏହାର ବ୍ୟବହାରକୁ ହ୍ରାସ କରିବା ପାଇଁ ପରିବେଶବିତ୍‌ମାନେ ଚିତ୍କାର କରୁଛନ୍ତି। ବିଶେଷକରି ପତଳା ପ୍ଲାଷ୍ଟିକ୍ ଓ ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷେଧ କରିବା ପାଇଁ ଅଧିକାଂଶ ଏକମତ।

ବର୍ତ୍ତମାନ ବାସ୍ତବତାକୁ ଦେଖିବା। ପ୍ଲାଷ୍ଟିକ୍ ସହ ଲୋକମାନେ ଏପରି ଅଭ୍ୟସ୍ତ ହୋଇଗଲେଣି ଯେ ଏହାକୁ ପରିତ୍ୟାଗ କରିବା କଥା ଚିନ୍ତା କରିପାରୁନାହାନ୍ତି। କୌଣସି ଜିନିଷ ପ୍ୟାକେଜ୍ କରିବା ପାଇଁ ପ୍ଲାଷ୍ଟିକ୍ ହେଉଛି ଏକ ଲୋକପ୍ରିୟ ଓ ବହୁଳ ବ୍ୟବହୃତ ପଦାର୍ଥ। ଏହା ଶସ୍ତା ଓ ଏହା ମଧ୍ୟ ଦେଇ ବାୟୁ କିମ୍ବା ଜଳ ପ୍ରବେଶ କରିପାରେ ନାହିଁ। ଏଥିରେ ଖାଦ୍ୟପଦାର୍ଥ କିମ୍ବା ଲୁଗାସଫା ପାଉଡର ନେଲେ ତାହା ପ୍ଲାଷ୍ଟିକ ସହ କୌଣସି ପ୍ରତିକ୍ରିୟା କରି ନ ଥାଏ। ଏହାର ଅନ୍ୟ ଏକ ଗୁଣ ହେଉଛି ଏହା ସହଜରେ ଭାଙ୍ଗିଯାଏ ନାହିଁ। ଏଣୁ ଔଷଧ ଓ ଅନ୍ୟାନ୍ୟ ବୋତଲ କାଚ ପରିବର୍ତ୍ତେ ପ୍ଲାଷ୍ଟିକରେ ନିର୍ମିତ ହେଉଛି।

ମହାରାଷ୍ଟ୍ର ସରକାର ଗତବର୍ଷ ରାଜ୍ୟରେ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ କରିବା ପରେ କ୍ଷୀର ପ୍ୟାକେଟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଶେଷରେ ଏହାକୁ ନିଷେଧ ପଦାର୍ଥ ମଧ୍ୟରୁ ବାହାର କରାଗଲା। ତା'ହେଲେ ଏହାର ବିକଳ୍ପ କ'ଣ ? ପ୍ରାୟ ୨୫-୩୦ ବର୍ଷ ପୂର୍ବେ ଲୋକମାନେ ଷ୍ଟିଲ୍ କିମ୍ବା ଆଲୁମିନିୟମ୍ ଡବା ନେଇ କ୍ଷୀର ବୁଥ୍ କିମ୍ବା ଗୋଶାଳାକୁ ଯାଇ ଏହା ଆଣୁଥିଲେ। କିନ୍ତୁ ବର୍ତ୍ତମାନ ଏହା ବଦଳିଯାଇଛି। ଆମେ ଘରେ କିମ୍ବା ଘର ପାଖ ଦୋକାନରେ ପ୍ୟାକେଟ୍ ଆକାରରେ ଏହାକୁ ପାଉଛୁ। ଦୂର ଦୋକାନରୁ ଡବା ନେଇ କ୍ଷୀର ଆଣିବା ପାଇଁ ଲୋକଙ୍କ ପାଖରେ ସମୟ ନାହିଁ। ସେହିଭଳି ମାଛ କିମ୍ବା ମାଂସ ଆଣିବା ପାଇଁ ପ୍ଲାଷ୍ଟିକ୍ ବ୍ୟାଗ୍ ଅଧିକ ଉପଯୋଗୀ ହୋଇଥାଏ। ତେଜରାତି ଦୋକାନରୁ ଡାଲି, ଚାଉଳ, ସୁଜି, ଅଟା ଆଦି କିଣିବା ବେଳେ ପ୍ରତ୍ୟେକ ପଦାର୍ଥ ପାଇଁ ଗୋଟିଏ ଗୋଟିଏ କପଡ଼ା ବ୍ୟାଗ୍ ନେବା ସହଜ ହେଉନାହିଁ। ସହରର ଗୋଟିଏ ଦୁଇଟି ଜାଗାରେ ପାଉଁରୁଟି ପ୍ରସ୍ତୁତ ହୋଇ ସମଗ୍ର ସହର ଓ ଆଖପାଖ ଗ୍ରାମଗୁଡ଼ିକରେ ବିତରଣ କରାଯାଇଥାଏ। ଏଣୁ ଏହାର ପ୍ୟାକେଜ୍ ପାଇଁ ପ୍ଲାଷ୍ଟିକ୍ ବ୍ୟବହାର କରାଯାଉଛି।

ପ୍ଲାଷ୍ଟିକ୍‌ର ଅନେକ ଉପକାର ଥିଲେ ସୁଦ୍ଧା ପରିବେଶ ପାଇଁ କ୍ଷତିକାରକ ଯୋଗୁ ଏହା ବର୍ଜନୀୟ। କିନ୍ତୁ ଏହାର ବିକଳ୍ପ ଭାବେ ଯେଉଁ ପଦାର୍ଥକୁ ନେବା, ତାହା ଜୈବ-ବିଘଟନଶୀଳ ହୋଇଥିବା ଜରୁରୀ ଏବଂ ଏହାର ଉତ୍ପାଦନ ପାଇଁ ଅଧିକ ଶକ୍ତି ଦରକାର ହେଉ ନ ଥିବା କିମ୍ବା ଏଥିପାଇଁ ଜଙ୍ଗଲ ଉପରେ କୌଣସି ପ୍ରକାର ଚାପ ପଡୁ ନ ଥିବା ଉଚିତ। ନଚେତ୍ ମହରଗରୁ ଯାଇ କାନ୍ତାରରେ ପଡ଼ିବା ସାର ହେବ।

୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ଏପରିସ୍ଥଳେ ସମ୍ଭାବ୍ୟ ଜଳ ସଙ୍କଟକୁ ଦୂରେଇବା ପାଇଁ ଜଣେ ମେକାନିକାଲ ଇଞ୍ଜିନିୟର ଅଣ୍ଟା ଭିଡ଼ିଛନ୍ତି। ସେ ହେଉଛନ୍ତି ଗ୍ରେଟର ନୋଏଡ଼ାର ୨୬ ବର୍ଷ ବୟସ୍କ ରାମବୀର ତନ୍‌ୱାର। ବହୁରାଷ୍ଟ୍ରୀୟ କମ୍ପାନୀରେ କରୁଥିବା ଚାକିରି ଛାଡି ପୋଖରୀ ସଫା ଭଳି କାର୍ଯ୍ୟ କରି ପରିବେଶ ସୁରକ୍ଷା ଜାରି ରଖିଛନ୍ତି। ସ୍ଥାନୀୟ ଗୌତମବୁଦ୍ଧ ନଗର ଜିଲାରେ କେତେକ ପୋଖରୀରେ ଦଳ ମାଡ଼ିଯିବାରୁ ଏହାର ପାଣି ବ୍ୟବହାର ଅନୁପଯୋଗୀ ହୋଇପଡିଥିଲା। ରାମବୀର ଗାଁ ଲୋକଙ୍କୁ ଏକାଠି କରି ଦଳ ସଫା କରିବା ସହିତ କିପରି ପୋଖରୀ ପାଣିକୁ ବ୍ୟବହାର ଉପଯୋଗୀ କରାଯାଇ ପାରିବ, ସେଥିପାଇଁ ନିରନ୍ତର ପ୍ରୟାସ କରୁଛନ୍ତି। ତାଙ୍କୁ ୨୧ ବର୍ଷ ହୋଇଥିବାବେଳେ ସେ ଏଭଳି କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ରାମବୀରଙ୍କ କାର୍ଯ୍ୟ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

### ଚିରନ୍ତନୀ

ବେଦନାର ଅମାବାସ୍ୟା ଆସେ ଘୋଟି
ନିବିଡ଼ୁଁ ନିବିଡ଼
ଗରଜେ ଭୀଷଣ ନିଶା
ମରଣର କୁହାଟ ଗଭୀର।

(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୯୪

- ଆଫ୍ରିକୀୟ ରାଷ୍ଟ୍ର ର୍ୱାଣ୍ଡା ଏବଂ ବୁରୁଣ୍ଡିର ରାଷ୍ଟ୍ରପତିଦ୍ୱୟ ରକେଟ ମାଡ଼ରେ ନିହତ।
- ଇବ୍ ଓ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ଘରୋଇକରଣ କରିବା ପାଇଁ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳ ବୈଠକରେ ବିଧିବଦ୍ଧ ନିଷ୍ପତ୍ତି।

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୩୧- ଜୁଜାନା କାପୁଟୋଭା ସ୍ଲୋଭାକିଆର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି।

ଏପ୍ରିଲ ୧- ଜମ୍ମୁ-କଶ୍ମୀରରେ ନ୍ୟାଶ୍‌ନାଲ କନ୍‌ଫରେନ୍ସ ସ୍ୱତନ୍ତ୍ର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ନିଯୁକ୍ତ କରିବ ବୋଲି ଦେଇଥିବା ପ୍ରସ୍ତାବକୁ ନେଇ ବିବାଦ ଦେଖାଦେଇଛି।

୨- ନିୟନ୍ତ୍ରଣ ରେଖା ନିକଟରେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରି ବାରମ୍ବାର ଗୁଳିବର୍ଷା କରୁଥିବାରୁ ଭାରତ ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପାକିସ୍ତାନର ୭ ସେନାଘାଟି ଧ୍ୱଂସ କରିଦେଇଛି ଏବଂ ଏଥିରେ ପାକିସ୍ତାନର ୩ ସୈନିକ ମୃତ୍ୟୁବରଣ କରିଛନ୍ତି।

୩- ଆମେରିକା ସରକାର ଭାରତକୁ ୨୬୦ କୋଟି ଡଲାର ମୂଲ୍ୟର ୨୪ଟି ଜାହାଜ-ବିଧ୍ୱଂସୀ ସିହକ୍ ହେଲିକପ୍ଟର ପ୍ରଦାନ କରିବାକୁ ମଞ୍ଜୁର କରିଛି। ଏହାଦ୍ୱାରା ଭାରତର ସାମରିକ ଶକ୍ତି ବୃଦ୍ଧି ପାଇବ।

୪- ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍‌ସ (ୟୁଏଇ) ଏହାର ସର୍ବୋଚ୍ଚ ସମ୍ମାନ ଜାୟେଦ ମେଡାଲ ପ୍ରଦାନ କରିବାକୁ ଘୋଷଣା କରିଛି।

୫- ଦକ୍ଷିଣ ଚାଇନା ସାଗରର ବିବାଦୀୟ ଦ୍ୱୀପରୁ ନ ହଟିଲେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ଚାଇନାକୁ ସତର୍କ କରାଇଦେଇଛନ୍ତି।

## ଆମ ସମସ୍ୟା

### ପାଇପ୍ ସଂଯୋଗ ନ ଥାଇ ଜଳକର

ମହାଶୟ,

ସେମିଳିଗୁଡାରେ ଯେଉଁମାନେ ଜଳ ସଂଯୋଗ ପାଇପ୍ ନେଇନାହାନ୍ତି, ନିଜ କୂଅରୁ ମୋଟର ଯୋଗେ ପାଣି ନେଉଛନ୍ତି, ସେମାନଙ୍କଠାରୁ ମଧ୍ୟ ମ୍ୟୁନିସିପାଲିଟି ଜଳକର ଆଦାୟ କରୁଛନ୍ତି। ଉଚ୍ଚ କର୍ତ୍ତୃପକ୍ଷଙ୍କୁ କହିଲେ ବି କିଛି ଫଳ ହେଉନାହିଁ। ଯେଉଁମାନେ ଜଳ ସଂଯୋଗ ପାଇପ୍ ନେଇଛନ୍ତି ସେମାନଙ୍କଠାରୁ ଜଳକର ଆଦାୟ କରିବାକୁ ମନାନାହିଁ। କିନ୍ତୁ ଜଳସଂଯୋଗ ନେଇ ନ ଥିବା ଲୋକଙ୍କଠାରୁ ଜବରଦସ୍ତ ଜଳକର ଆଦାୟ କରିବା ଅନ୍ୟାୟ।

ଚନ୍ଦ୍ରକାନ୍ତ ନାୟକ, ବରିଷ୍ଠ ନାଗରିକ, ସେମିଳିଗୁଡା

### କାଳିଆ ଟଙ୍କା ମିଳିନି

କାଳିଆ ଯୋଜନାରେ ବାଲିଅନ୍ତା ବ୍ଲକର ଭିଙ୍ଗାରପୁର ଗ୍ରାମପଞ୍ଚାୟତ ମଧ୍ୟରେ ମହିଳା, ନିରାହ, ବିଧବା କ୍ଷୁଦ୍ର ଚାଷୀମାନେ ନେଳିଆ ଫର୍ମରେ ସମସ୍ତ ବିଷୟ ପୂରଣ କରି ମୋବାଇଲ ନମ୍ବର ସହିତ ଦାଖଲ କରିଥିଲେ। ତା୨୭।୧।୨୦୧୯ରେ ତାହା ସରକାରଙ୍କ ହସ୍ତଗତ ହୋଇଛି ବୋଲି ମୋବାଇଲରେ ମେସେଜ ଆସିଥିଲା। କିନ୍ତୁ ଆଜି ସୁଦ୍ଧା ସେହି ଟଙ୍କା ସେମାନେ ପାଇନାହାନ୍ତି କିମ୍ବା ଟଙ୍କା ବ୍ୟାଙ୍କକୁ ଆସିନାହିଁ। ଏହାଛଡ଼ା ପ୍ରଧାନମନ୍ତ୍ରୀଙ୍କ କିଷାନ ଯୋଜନାର ଅର୍ଥ ମଧ୍ୟ ଆସିନାହିଁ। ଏଣୁ କର୍ତ୍ତୃପକ୍ଷ ସହୃଦୟତାର ସହ ଦୃଷ୍ଟିଦେବା ପାଇଁ ଅନୁରୋଧ କରୁଛୁ।

ବନମାଳୀ ନାୟକ, ଭିଙ୍ଗାରପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବିଜେଡିରେ ଉତ୍କଳ, ପ୍ରମୋଦ

ଭୁବନେଶ୍ୱର,୭।୪(ବ୍ୟୁରୋ)

କେନ୍ଦ୍ରାପଡ଼ା ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ା ରବିବାର ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ଏଥର ଟିକେଟ ନେବାକୁ ଉତ୍କଳ ଆଶାୟୀ ଥିଲେ। ମାତ୍ର ତାଙ୍କୁ ଟିକେଟ ନ ମିଳିବାରୁ ସେ ବିଜେଡିରେ ଯୋଗ ଦେଇଥିବା କୁହାଯାଉଛି। ସେହିପରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସମ୍ପାଦକ ତଥା ପାରାଦୀପ କଂଗ୍ରେସର ବରିଷ୍ଠ ନେତା ପ୍ରମୋଦ କିଶୋର ଜେନା ମଧ୍ୟ ନବୀନ ନିବାସ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଉତ୍କଳଙ୍କ ସହ କେନ୍ଦ୍ରାପଡ଼ା ଜିଲା ଭାଜପାର ବହୁ ନେତା ଓ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଏହି ନେତାମାନେ ଦଳରେ ଯୋଗ ଦେଇଥିବା ମତ ରଖିଛନ୍ତି।

# ଭାଜପାରେ ଯୋଗଦେଲେ ବିଜେଡିର ବହୁ ନେତା

**ଭୁବନେଶ୍ୱର,୭।୪(ବ୍ୟୁରୋ):** ସୋର ନିର୍ବାଚନମଣ୍ଡଳୀର ବିଜେଡି ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ପୂର୍ବତନ ସରପଞ୍ଚ, ସମିତିସଭ୍ୟ ତଥା ବିଜେଡି ନେତା ଜୟନ୍ତ ସ୍ୱାଇଁ, ମାଧବ ଧଡା, ସୋର ବ୍ଲକ ହରିଜନ ମୋର୍ଚ୍ଚା ସଭାପତି ହେମନ୍ତ ସେଠୀ, ତଳନଗର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ କୁମାର ରାଉତ, ସୋର ନଗର ପୂର୍ବତନ ଯୁବ ବିଜେଡି ସଭାପତି ବିପ୍ଳବ ଶେଖର ପଲାଇ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ସ୍ୱାଇଁ, ନଦିଗାଁ ସରପଞ୍ଚ ନମିତା ସ୍ୱାଇଁ, କମଳା ସେଠୀ, ବୃନ୍ଦାବନ ଜେନା, ଉପେନ୍ଦ୍ର ସାହୁ, ଜାନକୀ ମଲ୍ଲିକ ପ୍ରମୁଖ ଶତାଧିକ ବିଜେଡି ନେତା ଓ କର୍ମୀ ଭାଜପାରେ ରବିବାର ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନବାଗତଙ୍କୁ ଉତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ରାଜ୍ୟ ଉପସଭାପତି ସମୀର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି ।

# ୭୭ ବର୍ଷରେ ପାଦ ଦେଲେ ଜିତେନ୍ଦ୍ର



**ମୁମ୍ବାଇ:** ବଲିଉଡ୍‌ର ‘ଜମ୍ପିଂ ଜ୍ୟାକ୍’ ଜିତେନ୍ଦ୍ର ୭୭ ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନର ଖୁସି ମନାଇବାକୁ ଯାଇ ସେ ପରିବାର ସଦସ୍ୟଙ୍କ ଗହଣରେ ‘ଜୱାନି ଜାନେମନ୍’ ଏବଂ ‘ସାମ୍‌ନେ ୟେ କୌନ ଆୟା’ ଫିଲ୍ମର କ୍ଲାସିକ୍ ଗୀତର ତାଳେ ତାଳେ ନୃତ୍ୟ କରିଥିଲେ। କନ୍ୟା ଏକ୍‌ତା କପୁର ପିତାଙ୍କ ଜନ୍ମଦିନ ପାର୍ଟିର ଦୃଶ୍ୟ ରବିବାର ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଗୋଟିଏ ଭିଡିଓରେ ଜିତେନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ଶୋଭା ୧୯୮୨ ଫିଲ୍ମ ‘ନମକ ହଲାଲ୍’ର ‘ଜୱାନି ଜାନେମନ୍’ ଗୀତ ଗାଇ ନୃତ୍ୟ କରୁଥିବା ଏଥିରେ ପ୍ରଦର୍ଶିତ ହେଉଛି। ଏକ୍‌ତା ପିତାଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇ ଅଧିକ ଦିନ ବଞ୍ଚିବା ପାଇଁ ଈଶ୍ୱରଙ୍କ ନିକଟରେ କାମନା କରିଛନ୍ତି। କାରଣ ସେ ବୁଝନ୍ତି ପୃଥିବୀରେ ମାତାପିତା ହେଉଛନ୍ତି ପ୍ରଥମ ଦେବତା। ଜିତେନ୍ଦ୍ର କଳା ଡ୍ରେସ ପିନ୍ଧି ଖୁବ୍ ସ୍ମାର୍ଟ ଦେଖାଯାଉଥିବା ବେଳେ ଶୋଭା ବାଇଗଣୀ ରଙ୍ଗର ଶାଢ଼ି ଏବଂ ଗଭାରେ ଗଜରା ପିନ୍ଧି ପରିବେଶକୁ ଆହୁରି ରଙ୍ଗିନ କରିଛନ୍ତି।

ଆଉ ଏକ ଭିଡିଓରେ ଜିତେନ୍ଦ୍ର ଓ ଶୋଭା ଏକତାଙ୍କ ବାନ୍ଧବୀ ତଥା ଅଭିନେତ୍ରୀ ମୋନା ସିଂଙ୍କ ସହିତ ୧୯୭୨ ଫିଲ୍ମ ‘ଜୱାନି ଦିୱାନି’ର ‘ସାମ୍‌ନେ ୟେ କୌନ ଆୟା’ ଗୀତର ତାଳେ ତାଳେ ନୃତ୍ୟ କରୁଛନ୍ତି। ଏକ୍‌ତାଙ୍କ ସମେତ ମୋନା ସିଂ ମଧ୍ୟ ଉକ୍ତ ଜନ୍ମଦିନ ଉତ୍ସବକୁ ସୋସିଆଲ ମିଡିଆରେ ଶେୟାର କରିବା ସହିତ ‘ଜିତୁ ଅଙ୍କଲ’ଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସବୁବେଳେ ତାଙ୍କର ସେଇ ହସର ଚମକ ଖେଳୁଥାଉ ବୋଲି ମୋନା ପୋଷ୍ଟ କରିଛନ୍ତି।






## ସଂକ୍ଷେପରେ

### କଳିଙ୍ଗି ଗ୍ରାମର ବିଭୂତି ପାଇଲେ ଆଇଏଏସ୍



ଦାରିଙ୍ଗବାଡ଼ି,୭।୪(ଡି.ଏନ.ଏ.)- କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ କଳିଙ୍ଗି ଗ୍ରାମର ବିଭୂତି ଭୂଷଣ ନାୟକ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେ ୭୫୯ ସ୍ଥାନରେ ରହିଛନ୍ତି। ବିଭୂତିଙ୍କ ବାପା ଏଲିଆସ ନାୟକ ଜଣେ ଅବସରପ୍ରାପ୍ତ ଶିକ୍ଷକ। ମା' ପ୍ରେମଲତା ଜଣେ ଅଙ୍ଗନୱାଡ଼ି କର୍ମୀ। ବିଭୂତିଙ୍କ ଏହି ସଫଳତା ଜିଲା ପାଇଁ ଗର୍ବ ଆଣିଛି। ଭୁବନେଶ୍ୱରସ୍ଥିତ ରାଜଧାନୀ କଲେଜରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ବିଭୂତି ମୁମ୍ବାଇରେ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ଗବେଷକ ଭାବେ ମଧ କାର୍ଯ୍ୟ କରୁଥିଲେ। ଆଇଏଏସ୍‌ରେ ସଫଳତା ପାଇଁ ସେ ଭୁବନେଶ୍ୱରରେ କୋଚିଂ ନେଇଥିଲେ।

### ଭାମଶିଆଳିରେ ଅଷ୍ଟଶମ୍ଭୁ ମହାମିଳନ

ବୁଗୁଡ଼ା,୭।୪(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ଭାମଶିଆଳି ଗ୍ରାମରେ ରବିବାର ଅଷ୍ଟଶମ୍ଭୁ ମହାମିଳନ କାର୍ଯ୍ୟକ୍ରମ ସମ୍ପୃକ୍ତ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାମଶିଆଳି, ପାଟରାପଲ୍ଲୀ, ଗୁଣ୍ଡୁପଡ଼ା, ପାଲକଷଣ୍ଡା, ଜିଲୁଣ୍ଡି, ପୋଚାଲୁଣ୍ଡି, ବେଲଗୁଣ୍ଠା ଓ ଚଢ଼ିଆପଲ୍ଲୀର ଦଣ୍ଡନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ୮ ଦଣ୍ଡନାଚ ଦଳକୁ ସମ୍ମାନର ସହ ବରଣ କରିଥିଲେ। ଦଣ୍ଡୁଆମାନେ ମଧ୍ୟାହ୍ନରେ ଧୂଳିଦଣ୍ଡ କରିବା ପରେ ପାଣିଦଣ୍ଡ ଓ ଅଗ୍ନିଦଣ୍ଡ କାର୍ଯ୍ୟକ୍ରମ ହୋଇଥିଲା। ପରେ ଭାମଶିଆଳି ନିକଟସ୍ଥ ଏକ ପଡ଼ିଆରେ ହରିବୋଲ ହୁଳହୁଳି ନାଦ ଓ ଢୋଲ କରତାଳ ବାଦ୍ୟର ମୂର୍ଚ୍ଛନାରେ ଅଷ୍ଟଶମ୍ଭୁ, ଅଷ୍ଟକାଳୀଙ୍କର ମହାମିଳନ ହୋଇଥିଲା। ଏହାକୁ ଦେଖିପାଇଁ ଆଖପାଖ ଗ୍ରାମରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ପରେ ଅଷ୍ଟଶମ୍ଭୁ ଓ ମା' କାଳୀ ଗ୍ରାମ ପରିକ୍ରମା କରିଥିଲେ। ମଧ୍ୟରାତିରେ ଭିନ୍ନ ଭିନ୍ନ ସାହିରେ ମା' କାଳୀଙ୍କୁ ଆବାହନ କରାଯିବା ପରେ ବିଭିନ୍ନ ନାଟକ ପରିବେଷିତ ହୋଇଥିଲା।

# ପ୍ରଦୀପ ମାଝିଙ୍କ ଭାଇରାଲ ଭିଡିଓ ଯାଞ୍ଚ ହେଉ

ଫୁଲବାଣୀ ଅଫିସ,୭।୪

ଏବେ ନିର୍ବାଚନ ସମୟ। କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ଯେଉଁ ଭିଡିଓ ଭାଇରାଲ ହୋଇଛି, ତାହାର ସତ୍ୟାସତ୍ୟ ନେଇ କନ୍ଧମାଳ ଲୋକ ସଭା ଯୁବ କଂଗ୍ରେସ ପ୍ରଶ୍ନ ଉଠାଇଛି। ଘଟଣା ସତ ନା ଏହା ପଛରେ କିଛି ରହସ୍ୟ ରହିଛି ତାହା ଯାଞ୍ଚ କରାଯିବାକୁ ରବିବାର ଫୁଲବାଣୀ କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣା ବହୁତ ମର୍ମାହତ କରିଛି। ଭିଡିଓରେ ଖାଲି ପ୍ରଦୀପ ମାଝିଙ୍କ ଅପମାନ ହେଉଛି ତାହା ନୁହେଁ, ଏଥିରେ କଂଗ୍ରେସର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେବାରେ ଲାଗିଛି। ଭିଡିଓର ସତ୍ୟାସତ୍ୟ ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ନିର୍ବାଚନ ସମୟରେ ଭିଡିଓ ଭାଇରାଲ ହୋଇଥିବାରୁ ଏଥିରେ ରାଜନୈତିକ ଗନ୍ଧ ସମ୍ପୂର୍ଣ୍ଣ ବାରି ହୋଇପଡୁଛି। ତେଣୁ ଭିଡିଓର ସତ୍ୟାସତ୍ୟ ଯାଞ୍ଚ କରାଯାଉ। ଏଥିରେ ରାଜନୈତିକ ଉଦ୍ଦେଶ୍ୟ ଥିବା ପ୍ରମାଣ ମିଳିଲେ ଦୋଷୀକୁ ଶାସ୍ତି ଦିଆଯିବା ଦରକାର। ଅନ୍ୟପକ୍ଷରେ ଘଟଣା ସତ ହୋଇଥିଲେ ମାଝିଙ୍କ ପ୍ରାର୍ଥିତ୍ୱକୁ ନାକଚ କରି ପିସିସି ସଭାପତି ତାଙ୍କୁ ଦଳରୁ ବହିଷ୍କାର କରନ୍ତୁ ବୋଲି ଲୋକ ସଭା ଯୁବ କଂଗ୍ରେସ ସଭାପତି ନନ୍ଦ କିଶୋର ଦାସ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଉପ ସଭାପତି ଶିବ ଶଙ୍କର ସାମନ୍ତରାୟ, ପୂର୍ବତନ ଉପ ସଭାପତି ରାଜୀବ ଲୋଚନ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।



ଯୁବ କଂଗ୍ରେସ କର୍ମକର୍ତ୍ତା।

## ମିନିବସ୍ ଧକ୍କାରେ ଜଣେ ମୃତ

ଆସିକା,୭।୪(ଡି.ଏନ୍.ଏ.)–ଗାଙ୍ଗପୁର ଥାନା କେଶପୁର ଶାସନ ନିକଟରେ ରବିବାର ସକାଳ ପ୍ରାୟ ୮ଟାରେ ଏକ ଯାତ୍ରୀବାହୀ ମିନିବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଝରପାରୀ ଗ୍ରାମର ଗଣପତି ଗୌଡ (୬୩)। ଝରପାରୀରୁ ଆସିକା ଆସୁଥିବା ବସରୁ କେଶପୁର ଶାସନଠାରେ ଗଣପତି ଗାଡିରୁ ଓହ୍ଲାଇଲା ବେଳେ ଗାଡି ଛାଡିଦେବାରୁ ତଳେ ପଡିଯାଇଥିଲେ ଏବଂ ତାଙ୍କ ଉପରେ ଗାଡି ମାଡିଯାଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରିଛି। ଘଟଣା ସମ୍ପର୍କରେ ଗଣପତିଙ୍କ ପୁତ୍ର ରବୀନ୍ଦ୍ରଙ୍କ ଅଭିଯୋଗ କ୍ରମେ ଗାଙ୍ଗପୁର ଥାନାରେ ନଂ. ୬୫/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବସ୍‌କୁ ପୋଲିସ ଜବତ କରିଥିଲା ବେଳେ ଚାଳକ ଫେରାର ହୋଇଯାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

■ ମଦ ନିଶା, ଆମ୍ବ ଲୋଭ କାଳ ହେଲା

## ଗଛ ଉପରେ ବିଦ୍ୟୁତ୍ ଆଘାତରେ ଜୀବନ ଗଲା

ଭୁବନେଶ୍ୱର,୭।୪ (ବ୍ୟୁରୋ)

ଆମ୍ବ ଲୋଭ ପାଇଁ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ଗଛରେ ଚଢ଼ି ଆମ୍ବ ତୋଳୁଥିବାବେଳେ ୩୩ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବ ବିହାରସ୍ଥିତ ଅମ୍ରିତା ରେସିଡେନ୍ସି ସମ୍ମୁଖରେ ଏହି ହୃଦୟ ବିଦାରକ ଘଟଣା ଘଟିଛି। ଦୀର୍ଘ ସମୟ ଧରି ଗଛ ଡାଳରେ ମୃତଦେହ ଲାଗି ରହିଥିଲା। ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ଲୋକାରଣ୍ୟ ହୋଇଯାଇଥିଲା। ପୋଲିସ, ଅଗ୍ନିଶମ ଓ ବିଦ୍ୟୁତ୍ କର୍ମଚାରୀମାନେ ପହଞ୍ଚିବା ପରେ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଏକ ଘଣ୍ଟା ପରେ ମୃତ ଦେହକୁ ଗଛରୁ ତଳକୁ ଆଣିଥିଲେ। ମୃତ ଯୁବକଙ୍କ ପ୍ୟାଣ୍ଟ ପକେଟରୁ ଏକ ମଦ ବୋତଲ ଓ ଏକ ମୋବାଇଲ୍ ଫୋନ୍ ମିଳିଥିଲା। ଯୁବକ ଜଣକ ମଦ ନିଶାରେ ଗଛକୁ ଚଢି ଆମ୍ବ ତୋଳିବାକୁ ଯାଇଥିବାବେଳେ ଏଭଳି ଘଟଣା ଘଟିଥିବା କୁହାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ.୪୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ଯୁବକ ହେଲେ କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳର ଲକ୍ଷ୍ମଣ ପ୍ରଧାନ(୫୦)। ସେ ଶହୀଦନଗର ସାଇନ୍ସପାର୍କ ବସ୍ତିରେ ରହୁଥିଲେ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଅପରାହ୍ନ ପ୍ରାୟ ୩ଟା ହେବ। ଲକ୍ଷ୍ମଣ ଏକ ସାଇକେଲରେ ଆସି ଅମ୍ରିତା ରେସିଡେନ୍ସି ସମ୍ମୁଖରେ ପହଞ୍ଚିଥିଲେ। ଗଛ ମୂଳରେ ସାଇକେଲ ରଖି ଉପରକୁ ଚଢିଥିଲେ। ଅମ୍ରିତା ରେସିଡେନ୍ସିରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ଏହା ଦେଖି ତାଙ୍କୁ ବାରଣ କରିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ତା'ପରେ ସିକ୍ୟୁରିଟ୍ ଗାର୍ଡ ସେଥିପ୍ରତି ଆଉ ଧ୍ୟାନ ନ ଦେଇ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ। ଲକ୍ଷ୍ମଣ ଆମ୍ବ ତୋଳିବାକୁ ଯାଇ ଆମ୍ବଗଛ ଭିତରେ ଯାଇଥିବା ୩୩ କେ.ଭି. ବିଦ୍ୟୁତ୍ ତାରକୁ ଛୁଇଁ ଦେଇଥିଲେ। ଫଳରେ ବିଦ୍ୟୁତ୍ ଆଘାତ ଯୋଗୁ ଗଛ ଉପରେ ହିଁ ସେ ଟଳି ପଡିଥିଲେ। ଏହି ସମୟରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସିକ୍ୟୁରିଟି ଗାର୍ଡ ଶବ୍ଦ ଶୁଣି ସବୁଆଡକୁ ଚାହିଁଥିଲେ ମଧ କିଛି ଜାଣିପାରି ନ ଥିଲେ। ମାତ୍ର ବହୁ ସମୟ ଧରି ଲକ୍ଷ୍ମଣ ଆମ୍ବଗଛରୁ ନ ଓହ୍ଲାଇବାରୁ ତାଙ୍କର ସନ୍ଦେହ ହୋଇଥିଲା। ସେ ଗଛ ନିକଟକୁ ଯାଇ ଡାଳରେ ତାଙ୍କର ମୃତଦେହ ଲାଖି ରହିଥିବା ଦେଖି ତୁରନ୍ତ ନଂ.୧୦୦କୁ ଫୋନ୍ କରି ଜଣାଇଥିଲେ। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ସେସୁର ଅବହେଳା ପାଇଁ ଲୋକଙ୍କ ଜୀବନ ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ। ଅନେକ ସ୍ଥାନରେ ଗଛ ସହ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଲାଗି ରହୁଛି। ବିଦ୍ୟୁତ୍ କର୍ମଚାରୀମାନେ ଗଛ ଡାଳ ହାଣୁ ନାହାନ୍ତି। ଫଳରେ ଜଣେ ନିରୀହ ଲୋକଙ୍କ ଜୀବନ ଗଲା। ନିୟମିତ ଗଛ ଡାଳ କଟାଯିବା ସହ ଦୋଷୀ ବିଦ୍ୟୁତ୍ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ଆର.ଉଦୟଗିରି,୭।୪(ଡି.ଏନ.ଏ.)

ଆର.ଉଦୟଗିରି ଥାନା ଅଞ୍ଚଳରେ ରବିବାର ମୁଖ୍ୟମନ୍ତ୍ରୀ ନିର୍ବାଚନ ସଭାରୁ ଫେରୁଥିବା ବେଳେ କମାଣ୍ଡର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହିତକା ମାଝି। ସ୍ଥାନୀୟ ପୋଲିସ ପହଞ୍ଚି ଦୁଇଟି ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇବା ବ୍ୟବସ୍ଥା କରାଯାଉଛି ବୋଲି ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ମକାପଦା ଛକଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ସଭାକୁ ମୋହନା ବ୍ଲକ ଜାମଢ଼ିହ ଗ୍ରାମର ହିତକା ଆସିଥିଲେ। ସଭା ସରିବା ପରେ ସେ ବାଇକ୍‌ରେ ଗ୍ରାମକୁ ଫେରୁଥିଲେ। ଏହି ସଭାକୁ ଆସିଥିବା ଯାତ୍ରୀବାହୀ କମାଣ୍ଡର ମକାପଦା ଛକ ନିକଟରେ ବାଇକ୍‌କୁ ପଛପଟୁ ଧକ୍କା ଦେବାରୁ ଚାଳକ ଗୁରୁତର ହୋଇଥିଲେ। ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଉଥିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜି.ଉଦୟଗିରିରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ଜି.ଉଦୟଗିରି,୭।୪(ଡି.ଏନ୍.ଏ.)

ଜି.ଉଦୟଗିରି ପୋଲିସ ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସହରରେ ଆଗାମୀ ନିର୍ବାଚନ ପାଇଁ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଆଇଆଇସି ଜୀବନାନନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ଫୋର୍ସ ଫ୍ଲାଗ୍ ମାର୍ଚ୍ଚ କରି ସହର ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ନକାବନ୍ଦୀ କରି ଗାଡ଼ି ମୋଟର ଯାଞ୍ଚ କରାଯାଉଛି ବୋଲି କହିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପଭାଇ ଥିଲେ କିସ କରିବେ**
**ଖଣ୍ଡେ ବୋଝେ ସିନା ଦେବେ**
**ପୋଷିଲା ସାଆନ୍ତ ମଉଡ଼ମଣି**
**କାଳେ କାଳେ ସାଇତିବେ।**

ଝିଅ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପ ଭାଇଙ୍କର ଚିନ୍ତା ସରିଯାଏ। କେତେବେଳେ କେମିତି ଭଲ ମନ୍ଦରେ ସମୟ ସୁବିଧା ଦେଖି ପଚାରିବାକୁ ଆସନ୍ତି ନ ହେଲେ ନାହିଁ। କିନ୍ତୁ ଯାହାକୁ ସେ ବିଭା ହୋଇଥାଏ ସେହି ସ୍ୱାମୀ ସବୁବେଳେ ତା'ର ପାଖେ ପାଖେ ରହିଥାଏ। ଜୀବନର ସୁଖଦୁଃଖରେ ସବୁବେଳେ ସାଥୀ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବିରି ଡାଲି କଲି ବାସୀ**
**ଚିଟାଉ ଉପରେ ଚିଟାଉ ଦେଇ**
**ବୁଢ଼ୀ ହୋଇଗଲି ଆସି।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ନିୟତି ରାଣୀ ସାହୁ
ଆବିର୍ଭାବ:୦୮।୦୬।୧୯୫୯
ତିରୋଧାନ: ୨୯।୦୩।୨୦୧୯
ସେକ୍ଟର–ଡି, କ୍ୱା.ନଂ.୧୭୮
ବନ୍ଧମୁଣ୍ଡା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ–୬୬୪୬୬

ଶ୍ରଦ୍ଧାଞ୍ଜଳି
୮ମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ସଦାଶିବ ପ୍ରଧାନ
ଆବିର୍ଭାବ: ୨୫।୦୪।୧୯୪୨
ତିରୋଧାନ: ୧୮।୦୩।୨୦୧୦
ବାବା ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ।
ଧ–୬୪୦୫୭

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ। ୨% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
(ବିଦ୍ୟାର୍ଥୀ /ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197



BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639





FINANCE
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩–୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Career Appointment on every Wednesday & Saturday

## ସଂକ୍ଷେପରେ

### ନିର୍ବାଚନରେ ବୁଦ୍ଧିଜୀବୀଙ୍କ ଭୂମିକା ଆଲୋଚନାଚକ୍ର



**ଭଞ୍ଜନଗର,୭।୪(ଡି.ଏନ.ଏ.):** ଭଞ୍ଜନଗର ବାର ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ଚଳିତ ନିର୍ବାଚନରେ ବୁଦ୍ଧିଜୀବୀଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା । ଦଳ ଅପେକ୍ଷା ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱକୁ ଦେଖି ମତଦାନ କରିବା ପାଇଁ ଅଧିକାଂଶ ବକ୍ତା ମତବ୍ୟକ୍ତ କରିଥିଲେ । ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼, ଆଇନଜୀବୀ ଗୋପାଳ ପ୍ରଧାନ, ସୋମନାଥ ନାୟକ, ପ୍ରଶାନ୍ତ ମହାନ୍ତି, ବିମ୍ବାଧର ଷଡ଼ଙ୍ଗୀ, ଅବସରପ୍ରାପ୍ତ କଲେଜ ଅଧକ୍ଷ ଡଃ.କମ୍ବୁପାଣି ସାମନ୍ତ, ଜ୍ୟୋତିରାଜ ପତି, ଶିବରାମ ପଣ୍ଡା, ଦଣ୍ଡପାଣି ସ୍ୱାଇଁ, ନାରାୟଣ ପ୍ରଧାନ, ବିଜୟ ପାତ୍ର, ସନ୍ତୋଷ ପାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଓଡ଼ିଶା ଚିନ୍ତାଚେତନା ମଞ୍ଚ ଭଞ୍ଜନଗର ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।

### ଦୋକାନରେ ଭଙ୍ଗାରୁଜା

**ଭଞ୍ଜନଗର,୭।୪(ଡି.ଏନ.ଏ):** ଭଞ୍ଜନଗର ମେଡ଼ିକାଲ ସମ୍ମୁଖରେ ଥିବା ଏକ ପାଥୋଲଜି ଦୋକାନରେ ଶନିବାର ରାତିରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି । ଦୋକାନର ସାଇନ୍ ବୋର୍ଡ଼, ତାଲା ଭାଙ୍ଗି ଦେଇଛନ୍ତି । କେଉଁ କାରଣରୁ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି ସେନେଇ ଠିକ୍ ଭାବେ ଜଣାପଡ଼ିନାହିଁ । ଦୋକାନ ମାଲିକ ଏ ନେଇ ଥାନାରେ ଏତଲା ଦେଇଛନ୍ତି। କିନ୍ତୁ ପୋଲିସ ପକ୍ଷରୁ ଏନେଇ କିଛି ସୂଚନା ଦିଆଯାଇନାହିଁ ।

### ୨ ୱାରେଣ୍ଟି ଗିରଫ





**ଆର.ଉଦୟଗିରି,୭।୪(ଡି.ଏନ.ଏ.):** ଆର.ଉଦୟଗିରି ଥାନା ସିଆଳିଲଟି ପଞ୍ଚାୟତ ଗୁଣ୍ଡୁରି ସାହିର ୨ ୱାରେଣ୍ଟିଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି । ସେମାନେ ହେଲେ ଲିଙ୍ଗରାଜ ରଇତ ଓ ଗୌରାଙ୍ଗ ରଇତ। ୨୦୦୬ରେ ଆର.ଉଦୟଗିରି ଉପକାରାଗାରରେ ମାଓବାଦୀମାନେ ହମଲା କରିବା ବେଳେ ସେ ସମୟରେ ବିଚାରାଧୀନ ବନ୍ଦୀ ଥିବା ଲିଙ୍ଗରାଜ ଓ ଗୌରାଙ୍ଗ ଖସି ପଳାଇଥିଲେ। ସେବେଠାରୁ ପୋଲିସ ଏମାନଙ୍କ ପତ୍ତା ପାଇ ପାରି ନ ଥିଲା । ଫଳରେ ଆର.ଉଦୟଗିରି ଥାନାରେ ଏମାନଙ୍କ ନାମରେ ଥିବା ମାମଲା ପଡ଼ି ରହିଥିଲା। ତେବେ ଶୁକ୍ରବାର ରାତିରେ ଅଭିଯୁକ୍ତଦ୍ୱୟ ମହେନ୍ଦ୍ରଗଡ଼ ଅଞ୍ଚଳକୁ ଆସିଥିବା ପୋଲିସ ଖବର ପାଇ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ପୂର୍ବରୁ ଥିବା ମାମଲା ନଂ.୭୦/୨୦୦୬ ପ୍ରକାରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି ।

### ନବବର୍ଷ ପାଳିତ



**ଦାରିଙ୍ଗବାଡ଼ି,୭।୪(ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଆୟୋଜନ କରାଯାଇଥିଲା। ଆଶ୍ରମର ବ୍ଲକ କାର୍ଯ୍ୟକାରୀ ସଭାପତି କାମଦେବ ମଲ୍ଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୀବନ ମୁକ୍ତାନନ୍ଦଜୀ ପୁରୀ ଯୋଗଦେଇଥିଲେ। ଶତାଧିକ ଶ୍ରଦ୍ଧାଳୁ ତାଙ୍କୁ ଶୋଭାଯାତ୍ରାରେ ସଭା ମଞ୍ଚକୁ ଆଣିଥିଲେ । ନବବର୍ଷ ଓ ହିନ୍ଦୁ ସଂସ୍କୃତି ସମ୍ପର୍କରେ ଅତିଥି ମାନେ ନିଜ ମତ ରଖିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ରାଧାକାନ୍ତ ନାୟକ, ବ୍ଲକ ହିତରକ୍ଷା ପ୍ରମୁଖ ନିରଞ୍ଜନ ସାହୁ, ସମ୍ପାଦକ ରାଜାପା ପ୍ରଧାନ, ଦାରିଙ୍ଗବାଡ଼ି ଅଞ୍ଚଳ ସଭାପତି ମୁରଲୀଧର ପ୍ରଧାନ, ଅକ୍ଷୟଚନ୍ଦ୍ର ନାୟକ, ବାପୁଲି ସାହୁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଏହି ଅବସରରେ ଭଜନ କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା

■ ମୋହନା ନିର୍ବାଚନମଣ୍ଡଳୀରେ ପ୍ରଚାର

# କେନ୍ଦ୍ର ସରକାରଙ୍କୁ ନବୀନଙ୍କ ସମାଲୋଚନା

**ଆର.ଉଦୟଗିରି,୭।୪(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକର ମକାପଦା ଛକଠାରେ ରବିବାର ବିଜେଡିର ଏକ ନିର୍ବାଚନୀ ସଭାରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ। ସଭାରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ପ୍ରତ୍ୟେକ କ୍ଷେତ୍ରରେ କେନ୍ଦ୍ରର ଭାଜପା ସରକାର ସରକାର ଅବହେଳା କରି ଆସୁଥିବା କହିଥିଲେ। କେତେକ ଯୋଜନା କେନ୍ଦ୍ର ସରକାର ବନ୍ଦ କରିଦେବାରୁ ରାଜ୍ୟ ସରକାର ନିଜସ୍ୱ ଅର୍ଥରେ ତାହାକୁ ଚାଲୁ ରଖିଛନ୍ତି। ତିତ୍‌ଲିରେ ବହୁ ଲୋକଙ୍କ କ୍ଷୟକ୍ଷତି ଘଟିଥିଲା। ଏଥିପାଇଁ କେନ୍ଦ୍ର ସରକାର ଯେତିକି ସହାୟତା ଅର୍ଥ ପାଇଁ ଅନୁରୋଧ କରାଯାଇଥିଲା, ତାହାଠାରୁ ବହୁତ କମ ମିଳିଲା। କେନ୍ଦ୍ର ସରକାର ସବୁଥିରେ ଅବହେଳା କରିଛନ୍ତି । ରାଜ୍ୟରେ ପୁଣି ବିଜେଡି ସରକାର ଆସିଲେ ଯେଉଁସବୁ ଅଧୁରା କାମ ରହିଛି, ସେଗୁଡ଼ିକୁ ସମ୍ପୂର୍ଣ୍ଣ କରାଯିବ। ତେଣୁ ଏମପି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ ଏବଂ ବିଧାୟିକା ପ୍ରାର୍ଥୀ ପୂର୍ଣ୍ଣବାସୀ ନାୟକଙ୍କୁ ବିପୁଳ ପରିମାଣରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ । ସଭାରେ ଏମପି ପ୍ରାର୍ଥୀ ଓ ବିଧାୟିକା ପ୍ରାର୍ଥିନୀଙ୍କ ସମେତ ଚକ୍ରଧର ପାଇକ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜଗବନ୍ଧୁ ଦାସ, ଜିଲା ପରିଷଦ ସଭ୍ୟା ସୁପ୍ରଭା ମଣ୍ଡଳ, ଆର.ଉଦୟଗିରି ବ୍ଲକ ଅନିତା ମଣ୍ଡଳ, ବିଜେଡି ଜିଲା ଉପସଭାପତି ଦଣ୍ଡାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ବିଜେଡି କର୍ମୀ, ନେତା ଓ ବହୁ ମହିଳା, ପୁରୁଷ ସଭାରେ ଯୋଗ ଦେଇଥିଲେ ।



ମୁଖ୍ୟମନ୍ତ୍ରୀ ଉଦବୋଧନ ଦେଉଛନ୍ତି।

# ଯୁବକଙ୍କୁ ମାଡ଼ ମାରି ଲୁଟେରା ଟଙ୍କା ଲୁଟିନେଲେ

**ମୁଜାଗଡ଼-ବାଇବାଲି ରାସ୍ତାରେ ଆତଙ୍କ**

**ଭଞ୍ଜନଗର,୭।୪(ଡି.ଏନ.ଏ.)**

ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ଼-ବାଇବାଲି ରାସ୍ତାରେ ରବିବାର ଏକ ଡକାୟତି ହୋଇଥିବା ଅଭିଯୋଗ ହୋଇଛି । ଡକାୟତଙ୍କ ମାଡ଼ରେ ବାଇବାଲିର ପୂର୍ଣ୍ଣଚନ୍ଦ୍ର ଦାସ ଆହତ ହୋଇଛନ୍ତି । ଏହାପରେ ଦୁର୍ବୃତ୍ତମାନେ ପୂର୍ଣ୍ଣଚନ୍ଦ୍ରଙ୍କଠାରୁ ୮ ହଜାର ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଲୁଟି ନେଇଛନ୍ତି। ସେମାନେ ଚମ୍ପଟ ମାରିବା ସମୟରେ ପୂର୍ଣ୍ଣଚନ୍ଦ୍ର ପାଟି କରିବାରୁ ଦୁର୍ବୃତ୍ତମାନେ ଆଣିଥିବା ବାଇକ୍‌କୁ ଛାଡ଼ି ପାହାଡ଼ ଉପରକୁ ଚାଲିଯାଇଥିଲେ । ଖବରପାଇ ଲୋକେ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିଛନ୍ତି । ଏଥିସହ ଦୁର୍ବୃତ୍ତମାନେ ଯେଉଁ ପାହାଡ଼ ଉପରକୁ ଯାଇଥିଲେ ସମ୍ପୃକ୍ତ ପାହାଡ଼ ଅଞ୍ଚଳରେ ଖବର ଲେଖା ଯିବା ସୁଦ୍ଧା ଘେରି ରହିଥିଲେ। ପୋଲିସ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତ ପୂର୍ଣ୍ଣଚନ୍ଦ୍ର ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ, ପୂର୍ଣ୍ଣ ପୂର୍ବାହ୍ନ ୧୧ଟା ସମୟରେ ଭଞ୍ଜନଗରରୁ ବାଇବାଲି ଅଭିମୁଖେ ବାଇକ୍‌ରେ ଯାଉଥିଲେ । ଏହି ସମୟରେ ବାଟରେ ବରଗାଁ ମନ୍ଦିର ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ । ପୂର୍ଣ୍ଣ ନ ଅଟକିବାରୁ ଦୁର୍ବୃତ୍ତମାନେ ପିଛା କରି ତାଙ୍କୁ ଅଟକାଇବାରେ ସକ୍ଷମ ହୋଇଥିଲେ। ଏହାପରେ ସେମାନେ ପୂର୍ଣ୍ଣଙ୍କୁ ଟଙ୍କା ମାଗିଥିଲେ । ଟଙ୍କା ନଦେବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ପୂର୍ଣ୍ଣ ପାଟି କରିବାରୁ ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇ ଫେରାର ହେବା ବେଳକୁ ଆସିଥିବା ବାଇକ୍ ଛାଡ଼ି ଚାଲିଯାଇଥିଲେ । ଏହାପରେ ଗ୍ରାମବାସୀ ବାଇକ୍‌ଟିକୁ ଜବତ କରିଥିଲେ । ପୋଲିସ ବାଇକ୍‌ଟିକୁ ଜବତ କରି ଘଟଣାର ତଦନ୍ତ କଲେ ଜଣାପଡ଼ିବ କେଉଁମାନେ ଏହି ଡ଼କାୟତିରେ ଜଡ଼ିତ ଅଛନ୍ତି ।

# ସୁଧୁରୁନି ଏନ୍‌ଏସି ପରିମଳ ବ୍ୟବସ୍ଥା: ରାସ୍ତାରେ ଭାସୁଛି ନାଳ ପାଣି

**ଗୋପାଳପୁର,୭।୪**



ରାସ୍ତାରେ ନାଳ ପାଣି ଚାଲିଛି।

ଗୋପାଳପୁର ଏନଏସିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି । ତେବେ ଜନସାଧାରଣ ଏହାର ସୁଫଳ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଦିନକୁ ଦିନ ଏଠାରେ ପରିମଳ ବିପର୍ଯ୍ୟସ୍ତ ହୋଇପଡୁଛି। ନାଳ ପାଣି ରାସ୍ତାରେ ଭାସୁଛି। ଏନଏସି ଅଞ୍ଚଳ ସଫା ସୁତରା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । କିଛି ସାହିକୁ ସଫାସୁତରା କରାଯାଉଥିବା ବେଳେ ଅନ୍ୟ କେତୋଟି ସାହିକୁ ସଫେଇ କର୍ମଚାରୀମାନେ ଯାଉ ନ ଥିବା ଅଭିଯୋଗ ହେଉଛି। ଗୋପାଳପୁର ବେଳାଭୂମିକୁ ଦୈନିକ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି । ବଡ଼ ବଡ଼ ହୋଟେଲ ରାସ୍ତା ଆବର୍ଜନାମୟ ହୋଇପଡୁଛି। ସେହିପରି ବିଭିନ୍ନ ସାହିରେ ଡ୍ରେନ ରହିଥିଲେ ମଧ୍ୟ ଅଳିଆ ଆବର୍ଜନା ଭର୍ତ୍ତି ହେବାରୁ ରାସ୍ତାରେ ନାଳ ପାଣି ଭାସୁଛି। ଏହାଦ୍ୱାରା ପରିବେଶ ଦୂଷିତ ହେବା ସହ ମଶାମାଛି ବଂଶ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପକ୍ଷରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହିବା କାରଣରୁ ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଏନଏସି ନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀଙ୍କୁ ପଚାରିବାରେ, ସାହିଗୁଡିକରେ ନିର୍ମାଣ ହେଉଥିବା ଘର ମାଟି, ଇଟା ଆଦି ଡ୍ରେନରେପଡୁଥିବାରୁ ପାଣି ଜମି ରାସ୍ତାରେ ଭାସୁଥିବା କହିଛନ୍ତି। ଏଥିପାଇଁ ସଚେତନ କରାଯାଉଛି । ଅଞ୍ଚଳବାସୀ ମଧ୍ୟ ସଚେତନ ହେବା ଜରୁରୀ ବୋଲି ସେ କହିଥିଲେ। ଆଗାମୀ ଦିନରେ ଅଞ୍ଚଳକୁ ସଫା ସୁତରା ରଖିବାକୁ ପ୍ରାଧାନ୍ୟ ଦିଆଯିବ ବୋଲି ସେଠୀ ସୂଚନା ଦେଇଛନ୍ତି ।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଘଟଣା ଧରାପଡ଼ିନାହାନ୍ତି ଅଭିଯୁକ୍ତ ପ୍ରଧାନଶିକ୍ଷକ

**ଫୁଲବାଣୀ ଅଫିସ, ୭।୪**

ତୁମୁଡିବନ୍ଧ ବ୍ଲକ ଅଞ୍ଚଳର ଏକ ଛାତ୍ରୀ ନିବାସରେ ଜଣେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରି ଫେରାର ଥିବା ପ୍ରଧାନଶିକ୍ଷକଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଗିରଫ କରିବାରେ ସକ୍ଷମ ହୋଇନାହିଁ । ଅପରପକ୍ଷେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯାଇନାହିଁ । ଏଥିଯୋଗୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରକୃତରେ ଘଟଣା ଘଟିଛି କି ନାହିଁ ତାହା ତର୍ଜମା କରି ପଦକ୍ଷେପ ନେବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ କୁହାଯାଇଛି। ଏପରି ଘଟଣା ଘଟିଥିଲେ ତାଙ୍କୁ ନିଲମ୍ବନ କରାଯିବ ବୋଲି କହିଛନ୍ତି। ସେପଟେ ପୋଲିସ ପକସୋ ଆଇନରେ ମାମଲା ରୁଜୁ କରିଥିବା ବେଳେ ଆଉ କେଉଁ ପ୍ରମାଣକୁ ଅପେକ୍ଷା କରାଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପରପକ୍ଷେ ଦୁର୍ଗମ ଅଂଚଳର ଛାତ୍ରୀଙ୍କୁ ଆଖି ଦେଖାଇ ଘଟଣାକୁ ପ୍ରଭାବିତ କରାଯାଇପାରେ ବୋଲି ମଧ ସନ୍ଦେହ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ, ଛାତ୍ରୀଜଣକ ୩୦ ତାରିଖରେ ଦେହ ଖରାପ ଥିବାରୁ ଶୋଇଥିଲେ । ଏହି ସମୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆସି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ବାରଣ ସତ୍ତ୍ୱେ ସେ ଅଶ୍ଳୀଳ ବ୍ୟବହାର କରି ଚାଲିଥିଲେ । ଚିତ୍କାର ଶୁଣି ଛାତ୍ରୀଙ୍କ ସାଂଗମାନେ ଆସିଯିବାରୁ ପ୍ରଧାନଶିକ୍ଷକ ଦୌଡି ହଷ୍ଟେଲ ବାହାରକୁ ଚାଲି ଯାଇଥିଲେ । ଛାତ୍ରୀ ଜଣକ ଏ ନେଇ ବେଲଘର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨/୧୯ରେ ମାମଲା ରୁଜୁ କରିଥିଲା।

# ଅଷ୍ଟଶମ୍ଭୁ ଦଣ୍ଡ ମିଳନ ଉଦ୍‌ଯାପିତ



ମେଳନ ଚାଲିଛି।

**ଶଙ୍କରାଖୋଲ,୭।୪(ଡି.ଏନ୍.ଏ.)**

ଚକାପାଦ ବ୍ଲକ ଶଙ୍କରାଖୋଲରେ ମା’ ପିତାବଳି ଅଷ୍ଟଶମ୍ଭୁ ପରିଚାଳନା କମିଟି ପକ୍ଷରୁ ପୀତାବଳି ମନ୍ଦିର ପ୍ରାଙ୍ଗଣରେ ଥିବା ପଡ଼ିଆରେ ରବିବାର ସନ୍ଧ୍ୟାରେ ଅଷ୍ଟମ ବାର୍ଷିକ ଅଷ୍ଟଶମ୍ଭୁ ଦଣ୍ଡ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ଅଷ୍ଟଶମ୍ଭୁ ଦଣ୍ଡଙ୍କୁ ବରଣ କରାଯାଇ ପିତାବଳୀ ମନ୍ଦିରକୁ ଅଣାଯାଇ ପୂଜା କରାଯାଇଥିଲା। ମଧ୍ୟାହ୍ନରେ ଧୂଳିଦଣ୍ଡ, ଅପରାହ୍ନରେ ପାଣିଦଣ୍ଡ, ରାତିରେ ଅଗ୍ନିଦଣ୍ଡ ପରେ ପୌରାଣିକ କଥା ଅନୁସାରେ ଦଣ୍ଡ ଚରିତ୍ର ପରିବେଷଣ ହୋଇଥିଲା। ଏହା ଦେଖିବା ଲାଗି ଆଖାପାଖ ଅଞ୍ଚଳର ବହ ଲୋକଙ୍କ ଭିଡ଼ ଜମିଥିଲା। ଏଥିରେ ୮ ଅଷ୍ଟଶମ୍ଭୁ ଦଣ୍ଡ ଦଳ ଅଂଶ ଗ୍ରହଣ କରିଥିଲେ। ପରିଚାଳନା କମିଟିର ସଭାପତି ଗୋବିନ୍ଦ ଅମାତ୍ୟ, ଉପସଭାପତି ଭରତ ସାହୁ, ସମ୍ପାଦକ ସୁଶାନ୍ତ କୁମାର ବେହେରା, ସହ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, କୋଷାଧକ୍ଷ ପ୍ରଗତି କୁମାର ଦାସ କାର୍ଯ୍ୟକ୍ରମ ପରିଚଳାନା କରିଥିଲେ। ସ୍ଥାନୀୟ ପୋଲିସ ଶାନ୍ତିଶୃଙ୍ଖଳ ରକ୍ଷା କରିଥିଲା।

# ଯୁବ ଭୋଟରଙ୍କ ସଚେତନତା ଅଭିଯାନ



ସଚତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଯୁବ ଭୋଟର।

**ଶେରଗଡ଼,୭।୪(ଡି.ଏନ୍.ଏ.)**

ଶେରଗଡ଼ ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ନିକଟରେ ରବିବାର ପ୍ରାକ ନିର୍ବାଚନ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ସୁର୍ଯ୍ୟ ପାଣିଗ୍ରାହୀ ଓ ସୋନୁ ସାହୁଙ୍କ ସଂଯୋଜନାରେ ଭୋଟ ସମୟରେ ଯୁବ ଭୋଟରଙ୍କ ଦାୟିତ୍ୱ ସମ୍ପର୍କରେ କୁହାଯାଇଥିଲା। ଏହି ଅବସରରେ ଏକ ଜଳ ଛତ୍ରର ଶୁଭାରମ୍ଭ କରାଯାଇଥିଲା। ପରେ ଯୁବ ଭୋଟର ଏକ ରାଲି କରିଥିଲେ। କାର୍ଯ୍ୟକ୍ରମରେ ଭଗବାନ ଡାକୁଆ, ପ୍ରତାପ କୁମାର ଡାକୁଆ, ଶ୍ୟାମ ପାଣିଗ୍ରାହୀ ସମେତ ବହୁ ଯୁବ ଭୋଟର ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବୁଗୁଡ଼ା,୭।୪(ଡି.ଏନ.ଏ.)**

ବୁଗୁଡ଼ା ପିପୁଲସ କଲେଜ ଯୁକ୍ତ ୩ ପ୍ରାଣୀ ବିଜ୍ଞାନ ସମ୍ମାନ ବିଭାଗ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ଉପଲକ୍ଷେ ରବିବାର ସମ୍ପୃକ୍ତ କଲେଜରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ଼. ପ୍ରଦୀପ କୁମାର ଦାଶ ଓ ସମ୍ମାନିତ ଅତିଥି ରାମକୃଷ୍ଣ ନାୟକ, କିଶୋର ଚନ୍ଦ୍ର ପଣ୍ଡା, ବିପିନ ବିହାରୀ ଗୌଡ଼ ଓ ଯତନ କୁମାର ନାୟକ ପ୍ରମୁଖ ଯୋଗଦେଇ ବିଦାୟ ନେଉଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଶେଷ ବର୍ଷର ପ୍ରାଣୀ ବିଜ୍ଞାନ ସମ୍ମାନ ବିଭାଗ ଛାତ୍ରୀଛାତ୍ରମାନଙ୍କୁ କନିଷ୍ଠ ଛାତ୍ରୀଛାତ୍ରମାନେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

# ଢ଼ୋଲ ଶବ୍ଦରେ କମ୍ପିଲା ସହର

**ଗଞ୍ଜାମ,୭।୪(ଡି.ଏନ.ଏ.)**

ଗଞ୍ଜାମସ୍ଥିତ ଜୟଶ୍ରୀ ଛକରେ ମା’ କାଳୀଙ୍କ ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦଣ୍ଡୁଆଙ୍କ ଦଣ୍ଡଯାତ୍ରା ଦେଖିବା ପାଇଁ ଆଖପାଖ ବହୁ ଅଞ୍ଚଳର ଭକ୍ତ, ଦର୍ଶକଙ୍କ ଭିଡ଼ ଜମିଥିଲା । ପ୍ରଥମେ ଦାମୋଦରପୁରରୁ ମା’ଙ୍କୁ ଆମନ୍ତ୍ରଣ କରାଯାଇ ବଜାର ପରିକ୍ରମା କରାଯାଇଥିଲା । ଢ଼ୋଲ, ପେଁକାଳି ଶବ୍ଦରେ ସହର ପ୍ରକମ୍ପିତ ହୋଇଥିଲା। ଅପରାହ୍ନରେ ଧୂଳିଦଣ୍ଡ, ପାଣିଦଣ୍ଡ ପରେ ମଧ୍ୟରାତ୍ରିରେ ସାମାଜିକ ନାଟକ ‘ଜୀବନଟା ଗୋଟିଏ ଗପ’ ମଞ୍ଚସ୍ଥ ହୋଇଥିଲା। ଏହାକୁ ସିଲୁ ଦାସ, ଅଜୁ ସାହୁ, ବିଜୟ ସାହୁ, ମିଟୁ ପଲାଇ, ରଞ୍ଜିତ କୁମାର ସାହୁ, ବିଲୁ ପଲାଇ, ଶିବ ରାଉଳ, କାମା ଜେନା, କାହ୍ନା ଶତପଥୀ ଓ ବୃନ୍ଦାବନ ରାଉଳ ପ୍ରମୁଖଙ୍କ ଉଦ୍ୟମରେ ୮ ବର୍ଷ ଧରି ଏଠାରେ ଦଣ୍ଡନାଚ ଅନୁଷ୍ଠିତ ହେଉଛି ।

# ସ୍କାଉଟ ଗାଇଡ୍ କମିଶନରଙ୍କ କ୍ଷତ୍ରିୟବରପୁର କଲେଜ ପରିଦର୍ଶନ

**ଭଞ୍ଜନଗର,୭।୪(ଡି.ଏନ.ଏ.)**

ଭାରତ ସ୍କାଉଟ ଓ ଗାଇଡ଼ ସଙ୍ଗଠନର ଓଡ଼ିଶା ମୁଖ୍ୟ ତଥା ବିଶ୍ୱ ସ୍କାଉଟ୍ ସଙ୍ଗଠନର ଉପସଭାପତି କାଳୀ ପ୍ରସାଦ ମିଶ୍ର ରବିବାର କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଓ ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଦୁଇ କଲେଜ ରୋଭର ରେଞ୍ଜର ସଙ୍ଗଠନ ପରିଦର୍ଶନ କରିଥିଲେ। ଉତ୍ସବରେ ସହ କମିଶନର ପୁଷ୍ପଲତା ମହାପାତ୍ର, ଗୋବରା ମହିଳା ମହାବିଦ୍ୟାଳୟ ଅଧକ୍ଷା ମାମା ପରିଡ଼ା, ଅଧ୍ୟାପକ ସନ୍ତୋଷ ବିଶ୍ୱାଳ, କ୍ଷତ୍ରିୟବରପୁର କଲେଜ ଅଧକ୍ଷ ଅମୂଲ୍ୟ ଦାସ, ରେଞ୍ଜର ଲିଡ଼ର ଅନିତା ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ରୋଭର ଲିଡ଼ର ଡଃ.ରାମ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅଧ୍ୟାପକ ଗଙ୍ଗାଧର ଦାସ, ରେଞ୍ଜର ଲିଡ଼ର ଭାରତୀ ବିଶ୍ୱାଳ, ଦେବେଶ ଚନ୍ଦ୍ର ମହାପାତ୍ର, ବିଧୁ ଭୂଷଣ ଦାସ, ସୀମାଞ୍ଚଳ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କମିଶନରଙ୍କୁ ସ୍ୱାଗତ କରାଯାଉଛି ।


## ଆର୍ମି ଏ.ଡ଼ି. କଲେଜ୍‌ରେ ଦୋକାନ ଘର ଠିକା ସୂତ୍ରରେ ଦିଆଯିବ

୧. **କେବଳ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ :** ଗୋପାଳପୁର ମିଲିଟାରୀ ଷ୍ଟେସନ୍ (ଓଡ଼ିଶା) ସ୍ଥିତ ସାଗରିକା ସୁବିଧା ପରିସରରେ ନିମ୍ନଲିଖିତ ଦୋକାନ ଘରକୁ ଠିକା ସୂତ୍ରରେ ଆଠ ମାସ (ପୁନଃ ନବୀକରଣ) : ୧ ମଇ ୨୦୧୯ ଠାରୁ ୩୧ ଡିସେମ୍ବର ୨୦୧୯ ପର୍ଯ୍ୟନ୍ତ ଦିଆଯିବ ।

| କ୍ର. ନଂ. | ଦୋକାନର ନାମ | ବିକ୍ରି ପାଇଁ ଥିବା ସାମଗ୍ରୀ |
|---|---|---|
| କ) | ୱାନ୍ ଷ୍ଟପ୍ ସପ୍ | ଗ୍ରୋସେରି ଆଇଟମ୍, ମିଲିଟାରୀ ଷ୍ଟୋର୍, କମ୍ପ୍ୟୁଟର୍ ଆସେସରି, ହାର୍ଡ଼ୱେର୍ ସାମଗ୍ରୀ, କ୍ଲଥ୍ ଏବଂ ଉପହାର ସାମଗ୍ରୀ । |
| ଖ) | ମିଠା ଦୋକାନ | ସ୍ନାକ୍ସ, ସୁଇଟି, ବେକରି ପ୍ରଡକ୍ଟ, ହଟ୍ ଆଣ୍ଡ କୋଲ୍ଡ ବେଭେରେଜ୍ ଏବଂ ଆଇସ୍‌କ୍ରିମ୍ । |
| ଗ) | ଜୋତା ଦୋକାନ | ସମସ୍ତ ପ୍ରକାର ଲେଦର୍ ଆଇଟମ୍, ସୁ / ସ୍ଲିପର୍ / ସେଣ୍ଡଲ୍, ସ୍ପୋର୍ଟସ୍ ଆସେସରି । |
| ଘ) | ଫାଷ୍ଟ ଫୁଡ୍ ଦୋକାନ | ସ୍ନାକ୍ସ, ସୁଇଟ୍ ଏଣ୍ଡ ବେକରି ପ୍ରଡକ୍ଟ, ଡ୍ରିଙ୍କ୍, ହଟ୍ ଏଣ୍ଡ ବେଭେରେଜ୍, ଆଇସ୍‌କ୍ରିମ୍ (ମଦ ବ୍ୟତୀତ) ଉପଲବ୍ଧ । |
| ଙ) | ଭଣ୍ଡାରି ଦୋକାନ | ହେୟାର୍ କଟିଙ୍ଗ, ସେଭିଙ୍ଗ, ହେୟାର ଡାଇଙ୍ଗ, ହେଡ ମେସେଜ୍, ଫେସିଏଲ୍ । |
| ଚ) | ଟେଲର୍ ଦୋକାନ | ସମସ୍ତ ପ୍ରକାର ଡ୍ରେସ୍ ସିଲାଇ ଉପଲବ୍ଧ । |
| ଛ) | ଭିଡ଼ିଓ କର୍ଣ୍ଣର / ପାନ ଦୋକାନ | ପାନ୍, ସିଡ଼ି, ଫଳ ରସ, ପ୍ରି-ପେଡ୍ ମୋବାଇଲ୍ ରିଚାର୍ଜ, ମୋବାଇଲ୍ ଆସେସରି, ଡ୍ରାଇ ଫୁଡ୍, ସ୍ନାକ୍ସ ଏବଂ ଚକ୍‌ଲେଟ୍ ଆଇଟମ୍ ଉପଲବ୍ଧ । |
| ଜ) | ସାଇକେଲ୍ ମରାମତି ଦୋକାନ | ସାଇକେଲ୍ ମରାମତି, ଏଡ଼ି କଲେଜ୍ ପାଇଁ ସାଇକେଲ୍ ଭଡ଼ାର ସୁବିଧା । |
| ଝ) | ମୋଟର ସାଇକେଲ୍ ମରାମତି ଦୋକାନ | ଦୁଇ ଚକିଆ / ମୋଟର ସାଇକେଲ୍‌ର ସମସ୍ତ ସର୍ଭିସିଂ ଏବଂ ରିପେର୍, ଗ୍ୟାସ୍ ଷ୍ଟୋଭ୍ ବର୍ଣ୍ଣରର ସମସ୍ତ ସର୍ଭିସ୍ ଏବଂ ରିପେର୍, ଦୁଇ ଚକିଆ ଗାଡ଼ିର ସ୍ପେର୍ ପାର୍ଟସ୍ ଏବଂ ଆସେସରି ବିକ୍ରୟ । |
| ଞ) | ଉପହାର ଦୋକାନ, ଗିଫ୍ଟ ସପ୍ | କ୍ରାଫ୍ଟିଂ/ଡିଜାଇନିଙ୍ଗ୍ ମେଟେରିଆଲ୍ ଓ ଉପହାର ଏବଂ ଖେଳନା ସାମଗ୍ରୀ ବିକ୍ରୟ । |
| ଟ) | ସନ୍ତୁଷ୍ଟି ରେଷ୍ଟୁରାଂଟ | ସମସ୍ତ ରେଙ୍କ୍ ପାଇଁ କେଟେରିଙ୍ଗ୍ ଏବଂ ଅନ୍ୟାନ୍ୟ ସୁବିଧା (ଆମିଷ / ନିରାମିଷ ଖାଦ୍ୟ) । |
| ଠ) | ଜୋତା ମରାମତି ଦୋକାନ | ସମସ୍ତ ରେଙ୍କ୍‌ର ପରିବାରଙ୍କ ପାଇଁ ସୁ, ବେଗ୍, ସ୍ଲିପର୍ ରିପେର୍ । |
| ଡ) | ଆର୍ମି ଷ୍ଟୋର୍ ଦୋକାନ | ସମସ୍ତ ପ୍ରକାର ଲୁଗା, ରେଡ଼ିମେଡ୍ ଗାର୍ମେଂଟସ୍, ଆର୍ମି ୟୁନିଫର୍ମ ଏବଂ ଦର୍ଜି ସିଲେଇ |
| ଢ) | ଫୋଟ ଷ୍ଟୁଡିଓ ଦୋକାନ | ସମସ୍ତ ପ୍ରକାର ଫୋଟ କପି, କଲର୍ ଏବଂ କଳାଧଳା, ଜେରେକ୍ସ, କଲର୍ ପ୍ରିଂଟ୍ ଆଉଟ୍, ଫୋଟଗ୍ରାଫିକ୍, ଷ୍ଟିକରିଙ୍ଗ୍ ଏବଂ ନମ୍ବର ପ୍ଲେଟ୍ ଓ ରବର୍ ଷ୍ଟାମ୍ପ । |
| ଣ) | ମାଂସ ଦୋକାନ | ସମସ୍ତ ରେଙ୍କ୍‌ର ପରିବାରଙ୍କ ପାଇଁ ଚିକେନ୍, ମଟନ୍, ମାଛ, ଅଣ୍ଡା ଉପଲବ୍ଧ । |
| ତ) | ଫୁଡ୍ କୋର୍ଟ | ସମସ୍ତ ରେଙ୍କ୍‌ର ପରିବାରଙ୍କ ପାଇଁ ଜଳଖିଆ, ଦିବା ଭୋଜନ, ରାତ୍ର ଭୋଜନ ଓ ସ୍ନାକ୍ସ (ଆମିଷ ଓ ନିରାମିଷ) ସାମଗ୍ରୀ ଉପଲବ୍ଧ । |

୨. ଉପରୋକ୍ତ ଦୋକାନ ପାଇଁ ଆଗ୍ରହୀ ବ୍ୟକ୍ତି ଏକ ଦରଖାସ୍ତ *Colonel A, Army Air Defence College, Pin 928992, C/o 99 APO* ଙ୍କୁ **୨୫ ଏପ୍ରିଲ୍ ୨୦୧୯** ସୁଦ୍ଧା ପଠାଇବେ ।

***Colonel A, Headquarters Army Air Defence College, PIN-928992, c/o 99 APO***

# ଜଟଣୀରେ ଏଥର ତ୍ରିମୁଖୀ ଲଢ଼େଇ

**ଶ୍ରୀକାନ୍ତ ପରିଜା**
**ଜଟଣୀ,୭।୪(ଡି.ଏନ୍.ଏ)**

■ ସ୍ଥାନୀୟ ସମସ୍ୟା କଂଗ୍ରେସ, ଭାଜପାର ମୁଖ୍ୟ ପ୍ରସଙ୍ଗ
■ ବିକାଶମୂଳକ କାର୍ଯ୍ୟ ବିଜେଡିର ପ୍ରମୁଖ ଅସ୍ତ୍ର


ସୁରେଶ କୁମାର ରାଉତରାୟ


ବିଭୂତିଭୂଷଣ ବଳବନ୍ତରାୟ


ବିଶ୍ୱରଞ୍ଜନ ବଡ଼ଜେନା

ଭୁବନେଶ୍ୱର ଉପକଣ୍ଠରେ ଥିବା ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇ ଆସୁଥିଲା। ହେଲେ ଚଳିତ ନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବା ସମ୍ଭାବନା ରହିଛି। ବିଜେଡିରୁ ବିଭୂତିଭୂଷଣ ବଳବନ୍ତରାୟ, କଂଗ୍ରେସରୁ ସୁରେଶ କୁମାର ରାଉତରାୟ(ସୁର) ଓ ଭାଜପାରୁ ବିଶ୍ୱରଞ୍ଜନ ବଡ଼ଜେନା ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ ଟିକେଟ ପାଇଁ ସୁରଙ୍କୁ ଛାଡ଼ି ଦଳ ମଧ୍ୟରେ ଆଉ କେହି ଆଶାୟୀ ନ ଥିବା ବେଳେ ବିଜେଡିରେ ବହୁ ଆଶାୟୀ ଥିଲେ। ସେହିପରି ଭାଜପାରେ ୩ଜଣ ଆଶାୟୀଙ୍କ ମଧ୍ୟରୁ ଶେଷରେ ବିଶ୍ୱରଞ୍ଜନ ଦଳୀୟ ଟିକେଟ ହାସଲ କରିବାରେ ସକ୍ଷମ ହୋଇଥିଲେ। ଫଳରେ ଉଭୟ ବିଜେଡି ଓ ଭାଜପାରେ ଦଳୀୟ କନ୍ଦଳ ଦେଖିବାକୁ ମିଳିଛି। ବିଜେଡିର କେତେଜଣ ଆଶାୟୀ ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଥିବାବେଳେ ଆଉ କେତେଜଣ ଭିତିରି ସମର୍ଥନ ଦେଉଛନ୍ତି। ଭାଜପାରେ ମଧ୍ୟ ସମାନ ଅବସ୍ଥା। କେତେଜଣ ଭାଜପା ନେତା ଇସ୍ତଫା ଦେଇଥିବାବେଳେ ଆଉ କେତେଜଣ ନୀରବଦ୍ରଷ୍ଟା ସାଜିଛନ୍ତି। ଏଭଳି ସ୍ଥିତିରେ ଦଳୀୟ ଟିକେଟରୁ ବଞ୍ଚିତ ଅସନ୍ତୁଷ୍ଟମାନଙ୍କୁ ମନାଇବା ପାଇଁ ଉଭୟ ବିଜେଡି ଓ ଭାଜପା ପ୍ରାର୍ଥୀ କେତେଦୂର ସକ୍ଷମ ହେଉଛନ୍ତି ତାହା ସେମାନଙ୍କ ରଣନୀତି ଉପରେ ନିର୍ଭର କରୁଛି।

ଅନ୍ୟପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ କଂଗ୍ରେସ ଓ ଭାଜପା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ପ୍ରମୁଖ ପ୍ରସଙ୍ଗ କରିଥିବାବେଳେ ବିଜେଡି ବିକାଶମୂଳକ କାର୍ଯ୍ୟକୁ ମୁଖ୍ୟ ଅସ୍ତ୍ର କରିଛି। କଂଗ୍ରେସ ପ୍ରାର୍ଥୀ ସୁର ରାଉତରାୟ କୁହନ୍ତି, ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଥିବା ଫ୍ଲାଏଓଭର ବ୍ରିଜ ପୂର୍ଣ୍ଣାଙ୍ଗ କରିବା, ୧୨ ମୌଜାର ୫୦ ହଜାରରୁ ଅଧିକ ରୟତ ହରାଇଥିବା ଜମି ସେମାନଙ୍କ ନାମକୁ ଫେରାଇ ଆଣିବା, ଦାରୁଠେଙ୍ଗରେ ଡମ୍ପିଂୟାର୍ଡ ସମସ୍ୟା, ଜଳସେଚନ, ବେକାରି ଦୂରୀକରଣ, ପାନୀୟଜଳ, କୋର୍ଟ ପ୍ରତିଷ୍ଠା, ଉଚ୍ଛେଦ ହୋଇଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ଥଇଥାନ, ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମି, ଘର ଯୋଗାଇଦେବା ଆଦି ବିଷୟକୁ ନେଇ ଭୋଟରଙ୍କ ନିକଟକୁ ଯାଉଛୁ। ଏସବୁର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ଉଦ୍ୟମ କରାଯାଉଛି ବୋଲି ସେ କହିଥିଲେ। ସେହିପରି ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଧ୍ୟ ଉପରୋକ୍ତ ସମସ୍ୟା ସହିତ ଏନ୍‌ଡିଏ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ନେଇ ଲୋକଙ୍କ ନିକଟକୁ ଯାଉଛୁ ବୋଲି କହିଛନ୍ତି। ଜଟଣୀର ବିକାଶ ପାଇଁ ପରିବର୍ତ୍ତନ ଆବଶ୍ୟକ ଥିବା ସେ କହିଛନ୍ତି। ବିଜେଡି ପ୍ରାର୍ଥୀ ବିଭୂତି କୁହନ୍ତି, ଅସମ୍ପୂର୍ଣ୍ଣ ଥିବା ଫ୍ଲାଏଓଭର ବ୍ରିଜକୁ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯିବ। ଏହାଛଡ଼ା ଦାରୁଠେଙ୍ଗରେ ଡମ୍ପିଂୟାର୍ଡ ସମସ୍ୟା ଦୂର ପାଇଁ ଏହାକୁ ଅତିକମ୍‌ରେ ୩ କିଲୋମିଟର ଦୂରକୁ ଘୁଞ୍ଚାଇ ଦିଆଯିବ। ସେହିପରି ସ୍ଥାନୀୟ ଲୋକଙ୍କ ଅନ୍ୟତମ ଦାବି କୋର୍ଟ ପ୍ରତିଷ୍ଠା ମଧ୍ୟ ରାଜ୍ୟ ସରକାରଙ୍କ ଯୋଗୁ ଜଟଣୀରେ ଖୁବ୍‌ଶୀଘ୍ର ହେବାକୁ ଯାଉଛି। ୧୨ଟି ମୌଜାର ଜମି ସମସ୍ୟା ଦୂର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ୧ ହଜାରରୁ ଅଧିକ ବସ୍ତିବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ ସରିଛି। ବ୍ରିଜ ଯୋଗୁ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଥଇଥାନ କରାଯିବ ବୋଲି ସେ କହିଥିଲେ।

୧୯୭୪ରେ ଏହି ନିର୍ବାଚନମଣ୍ଡଳୀ ଗଠନ ପରଠାରୁ ୧୦ଥର ନିର୍ବାଚନ ହୋଇସାରିଲାଣି। ଉତ୍କଳ କଂଗ୍ରେସରୁ ସତ୍ୟପ୍ରିୟ ମହାନ୍ତି ପ୍ରଥମ ବିଧାୟକ ଭାବେ ଏଠାରୁ ନିର୍ବାଚିତ ହୋଇଥିଲେ। ୧୯୭୭ରେ ଜନତା ପାର୍ଟିରୁ ସୁର ରାଉତରାୟ ନିର୍ବାଚିତ ହୋଇଥିଲେ। ପରେ ସୁର ୧୯୮୦, ୧୯୮୫, ୧୯୯୫ ଓ ୨୦୦୦ ମସିହାରେ ହୋଇଥିବା ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ସେହିପରି ଶରତ ଚନ୍ଦ୍ର ପାଇକରାୟ ୧୯୯୦ରେ ଜନତା ଦଳ ଓ ୨୦୦୪ରେ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି ପ୍ରାର୍ଥୀ ବିଭୂତିଭୂଷଣ ବଳବନ୍ତରାୟ ଓ ଭାଗୀରଥି ବଡ଼ଜେନା ଯଥାକ୍ରମେ ୨୦୦୯ ଏବଂ ୨୦୧୪ ନିର୍ବାଚନରେ ବିଜୟୀ ହୋଇଥିଲେ। ୨୦୦୪ରୁ ୨୦୧୪ ମଧ୍ୟରେ ଅନୁଷ୍ଠିତ ୩ ନିର୍ବାଚନରେ ସୁର ରାଉତରାୟ କଂଗ୍ରେସର ପ୍ରାର୍ଥୀ ହୋଇ ପରାଜିତ ହୋଇଛନ୍ତି।

# ହ୍ରାସ ପାଇପାରେ ହାର୍-ଜିତ୍‌ର ତାରତମ୍ୟ

**ନିର୍ମଳ ପଣ୍ଡା**
**କଟକ ଅଫିସ, ୭।୪**

ପ୍ରାର୍ଥୀପତ୍ର ଯାଞ୍ଚ ପରେ କଟକ ଲୋକ ସଭା କ୍ଷେତ୍ରରେ ୧୧ ଜଣଙ୍କର ପ୍ରାର୍ଥୀପତ୍ର କାଏମ ରହିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ବିଜେଡି ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ର ଓ କଂଗ୍ରେସ ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ ପ୍ରମୁଖ। କଟକ ଲୋକ ସଭା ଆସନ ବିଜେଡିର ଏକ ଗଡ ଭାବେ ପରିଚିତ। ଏହି ଆସନ ଅଧୀନରେ ରହିଛି ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ଆଠଗଡ଼, ବଡ଼ମ୍ବା, ବାଙ୍କୀ ଓ ନୟାଗଡ଼ ଜିଲାର ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ। ଗତ ୫ଟି ସାଧାରଣ ନିର୍ବାଚନରେ ବିଜେଡି ଏହି ଆସନକୁ ନିରବଚ୍ଛିନ୍ନଭାବେ ନିଜ ଦଖଲରେ ରଖି ଆସିଛି। ୨୦୧୪ରେ ବିଜେଡି ତା'ର ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବହୁ ଆଗରେ ରହିଥିଲା। ହାର-ଜିତ୍‌ର ତାରତମ୍ୟ ବେଶ୍ ଅଧିକ ଥିଲା। କିନ୍ତୁ ଏଥର ସେହି ତାରତମ୍ୟ ହ୍ରାସ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଅନୁମାନ କରୁଛନ୍ତି। କାରଣ ସାମ୍ପ୍ରତିକ ପରିସ୍ଥିତିରେ ବିଜେଡି ସାମ୍ନାରେ କଂଗ୍ରେସ ବଦଳରେ ଭାଜପା ଏକ ଚ୍ୟାଲେଞ୍ଜ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷ କରି ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଶକ୍ତି ବୃଦ୍ଧି ହୋଇଥିବାରୁ ଏହି ଦଳ ଉତ୍ସାହିତ ହୋଇ ରାଜ୍ୟରେ ପରିବର୍ତ୍ତନ ହାୱା ବହୁଥିବା ପ୍ରଚାର ଚଳାଇଛି। ଅନ୍ୟପକ୍ଷରେ ବିଜେଡି ଗଡ଼ ରକ୍ଷା କରିବାକୁ ଉଦ୍ୟମ ଜାରି ରଖିଥିବାବେଳେ କଂଗ୍ରେସ ନୂଆ ପ୍ରାର୍ଥୀଙ୍କ ଭଲ ପ୍ରଦର୍ଶନ ଉପରେ ଆଶା ରଖିଛି। ଏଥର ନିର୍ବାଚନରେ ବିଜେଡି ପକ୍ଷରୁ ଲଗାତର ୫ ଥର ବିଜୟୀ ହୋଇଥିବା ଭର୍ତ୍ତୃହରି ମହତାବ ଷଷ୍ଠ ଥର ପାଇଁ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। କଂଗ୍ରେସ ଓ ଭାଜପା ଏମ୍‌ପି ପ୍ରାର୍ଥୀ ପରିବର୍ତ୍ତନ କରିଛନ୍ତି। ଅବସରପ୍ରାପ୍ତ ଆଇପିଏସ୍ ଅଫିସର ତଥା ପୂର୍ବତନ ଡିଜିପି ପ୍ରକାଶ ମିଶ୍ରଙ୍କୁ ଭାଜପା ପ୍ରାର୍ଥୀ କରିଥିବା ବେଳେ ରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। କଟକ ଲୋକ ସଭା ଅଧୀନ ୭ଟି ଯାକ ବିଧାନସଭା କ୍ଷେତ୍ରରେ ମଧ୍ୟ ୩ଟି ଯାକ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛନ୍ତି। ଶାସକ ବିଜେଡି ପକ୍ଷରୁ ଚୌଦ୍ୱାର-କଟକ, ବାଙ୍କୀ ଓ ଖଣ୍ଡପଡ଼ାରେ ବିଧାୟକ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଥିବା ବେଳେ କଂଗ୍ରେସ ଚୌଦ୍ୱାର-କଟକ, ଆଠଗଡ଼, ବଡ଼ମ୍ବା, ବାଙ୍କୀ, କଟକ ସଦର ଓ ଖଣ୍ଡପଡ଼ାରେ ନୂଆ ମୁହଁକୁ ପ୍ରାର୍ଥୀ କରିଛି। ସେହିପରି ଭାଜପା ବାଙ୍କୀ, ବାରବାଟୀ-କଟକ, ବଡ଼ମ୍ବା ଓ ଆଠଗଡ଼ରେ ପ୍ରାର୍ଥୀ ପରିବର୍ତ୍ତନ କରିଛି।

ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରିବା ପାଇଁ ଏକ ପ୍ରକାର ବାଧ ହୋଇଥିବା କୁହାଯାଉଛି। କାରଣ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ବିଶ୍ୱାଳ ଓ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ଚିଟଫଣ୍ଡ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିଲେ। ତେଣୁ ବିଜେଡି ଦୁଇ ପ୍ରଭାତଙ୍କ ବଦଳରେ ସେମାନଙ୍କ ପୁଅମାନଙ୍କୁ ଟିକେଟ ଦେଇଛି। ସେହିପରି ୨୦୧୪ରେ ଖଣ୍ଡପଡ଼ା ଆସନରୁ ବିଜେଡି ଟିକେଟରେ ଅନୁଭବ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ମାତ୍ର ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରବଳ ଲବି ଯୋଗୁ ଦଳ ଅନୁଭବଙ୍କ ବଦଳରେ ତାଙ୍କୁ ପ୍ରାର୍ଥୀ କରିଥିବା କୁହାଯାଉଛି। ବିଜେଡି ୩ ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରିବା ପରେ ଏବେ ସମସ୍ତ ଆସନରେ ଦଳୀୟ କନ୍ଦଳ ଆରମ୍ଭ ହୋଇଛି। ବାଙ୍କୀରେ ପ୍ରଭାତଙ୍କ ପୁଅ ଦେବୀରଞ୍ଜନଙ୍କୁ ବିଜେଡିର ସମାନ୍ତରାଳ ଗୋଷ୍ଠୀ ଜୋରଦାର ବିରୋଧ କରୁଥିବାବେଳେ ଚୌଦ୍ୱାର-କଟକ ଓ ଖଣ୍ଡପଡ଼ାରେ ମଧ୍ୟ ସମାନ ଅବସ୍ଥା। ଚୌଦ୍ୱାର-କଟକରେ ପ୍ରଭାତଙ୍କ ପୁଅ ସୌଭିକଙ୍କୁ ଦଳର ଆଗଧାଡିର ନେତାମାନେ ଗ୍ରହଣ କରିପାରୁ ନାହାନ୍ତି। ଖଣ୍ଡପଡ଼ାରେ ବିଧାୟକ ଅନୁଭବଙ୍କ ସମର୍ଥକମାନେ ସୌମ୍ୟଙ୍କୁ ଗ୍ରହଣ କରିବା ଅବସ୍ଥାରେ ନ ଥିବା ଦେଖାଯାଇଛି। କାରଣ ୨୦୦୯ ଓ ୨୦୧୪ରେ ଖଣ୍ଡପଡା ବିଜେଡିର ତୃଣମୂଳ ସ୍ତରର କର୍ମୀମାନେ ସୌମ୍ୟଙ୍କ ସହିତ ଲଢେଇ କରି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାରେ ସକ୍ଷମ ହୋଇଥିଲେ। ଏବେ ହଠାତ ବିଜେଡି ସୌମ୍ୟଙ୍କୁ କର୍ମୀଙ୍କ ମୁଣ୍ଡରେ ଥାପି ଦେଇଥିବାରୁ ଖଣ୍ଡପଡ଼ା ବିଜେଡି ରାଜନୀତି ଗୋଳମାଳିଆ ଧରିଛି।

ସମାନ ଅବସ୍ଥା ଭାଜପା ଓ କଂଗ୍ରେସରେ ଦେଖାଦେଇଛି। କଂଗ୍ରେସ କଟକ ଲୋକ ସଭା ଆସନ ଅଧୀନ ୭ଟି ବିଧାନସଭା ଆସନ ମଧ୍ୟରୁ ୬ଟିରେ ପ୍ରାର୍ଥୀ ପରିବର୍ତ୍ତନ କରିଛି। ମାତ୍ର ଟିକେଟ ଆଶାୟୀ ଥାଇ ବିଫଳ ହୋଇଥିବା ନେତାମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଖୋଦ୍ ପିସିସି ଅନୁସୂଚିତ ଜାତି ସେଲ୍‌ର ସହ ଅଧ୍ୟକ୍ଷ ବାଙ୍କନିଧି ବେହେରା ଦଳୀୟ ହାଇକମାଣ୍ଡଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣି କହିଛନ୍ତି ଯେ, ବିଜେଡି ସହିତ ଭିତିରି ଲିଙ୍କ ରଖି କଂଗ୍ରେସ କଟକ ଜିଲା ଓ ଲୋକ ସଭା କ୍ଷେତ୍ରରେ ପ୍ରାର୍ଥୀ ଚୟନ କରିଛି। ଭାଜପାରେ ମଧ୍ୟ ପ୍ରାର୍ଥୀ ଚୟନକୁ ନେଇ କନ୍ଦଳ ଚରମ ସୀମାରେ ପହଞ୍ଚିଛି। ଚୌଦ୍ୱାର-କଟକ, ବାଙ୍କୀ ଓ ବାରବାଟୀ-କଟକ ପ୍ରାର୍ଥୀଙ୍କୁ ଦଳ ଭିତରୁ ବିରୋଧ କରାଯାଉଥିବା ଚର୍ଚ୍ଚା ଜୋର ଧରିଛି। ୩ଟି ଦଳରେ ବିଧାନସଭା ପ୍ରାର୍ଥୀ ଚୟନକୁ ନେଇ ଏଭଳି ସ୍ଥିତି ଉପୁଜିଥିବା ବେଳେ ତାହାର କୁପ୍ରଭାବ ଏମପି ପ୍ରାର୍ଥୀଙ୍କୁ ପ୍ରଭାବିତ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ନୂଆ ବିଧାୟକ ପ୍ରାର୍ଥୀଙ୍କୁ ନେଇ ଲୋକ ସଭା ଆସନରେ ଏକ ଭିନ୍ନ ସମୀକରଣ ସୃଷ୍ଟି ହେବା ଆକଳନ କରାଯାଉଛି। ଏଭଳି ସ୍ଥିତିରେ ଭାଜପା ଲୋକ ସଭା ପ୍ରାର୍ଥୀ ରାଜନୀତିରେ ସମ୍ପୂର୍ଣ୍ଣ ନୂଆ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ କଟକ ପାଇଁ ନୂଆ ନ ହେଲେ ମଧ୍ୟ ଏମ୍‌ପି ଆସନରେ ନିର୍ବାଚନ ଲଢ଼ିବା ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ। ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ର କହିଛନ୍ତି, ମୋଦିଙ୍କ ଲୋକପ୍ରିୟତା ଓ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ଦଳ ଏଠାରେ ବିଜୟୀ ହେବ। କଂଗ୍ରେସ ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, କଟକ ସହିତ ମୋର ଓ ମୋ ପରିବାରର ବହୁ ପୁରୁଣା ସମ୍ପର୍କ। ତେଣୁ ମୁଁ ଆଦୌ ଏଠି ନୂଆ ନୁହେଁ। ଦେଶରେ ମୋଦିଙ୍କ ପ୍ରତି ଜନଅସନ୍ତୋଷ ଭରି ରହିଥିବା ବେଳେ ରାଜ୍ୟରେ ବିଜେଡି ପ୍ରତି ମଧ୍ୟ ଲୋକଙ୍କ ଅସନ୍ତୋଷ ରହିଛି। ତେଣୁ କଂଗ୍ରେସ ଏଠାରେ ବିଜୟୀ ହେବ ବୋଲି କାନୁନ୍‌ଗୋ ଦୃଢ ଆଶାବାଦୀ ଅଛନ୍ତି। ବିଜେଡି ପ୍ରାର୍ଥୀ ମହତାବ କୁହନ୍ତି, ୨୦୧୪ରେ ମୋଦିଙ୍କ ପ୍ରବଳ ହାୱା ଓଡ଼ିଶାରେ କାମ ଦେଇ ନ ଥିଲା। ଏବେ ତ ମୋଦିଙ୍କ ହାୱା ନାହିଁ। ୨୦୧୪ ତୁଳନାରେ ବିଜେଡି ରାଜ୍ୟ ସମେତ କଟକରେ ଅଧିକ ଭଲ ପ୍ରଦର୍ଶନ କରିବ।

୨୦୧୯ର ଚିତ୍ର ଭିନ୍ନ ରହିଛି। ମୁଖ୍ୟତଃ ବିଜେଡି ପଞ୍ଚାୟତ ନିର୍ବାଚନରେ ବଡ଼ମ୍ବାରେ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ବାରବାଟୀ-କଟକ, କଟକ ସଦର ଓ ବାଙ୍କୀ ଆଦି ବିଧାନସଭା କ୍ଷେତ୍ରରେ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରୁଛି। ତେଣୁ ବିଧାନସଭା କ୍ଷେତ୍ରଗୁଡ଼ିକ ଏମ୍‌ପି ପ୍ରାର୍ଥୀମାନଙ୍କୁ କେତେଦୂର ସହାୟକ ହେଉଛି ତାହା ଫଳାଫଳରୁ ସ୍ପଷ୍ଟ ହେବ।

## କଟକ ଲୋକ ସଭା କ୍ଷେତ୍ର
## କଂଗ୍ରେସର ୬ ବିଧାୟକ ପ୍ରାର୍ଥୀ ନୂଆ

### ୨୦୧୪ ଲୋକ ସଭା ନିର୍ବାଚନ ଫଳାଫଳ

| ବିଧାନସଭା କ୍ଷେତ୍ର | ଅପରାଜିତା ମହାନ୍ତି | ଭର୍ତ୍ତୃହରି ମହତାବ | ସମୀର ଦେ |
|---|---|---|---|
| | କଂଗ୍ରେସ | ବିଜେଡି | ଭାଜପା |
| ବଡ଼ମ୍ବା | ୪୧,୦୭୮ | ୯୪,୦୨୧ | ୧୫,୨୩୧ |
| ବାଙ୍କୀ | ୪୪,୬୩୨ | ୮୪,୬୭୪ | ୯,୯୬୭ |
| ଆଠଗଡ଼ | ୩୭,୯୨୬ | ୯୭,୧୯୯ | ୮,୪୦୫ |
| ବାରବାଟୀ-କଟକ | ୩୮,୮୯୭ | ୪୬,୪୬୩ | ୩୫,୯୨୮ |
| ଚୌଦ୍ୱାର-କଟକ | ୨୯,୯୪୦ | ୬୦,୦୬୫ | ୩୫,୪୨୦ |
| କଟକ ସଦର | ୨୩,୮୮୦ | ୭୮,୯୩୩ | ୩୨,୭୭୮ |
| ଖଣ୍ଡପଡ଼ା | ୨,୭୨୭ | ୬୪,୨୨୬ | ୮,୧୫୪ |
| ପୋଷ୍ଟାଲ ବାଲଟ୍ | ୨୪୩ | ୫୦୪ | ୨୧୦ |
| ମୋଟ | ୨,୧୯,୩୨୩ | ୫,୨୬,୦୮୫ | ୧,୪୬,୦୯୩ |

## ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ

# ଏଥର ନୂଆ-ପୁରୁଣା ଲଢ଼େଇ

**ସଞ୍ଜୀବ କୁମାର ଯୋଷୀ**
**ଭବାନୀପାଟଣା,୭।୪(ଡି.ଏନ୍.ଏ.)**

ଏପ୍ରିଲ ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ। ଏଥିପାଇଁ କଳାହାଣ୍ଡି ଜିଲା ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର ଜୋର ଧରିଛି। ବିଭିନ୍ନ ଦଳର ପ୍ରାର୍ଥୀମାନେ ଘରକୁ ଘର ବୁଲି ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ରେ ଲାଗିଛନ୍ତି। ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଥିବା ଏହି ଆସନ ନିମନ୍ତେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସହିତ ୭ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ପୂର୍ବତନ ବିଧାୟକ ତଥା ଅଳ୍ପଦିନ ତଳେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ଦୁଷ୍ମନ୍ତ କୁମାର ନାଏକଙ୍କୁ ବିଜେଡି ଚଳିତ ନିର୍ବାଚନରେ ପ୍ରାର୍ଥୀ କରିଥିବା ବେଳେ ପୂର୍ବରୁ ଦୁଇଥର ବିଧାୟକ ଓ ମନ୍ତ୍ରୀ ଥିବା ପ୍ରଦୀପ୍ତ କୁମାର ନାଏକଙ୍କୁ ଭାଜପା ପ୍ରାର୍ଥୀ କରିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସଙ୍କ ପୁଅ ସାଗର ଚରଣ ଦାସଙ୍କୁ କଂଗ୍ରେସ ଏଥର ପ୍ରାର୍ଥୀ କରିଛି। ବିଜେଡି ବିଧାୟକ ଅନାମ ନାଏକଙ୍କ ସମେତ ଅନ୍ୟତମ ଆଶାୟୀ ଦୟାନିଧି ନାଏକ, ଲୋକନାଥ ଦୁର୍ଗା, ରୋହିତ ଦୁର୍ଗା ଟିକେଟ ଦୌଡରୁ ବାଦ୍ ପଡିଛନ୍ତି।

ଆଗାମୀ ନିର୍ବାଚନରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ହେବ ବୋଲି ସ୍ପଷ୍ଟ ହୋଇଛି। ୨୦୧୪ ନିର୍ବାଚନରେ ବିଜେଡିରୁ ଅନାମ ନାଏକ ନିର୍ବାଚିତ ହୋଇଥିଲେ। କଂଗ୍ରେସ ଟିକେଟରୁ ଲଢିଥିବା ଦୁଷ୍ମନ୍ତ ନାଏକ ଦ୍ୱିତୀୟ ସ୍ଥାନରେ ଥିଲେ। କିଛିମାସ ତଳେ କଂଗ୍ରେସ ଛାଡି ଦୁଷ୍ମନ୍ତ ବିଜେଡିରେ ଯୋଗ ଦେବା ପରେ ଟିକେଟକୁ ନେଇ ନାନା କଳ୍ପନା ଜଳ୍ପନା ଚାଲିଥିଲା। ଶେଷରେ ବିଜେଡି ଦୁଷ୍ମନ୍ତଙ୍କୁ ପ୍ରାର୍ଥୀ କରିଥିଲା। ଏ ନେଇ ଦୁଷ୍ମନ୍ତ କୁହନ୍ତି, ଦୀର୍ଘବର୍ଷ ଧରି ଲୋକଙ୍କ ପାଇଁ କାମ କରି ଆସୁଛନ୍ତି। ତେଣୁ ଜନସାଧାରଣ ତାଙ୍କ ସହ ଅଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ବଡପୁଞ୍ଜି ହୋଇଥିବାରୁ ଆଗାମୀ ନିର୍ବାଚନରେ ସେ ନିଶ୍ଚିତ ବିଜୟ ଲାଭ କରିବେ ବୋଲି କହିଛନ୍ତି। ସୂଚନାଥାଉକି, ଦୁଷ୍ମନ୍ତ ୨୦୦୯ ନିର୍ବାଚନରେ କଂଗ୍ରେସ ଟିକେଟରୁ ଲଢି ବିଧାୟକ ହୋଇଥିଲେ। ୨୦୧୪ରେ ସେ ପରାଜୟବରଣ କରିଥିବା ବେଳେ ଏଥର ଦଳୀୟ ଟିକେଟ ପାଇବାର ଆଶା ହରାଇଥିଲେ। କାରଣ ଭକ୍ତ ଦାସ ତାଙ୍କ ପୁଅ ସାଗରଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ସେ ଜାଣି ପାରିଥିଲେ। ଏଣୁ ଦୁଷ୍ମନ୍ତ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ।

ଗତ ନିର୍ବାଚନରେ ଭାଜପା ଟିକେଟରେ କଳାହାଣ୍ଡି ଲୋକ ସଭା ଆସନରେ ଲଢି ଦ୍ୱିତୀୟ ସ୍ଥାନରେ ରହିଥିବା ପ୍ରଦୀପ୍ତ କୁମାର ନାଏକ ଚଳିତ ନିର୍ବାଚନରେ ମଧ୍ୟ ଲୋକ ସଭା ଆସନ ନିମନ୍ତେ ଦାବିଦାର ଥିଲେ। ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡାଙ୍କୁ ଦଳ ଲୋକ ସଭା ଟିକେଟ ଦେଇଥିବା ବେଳେ ପ୍ରଦୀପ୍ତଙ୍କୁ ଭବାନୀପାଟଣା ବିଧାନସଭା ଟିକେଟ ଦେଇଛି। ଲୋକ ସଭା ଟିକେଟରୁ ବଞ୍ଚିତ ହୋଇ କିଛି ଦିନ ଅଭିମାନ ଓ ପ୍ରତିବାଦ କରିବା ପରେ ଶେଷରେ ଦଳୀୟ ନିଷ୍ପତ୍ତିକୁ ପ୍ରଦୀପ୍ତ ମାନି ନେଇଛନ୍ତି। ପ୍ରଦୀପ୍ତଙ୍କୁ ଭବାନୀପାଟଣା ଟିକେଟ ମିଳିବା ପରେ ବହୁ ଆଶାୟୀ ନିରାଶ ହୋଇଛି। ପ୍ରଦୀପ୍ତ ୨୦୦୦ ଓ ୨୦୦୪ରେ ଭାଜପା ପ୍ରାର୍ଥୀ ଭାବେ ଭବାନୀପାଟଣା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୪ ବିଜେଡି ଭାଜପା ମେଣ୍ଟ ସରକାରରେ ପ୍ରଦୀପ୍ତ ମନ୍ତ୍ରୀ ମଧ୍ୟ ହୋଇଥିଲେ। ତେବେ ୨୦୦୯ରେ ସେ ଦୁଷ୍ମନ୍ତଙ୍କଠାରୁ ପରାସ୍ତ ହୋଇଥିଲେ। ଗତ ୧୦ ବର୍ଷ ଧରି ପ୍ରଦୀପ୍ତ କ୍ଷମତାରୁ ଦୂରରେ ଥିଲେ। ତଥାପି ଜିଲା ସଭାପତି ଭାବେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାରେ ସେ ଉଦ୍ୟମ ଜାରି ରଖିଥିଲେ। ପ୍ରଦୀପ୍ତ କୁହନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ରହିଛି। ପୁନଶ୍ଚ କେନ୍ଦ୍ରର ଏନଡିଏ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳକୁ ଲୋକେ ଅନୁଭବ କରିଛନ୍ତି। ସେହି ବାର୍ତ୍ତାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବେ। ଲୋକେ ଆଶୀର୍ବାଦ କଲେ ନିଶ୍ଚିତ ବିଜୟ ହାସଲ କରିବେ ବୋଲି ସେ କହିଛନ୍ତି।

କଂଗ୍ରେସ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ କରି ସାଗରଙ୍କୁ ପ୍ରାର୍ଥୀ କରିଛି। ଗତ କିଛି ମାସ ହେବ ସାଗରଙ୍କ ବଡବଡ ହୋର୍ଡିଂ ବିଭିନ୍ନ ଅଞ୍ଚଳରେ ଦେଖିବା ପରେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇବା ନେଇ ଚର୍ଚ୍ଚା ହେଉଥିଲା। ସାଗର ମଧ୍ୟ ବିଭିନ୍ନ ସଭା ସମିତି ଆୟୋଜନ କରିବା ଦେଖିବାକୁ ମିଳୁଥିଲା। ସେ ଛାତ୍ର ଓ ଯୁବ ଗୋଷ୍ଠୀଙ୍କୁ ନେଇ ଆଶାୟୀ ରହିଛନ୍ତି। ବାପା ଭକ୍ତ ଦାସଙ୍କ ଲମ୍ବା ରାଜନୈତିକ କ୍ୟାରିୟର, ଜନସମ୍ପର୍କକୁ ପାଥେୟ କରି ସଫଳତା ପାଇବେ ବୋଲି ସାଗର ଆଶା ରଖିଛନ୍ତି। ସେହିପରି ଭକ୍ତ ଦାସ ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବାରୁ ସାଗରଙ୍କ ପାଇଁ ସୁବିଧା ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ସାଗର କୁହନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି। ଚାଷୀଙ୍କୁ ଅବହେଳା କରାଯାଉଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ପାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସବୁ ସମସ୍ୟାର ସମାଧାନ ହେବ। ଏଥି ସହିତ ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଲୋକଙ୍କ ପାଖରେ ପହଞ୍ଚି ସେ ସବୁର ସମାଧାନ କରିବେ ବୋଲି ସେ କହିଛନ୍ତି।


ସାଗର ଚରଣ ଦାସ


ଦୁଷ୍ମନ୍ତ କୁମାର ନାଏକ


ପ୍ରଦୀପ୍ତ କୁମାର ନାଏକ

# ଦିଗପହଣ୍ଡିରେ ତ୍ରିମୁଖୀ ଲଢ଼େଇ

**ଅଶେଷନାଥ ମିଶ୍ର**
**ଦିଗପହଣ୍ଡି,୭।୪(ଡି.ଏନ୍.ଏ.)**

**ବିଜେଡି, ଭାଜପା କନ୍ଦଳରୁ ଫାଇଦା ଖୋଜୁଛି କଂଗ୍ରେସ**

ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ଦିଗପହଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ଆପାତତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢ଼େଇର ଆଭାସ ମିଳୁଛି। କିନ୍ତୁ ବିଜେଡି ଓ କଂଗ୍ରେସ ମଧ୍ୟରେ ଜୋରଦାର ଲଢ଼େଇ ହେବା ନେଇ ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ୨୦୦୯ରେ ଦିଗପହଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ହୋଇଥିଲା। ଦିଗପହଣ୍ଡି ବ୍ଲକର ୨୫ ପଞ୍ଚାୟତ ଓ ଏନ୍‌ଏସି ସମେତ କୁକୁଡ଼ାଖଣ୍ଡି ବ୍ଲକର ୧୬ ପଞ୍ଚାୟତକୁ ନେଇ ଗଠନ କରାଯାଇଥିଲା ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ।

ଚଳିତ ନିର୍ବାଚନରେ ଏହି ଆସନରୁ ବିଜୁ ଜନତା ଦଳର ସୂର୍ଯ୍ୟ ନାରାୟଣ ପାତ୍ର, କଂଗ୍ରେସରୁ ପ୍ରଫୁଲ୍ଲ ପଣ୍ଡା, ଭାଜପାରୁ ଅଭିନେତ୍ରୀ ପିଙ୍କି ପ୍ରଧାନ, ବହୁଜନ ସମାଜ ପାର୍ଟିରୁ ପବିତ୍ର କୁମାର ତ୍ରିପାଠୀ, ଆମ୍ବେଦକର ଜାତୀୟ କଂଗ୍ରେସରୁ ଭଗବାନ ସାହୁ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଉତ୍ତମ କୁମାର ପାଣିଗ୍ରାହୀ ପ୍ରମୁଖ ୬ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।

୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ପାତ୍ର ସର୍ବାଧିକ ୬୫,୨୧୯ ଭୋଟ ପାଇ ଏହି ଆସନ ଦଖଲ କରିଥିଲେ। କଂଗ୍ରେସର ଭି. ରବି ନାରାୟଣ ରାଜୁ ୩୨,୪୫୬ ଭୋଟ ପାଇଥିଲେ। ତୃତୀୟ ସ୍ଥାନରେ ରହିଥିଲେ ଭାଜପା ପ୍ରାର୍ଥୀ ଶ୍ରୀଧର ଦେବ। ତାଙ୍କୁ ମାତ୍ର ୪,୧୧୯ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୂର୍ଯ୍ୟନାରାୟଣ ପାତ୍ର ୭୮,୯୪୯ ଭୋଟ ପାଇ ପୁନଃ ନିର୍ବାଚିତ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱି କଂଗ୍ରେସର ସାକା. ସୁଜିତ କୁମାର ୩୩,୦୫୨ ଏବଂ ଭାଜପା ପ୍ରାର୍ଥୀ ବିଜୟ କୁମାର ସ୍ୱାଇଁ ୭,୭୭୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ।

ଚଳିତ ଥର କଂଗ୍ରେସ ତା'ର ରଣକୌଶଳ ବଦଳାଇଛି। ନୂଆମୁହଁ ଓ ଯୁବ ନେତୃତ୍ୱ ପ୍ରଫୁଲ୍ଲଙ୍କୁ ପ୍ରାର୍ଥୀ କରିଛି। ବିଜେଡିର ହେଭିୱେଟ ପ୍ରାର୍ଥୀଙ୍କୁ ପରାଜିତ କରିବା ପାଇଁ ଦଳ ସ୍ୱତନ୍ତ୍ର ଯୋଜନା କରିଛି। ବିଜେଡି ଓ ଭାଜପା ଗୋଷ୍ଠୀ କନ୍ଦଳରୁ ଫାଇଦା ନେବାକୁ ଦଳ ଆଶା ରଖିଛି। ବିଜେଡି ପ୍ରାର୍ଥୀ ସୂର୍ଯ୍ୟ ନାରାୟଣଙ୍କର ଯଦିଓ ରାଜନୈତିକ ଅଭିଜ୍ଞତା ଅଛି, କିନ୍ତୁ ବୟସ ଅଧିକ ହୋଇଥିବାରୁ ତାଙ୍କୁ ଭୋଟର କେତେଦୂର ଗ୍ରହଣ କରିବେ ତାହା ଦେଖିବା କଥା। ସେହିପରି ଭାଜପା ପ୍ରାର୍ଥିନୀ ପିଙ୍କିଙ୍କ ପାଇଁ ସ୍ୱାଧୀନ ପ୍ରାର୍ଥୀ ଉତ୍ତମ କଣ୍ଟା ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଉତ୍ତମ ପୂର୍ବରୁ ଭାଜପାରୁ ଆଶାୟୀ ପ୍ରାର୍ଥୀ ଭାବେ ଦରଖାସ୍ତ କରିବା ସହ ଦୀର୍ଘଦିନ ହେବ ସଂଗଠନ ସମ୍ଭାଳୁଥିଲେ। କିନ୍ତୁ ତାଙ୍କୁ ଦଳୀୟ ଟିକେଟ ଦିଆଗଲା ନାହିଁ। ବହୁଜନ ସମାଜ ପାର୍ଟି (ବିଏସପି) ପ୍ରାର୍ଥୀ ପବିତ୍ର ଓ ଆମ୍ବେଦକର କଂଗ୍ରେସ ପ୍ରାର୍ଥୀ ଭଗବାନଙ୍କ ସୀମିତ ନିର୍ବାଚନ ପ୍ରଚାରର କୌଣସି ପ୍ରଭାବ ନ ଥିବା ଜଣାପଡ଼ିଛି। ବିଜେଡି ପ୍ରାର୍ଥୀଙ୍କ ବିରୋଧରେ ନିର୍ବାଚନ ମଣ୍ଡଳୀରେ କ୍ଷମତା ବିରୋଧୀ ଦଳୀୟ ଅସନ୍ତୋଷ ଓ ଭାଜପାରେ ଦଳୀୟ ପ୍ରାର୍ଥୀ ଚୟନକୁ ନେଇ କର୍ମୀଙ୍କ ମଧ୍ୟରେ ବିଭେଦତା କଂଗ୍ରେସ ପ୍ରାର୍ଥୀଙ୍କୁ ଏଠାରେ ସଫଳତା ମିଳିବାର ସମ୍ଭାବନା ରହିଛି। କଂଗ୍ରେସ ତା'ର ଦଳୀୟ ଅସନ୍ତୋଷ ଉପରେ ଅଙ୍କୁଶ ଲଗାଇ ଭୋଟ ବିଭାଜନର ବାଟ ବନ୍ଦ କରିବାକୁ ଉଦ୍ୟମ ଚଳାଇଥିବାରୁ ବିଜେଡି ପ୍ରାର୍ଥୀଙ୍କ ସକାଶେ ନିର୍ବାଚନ ମୁକାବିଲା କଷ୍ଟକର ହୋଇପଡ଼ିଥିବା କୁହାଯାଉଛି।

ଦିଗପହଣ୍ଡି ନିର୍ବାଚନମଣ୍ଡଳୀରେ ଗତ ୧୦ ବର୍ଷ ମଧ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ବିକାଶର ଧାରାକୁ ଆୟୁଧ କରି ଲୋକଙ୍କୁ ଭୋଟ ଭିକ୍ଷା କରୁଛି। ଅଞ୍ଚଳବାସୀଙ୍କ ସମୂହ ଉନ୍ନତିକୁ ନିର୍ବାଚନୀ ପ୍ରସଙ୍ଗ କରିଥିବା ବିଜେଡି ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ କରାଯିବ। ଭ୍ରଷ୍ଟାଚାର ଓ ଦୁର୍ନୀତି ବିରୋଧରେ ଲଗାତର ସଂଗ୍ରାମ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇ ଗ୍ରାମାଞ୍ଚଳରେ ଭୋଟ ଭିକ୍ଷା କରୁଥିବା କଂଗ୍ରେସ ପ୍ରାର୍ଥୀ ପଣ୍ଡା କହିଛନ୍ତି।

ଭାଜପା ପ୍ରାର୍ଥିନୀ ପିଙ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡ଼ିକୁ ନିର୍ବାଚନ ପ୍ରସଙ୍ଗ କରିଛନ୍ତି। ଦିଗପହଣ୍ଡିର ବୋହୂ ଭାବେ ଅଞ୍ଚଳବାସୀଙ୍କ ସେବା କରିବାକୁ ତାଙ୍କୁ ଲୋକେ ଭୋଟ ଦେବେ ବୋଲି ପିଙ୍କି ଆଶା ରଖିଛନ୍ତି।

ସମଗ୍ର ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଅନ୍ୟାୟ ଦୁର୍ନୀତି ଓ ଅରାଜକତାର ସମାପ୍ତି ଲାଗି ଭୋଟରମାନଙ୍କୁ ନିବେଦନ ପୂର୍ବକ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଥିବା ସ୍ୱାଧୀନ ପ୍ରାର୍ଥୀ ଉତ୍ତମ କହିଛନ୍ତି।


ସୂର୍ଯ୍ୟ ନାରାୟଣ ପାତ୍ର


ପ୍ରଫୁଲ୍ଲ ପଣ୍ଡା


ପିଙ୍କି ପ୍ରଧାନ


ଉତ୍ତମ କୁମାର ପାଣିଗ୍ରାହୀ

## ସଂକ୍ଷେପରେ

### ବିଷ ପିଇ ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୭।୪: ବିଷ ପିଇ ଗୁରୁତର ଥିବା ଜଣେ ମହିଳାଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ଭଗବାନ ଡ଼ାକୁଆଙ୍କ ପତ୍ନୀ ରୀନା । ତାଙ୍କ ଘର ଗୋଳନ୍ଥରା ଥାନା ରଙ୍ଗିପୁର ଗ୍ରାମର ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି । ମୃତଦେହ ଜବତ କରି ପୋଲିସ ନଂ. ୧୬୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘରର ଆର୍ଥିକ ସ୍ଥିତିକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ରବିବାର ସକାଳେ ରୀନା ମାନସିକ ଭାରସାମ୍ୟ ହରାଇ ଘରେ ବିଷପିଇ କରି ଦେଇଥିଲେ। ସେ ଘର ଭିତରେ ବାନ୍ତି କରିବା ପରେ ତାଙ୍କ ସ୍ୱାମୀ ଭଗବାନ ସ୍ତ୍ରୀ ରୀନାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନ ୩ଟାରେ ରୀନାଙ୍କ ମୃତ୍ୟୁ ଘଟିଥିଲା।

### ଗୁଣପୁରରେ ଭାଜପା ଏମ୍‌ପି ପ୍ରାର୍ଥୀଙ୍କ ଆଲୋଚନା

ଗୁଣପୁର,୭।୪(ଡି.ଏନ.ଏ)-ରାୟଗଡା ଜିଲା ଗୁଣପୁରଠାରେ ଭାଜପା ଏମପି ପ୍ରାର୍ଥୀ ଜୟରାମ ପାଙ୍ଗି ରବିବାର ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏଠାରେ ନିର୍ବାଚନ କିପରି ପରିଚାଳନା କରାଯିବ, ବହୁଳ ସଂଖ୍ୟାରେ ଭାଜପା ଭୋଟ ପାଇବ ସେନେଇ ଦଳୀୟ କର୍ମକର୍ତ୍ତାଙ୍କୁ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ଶେଷରେ ସେ ଖବରଦାତାମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ଚଳିତ ଥର ପୁଣି କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ହେବ । କେନ୍ଦ୍ର ସହ ରାଜ୍ୟରେ ଭାଜପା ସରକାର ହେଲେ ଓଡିଶାର ବିକାଶ ସମ୍ଭବ ହେବ । ୧୨୦ ମିଶନକୁ ଲକ୍ଷ୍ୟ ରଖି ଆମେ କାର୍ଯ୍ୟ କରିଛୁ । ଲୋକେ ୫୦ ବର୍ଷର କଂଗ୍ରେସ ଏବଂ ୧୯ ବର୍ଷର ବିଜେଡି ସରକାରଙ୍କୁ ଦେଖିଛନ୍ତି । ବର୍ତ୍ତମାନ ଲୋକ ପରିବର୍ତ୍ତନ ଚାହୁଁଛନ୍ତି । ଏଥର ନିଶ୍ଚିତ ସରକାର ପରିବର୍ତ୍ତନ ହେବ ବୋଲି କହିଥିଲେ । ସେ କୋରାପୁଟ ଏବଂ ରାୟଗଡା ଅଞ୍ଚଳର ବିକାଶ ପାଇଁ ସଂକଳ୍ପ ବଦ୍ଧ । ମୁଁ ଜିତିଲେ ଅଞ୍ଚଳର ବିକାଶ ନିଶ୍ଚୟ କରିବି । ପୂର୍ବରୁ ମଧ୍ୟ ମୁଁ ଏମ୍‌ପି ଭାବେ ରହି ଅଞ୍ଚଳର ବିକାଶ କରିଛି ବୋଲି କହିଥିଲେ । ଏହି ଅବସରରେ ବରିଷ୍ଠ ଭାଜପା ନେତା ରବି ପାଢ଼ୀ, ନଗରସଭାପତି ଅନିଲ ସାହୁକାର, ଜିଲା ଉପସଭାପତି ପ୍ରେମ ପ୍ରସାଦ ପଣ୍ଡା, ବ୍ଲକସଭାପତି ଉଦୟ ପାଢ଼ୀ, ବାସୁଦେବ ସାହୁକାର, ଲକ୍ଷ୍ମୀ ଶ୍ରୀରାମ, ସୁଜାତା ପଟ୍ଟନାୟକ, ପି.ନାଗରାଜୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳା ଭୋଟରଙ୍କ ଉପରେ ବିଜେଡିର ନଜର

ବ୍ରହ୍ମପୁର ଅଫିସ,୭।୪

**ବ୍ରହ୍ମପୁର ଲୋକ ସଭା କ୍ଷେତ୍ର**



କଲ୍ୟାଣୀ ଦେବୀ | ପୂର୍ଣ୍ଣବାସୀ ନାୟକ | ଉଷା ଦେବୀ | ପିଙ୍କି ପ୍ରଧାନ

- ଚିକିଟି, ମୋହନା, ପାରଳାରେ ମହିଳା ପ୍ରାର୍ଥୀ
- ଦିଗପହଣ୍ଡିରେ ସିନେମା ଷ୍ଟାଇଲରେ ପିଙ୍କିଙ୍କ ପ୍ରଚାର
- ମହିଳା ଭୋଟରଙ୍କ ସଂଖ୍ୟା ୭.୨୪ ଲକ୍ଷାଧିକ

ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀର ମହିଳା ଭୋଟରଙ୍କ ଉପରେ ନଜର ପକାଇଛି ବିଜେଡି। ଚଳିତ ନିର୍ବାଚନ ପୂର୍ବରୁ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା କାର୍ଡ ଖେଳି ରାଜନୀତିରେ ହଇଚଇ ସୃଷ୍ଟି କରିଥିଲେ ଏବଂ ଘୋଷଣା ମୁତାବକ ରାଜ୍ୟର ସମୁଦାୟ ଲୋକ ସଭା ଆସନରୁ ୩୩% ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି । ବ୍ରହ୍ମପୁର ସଂସଦ କ୍ଷେତ୍ର ଅଧୀନ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ୩ ମହିଳାଙ୍କୁ ଟିକେଟ ମିଳିଛି । ଚିକିଟି ସେଗ୍‌ମେଣ୍ଟରେ ପୁରୁଣା ପ୍ରାର୍ଥୀ ଉଷା ଦେବୀ ପୁନର୍ବାର ଲଢ଼େଇ କରୁଥିବା ବେଳେ ପାରଳାଖେମୁଣ୍ଡିରେ କଲ୍ୟାଣୀ ଦେବୀ ଏବଂ ମୋହନା ସଂରକ୍ଷିତ ଆସନ ପାଇଁ ବିଜେଡିରୁ ଲଢୁଛନ୍ତି ପୂର୍ଣ୍ଣବାସୀ ନାୟକ। କଲ୍ୟାଣୀ ଓ ପୂର୍ଣ୍ଣବାସୀ ପ୍ରଥମକରି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ପକ୍ଷରୁ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ପିଙ୍କି ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି। ସର୍ବ ପୁରାତନ ଜାତୀୟ ଦଳ କଂଗ୍ରେସରୁ ଜଣେ ବି ମହିଳାଙ୍କୁ ପ୍ରାର୍ଥୀ କରାଯାଇନାହିଁ ।

ଲୋକ ସଭା କ୍ଷେତ୍ରର ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଚିକିଟି, ଦିଗପହଣ୍ଡି, ମୋହନା ଓ ପାରଳାଖେମୁଣ୍ଡି ବିଧାନସଭା କ୍ଷେତ୍ରରେ ୭ ଲକ୍ଷ ୨୪ ହଜାର ୮୪୮ ମହିଳା ଭୋଟର ଅଛନ୍ତି। ତେଣୁ ବିଜେଡି ମୁଖିଆ ନବୀନ ଏହି ଭୋଟରଙ୍କ ଉପରେ ଭରସା ରଖିଛନ୍ତି । ରବିବାର ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ବିଜେଡିର ନିର୍ବାଚନୀ ପ୍ରଚାର ସଭାରେ ଯୋଗଦେଇ ଦଳର ୧ନଂ. ଷ୍ଟାର ପ୍ରଚାରକ ତାଙ୍କ ଭାଷଣରେ ବିଭିନ୍ନ ପ୍ରସଙ୍ଗ ସହ ମହିଳାଙ୍କ ପାଇଁ ରାଜନୀତିରେ କରାଯାଇଥିବା ସୁବିଧା ବଖାଣିଥିଲେ । ସଭାରେ ଉପସ୍ଥିତ ଥିବା ଆଦିବାସୀ ଓ ଅନ୍ୟ ସମ୍ପ୍ରଦାୟର ମହିଳାମାନେ ହୁଳହୁଳି ନାଦରେ ସ୍ୱାଗତ କରିଥିଲେ । ନିର୍ବାଚନୀ ପ୍ରଚାର ସଭାରେ ବିଜେଡି ସରକାରଙ୍କ ଦୀର୍ଘ ବର୍ଷର ଶାସନରେ ମହିଳାଙ୍କ କଲ୍ୟାଣ ଲାଗି କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ନବୀନ ରିପିଟ୍ କରିଥିଲେ ।

ଅପରପକ୍ଷେ ଦିଗପହଣ୍ଡିରେ ଭାଜପା ପ୍ରାର୍ଥିନୀ ପିଙ୍କି ପ୍ରଥମଥର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେଠାରେ ପୁରୁଖା ନେତା ବିଜେଡି ପ୍ରାର୍ଥୀ ସୂର୍ଯ୍ୟଙ୍କୁ ଟକ୍କର ଦେଉଛନ୍ତି। ସୂର୍ଯ୍ୟ ସପ୍ତମଥର ପାଇଁ ନିର୍ବାଚନ ଲଢୁଛନ୍ତି। ଦିଗପହଣ୍ଡି ବ୍ଲକ ଓ ଏନ୍‌ଏସି ଏବଂ କୁକୁଡ଼ାଖଣ୍ଡି ବ୍ଲକରେ ୧୭ ପଞ୍ଚାୟତକୁ ନେଇ ନିର୍ବାଚନ ମଣ୍ଡଳୀ ଗଠନ ହୋଇଛି । ନୂଆ ପ୍ରାର୍ଥୀ ପିଙ୍କି ସିନେମା ଷ୍ଟାଇଲରେ ଗାଁ ଗଣ୍ଡା ଓ ଦିଗପହଣ୍ଡି ସହରାଞ୍ଚଳରେ ନିର୍ବାଚନୀ ପ୍ରଚାର କରୁଛନ୍ତି।

## ସୂର୍ଯ୍ୟଙ୍କୁ କଂଗ୍ରେସ ଲୋକ ସଭା ପ୍ରାର୍ଥୀ ନାଇଡୁଙ୍କ ପ୍ରଶ୍ନ

# ୬ଥର ବିଧାୟକ ହୋଇ କରିଛ କ'ଣ

ବ୍ରହ୍ମପୁର ଅଫିସ,୭।୪

ଦିଗପହଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବ୍ରହ୍ମପୁର ଲୋକ ସଭା ଆସନ କଂଗ୍ରେସ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁଙ୍କ ପ୍ରଶ୍ନ। ୨୪ ବର୍ଷରେ ୬ ଥର ବିଧାୟକ ଏବଂ ୫ ଥର ମନ୍ତ୍ରୀ ହୋଇ ନିର୍ବାଚନୀ ମଣ୍ଡଳୀରେ ବିକାଶ ହୋଇନି କାହିଁକି। ରବିବାର ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁକୁଡ଼ାଖଣ୍ଡି ବ୍ଲକ କଂଗ୍ରେସର ମାରାଥନ ପ୍ରଚାର ବେଳେ ନାଇଡୁ ଏହି ପ୍ରସଙ୍ଗ ଉଠାଇଛନ୍ତି। ପ୍ରସ୍ତାବିତ ଛେଳିଗଡ଼ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ହୋଇ ନ ଥିବାରୁ ବିଜେଡି ସରକାର ଓ ମନ୍ତ୍ରୀଙ୍କୁ ଟାର୍ଗେଟ କରି ସେ ବର୍ଷିଥିଲେ। ଗତ ୨୪ ବର୍ଷରେ କୃଷି କାର୍ଯ୍ୟକ୍ରମ ବିନାଶ ହୋଇଥିବା ଏବଂ ଆଖିବୁଜା ପିସି ଯୋଗୁ ଦୁର୍ନୀତି ବଢ଼ିଥିବା ଭଳି ସଙ୍ଗିନ ଅଭିଯୋଗ କରିଥିଲେ । ନାଇଡୁ ନିର୍ବାଚନୀ ପ୍ରଚାର ବେଳେ ଅଞ୍ଚଳରେ ପ୍ରକୃତ ଗରିବ ହିତାଧିକାରୀଙ୍କ ପରିବର୍ତ୍ତେ ଦଳୀୟ ଲୋକଙ୍କୁ ବିଭିନ୍ନ ଭତ୍ତା ମିଳୁଥିବାରୁ ଏଥିପାଇଁ ମନ୍ତ୍ରୀଙ୍କୁ ଦାୟୀ କରିଥିଲେ। ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସମଗ୍ର ନିର୍ବାଚନ ମଣ୍ଡଳୀ ପରିକ୍ରମା ଏବଂ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ସ୍ୱାଭିମାନୀ ଏଥର ମୁଖ୍ୟମନ୍ତ୍ରୀଙ୍କ ପରିବାରର ଚାକରଙ୍କୁ ହଟାଇବା ପାଇଁ ନାଇଡୁ ଆହ୍ୱାନ ଦେଇଥିଲେ ।

ସୂଚନାଯୋଗ୍ୟ, ୨୦୧୨ ପଞ୍ଚାୟତ ନିର୍ବାଚନ ବେଳେ ବିଜେଡିର ବ୍ରହ୍ମପୁର ମହାସମାବେଶରେ ସୂର୍ଯ୍ୟ ତାଙ୍କ ଭାଷଣରେ ନିଜକୁ ବିଜୁ ପରିବାରର ଜଣେ ଚାକର ବୋଲି ଦର୍ଶାଇଥିଲେ । ଏହି ଟିପ୍ପଣୀ ରାଜନୀତିରେ ରୋଚକ ହୋଇଥିଲା । ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଥିଲା ।



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରାର୍ଥୀମାନେ ବ୍ରହ୍ମପୁରରେ ରୋଡ୍ ଶୋ ରେ ବୁଲୁଛନ୍ତି ।

# ଏସ୍‌ୟୁସିଆଇ ପ୍ରାର୍ଥୀଙ୍କ ରୋଡ୍ ଶୋ

ବ୍ରହ୍ମପୁର ଅଫିସ,୭।୪

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରାର୍ଥୀମାନେ ରବିବାର ନିର୍ବାଚନ ପ୍ରଚାରକୁ ଜୋରଦାର୍ କରିଛନ୍ତି। ବ୍ରହ୍ମପୁର ସହର ଏବଂ ଏହାର ଆଖାପାଖ ଅଞ୍ଚଳରେ ରୋଡ୍ ଶୋ କରିବା ତଥା ଭୋଟ୍ ଦେବାକୁ ଆହ୍ୱାନ ଦେଇଥିଲେ। ଚଳିତ ନିର୍ବାଚନରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ତରଫରୁ ବ୍ରହ୍ମପୁର ଲୋକ ସଭା ପାଇଁ ସୋମନାଥ ବେହେରା ପ୍ରାର୍ଥୀ ହୋଇଥିବା ବେଳେ ବ୍ରହ୍ମପୁର ବିଧାନସଭା ପାଇଁ ଶିବାନୀ ଶଙ୍କର ମିଶ୍ର ଏବଂ ଗୋପାଳପୁର ବିଧାନସଭା ପାଇଁ ଶିବ ପ୍ରସାଦ ରେଡ୍ଡୀ ପ୍ରାର୍ଥୀ ହୋଇଛନ୍ତି। ଗୋଟିଏ ପଟେ ଦେଶରେ ସାମ୍ପ୍ରଦାୟିକ ଶକ୍ତିର ପ୍ରାଦୁର୍ଭାବ ବଢୁଥିବା ବେଳେ ଦେଶ ଆଜି ଫାଶୀବାଦୀଙ୍କ ଦ୍ୱାରା ଶାସିତ ହେଉଛି । ଏପଟେ ରାଜ୍ୟରେ ବିଜେଡ଼ି ସରକାରର ଦୁର୍ନୀତି ଚରମସୀମାରେ ପହଞ୍ଚିଲାଣି। ଉଭୟ ଭାଜପା ଏବଂ ବିଜେଡ଼ିକୁ ପରାସ୍ତ କରିବା ସହ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ରୋଡ୍ ଶୋ ବେଳେ ପ୍ରାର୍ଥୀମାନେ ବକ୍ତବ୍ୟ ରଖିଥିଲେ। କୋର୍ଟପେଟା ଛକରୁ ଏହି ରୋଡ୍‌ଶୋ ବାହାରି ସହର ପରିକ୍ରମା କରିବା ସହ ଉପକଣ୍ଠ ଅଞ୍ଚଳରେ ମଧ୍ୟ ବୁଲିଥିଲା। ଏଥିରେ ଦଳର ବହୁ କର୍ମୀ ଭାଗ ନେଇଥିଲେ ।

# ଅବସର ପରେ ମିଳୁନି ଇପିଏଫ୍ ଟଙ୍କା

ବ୍ରହ୍ମପୁର ଅଫିସ,୭।୪



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀମାନେ ।

ଓଡ଼ିଶା ଉଠାଜଳସେଚନ ନିଗମ ନିର୍ବାହୀ ଯନ୍ତ୍ରୀ ଭାବେ ଜି.ସି. ପାତ୍ର ୨୦୧୦ ରେ ଅବସର ଗ୍ରହଣ କରିଥିଲେ। ନିୟମ ରହିଛି, ଅବସରପରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ଟଙ୍କା ପ୍ରଦାନ କରାଯିବ। ଏବାବଦରେ ସେ ପ୍ରାୟ ୫ଲକ୍ଷ ଟଙ୍କା ପାଇବେ । ଅବସର ନେବାର ୯ବର୍ଷ ପୂରି ଗଲାଣି ହେଲେ ବର୍ତ୍ତମାନ ଯାଏ ଇପିଏଫ୍ ଟଙ୍କା ପାଇ ନାହାନ୍ତି। ସେହିପରି କେ.ଭି.ରାମଣା ପିଅନ ପଦରୁ ୨୦୧୨ରେ ଅବସର ନେଇଥିଲେ। ଇତି ମଧ୍ୟରେ ୭ବର୍ଷ ବିତିଗଲାଣି, କିନ୍ତୁ ସେ ମଧ୍ୟ ଇପିଏଫ୍ ଟଙ୍କା ପାଇନାହାନ୍ତି। ଜୀବନ ତମାମ୍ କଷ୍ଟ କରିବା ପରେ ଅବସର ସମୟରେ ତାଙ୍କୁ ୩ଲକ୍ଷ ଟଙ୍କା ମିଳିବାର ଥିଲା। ତାହା ଏଯାଏ ମିଳିଲାନି । କେବଳ ଏହି ଦୁଇ ଜଣ ନୁହନ୍ତି, ଏମାନଙ୍କ ଭଳି ପ୍ରତାପ ଚନ୍ଦ୍ର ଶତପଥୀ, ବିଘ୍ନେଶ୍ୱର ପାତ୍ର ମଧ୍ୟ ଅବସର ଗ୍ରହଣ କରିବାର ଅନେକ ବର୍ଷ ପରେ ଇପିଏଫ୍ ଟଙ୍କା ପାଇନାହାନ୍ତି। ରାଜ୍ୟବ୍ୟାପୀ ଏଭଳି ୧୯୩୪ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ଭୁବନେଶ୍ୱର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଆର୍‌ପିଏଫ୍) କମିଶନରଙ୍କ କାର୍ଯ୍ୟାଳୟରେ ପଡ଼ିରହିଛି । ବୟସ ବଢୁଛି । ଅବସର ପରେ ଇପିଏଫ୍ ଟଙ୍କାର ଆବଶ୍ୟକତା ଅନୁଯାୟୀ ଖର୍ଚ୍ଚ କରିବାକୁ ଆଶା ରଖିଥିଲେ । ଅବସର ନେଲେ, କିନ୍ତୁ ମିଳୁନି ଇପିଏଫ୍ ଟଙ୍କା ।

ଓଡ଼ିଶା ଉଠାଜଳସେଚନ ନିଗମରେ ଦୀର୍ଘ ବର୍ଷ କାର୍ଯ୍ୟ କରିବା ପରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଟଙ୍କା ମିଳୁନି। ରାଜ୍ୟବ୍ୟାପୀ ପ୍ରାୟ ୧୯୩୪ କର୍ମଚାରୀ ପାଣ୍ଠି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ରବିବାର ଗଞ୍ଜାମ କଳା ପରିଷଦ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏନେଇ ଅବସରପ୍ରାପ୍ତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ସାରା ରାଜ୍ୟରେ ୯ ହଜାର ୬ଶହ କର୍ମଚାରୀଙ୍କ ମଧ୍ୟରୁ ୬ ହଜାର ୫ଶହ କର୍ମଚାରୀ ଭିଆର୍‌ଏସ୍ ନେଇଥିଲେ। ଆଉ ୨୧ଶହ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୬୬ଜଣ ମୃତ୍ୟୁବରଣ କରିବା ପରେ ଭବିଷ୍ୟନିଧି ପାଣ୍ଠି ଟଙ୍କା ସେମାନଙ୍କ ପରିବାର ବର୍ଗଙ୍କୁ ପ୍ରଦାନ କରାଯାଇଛି। କିନ୍ତୁ ଅବଶିଷ୍ଟ ୧୯୩୪ କର୍ମଚାରୀଙ୍କୁ ବର୍ତ୍ତମାନ ସୁଦ୍ଧା ପ୍ରଦାନ କରାଯାଇ ନାହିଁ । ଏନେଇ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଆର୍‌ପିଏଫ୍) କମିଶନରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି । ତଥାପି କୌଣସି ପଦକ୍ଷେପ ନିଆଯାଇ ନାହିଁ । ବିଭାଗ ତରଫରୁ ୪କୋଟି ୫୧ଲକ୍ଷ ଟଙ୍କା ପ୍ରଦାନ କରାଯାଉ ନ ଥିବା ଯୋଗୁ କର୍ମଚାରୀଙ୍କୁ ଟଙ୍କା ଦିଆଯାଇପାରୁନି ବୋଲି କୁହାଯାଉଛି। ତେବେ ମାର୍ଚ୍ଚ ୨ତାରିଖରେ ଓଡ଼ିଶା ଉଠା ଜଳସେଚନ ନିଗମ ତରଫରୁ ଆର୍‌ପିଏଫ୍ କମିଶନରଙ୍କୁ ଚିଠି ଲେଖାଯାଇଥିଲା। ଖୁବ୍ ଶୀଘ୍ର ନିଗମ ବକେୟା ଟଙ୍କା ଜମା କରିବ। ଏଣୁ ତୁରନ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସେମାନଙ୍କ ଭବିଷ୍ୟନିଧି ପାଣ୍ଠି ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ତଥାପି ଆର୍‌ପିଏଫ୍ କମିଶନର୍ ଏଯାଏ ଟଙ୍କା ଦେଇନାହାନ୍ତି । ଏହା ଭିତରେ ଅନେକ କର୍ମଚାରୀ ୭ ରୁ ୮ବର୍ଷ ହେଲା ଅବସର ଗ୍ରହଣ କଲେଣି । ହେଲେ ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି । ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବସରପ୍ରାପ୍ତ କର୍ମଚାରୀମାନେ ଭାରତ ସରକାର, ଓଡ଼ିଶା ସରକାର, ଓଡ଼ିଶା ଉଠା ଜଳସେଚନ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କ ନିକଟରେ ଦାବି କରିଛନ୍ତି ।

# ନିଶାମୁକ୍ତ ସମାଜ ଗଠନ ପାଇଁ ଶୋଭାଯାତ୍ରା

ବ୍ରହ୍ମପୁର ଅଫିସ,୭।୪

ଆଗାମୀ ସାଧାରଣ ନିର୍ବାଚନରେ ବହୁଳ ପରିମାଣରେ ମତଦାନ କରିବା ସହ ମାଂସ ଓ ମଦ ପରିତ୍ୟାଗ କରିବାକୁ ଆହ୍ୱାନ ଦିଆଯାଇଛି। ମତଦାନ କରିବା ସହ ଶୁଦ୍ଧ ଶାକାହାରୀ ଓ ମଦ୍ୟପାନଠାରୁ ଦୂରରେ ରହିବା ଦିଗରେ ସଚେତନ କରାଇବା ଉଦ୍ଦେଶ୍ୟରେ ଜୟଗୁରୁ ଧର୍ମବିକାଶ ସଂସ୍ଥା ଗଞ୍ଜାମ ଜିଲା ଶାଖା ପକ୍ଷରୁ ରବିବାର ଏକ ଶୋଭଯାତ୍ରା ଆୟୋଜିତ ହୋଇଥିଲା । ଫାଷ୍ଟଗେଟ ବାଲ୍ୟଠାକୁରାଣୀ ମନ୍ଦିର ପରିସରରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ନିଶାମୁକ୍ତ ସମାଜ ଓ ଶାକାହାରୀ ଜୀବନଯାପନ ପାଇଁ ବାର୍ତ୍ତା ଦେଇଥିଲେ । ଏହି ଶୋଭାଯାତ୍ରା ଫାଷ୍ଟଗେଟ ସମେତ ହରିଡାଖଣ୍ଡି, ଗେଟବଜାର, ଷ୍ଟେଟବ୍ୟାଙ୍କ ଛକ, ସୁବାରାଓ ଛକ, ଟାଟାବେଞ୍ଜ ଛକ, କମାପଲ୍ଲୀ ଓ କୋଟପେଟା ଛକ ଦେଇ ଇଞ୍ଜିନିୟରିଂ ସ୍କୁଲ ରୋଡ ବିଦ୍ୟୁତପୁରୀ କଲୋନୀ ମହାଦେବ ମନ୍ଦିରରେ ସମାପ୍ତ ହୋଇଥିଲା । ସଂସ୍ଥାର ରାଜ୍ୟ ସଭାପତି ସଂଗ୍ରାମ କେଶରୀ ଦାଶଙ୍କ ସମେତ ଗଞ୍ଜାମ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ ।



ଆୟୋଜିତ ଶୋଭାଯାତ୍ରା ।

## ■ ଟ୍ରାଫିକ୍ ନିୟମ ଭାଙ୍ଗି ଜରିମାନା ଗଣୁଛନ୍ତି ଗାଡ଼ି ଚାଳକ

# ୧୫ ମାସରେ ୯୬.୬୪ ଲକ୍ଷ ଆଦାୟ

ସୁବାସ ଚନ୍ଦ୍ର ପାଢୀ
ବ୍ରହ୍ମପୁର ଅଫିସ,୭।୪



ଟ୍ରାଫିକ ଥାନା ।

| ୨୦୧୮ | ଜରିମାନା | ଲାଇସେନ୍ସ ରଦ୍ଦ |
|---|---|---|
| ଜାନୁୟାରୀ | ୮ ଲକ୍ଷ ୭୭ ହଜାର ୫୦ | ୧୨ |
| ଫେବୃୟାରୀ | ୬ ଲକ୍ଷ ୧୩ ହଜାର ୭୦୦ | ୨୧ |
| ମାର୍ଚ୍ଚ | ୪ ଲକ୍ଷ ୮୩ ହଜାର ୫୦ | ୭ |
| ଏପ୍ରିଲ | ୯ ଲକ୍ଷ ୧୮ ହଜାର ୮୫୦ | ୩ |
| ମେ | ୭ ଲକ୍ଷ ୮୦ ହଜାର ୫୦ | ୬୧ |
| ଜୁନ | ୫ ଲକ୍ଷ ୮୫ ହଜାର ୮୦୦ | ୪୪ |
| ଜୁଲାଇ | ୪ ଲକ୍ଷ ୭୦ ହଜାର ୨୦୦ | ୧୩ |
| ଅଗଷ୍ଟ | ୫ ଲକ୍ଷ ୬୨ ହଜାର ୪୦୦ | ୧୭ |
| ସେପ୍ଟେମ୍ବର | ୮ ଲକ୍ଷ ୨୨ ହଜାର ୫୦୦ | ୩୦ |
| ଅକ୍ଟୋବର | ୬ ଲକ୍ଷ ୮୦ ହଜାର ୧୫୦ | ୨୫ |
| ନଭେମ୍ବର | ୫ ଲକ୍ଷ ୬୯ ହଜାର ୭୦୦ | ୨୦ |
| ଡିସେମ୍ବର | ୫ ଲକ୍ଷ ୧୧ ହଜାର ୫୦୦ | ୧୪ |
| **୨୦୧୯** | **ଜରିମାନା** | **ଲାଇସେନ୍ସ ରଦ୍ଦ** |
| ଜାନୁୟାରୀ | ୫ ଲକ୍ଷ ୫୬ ହଜାର ୩୦୦ | ୧୨ |
| ଫେବୃୟାରୀ | ୬ ଲକ୍ଷ ୫୯ ହଜାର ୧୦୦ | ୬୪ |
| ମାର୍ଚ୍ଚ | ୪ ଲକ୍ଷ ୯୪ ହଜାର ୧୦୦ | ୪୧ |

ଦୁର୍ଘଟଣାକୁ ରୋକିବା ପାଇଁ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାରେ ଲାଗିପଡ଼ିଛି ପୋଲିସ। ଏଥିପାଇଁ ବ୍ରହ୍ମପୁରରେ ସ୍ୱତନ୍ତ୍ର ଭାବେ ଟ୍ରାଫିକ ଥାନା ରହିଛି। ଗାଡ଼ି କାଗଜପତ୍ର ଯାଞ୍ଚଠାରୁ ଆରମ୍ଭ କରି ହେଲମେଟ ଯାଞ୍ଚ, ଟ୍ରିପଲ ରାଇଡିଂ, ଗାଡ଼ି ଚଳାଇବା ବେଳେ ଫୋନ ବ୍ୟବହାର କରିବା ଓ ବେଆଇନ ପାର୍କିଂରୁ ଜରିମାନା ଆଦାୟ କରୁଛି। ୨୦୧୮ରେ ଟ୍ରାଫିକ ଥାନା ପୋଲିସ ୭୯ ଲକ୍ଷ ୫୪ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ଚଳିତ ବର୍ଷ ଜାନୁୟାରୀରୁ ମାର୍ଚ୍ଚ ମାସ ମଧ୍ୟରେ ୧୭ ଲକ୍ଷ ୯ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରିଛି । ଗତ ୧୫ ମାସରେ ଟ୍ରାଫିକ ଥାନା ପୋଲିସ ଗାଡ଼ି ଚାଳକଙ୍କଠାରୁ ଟ୍ରାଫିକ ନିୟମ ଉଲ୍ଲଂଘନ ବାବଦରେ ୯୬ ଲକ୍ଷ ୬୪ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ଥାନାଧିକାରୀ ଏସ୍‌କେ କିଶାନ ସୂଚନା ଦେଇଛନ୍ତି । ଏତେ ପରିମାଣର ଜରିମାନା ଆଦାୟ ହେଉଥିଲେ ସୁଦ୍ଧା ଗାଡ଼ି ଚାଳକମାନେ ନିୟମ ପାଳନ କରୁନାହାନ୍ତି। ପୋଲିସର କଡ଼ା ତାଗିଦ ସତ୍ତ୍ୱେ ଲୋକେ ସଚେତନ ହେଉନାହାନ୍ତି। ଗାଡ଼ି ଚଳାଇବା ବେଳେ ହେଲମେଟ ପିନ୍ଧିବାରେ ଅବହେଳା କରି ଜରିମାନା ଗଣୁଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ମହାନଗରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ତୁଳନାରେ ଯାନବାହନ ଚଳାଚଳ ମଧ୍ୟ ବୃଦ୍ଧି ଘଟିଛି। ଗାଡ଼ିଗୁଡ଼ିକ ପାର୍କିଂ କରିବା ପାଇଁ ସ୍ଥାନର ଅଭାବ ରହୁଛି। ପାର୍କିଂ ସୁବିଧା ନ ଥିବାରୁ ଲୋକମାନେ ନିଜ ନିଜର ବାଇକ୍ ଓ ଅନ୍ୟାନ୍ୟ ଗାଡ଼ିଗୁଡ଼ିକ ସୁବିଧା ଦେଖି ପାର୍କିଂ କରୁଛନ୍ତି। ଅନ୍ୟପଟେ ପୋଲିସ ବେଆଇନ ପାର୍କିଂରୁ ଜରିମାନା ଆଦାୟ କରୁଛି। ତେଣୁ ସରକାର ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ପାର୍କିଂ ସୁବିଧା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଟ୍ରାଫିକ ନିୟମ କଡ଼ାକଡ଼ି କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହା ବଦଳରେ ଜନସାଧାରଣ କ'ଣ ସୁବିଧା ପାଇଛନ୍ତି ତାହା ତର୍ଜମା କରିବା ଆବଶ୍ୟକ। ମହାନଗରର ଅଧିକାଂଶ ସ୍ଥାନରେ ପାର୍କିଂ ସୁବିଧା ନ ଥିବାରୁ ଲୋକମାନେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି ବୋଲି ଭାଜପା ଜିଲା ସଭାପତି କାହ୍ନୁ ଚରଣ ପତି କହିଛନ୍ତି। ସହରର ଫାଷ୍ଟଗେଟଠାରୁ ଆରମ୍ଭ କରି ଗେଟବଜାର, ଗୋଷାଣୀନୂଆଗାଁଠାରୁ ବିଜିପୁର ଓ କୋର୍ଟପେଟା, କମାପଲ୍ଲୀ ଏବଂ ଇଞ୍ଜିନିୟରିଂ ସ୍କୁଲ ଛକ ରାସ୍ତା ଏବେବି ଅଧିକାଂଶ ସମୟରେ ଭିଡ ରହୁଛି। ଗାଡ଼ି ରଖିବାକୁ ସ୍ଥାନ ମିଳୁନାହିଁ। ବଡ଼ବଜାର, ସାନବଜାର, ଗିରିମାର୍କେଟ ଓ ଅନ୍ନପୂର୍ଣ୍ଣା ମାର୍କେଟ ରାସ୍ତା ମଧ୍ୟ ଯଥା ପୂର୍ବଂ ତଥା ପର ସ୍ଥିତିରେ ରହିଛି। ପୋଲିସ କେବଳ ରାସ୍ତା କଡ଼ରେ ଗାର ଟାଣିବା ଛଡ଼ା ଆଉ କିଛି କରିନାହିଁ । ଗାର ସେପଟେ ବାଇକ ରଖିବା ପାଇଁ ସ୍ଥାନ ଅଛି କି ନାହିଁ ସେ ଦିଗରେ ଦୃଷ୍ଟି ଦିଆଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ୨୦୧୭ ଜାନୁୟାରୀରୁ ବ୍ରହ୍ମପୁର ସହରରେ ଲାଇସେନ୍ସ ଚେକିଂ ଓ ଗାଡ଼ି କାଗଜ ପତ୍ର ଯାଞ୍ଚ କଡ଼ାକଡ଼ି କରାଯାଇଥିଲା। ଏହାକୁ ସାଧାରଣରେ ସ୍ୱାଗତ କରାଯାଇଥିଲା। କିନ୍ତୁ ପୋଲିସ ଏ ଦିଗରେ ଅଧିକ କଠୋର ମନୋଭାବ ପୋଷଣ କରିବାରୁ ଲୋକେ ଏହାକୁ ବିରୋଧ କରିଥିଲେ। ନୋ-ପାର୍କିଂ ଜୋନରେ ଥିବା ଗାଡ଼ିଗୁଡ଼ିକୁ ପୋଲିସ ଉଠାଇ ନେଉଛି। ଏମିତିକି ବିଭିନ୍ନ ନିୟମରେ ଶହେରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଉଛି। ଅଗଷ୍ଟ ୧୬ ତାରିଖରୁ ନୋ-ହେଲମେଟ ନୋ-ପେଟ୍ରୋଲ ଅଭିଯାନ ଆରମ୍ଭ କରାଯାଇଥିଲା। କିନ୍ତୁ ଏବେ ଏହି ନିୟମ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳୁଛି । ଟ୍ରାଫିକ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ପୋଲିସ ଗତବର୍ଷ ଏପ୍ରିଲ ମାସରେ ନିୟମ ଖିଲାପକାରୀ ଗାଡ଼ି ଚାଳକଙ୍କ ଠାରୁ ସର୍ବାଧିକ ୯ ଲକ୍ଷ ୧୮ ହଜାର ୮୫୦ ଟଙ୍କା ଜରିମାନା ଆଦାୟ କରିଛି । ସେହିପରି ଗତ ବର୍ଷ ପୋଲିସ ମୋଟ ୨୬୭ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ (ଆରଟିଓ)ଙ୍କୁ ଚିଠି ଲେଖିଛି। ଚଳିତ ବର୍ଷ ଜାନୁୟାରୀରେ ୫ ଲକ୍ଷ ୫୬ ହଜାର ୩୦୦ ଟଙ୍କା, ଫେବୃୟାରୀରେ ୬ ଲକ୍ଷ ୫୯ ହଜାର ୧୦୦ ଟଙ୍କା ଓ ମାର୍ଚ୍ଚରେ ୪ ଲକ୍ଷ ୯୪ ହଜାର ୧୦୦ ଟଙ୍କା ଜରିମାନା ପୋଲିସ ଆଦାୟ କରିସାରିଲାଣି । ଏ ଦିଗରେ ଲୋକେ ସଚେତନ ହେବା ସହିତ ଲୋକଙ୍କ ପାଇଁ ଆବଶ୍ୟକ ସୁବିଧା ଯୋଗାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୮ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ବର୍ଷା ସାହିତ୍ୟ ସଂସଦ ବାର୍ଷିକ ସମାରୋହ

ଦାମନଯୋଡ଼ି,୭।୪(ଡି.ଏନ୍.ଏ.): ଜୀବନ ଏକ ସାହିତ୍ୟ। ସାହିତ୍ୟ ଜୀବନର କଥା କହେ। ତେଣୁ ଜୀବନର ହିତ ପାଇଁ ସାହିତ୍ୟ କାମ କରିବା ଦରକାର। ହୃଦୟର କଥା କହିଲେ ସାହିତ୍ୟ ଅନ୍ୟକୁ ଛୁଇଁବ। ତେବେ ସାହିତ୍ୟିକଟିଏ ପ୍ରଥମେ ନିଜକୁ ଚିହ୍ନିବା ଦରକାର। ନିଜକୁ ଭଲପାଇବା, ମଣିଷ ସହ ସମ୍ପର୍କ ଯୋଡ଼ିବା ଦରକାର। ଏହାହେଲେ ହିଁ ଭଲ ସାହିତ୍ୟ ସୃଷ୍ଟି ହୋଇପାରିବ। ଏହି କଥା କହିଛନ୍ତି ଭୁବନେଶ୍ୱରର ମାନବ ଅଧ୍ୟୟନ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ଡ. ହରପ୍ରସନ୍ନ ଦାସ। ଦାମନଯୋଡ଼ିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବର୍ଷା ସାହିତ୍ୟ ସଂସଦର ୨୮ତମ ବାର୍ଷିକ ସାରସ୍ୱତ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ରବିଶଙ୍କର ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଲକୋ ମହାପ୍ରବନ୍ଧକ ରାଜୀବ କୁମାର ମିଶ୍ର, ସାହିତ୍ୟିକ ଡ. ମନମୋହନ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। ନାଲକୋ ଟାଉନସିପ୍ ସରସ୍ୱତୀ ବିଦ୍ୟାମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଅଶୋକ ମହାନ୍ତି ସ୍ୱାଗତ ଭାଷଣ ଓ ଡ. ସ୍ୱାତୀ ଚାଟାର୍ଜୀ ମଞ୍ଚ ସଂଯୋଜନା କରିଥିଲେ। ବର୍ଷାର ସମ୍ପାଦକ ସୁଶାନ୍ତ କୁମାର ଦାଶ ବାର୍ଷିକ ବିବରଣୀ ପାଠ ଓ ସଭାପତି ଶଶାଙ୍କ ଶେଖର ସାହୁ ଅଧକ୍ଷତା କରିଥିଲେ। ଏହି ଅବସରରେ ସାହିତ୍ୟିକ ବଲ୍ଲଭ ରାଉତ (ଇନ୍ଦ୍ରାବତୀ) ଓ ବିଦ୍ୟୁତପ୍ରଭା ରଥ (ସୁନାବେଡ଼ା)ଙ୍କୁ ବର୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ସଂସଦର ମୁଖପତ୍ର 'ବର୍ଷା', ବୈକୁଣ୍ଠନାଥ ଓଝାଙ୍କ ଗଳ୍ପ ସଙ୍କଳନ (ଏକଲା ମଣିଷର ଇସ୍ତାହାର' ଉନ୍ମୋଚିତ ହୋଇଥିଲା।

### ସରିଲା ପୋଷ୍ଟାଲ ବାଲଟ ଭୋଟିଂ

ରାୟଗଡା ଅଫିସ୍, ୭।୪: ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ରହିଥିବା ପୋଷ୍ଟାଲ ଭୋଟିଂ ବ୍ୟବସ୍ଥା ଶେଷ ହୋଇଛି । ନିଜ ନିଜ ତାଲିମ କେନ୍ଦ୍ରରେ କର୍ମଚାରୀମାନେ ବାଲଟ ପେପରରେ ଭୋଟ ଦେଇଥିଲେ । ପରେ ଏହାକୁ ବନ୍ଦ ଲଫାପାରେ ଭୋଟ ବାକ୍ସରେ ପକାଯାଇଥିଲା । ଜିଲାର ପ୍ରାୟ ୫୭୦୦ଜଣ କର୍ମଚାରୀ ମତଦାନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେମାନେ ନିଜ ମତ ଅଧିକାର ସାବ୍ୟସ୍ତ କରିବା ପାଇଁ ନିର୍ବାଚନ କମିଶନଙ୍କ ପୋଷ୍ଟାଲ ବାଲଟ ଭୋଟିଂ ବ୍ୟବସ୍ଥା ରହିଛି । କର୍ମଚାରୀମାନେ ବିଭିନ୍ନ ପର୍ଯ୍ୟାୟରେ ଅନ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ତାଲିମ ନେବା ପାଇଁ ଯାଇଥାନ୍ତି । ସେମାନଙ୍କୁ କେନ୍ଦ୍ରରେ ବିଧାନସଭା ଓ ଲୋକସଭା ପାଇଁ ଅଲଗା ଅଲଗା ବାଲଟ ପେପର ଦିଆଯାଇଥିଲା । ସମସ୍ତ ପ୍ରତିଦ୍ୱନ୍ଦୀଙ୍କ ନିର୍ବାନଚ ଚିହ୍ନ ସହ ନାମ ସେଥିରେ ଉଲ୍ଲେଖ ରହିଥିଲା । ଯେଉଁଥିରେ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଉଭୟ ବିଧାନସଭା ଓ ଲୋକସଭା ପାଇଁ ଅଲଗା ଅଲଗା ମତଦାନ କରିଥିଲେ ।

# ମତଦାନ କଲେ ପୋଲିସ କର୍ମଚାରୀ

ବ୍ରହ୍ମପୁର ଅଫିସ/ ଛତ୍ରପୁର(ଡି.ଏନ.ଏ.), ୭।୪


ଡିଏସ୍‌ପି ଜୟ କୁମାର ପଟ୍ଟନାୟକ ମତଦାନ କରୁଛନ୍ତି ।


ଛତ୍ରପୁରରେ ଜଣେ ପୋଲିସ କର୍ମଚାରୀ ମତଦାନ କରୁଛନ୍ତି ।

ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଅର୍ଥାତ୍ ଏପ୍ରିଲ୍ ୧୧ତାରିଖରେ ବ୍ରହ୍ମପୁର ଲୋକ ସଭା ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ୍ ୧୮ତାରିଖରେ ଆସିକା ଲୋକ ସଭା କ୍ଷେତ୍ରରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନର ସୁପରିଚାଳନା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଉଛି। ମତଦାନ ଦିନ ପୋଲିସ କର୍ମଚାରୀମାନେ ନିର୍ଦ୍ଧାରିତ ସ୍ଥାନରେ ନିୟୋଜିତ ହେବେ। ଅନ୍ୟପଟେ ନିର୍ବାଚନ କମିଶନ ଚଳିତ ବର୍ଷ ଶତ ପ୍ରତିଶତ ମତଦାନକୁ ଗୁରୁତ୍ୱ ଦେଇଛନ୍ତି । ଏହି ପରିପେକ୍ଷୀରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ରବିବାର ମତଦାନ କରିଛନ୍ତି। ଏହାକୁ ପୋଷ୍ଟାଲ ଭୋଟ କୁହାଯାଇଥାଏ । ଏଥି ପାଇଁ ବ୍ରହ୍ମପୁର, ଛତ୍ରପୁର ଏବଂ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ବାଲଟ୍‌ପେପର୍‌ରେ ମତଦାନ କରାଯାଇଥିଲା। ବିଧାନସଭା ପାଇଁ ଗୋଟିଏ ଏବଂ ଲୋକ ସଭା ପାଇଁ ଗୋଟିଏ ବକ୍ସ ରଖାଯାଇଥିଲା। ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି, ସାନଖେମୁଣ୍ଡି ଏବଂ ଚିକିଟି ନିର୍ବାଚନ ମଣ୍ଡଳୀ ପୋଲିସ କର୍ମଚାରୀମାନେ ଭୋଟ୍ ଦେଇଥିଲେ। ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିକା, ଭଞ୍ଜନଗର ଏବଂ ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ପୋଲିସ କର୍ମଚାରୀମାନେ ମତଦାନ କରିଥିଲେ। ସେହିଭଳି ଛତ୍ରପୁରରେ ଛତ୍ରପୁର, ହିଞ୍ଜିଳି, କବିସୂର୍ଯ୍ୟନଗର, ପୋଲସରା ଏବଂ ଖଲ୍ଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପୋଲିସ କର୍ମଚାରୀମାନେ ଭୋଟ୍ ଦେଇଛନ୍ତି। ଏକକାଳୀନ ବିଧାନସଭା ଏବଂ ଲୋକ ସଭା ପାଇଁ ଭୋଟ୍ ଦିଆଯାଇଥିଲା । ୧୪୦ରୁ ଅଧିକ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ମତଦାନ ସାବ୍ୟସ୍ତ କରିଥିଲେ । ଗଞ୍ଜାମ ପୋଲିସ ଜିଲା ଡିଏସ୍‌ପି (କ୍ରାଇମ) ଦିଲ୍ଲୀପ ଦାଶ ମତଦାତାଙ୍କୁ ଚିହ୍ନଟ କରିଥିଲେ। ଛତ୍ରପୁର ସବଡିଭିଜନ ପାଇଁ ପ୍ରିଜାଇଡିଂ ଅଫିସର ସରୋଜ ମୋହନ ପାଳ, ଭଞ୍ଜନଗର ସବ୍‌ଡିଭିଜନ ପାଇଁ ଗଗନ ବିହାରୀ ଦାଶ ଓ ବ୍ରହ୍ମପୁର ସବ୍‌ଡିଭିଜନ ପାଇଁ ପ୍ରିଜାଇଡିଂ ଅଫିସର ରଶ୍ମିରଞ୍ଜନ ପଣ୍ଡା ଥିଲେ। ପ୍ରକାଶଯେ, ନିର୍ବାଚନ କାର୍ଯ୍ୟରେ ପୋଲିସ କର୍ମଚାରୀମାନେ ନିୟୋଜିତ ହେଉଥିବାରୁ ସେମାନଙ୍କ ବିଧାନସଭା ଓ ଲୋକ ସଭା ନିର୍ବାଚନମଣ୍ଡଳୀର ବୁଥ୍‌ରେ ନିର୍ଦ୍ଧାରିତ ୧୧ ଓ ୧୮ ତାରିଖରେ ଭୋଟ ଦେଇପାରିବେନି । ଏଣୁ ଏହି ବ୍ୟବସ୍ଥା କରାଯାଇଥିଲା । ଆହୁରି ଜଣାଯାଇଛି, ନିର୍ବାଚନ କାର୍ଯ୍ୟରେ ନିଯୁକ୍ତ ପ୍ରିଜାଇଡିଂ ଓ ପୋଲିଂ ଅଫିସର, ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ଭଡାରେ ନିଆଯାଇଥିବା ଗାଡି ଚାଳକମାନେ ମଧ୍ୟ ଆଗୁଆ ବାଲଟ ପେପରରେ ଭୋଟ ଦେବେ। ୯ ତାରିଖରେ ବ୍ରହ୍ମପୁର ଆଇଟିଆଇ ଓ ପଲିଟେକନିକ ଏବଂ ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲରେ ଇଭିଏମ ନେଇ ପୋଲିଂ ଦଳ ସନ୍ଧ୍ୟା ସୁଦ୍ଧା ନିଜ ନିଜ ବୁଥ୍ ରେ ପହଞ୍ଚିବେ । ଭୋଟ ଗ୍ରହଣର ଗୋଟିଏ ଦିନ ପୂର୍ବରୁ ପୋଲିଂ ଦଳ ବୁଥ୍‌ରେ ପହଞ୍ଚୁଥିବା ବେଳେ ଚଳିତ ନିର୍ବାଚନରେ ଦୁଇ ଦିନ ପୂର୍ବରୁ ପୋଲିଂ ଦଳ ବୁଥ୍‌ରେ ପହଞ୍ଚିବା ବ୍ୟବସ୍ଥା ହୋଇଛି । ୯ ତାରିଖରେ ଇଭିଏମ୍ ନେବାବେଳେ ପୋଲିଂ ଦଳ ବାଲଟ ପେପରରେ ଭୋଟ ଦେବେ ବୋଲି ଜଣାପଡିଛି ।

## ସେଲ୍‌ଫି କର୍ଣ୍ଣର


ରାକେଶ


ସାଓ୍ୱନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଫୋରମ ଫର୍ ଗଞ୍ଜାମର ଭୋଟର ସଚେତନତା ଶୋଭାଯାତ୍ରା

# ଅର୍ଥ, ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ଭୋଟ ଦେବାକୁ ଆହ୍ୱାନ



ଫୋରମ ଫର ଗଞ୍ଜାମର ସଦସ୍ୟମାନେ ଭୋଟରଙ୍କୁ ସଚେତନ କରାଉଛନ୍ତି ।

ବ୍ରହ୍ମପୁର ଅଫିସ,୭।୪

ନିଜ ଇଚ୍ଛାମୁତାବକ ବ୍ୟକ୍ତି ବିଶେଷଙ୍କୁ ଚୟନ କରିବା ପ୍ରତ୍ୟେକଙ୍କ ଅଧିକାର । କିନ୍ତୁ ବର୍ତ୍ତମାନର ନିର୍ବାଚନୀ ପ୍ରକ୍ରିୟାରେ ବିଭିନ୍ନ ରାଜନେତା ତଥା ରାଜନୈତିକ ଦଳ ପ୍ରଲୋଭନର ବଶବର୍ତ୍ତୀ ହୋଇଯାଉଛନ୍ତି ସାଧାରଣ ଜନତା । ନିଜର ରାଷ୍ଟ୍ର ପ୍ରତି ଥିବା ଦାୟିତ୍ୱ ତଥା ଗଣତାନ୍ତ୍ରିକ ଅଧିକାରଙ୍କୁ ଭୁଲି ନିଜର ସ୍ୱାର୍ଥ, ଅର୍ଥଲୋଭର ବଶବର୍ତ୍ତୀ ହୋଇ ମତଦାନ କରୁଛନ୍ତି । ଯାହା ଅନେକ ସମୟରେ ରାଜନୈତିକ ହିଂସାର ମଧ୍ୟ ରୂପ ନେଉଥିବା ଦେଖିବାକୁ ମିଳୁଛି । ନିର୍ବାଚନ ବେଳେ ନିଶାସେବନ, ଅର୍ଥ ତଥା ରାଜନୈତିକ ଦଳ ପକ୍ଷରୁ ଦିଆଯାଉଥିବା ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ମତଦାନ କରିବାକୁ ଆହ୍ୱାନ ଦିଆଯାଇଛି। ଆସନ୍ତା ନିର୍ବାଚନ ପୂର୍ବରୁ ଏଭଳି ଆହ୍ୱାନ ଦେଇଛନ୍ତି ଫୋରମ ଫର ଗଞ୍ଜାମ ସଦସ୍ୟମାନେ। ରବିବାର ସାମାଜିକ ସଂଗଠନ ଫୋରମ ଫର ଗଞ୍ଜାମ ସଦସ୍ୟମାନେ ଏ ନେଇ ପଦଯାତ୍ରା ମାଧ୍ୟମରେ ସହରବାସୀଙ୍କୁ ସଚେତନ କରାଇଛନ୍ତି। ଗଣତନ୍ତ୍ର ରାଷ୍ଟ୍ରରେ ପ୍ରତ୍ୟେକ ବ୍ୟକ୍ତି ମତଦାନ ଦେବାର ଆବଶ୍ୟକତା ରହିଛି। କିନ୍ତୁ ନିର୍ବାଚନ ସମୟରେ ରାଜନେତାଙ୍କ ପକ୍ଷରୁ ଦିଆଯାଉଥିବା କୌଣସି ପ୍ରଲୋଭନ, ଅର୍ଥ, ନିଶାଦ୍ରବ୍ୟ ଲାଳସାର ବଶବର୍ତ୍ତୀ ନ ହୋଇ ଉଚିତ ପ୍ରାର୍ଥୀଙ୍କୁ ଚୟନ କରି ମତଦାନ କରିବାକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ସଚେତନ କରାଇଥିଲେ । ଏ ନେଇ ପୂର୍ବାହ୍ନରେ ବ୍ରହ୍ମପୁର ଗାନ୍ଧୀନଗରସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ କର୍ମକର୍ତ୍ତାମାନେ ଶରୀରରେ ଭୋଟରଙ୍କ ସଚେତନତା ନିମିତ୍ତ ବିଭିନ୍ନ ସ୍ଲୋଗାନ ପୋଷ୍ଟର ଛାପିବା ସହ ଇଭିଏମ୍ ମଡେଲ ଧରି ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରା ଗାନ୍ଧୀନଗର ଛକରୁ ବାହାରି ଖଲ୍ଲିକୋଟ କଲେଜ ଖେଳପଡିଆ, ଗେଟବଜାର, ମିଲିଟାରୀ ଲାଇନ, ପୁରୁଣାବସ୍‌ଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ, ଗିରିଜା ଛକ, ରାମଲିଙ୍ଗମ ବନ୍ଧ, ହନୁମାନ ବଜାର, ସାନବଜାର ଛକ, ରାଜାଗୁର୍ଜି, ଦେଶୀବେହେରା ସାହି, ଚନ୍ଦ୍ରମା ସାହି, ଆଗାସାହି ଦେଇ ବଡବଜାର ଅଞ୍ଚଳ ପରିକ୍ରମା କରିଥିଲା। ହିଂସା ପରିତ୍ୟାଗ କରି କୌଣସି ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ମତଦାନ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏହି ପଦଯାତ୍ରାରେ ଅନୁଷ୍ଠାନର ଶ୍ୟାମ ସୁନ୍ଦର ଖାଡଙ୍ଗା, ତେଜେଶ୍ୱର ରାଓ, ଜାମୁଲା ସୁରେଶ, ପ୍ରଶାନ୍ତ ମୁନୀ, ସବିତା ସାହୁକାର, ରାଜା ସୁରେଶ, ମାନସ ପାତ୍ର, ସ୍ୱରାଜ୍ୟ ସୁବୁଦ୍ଧି, ଜାମୁଲା ସତ୍ୟନାରାୟଣ,ଫୋରମର ସଂଯୋଜକ ସୁଧୀର ରାଉତ ଓ ଅନ୍ୟାନ୍ୟ ସଦସ୍ୟ ସାମିଲ ହୋଇଥିଲେ ।

#### ସେମାନେ ଯାହା କହନ୍ତି


"ବର୍ତ୍ତମାନର ନିର୍ବାଚନୀ ପ୍ରକ୍ରିୟାରେ ଭୋଟ ହାତେଇବାକୁ ଯେଉଁ ପ୍ରକାର ଅର୍ଥ ଓ ବାହୁବଳର ବ୍ୟବହାର କରାଯାଉଛି, ତାହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ । ତୁରନ୍ତ ନିର୍ବଚନ ପ୍ରକ୍ରିୟାରେ ସଂସ୍କାର ଅଣାଯିବା ଆବଶ୍ୟକ । ବିଶେଷ କରି ଏଦିଗରେ ବୁଦ୍ଧିଜୀବୀ ଓ ଜନସାଧାରଣ ସ୍ୱର ଉତ୍ତୋଳନ କରିବାକୁ ପଡିବ ।
-ସୁଧୀର ରାଉତ, ଫୋରମ ସଂଯୋଜକ


"ବର୍ତ୍ତମାନ ରାଜନୈତିକ ଦଳଗୁଡିକ କେବଳ ଶାସନକୁ ଆସିବା ଚିନ୍ତା କରୁଛନ୍ତି । ଜନସାଧାରଣଙ୍କୁ ନିଜର ବାହୁବଳ, ଅର୍ଥବଳ ଓ ପ୍ରଲୋଭନ ଦେଖାଉଛନ୍ତି । ତେଣୁ ଲୋକେ କୌଣସି ପ୍ରଲୋଭନରେ ନ ପଡି ନେତାଙ୍କୁ ନ ଦେଇ ନିଜ ଇଚ୍ଛାରେ ସେବା ଉଦ୍ଦେଶ୍ୟ ରଖି ନିର୍ବାଚନକୁ ଓହ୍ଲାଇଥିବା ପ୍ରତିନିଧିଙ୍କୁ ବାଛି ଭୋଟ ଦେବା ଉଚିତ ।
-ସୁଶାନ୍ତ ସାବତ, ମହାସଂଘ ସଭାପତି


"ନିର୍ବାଚନ ସମୟରେ ରାଜନୈତିକ ଦଳ ଲୋକଙ୍କୁ ଭୋଟ ପାଇଁ ପ୍ରବର୍ତ୍ତାଇବାକୁ ଶୋଭାଯାତ୍ରା ଓ ସଭା ଆୟୋଜନ କରୁଛନ୍ତି । ଏପରିକି ପ୍ରଚୁର ଅର୍ଥ ଖର୍ଚ୍ଚ କରୁଛନ୍ତି । ତେଣୁ ନିର୍ବାଚନରେ ସଂସ୍କାର ଆଣିବାକୁ ହେଲେ ସମ୍ବିଧାନରେ ସଂଶୋଧନ ଅଣାଯିବ ସହ ନିର୍ବାଚନ ସମୟରେ ହେଉଥିବା ବହୁ ସଭା ଆୟୋଜନ ଉପରେ ଅଙ୍କୁଶ ଲଗାଇବା ଉଚିତ ।
-ଇ. ତେଜେଶ୍ୱର ରାଓ, ଫୋରମ୍ ସଦସ୍ୟ

### ଶିକ୍ଷା ପାଇଁ ଭୋଟ ଅଭିଯାନ କାର୍ଯ୍ୟକ୍ରମ

ମୁନିଗୁଡା, ୭।୪ (ଡି.ଏନ୍.ଏ.)

ରାୟଗଡ଼ା ଜିଲାର ମୁନିଗୁଡାଠାରେ ଶିକ୍ଷା ଅଧିକାର ଫୋରମ୍ ଓଡ଼ିଶା ଅଧ୍ୟାୟ ତରଫରୁ ଶିକ୍ଷା ପାଇଁ ଭୋଟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ସନ୍ଧାନର ଜିଲା ସଂଯୋଜକ ଅନନ୍ତ କୁମାର ସାମନ୍ତଙ୍କ ସଂଯୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ପ୍ରଥମ ସୋପାନ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକତା ନେଇ ଆଲୋକପାତ କରିଥିଲେ। ଦୁଇ ପର୍ଯ୍ୟାୟ ବିଶିଷ୍ଟ ଆଲୋଚନାରେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ସ୍ତମ୍ଭକାର ବିଚିତ୍ର ବିଶ୍ୱାଳ, ମନୋରଞ୍ଜନ ଦଳାଇ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷିକେଶ ଜାଲି, ଶିକ୍ଷାବିତ୍ ପି. ସୁଧାକର ପାତ୍ର, ଦେବେନ୍ଦ୍ର ନାଥ ବାରିକ, ହର୍ଷ ଟ୍ରଷ୍ଟ ଜିଲା ସଂଯୋଜକ ଶରତ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ଗଣେଶ୍ୱର ସେଠୀ, ଉତ୍ତମ କୁମାର ଦାସ, ଅଜିତ୍ କୁମାର ମହାରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରେ ଶିକ୍ଷା ପାଇଁ ଭୋଟ ହେବା ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିନିଧିମାନଙ୍କୁ ଦଶଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନେଇଥିଲେ।

### ମିଳିତ କ୍ରିୟାନୁଷ୍ଠାନ କମିଟିର ସାଧାରଣ ବୈଠକ

# ହଠାତ୍ ପହଞ୍ଚିଲେ ଭାଜପା ଏମ୍‌ପି ପ୍ରାର୍ଥୀ ଭୃଗୁ

ବ୍ରହ୍ମପୁର ଅଫିସ,୭।୪


ଭୃଗୁ ବକ୍ସିପାତ୍ରଙ୍କ ସହ କମିଟିର କର୍ମକର୍ତ୍ତା ।

ବ୍ରହ୍ମପୁରରେ ଆଉମାତ୍ର ତିନିଦିନ ପରେ ସାଧାରଣ ନିର୍ବାଚନ ପାଇଁ ମତଦାନ ହେବ । ଏଥିପାଇଁ ବିଭିନ୍ନ ଦଳର ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ଭୋଟରଙ୍କୁ ହାତେଇବାକୁ ବିଭିନ୍ନ ପ୍ରଲୋଭନ ଦେଖାଉଥିବା ଜଣାପଡିଛି। ଏଥିରୁ ବାଦ ପଡିନାହାନ୍ତି ସହରତଳି ଅଞ୍ଚଳରେ ବାସ କରୁଥିବା ୨ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର । ଦୀର୍ଘ ବର୍ଷଧରି ସହରତଳି ଅଞ୍ଚଳଗୁଡିକୁ ବିଏମ୍‌ସିରେ ସାମିଲ କରିବା ଦାବିକରି ବିଭିନ୍ନ ସମୟରେ ଅଞ୍ଚଳବାସୀ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ଏଯାଏ କୌଣସି ଦଳ ସମର୍ଥନ କରି ନ ଥିବା ବେଳେ ହଠାତ ନିର୍ବାଚନର ତିନିଦିନ ଆଗରୁ ସହରତଳି ଅଞ୍ଚଳବାସୀଙ୍କୁ ଭୋଟ ହାତେଇବାକୁ ପହଞ୍ଚିଥିଲେ ଭାଜପା ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର । ରବିବାର ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ସାଧାରଣ ବୈଠକ ଚାଲିଥିବା ବେଳେ ବକ୍ସିପାତ୍ର ହଠାତ୍ ସେଠାରେ ପହଞ୍ଚିଥିଲେ । ନିର୍ବାଚନରେ ଜିତିଲେ ସହରତଳି ଅଞ୍ଚଳଗୁଡିକୁ ବିଏମ୍‌ସିରେ ସାମିଲ କରି ବ୍ରହ୍ମପୁରକୁ ବୃହତ୍ ମହାନଗରରେ ପରିଣତ କରିବା ସହ ସମସ୍ତ ମୌଳିକ ସୁବିଧା ପ୍ରଧାନ କରିବା ଉପରେ ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଏହାପୂର୍ବରୁ ଗତ ନଭେମ୍ବର ମାସରେ ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲକୁ ବୃହତ୍ ମହାନଗର ଗଠନ କରିବା ଦିଗରେ ଚାଲିଥିବା ଆନ୍ଦୋଳନର ରାଜନୈତିକ କାର୍ଯ୍ୟପନ୍ଥା ଦିଗରେ ମତାମତ ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ଦଳକୁ ଆମନ୍ତ୍ରିତ କରାଯାଇଥିଲା। ସେହି ସମୟରେ ବିଜେଡିର କୌଣସି ପ୍ରତିନିଧି ଯୋଗ ଦେଇ ନ ଥିବା ବେଳେ ଭାଜପା ପକ୍ଷରୁ କାହ୍ନୁ ଚରଣ ପତି ଓ ବିଭୂତି ଜେନା ଯୋଗଦେଇ ଆନ୍ଦୋଳନରେ ପୂର୍ଣ୍ଣ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ କାହାରି ଦେଖା ମିଳି ନ ଥିଲା । ଏବେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଭୋଟ ପାଇବା ଆଶାରେ ଭାଜପା ଏମ୍‌ପି ପ୍ରାର୍ଥୀ ଏଭଳି ପ୍ରତିଶ୍ରୁତି ଦେଉଥିବା ଚର୍ଚ୍ଚା ହେଉଛି । ରବିବାର ବ୍ରଜନଗର ରାଧାକୃଷ୍ଣ ମନ୍ଦିରରେ ମିଳିତ କ୍ରିୟାନୁଷ୍ଠାନ କମିଟି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ସଞ୍ଜୀବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ ଦାବି ନେଇ ନିକଟରେ ବିଏମ୍‌ସିରେ ହୋଇଥିବା ଆନ୍ଦୋଳନ ଉପରେ ଆଲୋକପାତ କରାଯାଇଥିଲା। ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ପରାମର୍ଶ କ୍ରମେ ନିର୍ବାଚନ ଆଚରଣ ବିଧି ଉଠିବା ପରେ ପୁନଃ ଆନ୍ଦୋଳନକୁ ବଳବତ୍ତର କରାଯିବାକୁ ସଭାପତି ସୂଚାଇଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ବଳବତ୍ତର ରହିବା ସହ ଜୋରଦାର କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

କମିଟିର ଉପସଭାପତି ହରିହର ନାୟକ, ଉପଦେଷ୍ଟା ପ୍ରଫେସର ରଙ୍ଗନାଥ ମିଶ୍ରଙ୍କ ସମେତ ନାରାୟଣ ଚନ୍ଦ୍ର ପରିଛା, ସୁବାସ ଚନ୍ଦ୍ର ପାତ୍ର, ବଂଶୀଧର ପାଢୀ, ବିଭି ସାଗର, ଚନ୍ଦ୍ରଶେଖର ରଥ ଓ ଅନ୍ୟସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ମନମୋହୁଛି ଶିଶୁ ମାନସିକଧାରୀଙ୍କ ବେଶ

ବ୍ରହ୍ମପୁର ଅଫିସ,୭।୪







ଶିଶୁ ମାନସିକଧାରୀଙ୍କ ବାବାଜି ବେଶ । ଶିଶୁ ମାନସୀକ ଧାରୀଙ୍କ ବୁଢୀ ବେଶ ।

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀ ଯାତ୍ରାର ରବିବାର ଥିଲା ଦଶମ ଦିବସ । ଏହି ପାରମ୍ପରିକ ଯାତ୍ରା ଆହୁରି ୨୦ ଦିନ ହେବାକୁ ଥିବା ବେଳେ ମା'ଙ୍କ ଆଗମନରେ ସହର ସାଙ୍ଗକୁ ପ୍ରତ୍ୟେକଙ୍କ ପରିବାରରେ ମଧ୍ୟ ଖୁସିର ମାହଲ ଦେଖାଦେଇଛି। ମା' ବାପ ଘରେ ଅବସ୍ଥାନ କରିଥିବାରୁ ବିବାହ ପରେ ବାହାରେ ଥିବା ଝିଅମାନେ ମଧ୍ୟ ଏବେ ବାପ ଘରକୁ ଫେରିଛନ୍ତି । ଫଳରେ ମା'ଙ୍କ ବାପ ଘର କୁହାଯାଉଥିବା ଦେଶୀବେହେରାଙ୍କ ପରିବାର ଭଳି ପ୍ରତ୍ୟେକଙ୍କ ପରିବାରରେ ଏବେ ଖୁସିର ଲହରି ଦେଖିବାକୁ ମିଳିଛି । ମା' ଯାତ୍ରା ଉପଭୋଗ ସାଙ୍ଗକୁ ଏବେ ପ୍ରତ୍ୟେକ ଘର ବନ୍ଧୁବାନ୍ଧବଙ୍କ ଗହଳିରେ ଲାଗି ରହିଛି। ଅନ୍ୟପକ୍ଷରେ ମା'ଙ୍କ ଯାତ୍ରାର ଦିନ ଗଡିବା ସାଙ୍ଗକୁ ଯାତ୍ରାସ୍ଥଳ ଦେଶୀବେହେରା ସାହିରେ ମାନସିକ ବେଶଧାରୀଙ୍କ ଭିଡ ଜମୁଛି । ବିଶେଷ କରି ଛୋଟ ଶିଶୁଙ୍କ ବୁଢୀମା' ବେଶ, କୃଷ୍ଣ ବେଶ, ଝାଡୁଦାର ବେଶ ଓ ରାଧା ବେଶ ପ୍ରଭୃତି ଯାତ୍ରାସ୍ଥଳକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁଙ୍କ ମନ କିଣୁଛି । ମାନସିକ ବେଶ ପାଇଁ ଏବେ ସହରର ଚିତ୍ରାଳୟଗୁଡିକ ମଧ୍ୟ ନୂତନ ଢଙ୍ଗରେ ନିଜକୁ ପ୍ରସ୍ତୁତ କରିଛନ୍ତି। ପୌରାଣିକ ବେଶ ସହ ବିଭିନ୍ନ ଆଧୁନିକ ବେଶ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ତେଣୁ ଚିତ୍ରାଳୟଗୁଡିକରେ ଏବେ ସକାଳୁ ରାତି ପର୍ଯ୍ୟନ୍ତ ଭିଡ ଜମୁଛି। ଯାତ୍ରାର ଆଗକୁ ଭିଡ ଜମିବ, ଏହାକୁ ଦୃଷ୍ଟିରେ ରଖି ସହରର ଏସ୍‌ଏସ୍‌ଭିଟି ସିନେମାହଲ ପଡିଆରେ ମିନାବଜାର ଖୋଲିବାକୁ ପ୍ରସ୍ତୁତ ହେଉଛି ।

ଅନ୍ୟପକ୍ଷରେ ସନ୍ଧ୍ୟାରେ ପାରମ୍ପରିକ ଭାବେ ମା'ଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରିଥିଲା । ମା' ଦେବକୀ ମୁଖ୍ୟଘଟକୁ ମୁଣ୍ଡାଇ ଘଣ୍ଟ, ବାଦ୍ୟ, ବାଜଣା, ମହୁରି, ହୁଳହୁଳି ନାଦ ମଧ୍ୟରେ ଅସ୍ଥାୟୀ ପୀଠରୁ ବାହାରି ରାଜବାଟି ଅଭିମୁଖେ ଯାଇଥିଲେ । ସାଥୀରେ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ୮ ପାର୍ଶ୍ୱ ଘଟକୁ ମୁଣ୍ଡାଇଥିଲେ । ଘଟ ରାଜବାଟିରେ ପହଞ୍ଚିବା ପରେ ପ୍ରଧାନ ସେବକ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ପୂଜାର୍ଚ୍ଚନା କରିବା ସହ ଆଳତି କରିଥିଲେ । ଦଶମ ଦିବସରେ ମା'ଙ୍କ ଘଟ ୬ ସାହି ପରିକ୍ରମା କରିଥିଲା । ରାଜବାଟି ପର୍ବ ଶେଷ ପରେ ଘଟ ଶୋଭାଯାତ୍ରା ରାଜବାଟିରୁ ଗୁଡବଜାର ମଧ୍ୟ ଦେଇ ସୀତାରାମ ସାହି, ଜାମୁନିଆ ବନ୍ଧ ସାହି, ଖଣ୍ଡିଆ କୁମୁଟି ସାହି, ନୂଆ କାଲୁପାତ୍ର ସାହି, ଶାଗୁଣା ସାହି ପରିକ୍ରମା କରିଥିଲା । କଂସାରି ସାହି ପରିକ୍ରମା କରିବା ବେଳେ ମୁଖ୍ୟଘଟଧାରୀ ମା' ଦେବକୀ ପର୍ଶୁରାମ ରଥକୁ ଯାତ୍ରା ଦାଣ୍ଡକୁ ଆସିବାକୁ ଆମନ୍ତ୍ରଣ କରିଥିଲେ । ଏହାପରେ ପୁଣି ସୀତାରାମ ସାହି, ଗୁଡବଜାର ଦେଇ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠକୁ ବାହୁଡିଥିଲା । ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ନିଜ ଘର ଆଗରେ କଳସ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ କର୍ପୂର ମିଶା ପାଣି ଢାଳି ପୂଜାର୍ଚ୍ଚନା କରିଥିଲେ।

## କଂଗ୍ରେସ ପ୍ରାର୍ଥୀ ଶମ୍ଭୁଙ୍କ ବାଇକ ରାଲି, ପ୍ରଚାର

ଶେରଗଡ଼, ୭।୪(ଡି.ଏନ.ଏ.)-ଶେରଗଡ଼ ବ୍ଲକ ୫୬ନ. ଜୋନ ପଞ୍ଚାୟତରେ ରବିବାର କଂଗ୍ରେସର ପ୍ରାର୍ଥୀ ଶମ୍ଭୁ ପାଣିଗ୍ରାହୀ ଏକ ବାଇକ୍ ରାଲି ସହ ପ୍ରଚାର କରିଥିଲେ। ସକାଳ ୧୦ଟାରେ ଶତାଧିକ କଂଗ୍ରେସ ନେତା ଓ କର୍ମୀମାନେ ଧୋବାଶଙ୍ଖଠାରେ ଏକଜୁଟ ହୋଇଥିଲେ। ସେଠାରୁ ସମସ୍ତେ ବାଇକ୍‌ରେ ହାତ ଚିହ୍ନରେ ପତାକା ଲଗାଇ ପ୍ରଥମେ ଶେରଗଡ଼, ବାରସିଙ୍ଗି, କୁମାରପାଣି, କରଡ଼ାକଣା, ବରମୁଣ୍ଡଲୀ, ବରିକେଟ, ଷଡ଼ଙ୍ଗପଲ୍ଲୀ, ବନ୍ଧାଗୁଡା, ଚଷାମହୁଲି, ଖ୍ରିଡ଼ା, ହଡିବିରା, କୁଲାଗଡ଼ ହୋଇ ମହୁପଦର ପଞ୍ଚାୟତରେ ଶେଷ କରିଥିଲେ। ନିର୍ବାଚନରେ ହାତକୁ ବିପୁଳ ପରିମାଣରେ ଭୋଟ ଦେଇ ବିଜୟୀ କରିବା ପାଇଁ ଶମ୍ଭୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ରଜେଇ ବିଷୋୟୀ, ଭଜରାମ ପଲେଇ, ବଳରାମ ସାହୁ, ମହେଶ୍ୱର ଡାକୁଆ ସମେତ ବହୁ ନେତା ମାନେ ଯୋଗଦେଇଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ବୁଗୁଡ଼ା,୭।୪(ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ୯ ଓ ୧୧ ନଂ ୱାର୍ଡରେ ବିଜେଡି ତରଫରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ନଗର ମହିଳା ବିଜେଡି ସଭାନେତ୍ରୀ ମନ୍ଦାକିନୀ ସାହୁଙ୍କ ନେତୃତ୍ୱରେ ମହିଳାମାନେ ଏନ୍‌ଏସିର ୯ ଓ ୧୧ ନଂ. ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଯୋଗଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ ।

## ବିଜେଡିରେ ମିଶିଲେ ଆଦିବାସୀ ସେଙ୍ଗେଲ ଅଭିଯାନ କର୍ମକର୍ତ୍ତା

ବାରିପଦା ଅଫିସ,୭।୪-ଆଦିବାସୀ ସେଙ୍ଗେଲ ଅଭିଯାନ ଓଡ଼ିଶା ଶାଖାର ପ୍ରମୁଖ କର୍ମକର୍ତ୍ତା ବିଜେଡିର ମୋରଡା ବିଧାୟକ ପ୍ରାର୍ଥୀ ରାଜକିଶୋର ଦାସଙ୍କୁ ସମର୍ଥନ ଜଣାଇ ବିଜେଡିରେ ଯୋଗ ଦେଇଛନ୍ତି। ସେମାନେ ରାଜକିଶୋରଙ୍କୁ ସାକ୍ଷାତ କରି ମୟୂରଭଞ୍ଜ ଜିଲାରେ ବିଜେଡିକୁ ସମର୍ଥନ ଦେବେ ବୋଲି କହିଛନ୍ତି। ଏଠାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଆଦିବାସୀ ସେଙ୍ଗେଲ ଅଭିଯାନର ଓଡ଼ିଶା ପ୍ରଦେଶ ସଭାପତି ସୁନ୍ଦର ମୋହନ ମୁର୍ମୁ, ପ୍ରଦେଶ ମୁଖ୍ୟ ସଂଯୋଗ ନରେନ୍ଦ୍ର ହେମ୍ବ୍ରମ, ପତନ ପାରଗାନା କାଳୁରାମ ମୁର୍ମୁ, ସାରନାଧର୍ମ ମାଡୱା ଓଡ଼ିଶା ସଭାପତି ବସନ୍ତ କୁମାର କିସ୍କୁ, ଅଖିଳ ଭାରତୀୟ ସାର୍ନାଧରମ ମାଡ଼ୱା କେନ୍ଦ୍ରୀୟ କମିଟିର ସାଧାରଣ ସମ୍ପାଦକ ଲାଦୁରାମ ସୋରେନ ଏବଂ ବିଶ୍ୱନାଥ ବିନ୍ଧାଣୀ ପ୍ରମୁଖ ସେମାନଙ୍କ କର୍ମୀଙ୍କ ସହ ବିଜେଡିରେ ଯୋଗ ଦେଇଥିବା ଦଳ ପକ୍ଷରୁ କୁହାଯାଇଛି। ଉକ୍ତ ମିଶ୍ରଣ ପର୍ବରେ ମୋରଡ଼ା ବିଧାୟକ ପ୍ରାର୍ଥୀ ରାଜକିଶୋର ଉପସ୍ଥିତ ଥିଲେ।

## ବିଜେଡି ଏମ୍‌ପି ପ୍ରାର୍ଥିନୀଙ୍କ ଭୋଟ ପ୍ରଚାର



ହିଞ୍ଜିଳିକାଟୁ,୭।୪(ଡି.ଏନ୍.ଏ)-ଆସିକା ଲୋକସଭା ବିଜେଡି ଏମ୍‌ପି ପ୍ରାର୍ଥୀନୀ ପ୍ରମିଳା ବିଶୋୟୀ ରବିବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ମ୍ୟୁନିସପାଲଟିର ଆଙ୍କୋରଡ଼ା ୱାର୍ଡ ନଂ.୧୭, ୧୯ ଓ ୨୧ରେ ନିର୍ବାଚନ ପ୍ରଚାର କରିଥିଲେ। ବିଜେଡି ନଗର ସଭାପତି ଭୀମସେନ ବେହେରାଙ୍କ ସହ ପୂର୍ବତନ ଅଧକ୍ଷା ଗୌରୀ ପାଣିଗ୍ରାହୀ, ବୈଜୟନ୍ତୀମାଳା ପଟ୍ଟନାୟକ, ମହିଳା ଗ୍ରୁପ୍‌ର ବବିତା ପାଢ଼ୀ, ମୁଖ୍ୟମନ୍ତ୍ରୀ ପ୍ରତିନିଧି ଶରତ ମହାପାତ୍ର, ପୂର୍ବତନ ଉପାଧକ୍ଷ ସୁବାସ ପଲେଇ, ଜିଲା ଯୁବ ବିଜେଡି ସମ୍ପାଦକ ପ୍ୟାରୀ ପାଢ଼ୀ, ନଗର ଯୁବ ବିଜେଡି ସଭାପତି ସଞ୍ଜୟ ପଣ୍ଡା, ପବିତ୍ର ପାଣିଗ୍ରାହୀ, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ପ୍ରମିଳାଙ୍କୁ ଗଣତନ୍ତ୍ରର ସର୍ବୋଚ୍ଚ ଗୃହକୁ ଭୋଟ ଦେଇ ପଠାଇବାକୁ ବିଜେଡି ନେତାମାନେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

# ବିଜେଡିକୁ ଅଡୁଆ ସ୍ୱାଧୀନ ପ୍ରାର୍ଥୀ, ବିଜୟ ଲକ୍ଷ୍ୟରେ ଭାଜପା

ଫୁଲବାଣୀ ଅଫିସ, ୭।୪

**ଫୁଲବାଣୀ ନିର୍ବାଚନମଣ୍ଡଳୀ**

ଆସନ୍ତା ୧୮ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ କନ୍ଧମାଳ ଲୋକ ସଭା ସମେତ ଜିଲାର ୩ ବିଧାନସଭା କ୍ଷେତ୍ରରେ ଭୋଟ ଗ୍ରହଣ ହେବ। ଏଥିପାଇଁ ସବୁ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି । ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନିର୍ବାଚନ ଜିତିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଫୁଲବାଣୀ ନିର୍ବାଚନମଣ୍ଡଳୀ ଚଳିତ ନିର୍ବାଚନରେ ରୋଚକ ସ୍ଥିତିରେ ପହଞ୍ଚିଛି। ବିଜେଡିକୁ ବିଜୟ ସହଜ ନ ଥିବା ବେଳେ ପ୍ରଥମ ବିଜୟ ଲକ୍ଷ୍ୟରେ ଭାଜପା ରହିଛି । ବିଜେଡିର ଜିତିବା ପଥରେ ପ୍ରଥମଥର ପାଇଁ ସ୍ୱାଧୀନ ପ୍ରାର୍ଥୀ ଅଡୁଆ ସାଜିଛନ୍ତି। ସେପଟେ କଂଗ୍ରେସକୁ ଗୋଷ୍ଠୀ କନ୍ଦଳ ପଛକୁ ନେଇ ଯାଇଛି।

ଚଳିତ ନିର୍ବାଚନରେ ଫୁଲବାଣୀ ବିଧାନସଭା ପାଇଁ ୮ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ଅଙ୍ଗଦ କହଁର, ଭାଜପାରୁ ଦେବନାରାୟଣ ପ୍ରଧାନ, କଂଗ୍ରେସରୁ କିଶୋର କହଁର, କଳିଙ୍ଗ ସେନାରୁ ଅନନ୍ତ କହଁର, ସ୍ୱାଧୀନରୁ ନବୀନ ଚନ୍ଦ୍ର କହଁର, ପ୍ରେମଶୀଳା ଝାଙ୍କର, କୃଷ୍ଣ କହଁର ଓ ଜଗଦୀଶ ପ୍ରଧାନ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ୨୦୦୦ରୁ ନିର୍ବାଚନ ଜିତି ଆସୁଥିବା ବିଜେଡିକୁ ଏଥର ପଥ ସହଜ ହେବନାହିଁ। ବିଜେଡିରୁ ନିର୍ବାଚନ ଲଢ଼ିବାକୁ ଏଥର ବହୁ ଆଶାୟୀ ଥିଲେ ମଧ୍ୟ ନିରାଶ ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିବା ପ୍ରେମଶୀଳା ଝାଙ୍କର ଏବଂ ନବୀନ କହଁର ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଛନ୍ତି। ଏହି ଦୁଇଜଣ ବିଜେଡି ସମର୍ଥକ ଭାବେ ଜଣାଶୁଣା । ପ୍ରେମଶୀଳା କେଳାପଡାର ସରପଞ୍ଚ ଥିବା ବେଳେ ନବୀନ ବ୍ୟାଙ୍କ ଚାକିରୀ ଛାଡି ରାଜନୀତିକୁ ଓହ୍ଲାଇଛନ୍ତି। ପ୍ରେମଶୀଳା ସରପଞ୍ଚ ଥିବା ଏବଂ ମହିଳା ପ୍ରାର୍ଥୀ ହୋଇଥିବାରୁ ସେ ତାଙ୍କ ପଞ୍ଚାୟତ ସମେତ ଆଖପାଖରୁ ଯେତିକି ଭୋଟ ନେବେ ତାହା ପ୍ରତ୍ୟେକ୍ଷରେ ବିଜେଡି ପ୍ରାର୍ଥି ଅଙ୍ଗଦଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ଏଥିସହ ସେ ଜଣେ ଭଲ ସଂଗଠକ ହୋଇଥିବାରୁ ତାଙ୍କର ବହୁତ ପକେଟ ଭୋଟ ମଧ୍ୟ ଅଛି । ସେହିପରି ନବୀନ ପଞ୍ଚାୟତ ନିର୍ବାଚନରେ ପ୍ରଚାରକୁ ହାତକୁ ନେଇ ଖଜୁରୀପଡା ବ୍ଲକରେ ଭଲ କରିଥିଲେ । ତାଙ୍କ ସମର୍ଥକଙ୍କୁ ସେ ବ୍ଲକ ଅଧକ୍ଷ ମଧ୍ୟ କରାଇଥିଲେ । ସେହିପରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଭୋଟ ତାଙ୍କ ପକେଟକୁ ଯିବ ବୋଲି ମଧ୍ୟ ଆଲୋଚନା ହେଉଛି। ଅନ୍ୟପକ୍ଷରେ ବିଧାୟକ ଦୁଗୁନୀ କହଁରଙ୍କ ଟିକେଟ କଟି ଯିବାରୁ ତାଙ୍କୁ କେଉଁ ନିର୍ବାଚନ ସଭା ଅବା ପ୍ରଚାର କାର୍ଯ୍ୟରେ ଦେଖିବାକୁ ମିଳୁନାହିଁ । ତେଣୁ ବିଧାୟକଙ୍କ ପକେଟ ଭୋଟ ଭାଜପା କି କଂଗ୍ରେସକୁ ଯିବ ତାହା କହିବା ମୁସ୍କିଲ। ତେଣୁ ବିଜେଡି ବିଜୟ ପଥରେ ଏସବୁ ସମସ୍ୟା ସୃଷ୍ଟି କରିବ, ସେଥିରେ ଦ୍ୱିମତ ହେବାର ନାହିଁ। କାରଣ ସମ୍ପୃକ୍ତ ୨ ସ୍ୱାଧୀନ ପ୍ରାର୍ଥିଙ୍କୁ ଦଳର ପ୍ରମୁଖ ନେତାମାନେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ଓ ଦଳରେ ମିଶାଇବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ । ସେହିପରି ଅନ୍ୟ ଭୟ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁରଙ୍କ ପକ୍ଷରୁ ମଧ୍ୟ ରହିଛି। ତାଙ୍କ ସମର୍ଥକଙ୍କ ଗତି କୁଆଡେ ହେବ ତାହା ବି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

ଭାଜପା କଥା ଦେଖିଲେ ଦଳ ଏଥର ପୁଣି ଦେବନାରାୟଣଙ୍କ ଉପରେ ଆସ୍ଥା ପ୍ରକଟ କରିଛି । ସେ ଜଣେ ଯୁବ ସଂଗଠକ। ଗତ ଦୁଇଟି ସାଧାରଣ ନିର୍ବାଚନରେ ହାରିଥିଲେ ବି ଦ୍ୱିତୀୟ ସ୍ଥାନରେ ଥିଲେ । ଏଥର ବିଜେଡିରେ ଗୋଷ୍ଠୀ କନ୍ଦଳ ଦେଖା ଦେଇଥିବାରୁ ତାଙ୍କ ପାଇ ପଥ ସୁଗମ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆଲୋଚନା କରୁଛନ୍ତି। ସେ ମଧ୍ୟ ମୋଦି ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ଲୋକଙ୍କ ପାଖରେ ପହଞ୍ଚୁଛନ୍ତି। ପ୍ରଚାରକୁ ଜୋରଦାର କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ କଥା ବିଚାରକୁ ନେଲେ ଏହି ଦଳ ଦିନକୁ ଦିନ ପଛକୁ ଯାଉଛି । ଆଗକୁ ବଢ଼ିବା ପରିଲକ୍ଷିତ ହେଉନାହିଁ। ଫୁଲବାଣୀ ନିର୍ବାଚନମଣ୍ଡଳୀର ଆଗଧାଡିର ନେତାମାନେ ଦଳୀୟ ପ୍ରାର୍ଥି କିଶୋର କହଁରଙ୍କ ସହ ଦେଖିବାକୁ ମିଳୁ ନାହାନ୍ତି। କଂଗ୍ରେସର ପ୍ରଚାର ପ୍ରସାର ମଧ୍ୟ ମାନ୍ଦା। ୧୯୮୫ରୁ ବିଜୟ ସ୍ୱାଦ ଚାଖି ନ ଥିବା କଂଗ୍ରେସ ବିଜୟୀ ହେବାକୁ ଯେଭଳି ପ୍ରୟାସ କରିବା କଥା ତାହା ଦେଖିବାକୁ ମିଳୁ ନ ଥିବା ବେଳେ ଅଧିକାଂଶ ଲୋକେ ପ୍ରାର୍ଥି କିଏ ବୋଲି ଦେଖି ବି ନାହାନ୍ତି। ସେପଟେ ଗତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଥିବା ସୁଦର୍ଶନ କହଁର ଦଳ ଛାଡି ଥିବାରୁ ଏହାର ସିଧାସଳଖ ପ୍ରଭାବ କଂଗ୍ରେସ ଉପରେ ପଡିବ ବୋଲି ମଧ୍ୟ ଆଲୋଚନା ହେଉଛି। ପୂର୍ବ ନିର୍ବାଚନରେ ବିଜେଡି ଜିତିବ ବୋଲି ଯେଭଳି ମାହୋଲ ନିର୍ବାଚନ ବେଳେ ଥିଲା ଏଥର ନିର୍ବାଚନରେ ତାହା ଦେଖିବାକୁ ମିଳୁନାହିଁ।

## ପ୍ରଶାନ୍ତଙ୍କ ନିର୍ବାଚନୀ ପ୍ରଚାର



ନିର୍ବାଚନ ପ୍ରଚାର ଚାଲିଛି ।

ଛତ୍ରପୁର,୭।୪(ଡି.ଏନ.ଏ.)

**ଆର୍ଯ୍ୟପଲ୍ଲୀ ପଞ୍ଚାୟତ**

ଆର୍ଯ୍ୟପଲ୍ଲୀ ପଞ୍ଚାୟତରେ ଛତ୍ରପୁର ବିଧାନସଭା ଆସନ ପାଇଁ ଭାଜପାର ପ୍ରାର୍ଥୀ ପ୍ରଶାନ୍ତ କର ରବିବାର ଶକ୍ତି ପ୍ରଦର୍ଶନ କରିଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ପୋର୍ଟ ଛକରୁ ନିର୍ବାଚନ ପ୍ରଚାରରେ ଆସିଥିବା ଭାଜପା ପ୍ରାର୍ଥି କରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ବିଭିନ୍ନ ଗାଁକୁ ନେଇ ରୋଡ୍ ଶୋ କରାଯାଇଥିଲା । ନିଜ ପଞ୍ଚାୟତର ପ୍ରଶାନ୍ତ ହୋଇଥିବାରୁ ବିଭିନ୍ନ ଦଳ ଓ ସଂଗଠନରେ ଥିବା ଜନସାଧାରଣ ଏହି ରୋଡ୍ ଶୋରେ ସାମିଲ ହୋଇଥିଲେ। ମୋଦି ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ଭାଜପାକୁ ଭୋଟ ଦେଇ ନବୀନ ସରକାରଙ୍କୁ ହଟାଇବାକୁ ପ୍ରଶାନ୍ତ ନିବେଦନ କରିଥିଲେ । ଏହି ନିର୍ବାଚନ ପ୍ରଚାରରେ ଏମ୍ ବେତାଳ, କଣମଣା ମଣ୍ଡଳ ଭାଜପା ଯୁବ ମୋର୍ଚ୍ଚା ସଭାପତି ଏନ୍ ଦୀନବନ୍ଧୁ, ପି. ରାମବାବୁ, କେ ଦାଶରଥି, ନାଏବ ସରପଞ୍ଚ ପି.ବାବାଜୀ, ଜେ. ଜଗନ୍ନାଥ, ଜି. ଦାଲେୟା ପ୍ରମୁଖ ସାମିଲ ହୋଇ ପ୍ରଶାନ୍ତଙ୍କ ସମର୍ଥନରେ ଭୋଟ ପ୍ରଚାର କରିଥିଲେ। ଏହାପୂର୍ବରୁ ଭାଜପା ପ୍ରାର୍ଥୀ ଛତ୍ରପୁର ବ୍ଲକ କଣମଣା, କାଳିପଲ୍ଲୀ ଓ ଚମାଖଣ୍ଡି ପଞ୍ଚାୟତରେ ନିର୍ବାଚନ ପ୍ରଚାର କରିଥିଲେ।

## ଜଗନ୍ନାଥପ୍ରସାଦରେ ବିକ୍ରମ, ଅଚ୍ୟୁତଙ୍କ ମିଳିତ ପ୍ରଚାର

ଭଞ୍ଜନଗର,୭।୪(ଡି.ଏନ.ଏ.)



ବିକ୍ରମ କେଶରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି ।

ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ବିଜେଡ଼ି ତାର ପ୍ରଚାରକୁ ବିଗତ କିଛିଦିନ ହେବ ଯୋରଦାର କରିଦେଇଛି । ରବିବାର ଫୁଲବାଣୀ ଲୋକସଭା ବିଜେଡ଼ି ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଓ ଭଞ୍ଜନଗର ନିର୍ବାଚନମଣ୍ଡଳୀ ବିଜେଡ଼ି ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଜଗନ୍ନାଥପ୍ରସାଦ ବ୍ଲକ ପ୍ରତାପୁର, ପଛିଖାଡ଼ି, ବନ୍ତା, କ୍ଷେତମୁଣ୍ଡାଳି, ଅଳସୁ, କାଦୁଆ, ହରିପୁର ପ୍ରମୁଖ ଗ୍ରାମରେ ନିର୍ବାଚନୀସଭା କରିଛନ୍ତି । ଏହି ସମୟରେ ସେମାନେ ବିଜେଡ଼ି ଶାସନ ସମୟରେ ଜଗନ୍ନାଥପ୍ରସାଦ ବ୍ଲକରେ ହୋଇଥିବା ବିକାଶ ସମ୍ପର୍କରେ କହିଥିଲେ । ପୂର୍ବରୁ ଏଠାରୁ ନିର୍ବାଚିତ ହେଉଥିବା ଲୋକ ପ୍ରତିନିଧିମାନେ ଅଂଚଳର ବିକାଶ ପ୍ରତି ଧ୍ୟାନ ଦେଉନଥିଲେ। ସୀମା ପୁନଃ ନିର୍ଦ୍ଧାରଣ ପରେ ଜଗନ୍ନାଥପ୍ରସାଦ ବ୍ଲକ ରାଜ୍ୟରେ ଏକ ଅଗ୍ରଣୀ ବ୍ଲକ ଭାବେ ପରିଗଣିତ ହୋଇଛି । ଗମନାଗମନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲିଥିବା ଡ଼ାକ୍ତର ପଦବୀ ପୂରଣ କରାଯାଉଛି । ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ଶିକ୍ଷକ ପଦବୀ ପୂରଣ ହୋଇଛି । ତେଣୁ ବିକାଶକୁ ଦେଖି ବିଜେଡ଼ିକୁ ଭୋଟ ଦେବାପାଇଁ ବିକ୍ରମ, ଅଚ୍ୟୁତ୍ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବିଜେଡ଼ି ସଙ୍ଗଠକ ବିପ୍ରଚରଣ ବାରିକ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ବେହେରା, ରଙ୍କନିଧି ପାତ୍ର, ସରିତ ପ୍ରଧାନ, ଶୁଳପାଣି ଶତପଥୀ ପ୍ରମୁଖ କର୍ମୀ ସମ୍ମିଳନୀ ଗୁଡ଼ିକରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ବ୍ଲକ ବିଜେଡ଼ି ସଭାପତି ମୋହନ ପ୍ରଧାନ ସଭାରେ ଅଧକ୍ଷତା କରିଥିଲେ । ଏହି ଅବସରରେ ବିଭିନ୍ନ ନିର୍ବାଚିତ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ ।

## ଧର୍ମେନ୍ଦ୍ରଙ୍କ ହିଞ୍ଜିଳିକାଟୁ ଗସ୍ତ ପ୍ରସ୍ତୁତି

ହିଞ୍ଜିଳିକାଟୁ,୭।୪(ଡି.ଏନ୍.ଏ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ହିଞ୍ଜିଳିକାଟୁରେ ସାଧାରଣ ସଭା କରିବେ। ତାଙ୍କ ସହ ଭାଜପା ଆସିକା ଏମ୍‌ପି ପ୍ରାର୍ଥୀନୀ ଅନିତା ଶୁଭଦର୍ଶିନୀ, ହିଞ୍ଜିଳି ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ, ବାବୁସାନ, ମହେଶ୍ୱତା ରାୟ ଓ ଅନୁ ଚୌଧୁରୀ ପ୍ରମୁଖଙ୍କ ସହ ଜିଲାର ଅନ୍ୟାନ୍ୟ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସହରର ଏନ୍‌ଏସି ହାଇସ୍କୁଲ ସାମ୍ନା ଏକ ଘରୋଇ ପଡ଼ିଆରେ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ ବୋଲି ଭାଜପା ନେତା ଦେବାନନ୍ଦ ମହାପାତ୍ର କହିଛନ୍ତି। ବୁଧବାର ଅନୁଷ୍ଠିତ ସାଧାରଣ ସଭାରେ ମନ୍ତ୍ରୀ ପ୍ରଧାନ ଯୋଗଦେବା କାର୍ଯ୍ୟକ୍ରମ ଥିଲା। କିନ୍ତୁ ପ୍ରତିକୂଳ ପାଗ ହେତୁ ସେ ଯୋଗଦେଇ ନ ଥିଲେ।

## ବିଜେଡି ପଞ୍ଚାୟତ ସ୍ତରୀୟ ବୈଠକ



ବୈଠକରେ ଯୋଗ ଦେଇଥିବା ନେତା ଓ କର୍ମୀ।

ଆସିକା,୭।୪(ଡି.ଏନ୍.ଏ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଆସିକା ବ୍ଲକ ଆଲିପୁର ଗ୍ରାମରେ ରବିବାର ବିଜେଡି ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ଅଭିମନ୍ୟୁ ନାହାକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଏହି ପଞ୍ଚାୟତର ଆଲିପୁର, କୋଟିବାଡି, କରାତଳି, ପଥରା, ଗବନଳା ଆଦି ଗ୍ରାମର ଗ୍ରାମ୍ୟ କମିଟି ଓ ସଭାପତି ମାନେ ଯୋଗଦେଇଥିଲେ। ବିଜେଡି ସରକାର ଅମଳରେ ଏହି ପଞ୍ଚାୟତରେ ଚାଲିଥିବା ବିକାଶର ଧାରାକୁ ଅବ୍ୟାହତ ରଖିବା ଲାଗି ସମସ୍ତେ ବିଜେଡି ପ୍ରାର୍ଥିଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ପାଣିଗ୍ରାହୀ, ଭଗବାନ ସାହୁ, ନଚିକେତା ସ୍ୱାଇଁ, ସତ୍ୟନାରାୟଣ ସ୍ୱାଇଁ, ସୂର୍ଯ୍ୟକାନ୍ତ ପରିଡ଼ା, କାଶିନାଥ ପାତ୍ର, ତ୍ରିନାଥ ଗୌଡ, ସତୀଶ ପାତ୍ର ସମେତ ବହୁ ଆଗଧାଡିର କର୍ମୀ ସାମିଲ ଥିଲେ।

## ଆସିକାରେ କଂଗ୍ରେସ ପ୍ରାର୍ଥୀଙ୍କ ଶୋଭାଯାତ୍ରା

ଆସିକା,୭।୪(ଡି.ଏନ୍.ଏ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥି ମନୋଜ ଜେନାଙ୍କ ପକ୍ଷରୁ ରବିବାର ସନ୍ଧ୍ୟାରେ ଆସିକା ସହରାଞ୍ଚଳରେ ଏକ ନିର୍ବାଚନୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶତାଧିକ କର୍ମୀଙ୍କ ଗହଣରେ ପ୍ରାର୍ଥି ଜେନା ସହରରେ ଶୋଭାଯାତ୍ରାରେ ଯାଇ ଆସିକା ଅଞ୍ଚଳରେ ଲାଗିରହିଥିବା ଦୁର୍ଦ୍ଦିନ ଅବସ୍ଥାର ପରିବର୍ତ୍ତନ ପାଇଁ କଂଗ୍ରେସ ପ୍ରାର୍ଥିଙ୍କୁ ଭୋଟ ଦେଇ ବିକାଶରେ ସହଯୋଗୀ ହେବା ଲାଗି ନିବେଦନ କରିଥିଲେ।

## ବିଜେଡିରେ ଚନ୍ଦନପୁର ସରପଞ୍ଚ, ସମିତିସଭ୍ୟ

ବେଗୁନିଆପଡ଼ା,୭।୪(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଚନ୍ଦନପୁର ସରପଞ୍ଚ ଓ ସମିତି ସଭ୍ୟ ରବିବାର ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି । ବ୍ଲକ ସଭାପତି ବିଜୟ କୁମାର ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି, ତ୍ରିନାଥ ଭୂୟାଁ, ସମ୍ପାଦକ ଶରତ ଚନ୍ଦ୍ର ପାଣ୍ଡି ଯୋଗ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ । ଗତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଚୟନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ରହିଥିଲା। ଏହା ଏବେ ଦୂର ହୋଇଛି। ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ କାମ କରିବାକୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ବିଜୟ କୁମାର ପ୍ରଧାନ, ବାଞ୍ଛାନିଧି ପ୍ରଧାନ, ଗୋପବନ୍ଧୁ ସାହୁ, ମୁରଲି ପ୍ରଧାନ ପ୍ରମୁଖଙ୍କ ସମେତ ପ୍ରାୟ ୫୦୦ କର୍ମୀ ଯୋଗ ଦେଇଥିଲେ।



ମିଶ୍ରଣ ପର୍ବରେ ଉପସ୍ଥିତ ନେତା ଓ କର୍ମୀ।

■ ଦାରିଙ୍ଗବାଡ଼ିରେ ଟ୍ରାଫିକ୍ ଜାମ୍

# କଂଗ୍ରେସ, ସ୍ୱାଧୀନ ପ୍ରାର୍ଥୀଙ୍କ ରୋଡ୍ ଶୋ'



କଂଗ୍ରେସ ପ୍ରାର୍ଥୀ ମାନେ ରୋଡ଼ ଶୋ ରେ ବାହାରି ପ୍ରଚାର କରୁଛନ୍ତି।



ସ୍ୱାଧୀନ ପ୍ରାର୍ଥୀ ଯାକବ ପ୍ରଧାନ ନିଜ ପାଇଁ ପ୍ରଚାରରେ ବାହାରିଛନ୍ତି।

ଦାରିଙ୍ଗବାଡ଼ି,୭।୪(ଡି.ଏନ.ଏ)

**ମୁହାଁମୁହିଁ ହେଲେ ଜାକବ, ଶ୍ୟାମଘନ**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ନିର୍ବାଚନ ପ୍ରଚାର ଜୋରଦାର ଚାଲିଛି । ରବିବାର ଦାରିଙ୍ଗବାଡ଼ିରେ ସାପ୍ତାହିକ ହାଟ ରହିଥିବାରୁ କଂଗ୍ରେସ ପ୍ରାର୍ଥୀ ଶ୍ୟାମଘନ ପ୍ରଧାନ ଏବଂ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା ଜାକବ ପ୍ରଧାନ ରୋଡ଼ ଶୋ କରି ନିଜ ନିଜ ଶକ୍ତି ପ୍ରଦର୍ଶନ କରିଥିଲେ । କନ୍ଧମାଳ ଲୋକସଭା ପ୍ରାର୍ଥୀ ମନୋଜ କୁମାର ଆଚାର୍ଯ୍ୟ ଏବଂ ବିଧାୟକ ପ୍ରାର୍ଥୀ ଶ୍ୟାମଘନ ତାଙ୍କର ହଜାର ସଂଖ୍ୟାରେ ସମର୍ଥକଙ୍କୁ ନେଇ ବାଇକ, ଯାତ୍ରୀବାହୀ ଅଟୋରେ ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ଚାରିଛକଠାରେ ପଥପ୍ରାନ୍ତ ସଭା କରିଥିଲେ । ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଫେଲ ମାରିଥିବା ଓ କାଳିଆ ଯୋଜନା ମିଥ୍ୟା ଯୋଜନା ବୋଲି ସମାଲୋଚନା କରିଥିଲେ । କଂଗ୍ରେସ କ୍ଷମତାକୁ ଆସିଲେ ଶିକ୍ଷା,ସ୍ୱାସ୍ଥ୍ୟ, ଗମନାଗମନ ଭଳି ଉନ୍ନୟନ ମୁଳକ କାର୍ଯ୍ୟ କରିବା ସହ ହଳଦୀ ଦର ବୃଦ୍ଧି କରିବାକୁ ପଦକ୍ଷେପ ନେବ ବୋଲି ପ୍ରାର୍ଥୀଦ୍ୱୟ କହିଥିଲେ । ଏହି ସମୟରେ କଂଗ୍ରେସରୁ ଟିକେଟ ନ ପାଇ ସ୍ୱାଧୀନରେ ପ୍ରାର୍ଥୀ ହୋଇଥିବା ପୂର୍ବତନ ବିଧାୟକ ଜାକବ ପ୍ରଧାନ ମଧ୍ୟ ନିଜ ସମର୍ଥକଙ୍କ ସହ ରୋଡ଼ ଶୋ ମାଧ୍ୟମରେ ପ୍ରଚାର କରିଥିଲେ । ଏଥିଯୋଗୁ ଚାରିଛକ ଠାରେ କଂଗ୍ରେସ ପଥପ୍ରାନ୍ତ ସଭାରେ କିଛି ସମୟ ପାଇଁ ବିଭ୍ରାଟ ଦେଖାଦେବା ସହ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। କୌଣସି ଅପ୍ରୀତିକର ଘଟଣା ଘଟିବା ପୂର୍ବରୁ ଉପସ୍ଥିତ ଥିବା ଆଇଆଇସି ଅଲେଖ ଗରଡ଼ିଆ ଭିଡ଼କୁ ନିୟନ୍ତ୍ରଣ କରିବା ସହ ଦୁଇ ଦଳର ସମର୍ଥକ ଏବଂ ପ୍ରାର୍ଥୀଙ୍କୁ ଚାରିଛକରୁ ହଟାଇଥିଲେ । ପ୍ରାୟ ୧ଘଣ୍ଟା ଧରି ଚାରିଛକରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା । କଂଗ୍ରେସର ପ୍ରଚାରରେ ଉଭୟ ପ୍ରାର୍ଥୀଙ୍କ ସହ ୧୦ନଂ ଜୋନ ସଭାପତି କାଳିପ୍ରସାଦ ମଲ୍ଲିକ, ତିଆଡ଼ି ନାୟକ, ୧୧ ନଂ ଜୋନ ସଭାପତି କରମ ସିଂ ନାୟକ, ଗଦାପୁର ସରପଞ୍ଚ ଆରତି ମଲ୍ଲିକ, ଜିଲା ମହିଳା ଯୁବ ମୋର୍ଚ୍ଚାର ସଭାନେତ୍ରୀ ସିମଲାରାଣୀ ପତ୍ରା, ସୁରେନ୍ଦ୍ର ସାହୁଙ୍କ ସମେତ ବହୁ କର୍ମୀ, ସମର୍ଥକ ଯୋଗଦେଇଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ଜାକବଙ୍କ ସହ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ସମର୍ଥକ ପ୍ରଚାରରେ ସାମିଲ ହୋଇଥିଲେ।

## ବହୁ ନେତାଙ୍କ ଉପରୁ ବହିଷ୍କାର ନିର୍ଦ୍ଦେଶ ପ୍ରତ୍ୟାହୃତ କଲା ଭାଜପା

ଭୁବନେଶ୍ୱର,୭।୪(ବ୍ୟୁରୋ)

ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ କାରଣରୁ ରାଜ୍ୟସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ଧର୍ମଗଡର ରବି ପାଟଯୋଶୀ, ମୋହନାର ଭରତ ପାଇକ, ଦିଗପହଣ୍ଡିର ଉତମ ପାଣିଗ୍ରାହୀ, ପଟାଙ୍ଗୀର କୃଷ୍ଣ ଜାନୀ, ଗୁଣୁପୁରର ରାମମୂର୍ତ୍ତି ମଙ୍ଗିକା, ପଦମପୁରର ରାଜୁ ଗିଭେଲା, ବିଜେପୁରର ଲାଜୁସ୍ ସିଂହ, ଖାରସୁଗୁଡାର ପ୍ରଶାନ୍ତ ପଟେଲ, ସୁକାନ୍ତି ହୋତା ଓ ପୁଣ୍ୟବାନ ନାୟକ, ଲୋଇସିଂହାର ବଳରାମ ଶାହ, ବୀରମହାରାଜପୁରର ଆନନ୍ଦ ବାରିକ ଓ ଆଶ୍ରୟ ମହାନନ୍ଦ, କନ୍ଧମାଳର ସୁଧାଂଶୁ ଡାଙ୍ଗ, ଖଲ୍ଲିକୋଟର ମୀନା କୁମାରୀ ଟହଲ୍, ନୂଆପଡାର ଯଦୁମଣି ପାଣିଗ୍ରାହୀ, ନର୍ଲାର କେଦାରନାଥ ରଣାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଗଲା। ଏନେଇ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ରାଜ୍ୟ ବିଜେପି ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

### ବିଧାୟକ ପ୍ରାର୍ଥୀଙ୍କୁ ଧମକ

## ଅତିରିକ୍ତ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ

ନୟାଗଡ଼ ଅଫିସ,୭।୪

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀର ଜଣେ ବିଧାୟକ ପ୍ରାର୍ଥୀଙ୍କୁ ଧମକ ଦିଆଯାଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ବିଏସ୍‌ପି ପ୍ରାର୍ଥୀ ଦେବରାଜ ନାଏକ ରବିବାର ଏ ନେଇ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଶନିବାର ସେ ନିଜ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚର ହିସାବ ଦେବା ପାଇଁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ପରେ ସେ ଭୁବନେଶ୍ୱର ପାର୍ଟି କାର୍ଯ୍ୟାଳୟକୁ ଯାଇ ସେଠାରୁ ବସ୍‌ରେ ନୟାଗଡ଼ ଫେରିଥିଲେ। ନିଜ ଗ୍ରାମ ନୂଆଗାଁ ଯିବା ପାଇଁ ନୟାଗଡ଼ ବସ୍‌ଷ୍ଟାଣ୍ଡରେ ଛିଡ଼ା ହୋଇଥିବା ସମୟରେ ତାଙ୍କ ମୋବାଇଲ୍‌କୁ ୭୦୦୮୩୬୬୭୦୩ ନମ୍ବରରୁ ଏକ କଲ୍ ଆସିଥିଲା। ଫୋନ୍ ରିସିଭ କରିବା ପରେ ସେପଟୁ ବ୍ୟକ୍ତି ଜଣଙ୍କ ତାଙ୍କୁ ଗାଳିଗୁଲଜ କରିବା ସହିତ ବିଜେଡ଼ି ଛାଡ଼ି କାହିଁକି ଦଶପଲ୍ଲାରୁ ବିଏସ୍‌ପିରୁ ବିଧାୟକ ପ୍ରାର୍ଥୀ ହେଲୁ ବୋଲି ପଚାରିଥିଲେ। ବ୍ୟକ୍ତି ଜଣକ ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ଗ୍ରାମପଞ୍ଚାୟତର ଜଣେ ଜନପ୍ରତିନିଧି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଗାଳିଗୁଲଜ କରିବାର କାରଣ ପଚାରିବରୁ ତୁ ଦଶପଲ୍ଲାର ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରାଙ୍କ ବିରୋଧରେ ପାଟି ଫିଟାଇବୁନି ବୋଲି କହି ଫୋନ୍ ରଖିଦେଇଥିଲେ। ଏହାର ତଦନ୍ତ ପାଇଁ ସେ ଅତିରିକ୍ତ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଅତିରିକ୍ତ ଜିଲାପାଳ ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଦେବରାଜ ଅଭିଯୋଗ କଲା ପରେ ତାଙ୍କୁ ଏସ୍‌ପିଙ୍କଠାରେ ଏ ନେଇ ଅଭିଯୋଗ କରିବାକୁ କହିଥିଲି। ଏହାସହ ଦେବରାଜଙ୍କୁ ସୁରକ୍ଷା ଦେବା ପାଇଁ ମଧ୍ୟ ସେ ଏସ୍‌ପିଙ୍କୁ ଜଣାଇବେ ବୋଲି କହିଥିଲେ।

### ପୋଲସରାରେ ବିଜୟ ସଂକଳ୍ପ ସମାବେଶ

## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଅମିତ ଶାହ

ପୋଲସରା,୭।୪(ଡି.ଏନ.ଏ.)



ବିଜୟ ସଂକଳ୍ପ ସମାବେଶରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ଅନ୍ୟମାନେ ।

ରାଜ୍ୟରେ ୧୯ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ସରକାର ଜନସାଧାରଣଙ୍କ ନିମନ୍ତେ ପିଇବା ପାଣି ଯୋଗାଇ ପାରିନାହାନ୍ତି। ଜମିକୁ ଜଳସେଚନର ବ୍ୟବସ୍ଥା ମଧ୍ୟ କରିପାରୁନାହାନ୍ତି । ଡାକ୍ତର ଓ ଶିକ୍ଷକ ସମସ୍ୟା ଲାଗି ରହିଛି। ଗୋଟିଏ ପରେ ଗୋଟିଏ ବଳାତ୍କାର ଘଟଣା ଘଟୁଥିଲେ ମଧ୍ୟ ପୀଡ଼ିତାଙ୍କୁ ନ୍ୟାୟ ମିଳୁନି। ତେଣୁ ସବୁଥିରେ ବିଫଳ ହୋଇଥିବା ନବୀନ ସରକାରଙ୍କୁ ମୂଳରୁ ଉପାଡ଼ି ଫୋପାଡ଼ି ଦେବା ଆବଶ୍ୟକ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଗଞ୍ଜାମ ଜିଲା ପୋଲସରାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ କହିଛନ୍ତି।

ରବିବାର ପୋଲସରା ବେଲଗାଁ ଛକସ୍ଥିତ ପଡ଼ିଆରେ ଆୟୋଜିତ ସଭାରେ ଶାହ ଯୋଗଦେଇ ୨୦ ମିନିଟର ଉଦ୍‌ବୋଧନ ମଧ୍ୟରେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିବା ସହ ମୋଦି ସରକାରଙ୍କ ସଫଳତା ବର୍ଣ୍ଣନା କରିଥିଲେ। ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା କ୍ଷମତାକୁ ଆସିବା ଦରକାର ବୋଲି କହିଥିଲେ । ଭାଜପା ୫ ବର୍ଷ ଶାସନ କ୍ଷମତାରେ ରହିଲେ ରାଜ୍ୟରୁ ଗରିବ ହଟିବ। ଚିଟ୍‌ଫଣ୍ଡ ଲୁଟେରାମାନଙ୍କୁ ଗିରଫ କରି ଜମାକାରୀଙ୍କ ଟଙ୍କା ଫେରସ୍ତ ବ୍ୟବସ୍ଥା ହେବ। ପ୍ରତି ଘରକୁ ପିଇବା ପାଣି, ବିଦ୍ୟୁତ୍, ଜମିକୁ ଜଳସେଚନର ବ୍ୟବସ୍ଥା ଲାଗି ୧ ଲକ୍ଷ କୋଟି ଟଙ୍କା, ଚାଷୀମାନଙ୍କୁ ଶୂନ ପ୍ରତିଶତ ହାରରେ ଋଣ ପ୍ରଦାନର ସୁବନ୍ଦୋବସ୍ତ, ବାଳିକାମାନଙ୍କୁ ମାଗଣାରେ ପାଠ ପଢ଼ାଇବା ସୁବିଧା ଆଦି ବହୁ ବ୍ୟବସ୍ଥା କରାଯିବ ବୋଲି ଶାହ କହିଥିଲେ। ସେହିପରି ସମାବେଶରେ ଯୋଗଦେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଉଭୟ ନେତା ଦଳୀୟ ପ୍ରାର୍ଥୀମାନଙ୍କୁ ଜିତାଇବା ନିମନ୍ତେ ଆହ୍ୱାନ କରିଥିଲେ।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଶାହ ଏବଂ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିର୍ଦ୍ଧାରିତ ସମୟ ଠାରୁ ୩ ଘଣ୍ଟା ୨୨ ମିନିଟ ବିଳମ୍ବରେ ସମାବେଶସ୍ଥଳରେ ପହଞ୍ଚିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆସିକା ଲୋକ ସଭା ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ଓ ଏହି ଲୋକ ସଭା ଅଧୀନ ପୋଲସରା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ, କବିସୂର୍ଯ୍ୟନଗର ପ୍ରାର୍ଥୀ ରଞ୍ଜନ ପୋଲେଇ, ଖଲ୍ଲିକୋଟ ପ୍ରାର୍ଥିନୀ ଭାରତୀ ବେହେରା, ଆସିକା ପ୍ରାର୍ଥୀ ଦେବରାଜ ମହାନ୍ତି, ସୋରଡ଼ା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ, ହିଞ୍ଜିଳି ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଏବଂ ସାନଖେମୁଣ୍ଡି ପ୍ରାର୍ଥୀ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକ, ପୂର୍ବତନ ଏମ୍‌ପି କୁମୁଦିନୀ ପଟ୍ଟନାୟକ, ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ଯୁବ ଭାଜପା ନେତା ପ୍ରଭାକର ପଣ୍ଡା, ଯୁବନେତା ପ୍ରତାପ ନାୟକ, ଗଙ୍ଗା ନାୟକ, ଜୟନ୍ତୀ ପଢ଼ିହାରୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଘୁମୁସର ଜିଲା ଭାଜପା ସଭାପତି ଆରଏନ ଦାସ ସଭା ମଞ୍ଚ ପରିଚାଳନା କରିଥିଲେ । ଏଥିରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ ।

### ବରଗଡ଼ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ

## ଭାଜପା ଶାସନକୁ ଆସିଲେ ଓଡ଼ିଶା ହେବ ଆଦର୍ଶ ରାଜ୍ୟ

ବରଗଡ଼ ଅଫିସ୍,୭।୪

ଓଡ଼ିଶାକୁ ଦୀର୍ଘବର୍ଷ ଧରି କଂଗ୍ରେସ ଶାସନ କରିଥିଲା । ସେହିପରି କ୍ରମାଗତ ୧୯ବର୍ଷ ହେଲା ଏହି ରାଜ୍ୟ ବିଜେଡ଼ି ଶାସନାଧୀନ ରହିଛି । ମାତ୍ର ଏଠାରେ କିଛି ବିକାଶ ହୋଇନାହିଁ । ବେରୋଜଗାର, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସମସ୍ୟା ରାଜ୍ୟରେ ବଢ଼ି ଚାଲିଛି । ଏଠାରେ ଭାଜପାକୁ ଥରେ ଶାସନ ଭାର ଦେଲେ, ସାରା ଦେଶରେ ଓଡ଼ିଶା ଏକ ନମ୍ବର ତଥା ଆଦର୍ଶ ରାଜ୍ୟରେ ପରିଗଣିତ ହୋଇ ପାରିବ । ରବିବାର ବରଗଡ଼ ବାନ୍ଧୁଟିକ୍ରା ନିକଟ ଏକ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉଦବୋଧନ ଦେଇ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଏହା କହିଛନ୍ତି ।

ସେ ଆହୁରି କହିଥିଲେ, କେନ୍ଦ୍ରର ମୋଦି ସରକାର ଗତ ୫ବର୍ଷ ମଧ୍ୟରେ ଓଡ଼ିଶାକୁ ୫ଲକ୍ଷ ୫୬ହଜାର କୋଟି ଟଙ୍କା ଅନୁଦାନ ଦେଇଛନ୍ତି । ମାତ୍ର ତାହା ରାଜ୍ୟବାସୀଙ୍କ ପାଖକୁ ପହଞ୍ଚି ପାରିନାହିଁ । ତାହା ନବୀନ ବାବୁଙ୍କ ଅଧସ୍ତନ ଅଧିକାରୀ, କର୍ମଚାରୀଙ୍କ ପକେଟ୍‌କୁ ଯାଇଛି । ଫଳରେ ରାଜ୍ୟରେ ବିକାଶ ବାଟବଣା ହୋଇ ପଡ଼ିଛି । ଡାକ୍ତରଖାନାରେ ଡାକ୍ତର ନ ଥିବାବେଳେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷକ ନାହାନ୍ତି । ଅନ୍ୟପଟେ ରାଜ୍ୟରେ ନୂତନ ରେଳପଥ, ରେଳପଥର ଦୋହରୀକରଣ, ଝାରସୁଗୁଡ଼ା ବିମାନବନ୍ଦର, ମହାନଦୀ, ବ୍ରାହ୍ମଣୀ ନଦୀ ସେତୁ ନିର୍ମାଣ ଭଳି ବହୁବିଧ ବିକାଶମୂଳକ ପଦକ୍ଷେପ ମୋଦି ସରକାର କରିଛି । ଏହାସତ୍ତ୍ୱେ ଓଡ଼ିଶାରେ ବିକାଶ ପଛେଇ ଯାଇଥିବାରୁ ନବୀନ ସରକାରକୁ ଫୋପାଡ଼ି ଦେବାକୁ ଶାହ ଆହ୍ୱାନ ଦେଇଥିଲେ । ଭାଜପା ଶାସନକୁ ଆସିଲେ ନାବାଳିକା ବଳାତ୍କାରୀଙ୍କୁ ଫାଶୀ, ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଟି, ଚାଷୀଙ୍କୁ ଶୂନ ପ୍ରତିଶତ ସୁଧହାରରେ ଋଣ, ୬୦ବର୍ଷ ଅତିକ୍ରାନ୍ତ ଚାଷୀଙ୍କୁ ମାସିକ ୩ହଜାର ଟଙ୍କାର ବୋନସ ପ୍ରଦାନ ସହିତ ଜଳସେଚନ ପାଇଁ ୧ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ସେ ଘୋଷଣା କରିଥିଲେ ।

ସେହିପରି ଲୋକଙ୍କ ମନ ଜିଣିବା ପାଇଁ ଶାହ ନିଜ ବକ୍ତବ୍ୟରେ ଧାର୍ମିକ ଓ ଦେଶାତ୍ମବୋଧ ପ୍ରସଙ୍ଗ ମଧ୍ୟ ରଖିଥିଲେ । ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ, ଅଷ୍ଟଶମ୍ଭୁ, ନୃସିଂହନାଥ ମହାପ୍ରଭୁଙ୍କୁ ପ୍ରଣାମ ଜଣାଇବା ସହିତ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ଦୟାନନ୍ଦ ଶତପଥୀ, ସ୍ୱଭାବ କବି ଗଙ୍ଗାଧର ମେହେର, ସତ୍ୟନାରାୟଣ ବହିଦାର, ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ପ୍ରମୁଖଙ୍କୁ ସ୍ମରଣ କରି ସେ ବକ୍ତବ୍ୟ ଆରମ୍ଭ କରିଥିଲେ । ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ପାକିସ୍ତାନକୁ ଭାରତର ଜବାବକୁ ସେ ତାଙ୍କ ବକ୍ତବ୍ୟରେ ସ୍ଥାନିତ କରିଥିଲେ । ଅପରପକ୍ଷେ କଂଗ୍ରେସର ଗଠବନ୍ଧନ(ମେଣ୍ଟ)କୁ ସମାଲୋଚନା କରିବା ସହିତ ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଥିଲେ । ମେଣ୍ଟ ହେଲେ ମଧ୍ୟ ତାର ନେତା କିଏ ଏବଂ କିଏ ପ୍ରଧାନମନ୍ତ୍ରୀ ହେବ, ସେ ନେଇ ସପ୍ତାହର ପ୍ରତି ଦିନରେ ଅଲଗା ଅଲଗା ନାମ ଶୁଣିବାକୁ ମିଳୁଛି । କିନ୍ତୁ ଏଥର ଭାଜପା ସମ୍ପୂର୍ଣ୍ଣ ବହୁମତ ହାସଲ କରିବ ଏବଂ ନରେନ୍ଦ୍ର ମୋଦି ପୁଣି ପ୍ରଧାନମନ୍ତ୍ରୀ ହେବେ ବୋଲି ଶାହ ଦୃଢ଼ୋକ୍ତି ପ୍ରକାଶ କରିବା ସହିତ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ନିବେଦନ କରିଥିଲେ ।

ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଭାଜପା ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ, ବରଗଡ଼ ବିଧାନସଭା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାନସଭା ପ୍ରାର୍ଥୀ ମିଳନ ସେଟ୍, ଭଟଲି ବିଧାନସଭା ପ୍ରାର୍ଥୀ ଇରାସିସ୍ ଆଚାର୍ଯ୍ୟ, ପଦ୍ମପୁର ବିଧାନସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ, ବିଜେପୁର ବିଧାନସଭା ପ୍ରାର୍ଥୀ ସନତ ଗଡ଼ତୀୟା, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଦଳର ରାଜ୍ୟ ସମ୍ପାଦକ ସୁଶାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୌରୀଚରଣ ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ପଦ୍ମଶ୍ରୀ ଲୋକ କବିରତ୍ନ ଡଃ ହଳଧର ନାଗ ମଧ୍ୟ ମଞ୍ଚାସୀନ ରହି ଶାହଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁରେଶ୍ୱର ଶତପଥୀ, ଡି. ମୁରଲିକ୍ରୀଷ୍ଣା, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ରବି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ୯ ଆସନ ପାଇଁ ପ୍ରାର୍ଥୀ ତାଲିକା ଦେଲା କଂଗ୍ରେସ

ଭୁବନେଶ୍ୱର, ୭।୪(ବ୍ୟୁରୋ)

- ବଦଳିଲେ ଧର୍ମଶାଳା, ତିର୍ତ୍ତୋଲ ପ୍ରାର୍ଥୀ
- ମହିଳା ଓ ଯୁବ କଂଗ୍ରେସ ସଭାପତିଙ୍କୁ ଟିକେଟ ନାହିଁ
- ପୁଅ, ଝିଅ ଓ ବୋହୂଙ୍କୁ ଟିକେଟ ମିଳିବା ନେଇ ପ୍ରଶ୍ନ ଉଠାଇଲେ ଲୋକନାଥ
- ଆଜି ଚୂଡ଼ାନ୍ତ ନିଷ୍ପତ୍ତି ନେବେ ସୁମିତ୍ରା

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ରବିବାର ଆଉ ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ୯ ଆସନ ମଧ୍ୟରୁ ଭଣ୍ଡାରୀ ପୋଖରୀ ଆସନ ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନାମ ରହିଛି। ଏଥର ନିରଞ୍ଜନ ଦୁଇଟି ଆସନରୁ ପ୍ରାର୍ଥୀ ହୋଇଛନ୍ତି। ପୂର୍ବରୁ ଘଷିପୁରା ଆସନ ପାଇଁ ଦଳ ନିରଞ୍ଜନଙ୍କୁ ପ୍ରାର୍ଥୀ କରିସାରିଛି। ଘଷିପୁରାରେ ନିରଞ୍ଜନଙ୍କ ଜିତିବା ସମ୍ଭାବନା କମ୍ ଥିବାରୁ ସେ ଆଉ ଗୋଟିଏ ଆସନରୁ ମଧ୍ୟ ପ୍ରାର୍ଥୀ ହୋଇଥିବା ଚର୍ଚ୍ଚା ଜୋର୍ ଧରିଛି। ଅପରପକ୍ଷରେ ଘୋଷଣା କରାଯାଇଥିବା ଦୁଇଟି ଆସନରେ ପ୍ରାର୍ଥୀ ପରିବର୍ତ୍ତନ ହୋଇଛନ୍ତି। ଧର୍ମଶାଳା ଆସନରେ ଦଳ ପୂର୍ବରୁ ସ୍ମୃତିରେଖା ପହିଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ତାଙ୍କ ସ୍ଥାନରେ କଂଗ୍ରେସ କିଷନ ପଣ୍ଡାଙ୍କୁ ପ୍ରାର୍ଥୀ କରିଛି। ସେହିପରି ତିର୍ତ୍ତୋଲ ଆସନରେ ଦଳ ବିଭୁ କିଶୋର ତରାଇଙ୍କୁ ପ୍ରାର୍ଥୀ କରିଥିଲା। ସେ କଂଗ୍ରେସ ଛାଡି ଭାଜପାରେ ଯୋଗଦେଇଛନ୍ତି। ତେଣୁ ଦଳ ତିର୍ତ୍ତୋଲରେ ଦେବୀ ପ୍ରସାଦ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ସବୁ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଥିଲେ ମଧ୍ୟ ଏଥିରେ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀ ଏବଂ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନାଙ୍କ ନାମ ନାହିଁ। ଫଳରେ ଏହି ଦୁଇ ନେତାଙ୍କ ନାମ ପ୍ରାର୍ଥୀ ତାଲିକାରେ ନ ରହିବା ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ଦଳର ଏହି ଦୁଇ ସଙ୍ଗଠନ ମୁଖ୍ୟ ଆଗାମୀ ଦିନରେ ପିସିସି ସଭାପତିଙ୍କ ବିରୋଧରେ ପ୍ରତିବାଦ ଆରମ୍ଭ କରିବେ ବୋଲି ମତ ରଖିଛନ୍ତି।

ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀ କହିଛନ୍ତି ଯେ, କଂଗ୍ରେସରେ ନିରଞ୍ଜନ ବାବୁଙ୍କର ଏକପାଖିଆ ରାଜନୀତି ଚାଲିଛି। ବାପା ଯଦି ଦଳର ନେତା ନ ହୋଇଥିବେ ତେବେ ପୁଅକୁ ଟିକେଟ ମିଳିବନାହିଁ। ଦଳରେ ରହି କାମ କରିବି। ହେଲେ ନିରଞ୍ଜନ ପଟ୍ଟନାୟକଙ୍କ ଏକପାଖିଆ ରାଜନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବି। ଟିକେଟ ବଣ୍ଟନରେ କେଉଁଠି ନା କେଉଁଠି ଷଡ଼ଯନ୍ତ୍ର ଥିବା ଲକ୍ଷ୍ୟ କରାଯାଉଛି। ଯୁବ ଓ ମହିଳା କଂଗ୍ରେସର ବହୁ କାର୍ଯ୍ୟକର୍ତ୍ତା ଟିକେଟରୁ ବାଦ୍ ପଡିଛନ୍ତି। ହେଲେ ବହୁ ନେତା ନିଜ ପୁଅ, ଝିଅ ଓ ବୋହୂଙ୍କୁ ଟିକେଟ ଦେଇଛନ୍ତି। ଏହି ପୁଅ, ଝିଅ ଓ ବୋହୂମାନେ କେବେ କଂଗ୍ରେସ ପାଇଁ କ'ଣ କରିଛନ୍ତି ଖୁବ୍‌ଶୀଘ୍ର ଏହାର ଜବାବ୍ ମଗାଯିବ ବୋଲି ଲୋକନାଥ କହିଛନ୍ତି।

ସୁମିତ୍ରା ଜେନା କହିଛନ୍ତି, ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଏଥର ନିର୍ବାଚନ ପ୍ରାର୍ଥୀ ତାଲିକାରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ କୁହାଯାଇଥିଲା, କିନ୍ତୁ ତାହା ହେଲାନାହିଁ। ଏଠି ନିରଞ୍ଜନ କଂଗ୍ରେସ ଚାଲିଛି। ନିଜ ବ୍ୟବସାୟିକ ବନ୍ଧୁଙ୍କୁ ପିସିସି ସଭାପତି ଟିକେଟ ଦେଉଛନ୍ତି। ମହିଳା କଂଗ୍ରେସ ସଭାପତିଙ୍କୁ ପିସିସିର ବହୁ ବରିଷ୍ଠ ନେତା ଜାଣିଶୁଣି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କଲେ। ମାତ୍ର ୨୪ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ କହି ଏ ପର୍ଯ୍ୟନ୍ତ ନିଆଗଲା ନାହିଁ। କାଲି ସୁଦ୍ଧା ଆଗାମୀ କାର୍ଯ୍ୟପନ୍ଥା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବି ବୋଲି ସୁମିତ୍ରା କହିଛନ୍ତି।

ଅନ୍ୟପଟେ ଦଳ ଭଦ୍ରକ ଆସନରେ ନଳିନୀକାନ୍ତ ମହାନ୍ତି, ବଡଚଣାରେ ସୀତାକାନ୍ତ ମହାପାତ୍ର, ସାଲେପୁର ରବୀନ୍ଦ୍ରନାଥ କର, ମହାକାଳପଡାରୁ ବିଭ୍ରାଂଶୁ ଶେଖର ଲେଙ୍କା, ବାଲିକୁଦା–ଏରସମାରୁ ଲଲାଟେନ୍ଦୁ ମହାପାତ୍ର ଏବଂ ନିମାପଡାରୁ ସତ୍ୟବ୍ରତ ପାତ୍ରଙ୍କୁ ଦଳ ଟିକେଟ ଦେଇଛି।

**କଂଗ୍ରେସର ପ୍ରାର୍ଥୀ ତାଲିକା**

| | |
|---|---|
| ଭଣ୍ଡାରିପୋଖରୀ | ନିରଞ୍ଜନ ପଟ୍ଟନାୟକ |
| ଭଦ୍ରକ | ନଳିନୀକାନ୍ତ ମହାନ୍ତି |
| ବଡ଼ଚଣା | ସୀତାକାନ୍ତ ମହାପାତ୍ର |
| ଧର୍ମଶାଳା | କିଷାନ ପଣ୍ଡା (ପୂର୍ବରୁ ସ୍ମୃତିରେଖା ପହିଙ୍କ ନାମ ଘୋଷଣା ହୋଇଥିଲା) |
| ସାଲେପୁର | ରବୀନ୍ଦ୍ରନାଥ କର |
| ମହାକାଳପଡ଼ା | ବିଭ୍ରାଂଶୁ ଶେଖର ଲେଙ୍କା |
| ତିର୍ତ୍ତୋଲ | ଦେବୀ ପ୍ରସାଦ ମଲ୍ଲିକ (ପୂର୍ବରୁ ବିଭୁପ୍ରସାଦ ତରାଇଙ୍କ ନାମ ଘୋଷଣା ହୋଇଥିଲା) |
| ବାଲିକୁଦା-ଏରସମା | ଲଲାଟେନ୍ଦୁ ମହାପାତ୍ର |
| ନିମାପଡ଼ା | ସତ୍ୟବ୍ରତ ପାତ୍ର |

### ସମସ୍ତଙ୍କୁ...

ଭବନରେ ରବିବାର ଏହାର ଉନ୍ମୋଚନ କରାଯାଇଛି।

କଂଗ୍ରେସ ସରକାର ଆସିବାର ୧୦ ଦିନ ମଧ୍ୟରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିବା ସମସ୍ତ କୃଷିଋଣକୁ ଛାଡ଼ କରାଯିବ। ସେହିପରି ୩୧ ମାର୍ଚ୍ଚ, ୨୦୧୮ ପରେ କେହି କୃଷିଋଣ ପରିଶୋଧ କରିଥିଲେ, ତାହା ଫେରସ୍ତ କରାଯିବ। ଋଣଛାଡ଼ର ପରବର୍ତ୍ତୀ ୩ ବର୍ଷ ପର୍ଯ୍ୟନ୍ତ ଚାଷୀଙ୍କୁ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ଧାନର କୁଇଣ୍ଟାଲ ପିଛା ବଜାର ଦର ୨୬୦୦ ଟଙ୍କା କରାଯିବ। ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିଜୁଳି ଏବଂ ଉଚିତ ସମୟରେ ଉନ୍ନତମାନର ବିହନ ଯୋଗାଇ ଦିଆଯିବ। ୬୦ ବର୍ଷରୁ ଊର୍ଦ୍ଧ୍ୱ ଚାଷୀ ମାସିକ ୧୫୦୦ ଟଙ୍କା ପେନ୍‌ସନ ପାଇବାକୁ ଯୋଗ୍ୟ ହେବେ। ପ୍ରତି ବ୍ଲକରୁ ଆଦର୍ଶ ଚାଷୀ ବଛାଯାଇ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ୫ ବର୍ଷିଆ ଯୋଜନା ଦ୍ୱାରା ଭୂମିହୀନଙ୍କୁ ଭୂମି ଓ ବାସହୀନଙ୍କୁ ଘର ଦିଆଯିବ। ପାର୍ଲାମେଣ୍ଟ ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ, ଝିଅଙ୍କୁ ମାଗଣା ଶିକ୍ଷା ଏବଂ ବିବାହ ବେଳେ ସହାୟତା, ବିଧବା ତଥା ନିରାଶ୍ରୟାଙ୍କୁ ୨୦୦୦ ଟଙ୍କା ମାସିକ ପେନ୍‌ସନ, ମହିଳା ଉଦ୍ୟୋଗୀଙ୍କୁ ସାହାଯ୍ୟ ପାଇଁ ପ୍ରତି ଜିଲାରେ ୫ କୋଟି ଟଙ୍କାର ସ୍ୱତନ୍ତ୍ର ଫଣ୍ଡ ବ୍ୟବସ୍ଥା ରହିବ। ସେହିପରି ବିଧାନସଭାର ପ୍ରଥମ ଅଧିବେଶନର ୧୦୦ ଦିନ ମଧ୍ୟରେ ଏକ ସ୍ୱତନ୍ତ୍ର ବିଧେୟକ ଅଣାଯାଇ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯିବ। ଏଥିସହିତ ୬ ମାସ ମଧ୍ୟରେ ସେମାନଙ୍କ ଜମାରାଶି ଫେରସ୍ତ କରାଯିବା ନେଇ ଦୃଢ଼ ନିଶ୍ଚିତ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

ସରକାର ଗଠନର ପ୍ରଥମ ୧୦ ଦିନ ମଧ୍ୟରେ ଫୌଜଦାରି ମାମଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜଙ୍ଗଲ ଜମି ମାମଲାକୁ ଫେରାଇ ନିଆଯିବ। ଜଳସମ୍ପଦର ପରିଚାଳନା ପାଇଁ ଗ୍ରାମସଭାକୁ ଗୁରୁତ୍ୱ, ପେସା ଆଇନ କଡ଼ାକଡ଼ି ଭାବେ ଲାଗୁ କରାଯିବ। ଏଥିସହିତ ଓଡ଼ିଶା ରାଜ୍ୟ ଆଦିବାସୀ କମିଶନ ଗଠନ କରାଯିବା ଉପରେ ମଧ୍ୟ କଂଗ୍ରେସ ଇସ୍ତାହାରରେ ଗୁରୁତ୍ୱ ପ୍ରଦାନ କରିଛି। ଦଳିତ ସୁରକ୍ଷା ପାଇଁ ପ୍ରତି ଜିଲାରେ ଦଳିତ ସୁରକ୍ଷା ସେଲ୍ ଓ ସ୍ୱତନ୍ତ୍ର କୋର୍ଟ, ହାତରେ ଝାଡୁ ମାରିବା ଏବଂ ମଇଳା ସଫା କରିବା ବନ୍ଦ ହେବ। ଦଳିତମାନଙ୍କ ମଧ୍ୟରେ ଥିବା ଭୂମିହୀନ ସମସ୍ୟାକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରାଯିବ। ସରକାର ଗଠନର ପ୍ରଥମ ବର୍ଷରେ ଖାଲିଥିବା ସମସ୍ତ ସରକାରୀ ପଦବୀରେ ନିଯୁକ୍ତି ଦିଆଯିବା ସହ ଦଳିତ ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ଅର୍ଥ ନିଗମ ପ୍ରତିଷ୍ଠା କରାଯିବ। କଂଗ୍ରେସ ଇସ୍ତାହାର ସମ୍ପର୍କରେ କମିଟି ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି ଯେ, ଇସ୍ତାହାର କାହା ଉପରେ ଲଦି ଦିଆଯାଇନାହିଁ। ରାଜ୍ୟର ବିଭିନ୍ନ ସ୍ଥାନ ବୁଲି ଜନମତକୁ ଆଧାର କରି ଏହା କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ଶିଳ୍ପକୁ ସମାନ ଗୁରୁତ୍ୱ ଦିଆଯାଇଛି। ଆଦିବାସୀ ଓ ଦଳିତଙ୍କ ସୁରକ୍ଷା ସହ ନିଶାମୁକ୍ତ ଓଡ଼ିଶା ଉପରେ ଗୁରୁତ୍ୱ ଦିଆଯାଇଥିବା ଗଣେଶ୍ୱର କହିଛନ୍ତି।

ସଂଖ୍ୟାଲଘୁ, କିନ୍ନର ଏବଂ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଆଇନ ସହ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ମାସିକ ୧୫୦୦ ଟଙ୍କା ପ୍ରଦାନ, ଶିକ୍ଷାର ପୁନର୍ବିନ୍ୟାସ ଜରିଆରେ ୨୦ ପ୍ରତିଶତ ବଜେଟ ବୃଦ୍ଧି, ସରକାରୀ ସ୍କୁଲ ଏବଂ କଲେଜ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମାକୁ ଗୁରୁତ୍ୱ ଦିଆଯିବ। ସେହିପରି ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା, ସମସ୍ତ ଡାକ୍ତର ନର୍ସ ପଦବୀ ପୂରଣ କରାଯିବ। ଖାଦ୍ୟ ସୁରକ୍ଷା, ୨୦୨୪ ସୁଦ୍ଧା ସବୁ ପଡ଼ା ଓ ସହରାଞ୍ଚଳକୁ ଶୁଦ୍ଧ ପାନୀୟଜଳ ଓ ବେଳାଭୂମି ବିକାଶକୁ ମଧ୍ୟ କଂଗ୍ରେସ ନିଜ ଇସ୍ତାହାରରେ ଗୁରୁତ୍ୱ ଦେଇଛି। ଏତଦ୍‌ବ୍ୟତୀତ ବୃହତ୍ ପ୍ରକଳ୍ପ, ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ ପାରିଶ୍ରମିକ ବୃଦ୍ଧି କରାଯିବା ନେଇ ଦଳ ପକ୍ଷରୁ କୁହାଯାଇଛି। ସର୍ବଶେଷରେ ଗ୍ରାମ ସ୍ୱରାଜ୍ୟ ଏବଂ ପଞ୍ଚାୟତିରାଜ ଆଇନକୁ ଅକ୍ଷରେ ଅକ୍ଷରେ ପାଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

### ଭ୍ରଷ୍ଟାଚାରରେ...

ଭ୍ରଷ୍ଟାଚାର ସରକାର ଶାସନ କ୍ଷମତାରେ ଥିଲା। ଏହି ସମୟ ମଧ୍ୟରେ ଓଡିଆ ଭାଷା, ସଂସ୍କୃତିକୁ ବିଶ୍ୱସ୍ତରରେ ପହଞ୍ଚାଯାଇ ପାରିଲା ନାହିଁ। ଶେଷରେ ପରିବର୍ତ୍ତନ ଆଶା ନେଇ ରାଜ୍ୟବାସୀ ବିଜେଡିକୁ ସରକାରକୁ ଆଣିଲେ। ହେଲେ କହିବାକୁ ଖରାପ ଲାଗୁଛି, ଭ୍ରଷ୍ଟାଚାର ଓ ଦୁର୍ନୀତିରେ ୧୯ ବର୍ଷରେ ନବୀନ ସରକାର କଂଗ୍ରେସଠାରୁ ନିକୃଷ୍ଟ ଶାସନ ଚଳାଇଲା। ବିଜେଡି ନେତାଙ୍କ ଶାସନରେ ଦୂରଦୃଷ୍ଟି ଅଭାବ, ଆଳସ୍ୟ, କ୍ଷମତାର ଲୋଭ ଏବଂ ଭ୍ରଷ୍ଟାଚାର ଭଳି ଚାରୋଟି ଜିନିଷ ଆଜି ଓଡିଶାର ପତନ ଆଡକୁ ନେଇଛି। ଏହି ଦଳର ମୁଖିଆ ଗଣତନ୍ତ୍ରକୁ ନଷ୍ଟ କରି ନିଜ ଦଳର ସାଥୀମାନଙ୍କୁ ପଛପଟୁ ଛୁରି ପୂରାଇ ଦଳରୁ କାଢୁଛନ୍ତି।

ଶାହ ଆହୁରି କହିଛନ୍ତି, ବହୁ ପ୍ରସଙ୍ଗରେ ରାଷ୍ଟ୍ରୀୟସ୍ତରରେ ଓଡିଶା ପଛରେ ରହିଯାଇଛି। ସବୁଠାରୁ ସମ୍ପଦରେ ଧନୀ ରାଜ୍ୟ ହେଉଛି ଓଡିଶା। ରାଜ୍ୟରେ ଯେତିକି ସମ୍ପଦ ରହିଛି ଓଡିଶା ଦେଶର ସବୁଠାରୁ ଆଗରେ ରହିବ। ଏବେ ବହୁ ଭଲ ଲୋକ ଭାଜପାରେ ଯୋଡି ହୋଇଛନ୍ତି। ଓଡିଶାକୁ ଲମ୍ବା ବିକଳ୍ପ ଦେବାକୁ ଆଗେଇ ଆସିଛନ୍ତି। ଓଡିଶାରେ ଭାଜପା ସରକାର ଆସିଲେ, ଓଡିଶାର ମହିଳାମାନଙ୍କ ପାଇଁ ଏକ ମର୍ଯ୍ୟାଦାଜନକ ଏବଂ ନିରାପଦ ଜୀବନ ମିଳିବ। ୧୫ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ବଳାତ୍କାର କରିଥିବା ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ବ୍ୟବସ୍ଥା ରଖିବା ପାଇଁ ଏକ ଆଇନ ଆଣିବାକୁ ପ୍ରତିଶ୍ରୁତି ଦେଉଛୁ। ଶୈଳବାଳା ଟୁ ହୁଇଲର ଯୋଜନା ଦ୍ୱାରା ରାଜ୍ୟର ଯୁକ୍ତ୨ ଶିକ୍ଷା ଶେଷ କରୁଥିବା ମେଧାବୀ ଛାତ୍ରୀଙ୍କୁ ଦୁଇ ଚକିଆ ଯାନ ମିଳିବ। ସୁଭଦ୍ରା ସମୃଦ୍ଧି ଯୋଜନାରେ ଦଶମ, ଦ୍ୱାଦଶ ଏବଂ ଗ୍ରାଜୁଏଟର ମେଧାବୀ ଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ମିଳିବ। ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାଙ୍କୁ ୧ହଜାର ଟଙ୍କା ଏବଂ ୭୯ ବର୍ଷ ବୟସରୁ ଅଧିକ ବୃଦ୍ଧାଙ୍କୁ ମାସିକ ୧୫ଶହ ଟଙ୍କା ମିଳିବ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଦ୍ରବ୍ୟକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ସହ ସଂଯୋଗ କରିବୁ। ଚାଷୀଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯିବ। କୃଷକଙ୍କ ଆୟ ଦ୍ୱିଗୁଣ କରାଯିବ। ୬୦ବର୍ଷ ବୟସ ପରେ ସବୁ ଚାଷୀଙ୍କୁ ୩ହଜାର ଟଙ୍କା ପେନ୍‌ସନ ଦିଆଯିବ। ସବୁ ଖେତକୁ ପାଣି ଦେବା ପାଇଁ ଆସନ୍ତା ୫ବର୍ଷରେ ୧ଲକ୍ଷ କୋଟି ଟଙ୍କାର ଏକ ପାଣ୍ଠି କରାଯିବ। ରାଜ୍ୟର ସମସ୍ତ ଯୋଗ୍ୟ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାକୁ ଶତ ପ୍ରତିଶତ କରାଯିବ। ମିଶନ୍ ଇନ୍ଦ୍ର ଯୋଜନାରେ ବର୍ଷାଜଳ ଅମଳ, ଭୂତଳ ଜଳ ପରିଚାଳନାକୁ ପ୍ରୋତ୍ସାହିତ କରି ୫ହଜାର ଚେକ୍ ଡ୍ୟାମ ନିର୍ମାଣ ହେବ। ପ୍ରତି ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି କିମ୍ବା ଆତ୍ମନିଯୁକ୍ତି ଯୋଗାଇବୁ। ୩,୫୦୦କୋଟି ଟଙ୍କାର ଏକ ସ୍କିଲ ଓଡିଶା ପାଣ୍ଠି ଗଠନ ହେବ। ଯୁବପିଢିଙ୍କୁ ୧ପ୍ରତିଶତ ସୁଧରେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। ୫ବର୍ଷରେ ଆଦିବାସୀ ପଟ୍ଟା ପ୍ରଦାନକୁ ସୁନିଶ୍ଚିତ କରାଯିବ। କେନ୍ଦୁପତ୍ର ଉପରେ ସଂଗ୍ରହ କରାଯାଇଥିବା ଜିଏସ୍‌ଟି ଫେରସ୍ତ କରିବୁ। ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର, ପାଇଖାନା, ପାନୀୟ ଜଳ, ବିଜୁଳି ଓ ଜମି ପଟ୍ଟା ଯୋଗାଇବୁ।

ଏହାସହ ଅଙ୍ଗନୱାଡି କର୍ମୀଙ୍କୁ ୧୫ହଜାର ଟଙ୍କା ଭତ୍ତା ଓ ସହାୟିକାଙ୍କୁ ୯ହଜାର ଟଙ୍କା ଓ ଅବସରକାଳୀନ ସହାୟତା ୧ଲକ୍ଷ ଟଙ୍କା ଦିଆଯିବ। ଶାସନକୁ ଆସିବାର ୨ବର୍ଷ ମଧ୍ୟରେ ରାଜ୍ୟରେ ଖାଲିପଡିଥିବା ସମସ୍ତ ପଦବୀ ପୂରଣ କରିବୁ। ଓଡିଶାକୁ ବ୍ୟବସାୟିକ କ୍ଷେତ୍ରରେ ସମଗ୍ର ଦେଶର ୫ ମୁଖ୍ୟ ରାଜ୍ୟ ମଧ୍ୟରେ ରଖିବୁ। ସରକାର ଆସିବା ପରେ ଆୟୁଷ୍ମାନ ଭାରତ ଯୋଜନା ସମସ୍ତଙ୍କ ପାଇଁ ଲାଗୁ କରାଯିବ। ପିପିପି ପଦ୍ଧତିରେ ସବୁ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ରାଜ୍ୟରେ ୫ଟି ସୁପର ସ୍ପେସିଆଲିଟି ମେଡି–ସିଟିଜ ହସ୍ପିଟାଲ ପ୍ରତିଷ୍ଠା ହେବ। ପ୍ରତି ଜିଲାରେ ବିଇଡି କଲେଜ ପ୍ରତିଷ୍ଠା ହେବ। ଛାତ୍ରୀଛାତ୍ରଙ୍କ ବସ୍ ଭଡା ୫୦ପ୍ରତିଶତ କମାଯିବ। କେବିକେ ଅଞ୍ଚଳରେ ଏକ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନା ପାଇଁ ସହଯୋଗ କରାଯିବ। ୪୧୫ କିମି ଦୈର୍ଘ୍ୟ ବିଶିଷ୍ଟ ଦୀଘା–ଗୋପାଳପୁର ତଟୀୟ ରାଜପଥ ପ୍ରକଳ୍ପ ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। କଟକ ଓ ଭୁବନେଶ୍ୱର ଟ୍ୱିନ୍ ସଂଯୋଗ ଓ ଏକୀକୃତ କରିବା ପାଇଁ ଏକ କ୍ୟାପିଟାଲ ଏରିଆ ମେଟ୍ରୋ ରେଳ ପ୍ରକଳ୍ପ ଆରମ୍ଭ କରାଯିବ। ଓଡ଼ିଶାର ତଟୀୟ ଅଞ୍ଚଳରେ ୧୫ଟି ବନ୍ଦର ବିକଶିତ କରିବୁ। ପ୍ରତି ବ୍ଲକରେ ପିପିପି ମୋଡ୍‌ରେ ସିନେମା ହଲ୍ ସ୍ଥାପନ କରିବୁ। ରତ୍ନଭଣ୍ଡାର ଓ ନବକଳେବର ମାମଲାର ଏକ ସ୍ୱଚ୍ଛ ଅନୁସନ୍ଧାନ ହେବ। ରାଜ୍ୟରେ ଗୁଣ୍ଡା ଏବଂ ଅସାମାଜିକ ତତ୍ତ୍ୱଙ୍କୁ ଦୃଢହସ୍ତରେ ଦମନ କରାଯିବ। ରାଜ୍ୟର ବେଆଇନ ଖଣି ଖନନ ଉପରେ ଅଙ୍କୁଶ ଲଗାଯିବ। ଚିଟ୍‌ଫଣ୍ଡ ସ୍କାମ ତଦନ୍ତ ପାଇଁ ଏସ୍‌ଆଇଟି ଗଠନ ହେବ। ଜଷ୍ଟିସ୍ ଏମ୍‌ଏମ୍ ଦାସ କମିଶନ ଚିହ୍ନଟ କରିଥିବା ଚିଟ୍‌ଫଣ୍ଡ ପୀଡିତଙ୍କୁ ଟଙ୍କା ଫେରାଯିବ। ସେହିପରି ସାମ୍ବାଦିକଙ୍କ କଲ୍ୟାଣ ଲାଗି ୧୦କୋଟି ଟଙ୍କାର ଏକ କର୍ପସ ଫଣ୍ଡ ପ୍ରତିଷ୍ଠା ହେବ। ସାମ୍ବାଦିକଙ୍କ ଗୃହ ନିର୍ମାଣ ପାଇଁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ପ୍ରତିଶତ ସୁଧରେ ଋଣ ଯୋଗାଇ ଦିଆଯିବ। ଆଇନଜୀବୀଙ୍କ କଲ୍ୟାଣ ପାଣ୍ଠି ୭.୫ କୋଟି ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଶାହ ସଂକଳ୍ପ ପତ୍ରରେ ଘୋଷଣା କରିଛନ୍ତି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ସଂକଳ୍ପପତ୍ର ଘୋଷଣା ସମାବେଶରେ ଶାହଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ, ଦାମୋଦର ରାଉତ, ବିଜୟ ମହାପାତ୍ର, ସମୀର ମହାନ୍ତି, ସୁରମା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

### କୁଆଡ଼େ ଗଲା...

ସୁଲୋଚନା ଉଭୟ ଟିକେଟ୍ ଦୌଡରେ ରହିଥିଲେ। ହେଲେ ଭାଜପାରୁ ସୁନନ୍ଦା ଦାସଙ୍କୁ ଆଣି ଏକା ଦିନରେ ପ୍ରାର୍ଥୀ ଘୋଷଣା କରି ଦିଆଗଲା। ଯାହା ରାଜ୍ୟ ରାଜନୀତି ଏବଂ ବିଜେଡି ଅଭ୍ୟନ୍ତରରେ ଚର୍ଚ୍ଚା କାରଣ ହୋଇଛି। ଗତ ବିଧାନସଭାରେ ନିର୍ବାଚିତ ହୋଇଥିବା ମହିଳା ପ୍ରତିନିଧିଙ୍କ ମଧ୍ୟରୁ ମାତ୍ର ଦୁଇ ଜଣଙ୍କୁ ମନ୍ତ୍ରୀପରିଷଦରେ ସ୍ଥାନ ମିଳିଥିଲା। ସେମାନେ ହେଉଛନ୍ତି– ଉଷା ଦେବୀ ଏବଂ ସ୍ନେହାଙ୍ଗିନୀ ଛୁରିଆ।

ଏହି ପ୍ରସଙ୍ଗରେ ବିଜେଡିକୁ ସମାଲୋଚନା କରୁଥିବା କଂଗ୍ରେସ ଓ ଭାଜପା ମଧ୍ୟ ଆଶାଜନକ ମହିଳାଙ୍କୁ ପ୍ରାର୍ଥୀ କରି ନାହାନ୍ତି। କଂଗ୍ରେସ ପକ୍ଷରୁ କେବଳ ଭଦ୍ରକ ଏବଂ ଜଗତସିଂହପୁର ଲୋକ ସଭାରେ ମହିଳା ପ୍ରାର୍ଥୀ କରାଯାଇଛି। ଭାଜପା ପକ୍ଷରୁ ବଲାଙ୍ଗୀର, ଆସ୍କା ଏବଂ ଭୁବନେଶ୍ୱର ଲୋକସଭାରେ ମହିଳା ପ୍ରାର୍ଥିନୀ ଦିଆଯାଇଛି। ଲୋକସଭା କ୍ଷେତ୍ରରେ କଂଗ୍ରେସ ୧୮ରୁ ୨ ଅର୍ଥାତ ମାତ୍ର ୧୧ ପ୍ରତିଶତ। ସେହିପରି ଭାଜପା ୨୧ରୁ ୩ ମହିଳାଙ୍କୁ ପ୍ରାର୍ଥୀ କରିଛି, ଯାହା ମୋଟ ଆସନର ମାତ୍ର ୧୪ ପ୍ରତିଶତ। ବିଧାନସଭା ଆସନ ଗୁଡିକରେ କଂଗ୍ରେସ ଏଯାବତ୍ ୧୨ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବେଳେ, ଭାଜପା ୧୧ ଜଣଙ୍କୁ ଦଳୀୟ ଟିକେଟ୍ ପ୍ରଦାନ କରିଛି। ଏହି ଦୁଇ ବିରୋଧୀ ଦଳ ସକରାତ୍ମକ ଢଙ୍ଗରେ ସରକାରୀ ଦଳ ଆଣିଥିବା ସଂକଳ୍ପ ପ୍ରସ୍ତାବକୁ ସମର୍ଥନ କରିଥିଲେ। ହେଲେ ପ୍ରସ୍ତାବକୁ ଠିକଣା ସମୟରେ କାର୍ଯ୍ୟ କରିବା ବେଳକୁ ଜାଣିଶୁଣି ଅଣଦେଖା କରିଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ବାଲାକୋଟ...

କହିଛନ୍ତି, ପୁଲୱାମାରେ ଆତଙ୍କବାଦୀ ଆକ୍ରମଣ ହେବ ବୋଲି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ଅବଗତ ଥାଇ ଏହାକୁ ଅନୁମତି ଦେଇଥିଲେ। ଆକ୍ରମଣରେ ବ୍ୟବହୃତ ବିସ୍ଫୋରକ କେଉଁଠୁ ଆସିଥିଲା ? ମୋଦିଙ୍କୁ ନିର୍ବାଚନ ଜିତିବାକୁ ଅଛି ବୋଲି ସେ ଏହି 'କାରନାମା' କରାଇଛନ୍ତି। ପୁଲୱାମା ଆକ୍ରମଣରେ ୪୯ ଯବାନ ଶହୀଦ ହୋଇଥିବାରୁ ଆଗକୁ ଏଭଳି ଘଟଣାକୁ ଏଡାଇବା ଲାଗି ଜମ୍ମୁ–ଶ୍ରୀନଗର ରାଜପଥରେ ସପ୍ତାହକୁ ଦୁଇଦିନ (ରବିବାର ଓ ବୁଧବାର) ସାଧାରଣ ପରିବହନକୁ ବନ୍ଦ କରାଯାଇଛି। ଯାନବାହନ ଚଳାଚଳ ବାତିଲ ପ୍ରତିବାଦରେ ଏନ୍‌ସି ପକ୍ଷରୁ ଦିଆଯାଇଥିବା ଧାରଣାରେ ବସିଥିବାବେଳେ ଫାରୁକ୍ ଉପରୋକ୍ତ ଅଭିଯୋଗ ଆଣି ଜାତୀୟ ରାଜନୀତିରେ ଭୂକମ୍ପ ସୃଷ୍ଟି କରିଛନ୍ତି। ପ୍ରକାଶ ଯେ, ଭାରତରେ ଏପ୍ରିଲ ୧୧ରୁ ମେ ୧୯ ମଧ୍ୟରେ ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ।

### ଆଜିଠୁ ଯୁକ୍ତ...

ପର୍ଯ୍ୟାୟରେ ଯେଉଁ ଯେଉଁ ସ୍ଥାନରେ ସାଧାରଣ ନିର୍ବାଚନ ରହିଛି, ସେ ସବୁ ସ୍ଥାନରେ ୪ ଦିନ ଖାତାଦେଖା ବନ୍ଦ ରହିବ। ସେଠାରେ ଏପ୍ରିଲ ୯ରୁ ୧୨ ପର୍ଯ୍ୟନ୍ତ ଖାତାଦେଖା ହେବ ନାହିଁ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୫୮ଟି ଅଫ୍‌ଲାଇନ୍ ଓ ୩୬ଟି ଅନ୍‌ଲାଇନ୍ ମୂଲ୍ୟାଙ୍କନ କେନ୍ଦ୍ର କରାଯାଇଛି। ମେ ତୃତୀୟ ସପ୍ତାହରେ ବିଜ୍ଞାନ ଏବଂ ଜୁନ୍ ପ୍ରଥମ ସପ୍ତାହରେ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ପ୍ରକାଶ କରିବାକୁ ପରିଷଦ ଯୋଜନା ରଖିଛି। ସୂଚନାଯୋଗ୍ୟ, ଚଳିତବର୍ଷ ମାର୍ଚ୍ଚ ୭ରୁ ପରୀକ୍ଷା ଆରମ୍ଭ ହୋଇ ୩୦ରେ ଶେଷ ହୋଇଥିଲା। ୧୦୯୩ ଜୁନିୟର କଲେଜର ୩,୬୯,୫୩୭ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଇଛନ୍ତି।

## ସଂକ୍ଷେପରେ

### କପ୍ତିପଦା: ବିଜୁ ଯୁବ ଓ ଛାତ୍ର ସଭାପତିଙ୍କ ଇସ୍ତଫା

**କପ୍ତିପଦା,୭।୪(ଡ଼ି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ପରେ କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ଦଳବଦଳ ରାଜନୀତି ମଧ ଜୋର ଧରିଛି। ରବିବାର କପ୍ତିପଦା ବ୍ଲକ ଯୁବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଓ ଛାତ୍ର ସଭାପତି ସମୀର ରଞ୍ଜନ ଦାସ ଦଳୀୟ ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହି ଇସ୍ତଫା ପତ୍ରକୁ ସେମାନେ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇ ଏହାର ନକଲ ଜିଲା ଯୁବ ଓ ଛାତ୍ର ସଭାପତିଙ୍କୁ ପ୍ରଦାନ କରିଥିବା କହିଛନ୍ତି।

### କ୍ଷୀରୋଦଙ୍କ ନୂତନ ନିଯୁକ୍ତିକୁ କର୍ମୀଙ୍କ ସ୍ୱାଗତ

**ବିଶୋଇ,୭।୪(ଡି.ଏନ.ଏ.):** ନିର୍ବାଚନ ପରିପ୍ରେକ୍ଷୀରେ ସଂଗଠନ ଓ ପ୍ରଚାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ନୂତନ ନେତା ଓ କର୍ମୀଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇ ଦାୟିତ୍ୱ ଅର୍ପଣ କରାଯାଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳର ରାଜ୍ୟ ସମ୍ପାଦକ ବିଜୟ ନାୟକ ବିଶୋଇ ବ୍ଲକର ବାଉତିବେଡା ପଞ୍ଚାୟତର ବିଜେଡି ଯୁବ ନେତା କ୍ଷୀରୋଦ କୁମାର ନନ୍ଦଙ୍କୁ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ପଦରେ ନିଯୁକ୍ତି ଦେଇଛନ୍ତି। କ୍ଷୀରୋଦ ସମ୍ପ୍ରତି ବିଶୋଇ ବ୍ଲକ ଯୁବ ବିଜେଡି ସଭାପତି ଦାୟିତ୍ୱରେ ଅଛନ୍ତି। ତାଙ୍କର ନୂତନ ନିଯୁକ୍ତିକୁ ବିଶୋଇ ବ୍ଲକର ବିଜେଡି କର୍ମୀ ଓ ଯୁବକର୍ମୀ ସ୍ୱାଗତ କରି ଶୁଭେଚ୍ଛା ଜଣାଇଛନ୍ତି।

### ଭାଜପାର ମିଶ୍ରଣ ପର୍ବ

**ଯୋଡ଼ା, ୭।୪(ଡି.ଏନ.ଏ.):** ଯୋଡ଼ା ସହରରେ ଥିବା ଗଣେଶ ଭବନଠାରେ ରବିବାର ପୂର୍ବାହ୍ନ ୧୧ ଟା ସମୟରେ ଯୋଡା ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ କଂଗ୍ରେସ , ବିଜେଡି ଓ ସନାସେନା ଦଳର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ କର୍ମୀ ଆନୁଷ୍ଠାନିକ ଭାବେ ଭାଜପା ଦଳରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଭାଜପାର ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା, ଯୋଡ଼ା ନଗର ସଭାପତି ଭାଜପା ସଭାପତି ସୁଶାନ୍ତ କୁମାର ବେବର୍ତ୍ତା ଓ ବଡ଼ବିଲ ପୌରପାଳିକାର ପୂର୍ବତନ ପୌରାଧକ୍ଷ ଦିଲୀପ ମିଶ୍ରଙ୍କ ଉପସ୍ଥିତିରେ କର୍ମୀମାନେ ଚଳିତ ନିର୍ବାଚନରେ ଭାଜପାର ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମାଙ୍କୁ ବିଜୟ କରିବା ପାଇଁ ସଂକଳ୍ପ କରିଥିଲେ।

### ଯାନ ବାହନ ଯାଞ୍ଚ

**କୁଆମରା, ୭।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କୁଆମରା ଫାଣ୍ଡି ପୋଲିସ ପକ୍ଷରୁ ଖୁଣ୍ଟା -ବୈଶିଙ୍ଗା ରାସ୍ତାର ଭୋଲପୋଖରୀ ନିକଟରେ ରବିବାର ଦୁଇ ଚକିଆ ଯାନ ଯାଞ୍ଚ କରାଯାଇଥିଲା। ହେଲମେଟ ପିନ୍ଧି ନ ଥିବା, ଡ୍ରାଇଭିଂ ଲାଇସେନ୍ସ ଓ କାଗଜପତ୍ର ଠିକ ନ ଥିବା ବାଇକ ଚାଳକଙ୍କୁ ଧରପଗଡ କରାଯାଇଥିଲା। ସେଠାରେ ମୋଟ ୧୧ଜଣ ବାକ ଚାଳକଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନିର୍ବାଚନ ପରିପ୍ରେକ୍ଷୀରେ ଏଭଳି ଧରପଗଡ କରାଯାଇଥିବା ସୂଚନା ମିଳିଛି।

### ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ

**ଭଣ୍ଡାରିପୋଖରୀ, ୭।୪ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ବୈତରଣୀ ନଦୀ ଚବିଶକୁଦଠାରେ ଥିବା ଅଲେଖ ମହିମା ଆଶ୍ରମରେ ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆଶ୍ରମ ମଠାଧୀଶ ବାବା ରଘୁ ଅରକ୍ଷିତ ଦାସ ମହାରାଜଙ୍କ ସଂଯୋଜନାରେ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ଧର୍ମ ମହାସଭା, ଅଖଣ୍ଡ ବ୍ରହ୍ମଧ୍ୱନି ସାଙ୍ଗକୁ ଅଖଣ୍ଡବତୀ ପ୍ରଜ୍ଜ୍ୱଳନ କରାଯାଇଥିଲା। ବିରଜାକ୍ଷେତ୍ର ଯଜ୍ଞ କମିଟିର ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ପାଣି, ଓମ୍‌ପ୍ରକାଶ ଶର୍ମା, ରବିନାରାୟଣ ସାମନ୍ତ, ପ୍ରଭୁଦୟାଲ ଶର୍ମା, ପଣ୍ଡିତ ହରେକୃଷ୍ଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗଛରୁ ଖସି ଯୁବକଙ୍କ ମୃତ୍ୟୁ

**ବେତନଟୀ, ୭।୪ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଶୁଖିଲାହାର ଗ୍ରାମରେ ଏକ ନିମ୍ବ ଗଛକୁ ଚଢ଼ିଥିବା ବେଳେ ତଳକୁ ଖସି ପଡି ଭୋଲିଆ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଜଣାପଡିନାହିଁ। ଗଛରୁ ତଳକୁ ଖସି ପଡିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟଅଗ୍ନିଶମ ବିଭାଗ ଗାଡିରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ପି.ଆର.ଏମ. ମେଡିକାଲ କଲେଜ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି।

# ଆହାର ଯୋଜନାରେ ସହାୟତା ଦେଇନି କେନ୍ଦ୍ର

- ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର, ରୋଡ୍ ଶୋ
- ରାୟଗଡ଼ା ସଭାରେ କେନ୍ଦ୍ରକୁ ଟାର୍ଗେଟ୍ କଲେ

**ଗୁଣପୁର/ବିଷମକଟକ/ରାୟଗଡ଼ା ଅଫିସ, ୭।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମଧ ରବିବାର ପୂର୍ବଭଳି କେନ୍ଦ୍ରକୁ ଟାର୍ଗେଟ୍ କରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗରିବଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଦରଦ ନାହିଁ। ଗରିବଙ୍କ ଲାଗି ରାଜ୍ୟ ସରକାର କରିଥିବା ଆହାର ଯୋଜନା ପାଇଁ ସହାୟତା ଦେବାକୁ ରୋକଠୋକ୍ ମନା କରିଥିଲା କେନ୍ଦ୍ର। ରାଜ୍ୟ ସରକାର ନିଜ ଉଦ୍ୟମରେ ଏହି ଯୋଜନା ଜାରି ରଖିଛନ୍ତି । ସେହିପରି ରାଜ୍ୟ ସରକାର ପିଇବା ପାଣି ପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଏଥିଲାଗି କେନ୍ଦ୍ର ଦେଇଛି ମାତ୍ର ଏକ ହଜାର କୋଟି ଟଙ୍କା । ପ୍ରାକୃତିକ ବିପର୍ଯ୍ୟୟ ହୁଦ୍‌ହୁଦ୍, ତିତ୍‌ଲି ସମୟରେ ଓଡ଼ିଶାରେ ଅନେକ କ୍ଷୟକ୍ଷତି ହୋଇଥିଲା। କିନ୍ତୁ ଓଡ଼ିଶା କଥା କେନ୍ଦ୍ର ସରକାର ବହୁତ ପଛରେ ମନେ ପକାଇଥିଲେ। ବିଜୁ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଆମ ସରକାର ୭ ଲକ୍ଷ ଟଙ୍କା ଦେଉଛି। ରାଜ୍ୟର ବିକାଶ ପାଇଁ ବିଜେଡି ସରକାର କାମ କରୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଗୁଣପୁର ମିନି ଷ୍ଟାଡିୟମରେ ପହଞ୍ଚିଥିଲେ । ପରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ସହର ପରିକ୍ରମା କରାଯାଇଥିଲା। ଏଥିରେ ଗୁଣପୁର ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ହଳଦିଆନାଳ ପଡିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୋରାପୁଟ ଏମ୍‌ପି ପ୍ରାର୍ଥୀ କୌଶଲ୍ୟା ହିକ୍‌କା, ଗୁଣପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗଙ୍କ ସମେତ ରାୟଗଡ଼ା ଜିଲା ପ୍ରଭାରି ସଞ୍ଜୟ ଦାସବର୍ମା ମଞ୍ଚରେ ଥିଲେ। ଗୁଣପୁରରେ କାର୍ଯ୍ୟକ୍ରମ ସାରି ମୁଖ୍ୟମନ୍ତ୍ରୀ ବିଷମକଟକ ଯାଇଥିଲେ । ସେଠାରେ ମିନି ଷ୍ଟାଡିୟମରେ ପହଞ୍ଚିବା ପରେ ବାଇକ ରାଲିରେ ଯାଇ ମାର୍କମା ମନ୍ଦିର ନିକଟସ୍ଥ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ । ସେଠାରେ ନବୀନ କହିଥିଲେ ଯେ, ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ଆରମ୍ଭ କରିଛନ୍ତି । ଏଥିରେ ଏ ଯାଏଁ ୪୦ ଲକ୍ଷ ଚାଷୀ ଉପକୃତ ହୋଇଥିବା ବେଳେ ଆହୁରି ୨୫ ଲକ୍ଷ ଚାଷୀ ଉପକୃତ ହେବେ। ଏଥିରୁ କୌଣସି ଚାଷୀ ବଞ୍ଚିତ ହେବେ ନାହିଁ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା ଓ କୋରାପୁଟ ଲୋକସଭା ପ୍ରାର୍ଥୀ କୌଶଲ୍ୟା ହିକ୍‌କାଙ୍କୁ ଭୋଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଜନତାଙ୍କୁ ନିବେଦନ କରିଥିଲେ। ପୁଣି କହିଥିଲେ ଯେ, କେନ୍ଦ୍ର ସରକାର କେବିକେ ଯୋଜନା ଓ ଆଦିବାସୀ ଦଳିତ ପିଲାଙ୍କ ବୃତ୍ତି କାହିଁକି ବନ୍ଦ କଲେ। ବୀମା ଯୋଜନାରେ ଚାଷୀ କାହିଁକି ଉପକୃତ ହୋଇପାରୁ ନାହିଁ। କୁଆଡ଼େ ଗଲା ୧୦କୋଟି ନିଯୁକ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାରଙ୍କ ନେତାମାନେ ଦୀର୍ଘ ୫ବର୍ଷ ହେବ କେଉଁଆଡ଼େ ଯାଇଥିଲେ। ବର୍ତ୍ତମାନ ନିର୍ବାଚନ ସମୟରେ ଆସୁଛନ୍ତି। ଜନତା ଏହାର ଜବାବ ମାଗନ୍ତୁ। ସାଢ଼େ ୪ କୋଟି ଓଡ଼ିଶାବାସୀ ମୋ ପରିବାର। ଶେଷ ନିଃଶ୍ୱାସ ଥିବା ଯାଏଁ ଲୋକଙ୍କ ସେବା କରିବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶେଷରେ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ହୋଇଥିଲା। ପ୍ରଥମେ ସେ ଜେକେପୁର ହେଲିପ୍ୟାଡରୁ ରୋଡ ଶୋରେ ବାହାରି ଗୋପବନ୍ଧୁ ଛକଠାରେ ପ୍ରଚାର କରିଥିଲେ। ଏକ ସ୍ୱତନ୍ତ୍ର ବସ୍‌ରେ ବିଧାୟକ ପ୍ରାର୍ଥୀ ଲାଲ୍‌ବିହାରୀ ହିମିରିକା, ଲୋକସଭା ପ୍ରାର୍ଥୀ କୌଶଲ୍ୟା ହିକ୍‌କାଙ୍କୁ ଭୋଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ପରେ କୁମୁଟିପେଣ୍ଠ ଓ କୋତାପେଟାଠାରେ କିଛି ସମୟ ଅଟକି ପ୍ରଚାର କରିଥିଲେ । ସେହିଭଳି ଖଲିଗୁଡ଼ାଠାରେ ପ୍ରଚାର ପରେ ସେ ପହଞ୍ଚିଥିଲେ ରାୟଗଡ଼ା ସହର । ସହରର ଗଜପତି ଛକ ଓ ଗାନ୍ଧୀ ପାର୍କ ନିକଟରେ ପ୍ରଚାର କରାଯାଇଥିଲା। ମୁଖ୍ୟମନ୍ତ୍ରୀ ପ୍ରଚାର ସମୟରେ ବିଜେଡିର ବିଭିନ୍ନ ବିକାଶ କଥା କହିଥିଲେ । ସରକାର ଗଠନର ପ୍ରଥମ ଦିନରେ ହିତାଧିକାରୀଙ୍କ ଖାତାକୁ କାଳିଆ ଯୋଜନାର ଟଙ୍କା ପହଞ୍ଚିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ରୋଡ଼ ଶୋରେ ସିନେତାରକା ପୁପିନ୍ଦର, ବବି ମିଶ୍ର, ସବ୍ୟସାଚୀ ଓ ରିୟା ସାମିଲ ହୋଇ ନୃତ୍ୟ ଓ ଗୀତ ମାଧ୍ୟମରେ ଲୋକଙ୍କୁ ଆକୃଷ୍ଟ କରିଥିଲେ।

## ତୁଡିଗଡିଆ, ବରଦାରେ ଭାଜପା, ଝିଙ୍କିରିଆରେ ବିଜେଡିର ମିଶ୍ରଣ ପର୍ବ

**ଖଇରା, ୭।୪(ଡି.ଏନ.ଏ.)**


ସିଂହପୁର ଗ୍ରାମରେ ବିଜେଡିର ମିଶ୍ରଣ କାର୍ଯ୍ୟକ୍ରମ।

ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ପାର୍ଟିର ଦଳବଦଳ କାର୍ଯ୍ୟକ୍ରମ ମଧ ଜୋର ଧରିଛି । ଶନିବାର ଝିଙ୍କିରିଆରେ ବିଜେଡିର ଓ ତୁଡିଗଡିଆରେ ଭାଜପାର, ରବିବାର ବରଦାଠାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଝିଙ୍କିରିଆ ପଞ୍ଚାୟତ ସିଂହପୁର ଗ୍ରାମ ପଲେଇ ସାହିର ଗୌତମ ପଲେଇ, ଅଞ୍ଜନ ପଲେଇ, ଭଗବାନ ପଲେଇ, ବାବୁ ପଲେଇ, ଟିକି ପଲେଇ, ନୃସିଂହ ପଲେଇ, ରାମିଆ ସିଂ, ଟୁମାନ ସିଂ ପ୍ରମୁଖ ଭାଜପା ଓ କଂଗ୍ରେସ ଛାଡି ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ସୁଷମା ମହାପାତ୍ର, ଯୁବ ନେତା ସମ୍ପଦ ଘଡେଇ, ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଥିଲେ। ସେହିଭଳି ଶନିବାର ସନ୍ଧ୍ୟାରେ ତୁଡିଗଡିଆଠାରେ ନିକଟରେ ଭାଜପାରେ ମିଶିଥିବା ଯଯାତି ଦାସଙ୍କ ନେତୃତ୍ୱରେ ଗଗନଧୂଳି ସମିତିସଭ୍ୟ ମନୋଜ ସାହୁ, ଗୟାଧର ଘଡେଇ, ଗଣେଶ ସାହୁ, ପୂର୍ବତନ ସରପଞ୍ଚ ଅଭିରାମ ବେହେରା, ରତ୍ନାକର ମାଝି, ଗୟାଧର ମହାନ୍ତି ପ୍ରମୁଖ ଭାଜପାରେ ଯୋଗଦାନ କରିଥିଲେ। ରବିବାର ବରଦା ଠାରେ ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା, ଭଦ୍ରକର ପୂର୍ବତନ ଏମପି ଅର୍ଜୁନ ଚରଣ ସେଠୀ, ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ରାଧାକାନ୍ତ ପାତ୍ର, ଯଯାତି ଦାସ, ସନ୍ତୋଷ ଶତପଥିଙ୍କ ଉପସ୍ଥିତିରେ ବରଦାର ପୂର୍ବତନ ସରପଞ୍ଚ ତଥା କଂଗ୍ରେସର ଜୋନ ସଭାପତି ପରିକ୍ଷିତ ମହାପାତ୍ର,ବରଦା ସରପଞ୍ଚ ପାନ ସୋରେନ, ସମିତିସଭ୍ୟା ଫୁଲ ହାଁସଦା, ଅନ୍ତରା ସମିତିସଭ୍ୟ ନିରଞ୍ଜନ ଶତପଥି, ଚଗୁଲୁ ସାହୁ ପ୍ରମୁଖ ହଜାରେରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଭାଜପାରେ ସଦସ୍ୟତା ଗ୍ରହଣ କରିଥିଲେ।

## ରାସ୍ତାରେ ହମ୍ପସ୍ ଭର୍ତ୍ତି ଅଭିଯୋଗ

**ସୋର,୭।୪(ଡି.ଏନ.ଏ.)**

ସୋର-ଘାସୁଆ ଭାୟା ବାଳଙ୍ଗ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ନିର୍ମିତ ହେବା ସମୟରେ ରାସ୍ତାରେ ଅତ୍ୟଧିକ ହମ୍ପସ୍ ଥିବା ସହ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ରାସ୍ତାର ପ୍ରାୟ ଦୁଇ କି.ମି. ମଧ୍ୟରେ ୨୪ଟି ହମ୍ପସ୍ ବେଆଇନ୍ ଭାବେ ନିର୍ମାଣ କରାଯାଇଛି। ନିୟମାନୁଯାୟୀ ଏହି ସବୁ ହମ୍ପସ୍ର ଉଚ୍ଚତା, ସ୍ଲୋପିଙ୍ଗ୍ ଓ ଧଳା ରଙ୍ଗ ଦିଆନଯିବା ସହ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ପ୍ରାୟ ସମୟରେ ଛୋଟ୍ ବଡ ଦୁର୍ଘଟଣା ଘଟୁଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ଉପଖଣ୍ଡଯନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଥିଲେ ବି ଅଦ୍ୟାବଧି କୌଣସି ସୁଫଳ ମିଳିନି। ଆଗାମୀ ଦିନରେ ଏନେଇ କୌଣସି ପଦକ୍ଷେପ ନନେଲେ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

## କଳାକାର ମହାସମ୍ମିଳନୀ

**ସୋର, ୭।୪(ଡି.ଏନ.ଏ.)**

ସୋର ପୌରପରିଷଦ ଅନ୍ତର୍ଗତ ଗୋପୀନାଥପୁର ଷ୍ଟ୍ରକଚର୍ ପଡ଼ିଆରେ ଆୟୋଜିତ ହେଉଥିବା କଳାକାର ମହାସଙ୍ଘର ୩ ଦିନିଆ ରାଜ୍ୟସ୍ତରୀୟ ମହାସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉପେନ୍ଦ୍ର କୁମାର ଯେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରବିନ୍ଦ୍ର ନନ୍ଦ, ମୁଖ୍ୟବକ୍ତା ମୋତିଲାଲ ମହାନ୍ତି, ସମ୍ମାନିତ ଅତିଥି ଜି-ବିଜୟ, ଅନ୍ୟତମ ଅତିଥି ଲକ୍ଷ୍ମୀଧର ଦେ, ଗଜେନ୍ଦ୍ର ଦାସ, ମିନକେତନ ମହାନ୍ତି ଏବଂ ଧଉଳି ଗଣନାଟ୍ୟର କିଶୋର ସାହୁ, ଇଷ୍ଟର୍ଣ୍ଣ ଗ୍ରେଟ୍‌ର ସଞ୍ଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଚନ୍ଦନ କୁମାର ମହାଲିକ ମଞ୍ଚ ପରିଚାଳନା କରିଥିଲା ବେଳେ ସମ୍ପାଦକ ଗଙ୍ଗାଧର ବେହେରା, ସହ ସମ୍ପାଦକ ମାଧମ ଚନ୍ଦ୍ର ମହାରଣା, ଉପସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ, ମଧୁସୂଦନ ସେଠୀ, ଗୁରୁ ପ୍ରସାଦ ବେହେରା, ସଦାନନ୍ଦ ମହାଲିକ, ଗଜେନ୍ଦ୍ର ସାହୁ, ଭାଗବତ ମହାଲିକ, ବାଇଧର ମଳିକ, କାଳିପଦ ମଳିକ, ଶ୍ୟାମସୁନ୍ଦର ପ୍ରଧାନ, ପ୍ରଫୁଲ୍ଲ ବାରିକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବନସ୍ମିତା ରଣା, ଲିପ୍‌ସା ପ୍ରିୟଦର୍ଶିନୀ ସାହୁ ଏବଂ ଦୁର୍ଗାପ୍ରସନ୍ନ ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସୋର ଥାନାର ଏଏସ୍‌ଆଇ ମଧୁସୂଦନ ଦଣ୍ଡ, ଜି-ବିଜୟ, ଶରତ ମହାପାତ୍ର, ପ୍ରଫେସର ନରେନ୍ଦ୍ର ନାଥ ନାୟକ ଓ କୃତିବାସ ବେଜଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା ପାଲା, କୀର୍ତ୍ତନ, ଦଧିନାଚ, ଦାସକାଠିଆ, ଯାତ୍ରା କଳାକାର ଏବଂ ଅନ୍ୟାନ୍ୟ ନୃତ୍ୟ କଳାକାର ମାନେ ଯୋଗଦେଇ ମଞ୍ଚରେ କଳା ପ୍ରଦର୍ଶନ କରିଥିଲେ।

## ବଜ୍ରପାତରେ ଜଳିଗଲା ଘର, ଦମ୍ପତି ଆହତ

**ସୋର,୭।୪(ଡି.ଏନ.ଏ.)**

ସୋର ବ୍ଲକ ଅନ୍ତର୍ଗତ ସରଶଙ୍ଖ ପଞ୍ଚାୟତ ବ୍ରାହ୍ମଣସାହି ହାତୀଗଡ଼ିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବଜ୍ରପାତ ଘଟି ୩ବଖରା ଘର ପୋଡ଼ି ପାଉଁଶ ହେବା ସହିତ ଦମ୍ପତି ଆହତ ହୋଇଛନ୍ତି। ଗତକାଲି ରାତି ପ୍ରାୟ ୧୧ଟା ସମୟରେ ହୋଇଥିବା ବଜ୍ରପାତରେ ଏହି ଗ୍ରାମର ପ୍ରଭାକର ଜେନାଙ୍କ ଘର ପୋଡ଼ି ଯାଇଥିଲା। ଫଳରେ ପ୍ରଭାକର ଏବଂ ତାଙ୍କର ସ୍ତ୍ରୀ ଘରୁ ଜିନିଷ ପତ୍ର ବାହାର କରିବାକୁ ଚେଷ୍ଟା କରିବା ସମୟରେ ତାଙ୍କ ଉପରେ ନିଆଁ ପଡ଼ିବାରୁ ସେମାନେ ଆହତ ହୋଇଥିଲେ। ଘରେ ଥିବା ସମସ୍ତ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ସୋର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ

**କେନ୍ଦୁଝର, ୭।୪ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା କଂଗ୍ରେସ ସଦର ନିର୍ବାଚନମଣ୍ଡଳୀରେ ନିର୍ବାଚନ ପାଖେଇ ଆସୁଥିବାବେଳେ ପ୍ରାର୍ଥୀମାନଙ୍କ ପ୍ରଚାର ସରଗରମ ହେବାରେ ଲାଗିଛି। ନିର୍ବାଚନକୁ ଆଉ ମାତ୍ର କିଛିଦିନ ବାକିଥିବାବେଳେ ଭାଜପା, କଂଗ୍ରେସ ଏବଂ ବିଜେଡି ମଧରେ ତ୍ରିକୋଣୀୟ କଡ଼ା ଟକ୍କର ଲାଗି ରହିଛି। କଂଗ୍ରେସ ପ୍ରାର୍ଥୀ ବିଦ୍ୟାଧର ଦେହୁରୀ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ପୂଜାର୍ଚ୍ଚନା ପରେ ମାଉସୀ ମା' ମନ୍ଦିର ସମ୍ମୁଖରୁ ପ୍ରଚାର ଆରମ୍ଭ କରିଛନ୍ତି। ଶହ ଶହ ସମର୍ଥକଙ୍କ ଗ୍ରହଣରେ ପଦଯାତ୍ରା କରି ନିଜ ସପକ୍ଷରେ ଭୋଟ ଭିକ୍ଷା କରି ତାଙ୍କୁ ବିଜୟୀ କରିବା ପାଇଁ ସାଧାରଣ ଜନତାଙ୍କୁ ନିବେଦନ କରିଥିଲେ। କଂଗ୍ରେସ ସଦର ବିଧାୟକ ପ୍ରାର୍ଥୀ କଂଗ୍ରେସ ଇସ୍ତାହାର ନେଇ ଭୋଟରଙ୍କ ଅବଗତି କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ବେରୋଜଗାରି, କୃଷି ଓ କୃଷକଙ୍କର ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଦ୍ୟାଧର ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସଦର ବିଧାୟକ ପ୍ରାର୍ଥୀ ବିଦ୍ୟାଧର ଦେହୁରୀଙ୍କ ନିର୍ବାଚନୀ ପ୍ରଚାରରେ କଂଗ୍ରେସର ମିଡିଆ ସେଲ ଅଧ୍ୟକ୍ଷ ସୁଢ଼ଳ ସେଠୀ, ଦଳିତ ସେଲ ସଭାପତି ରମାକାନ୍ତ ପାତ୍ରଙ୍କ ସମେତ ବହୁ ନେତା ଓ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ନିଗମାନନ୍ଦ ପରମହଂସଙ୍କ ଜିଲା ଭକ୍ତ ସମ୍ମିଳନୀ


ସାରସ୍ୱତ ସଂଘର ଧର୍ମସଭା।

**ବାହାନଗା,୭।୪(ଡି.ଏନ.ଏ.)**

ଶନିବାର ଠାରୁ ଆରମ୍ଭ ହୋଇଥିବା ବାହାନଗା ବ୍ଲକର କରଞ୍ଜାବିନ୍ଧା ସାରସ୍ୱତ ସଂଘର ନିଗମାନନ୍ଦ ପରମହଂଶଙ୍କ ୩୭ତମ ଜିଲା ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ କରଞ୍ଜାବିନ୍ଧା ସାରସ୍ୱତ ସଂଘ ଆନୁକୂଲ୍ୟରେ ଜିଲାସ୍ତରୀୟ ୩୭ତମ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେଉଛି। ପ୍ରଥମ ଦିନ ଶନିବାର ଅପରାହ୍ନରେ ଅଧିବାସ ସମେତ ନଗର ପରିକ୍ରମା ଜାକଜମକ ସହିତ ଅନୁଷ୍ଠିତ ହୋଇଥିଲା। ଗୋପାଳପୁରରୁ କଳସ ଅନୁକୂଳ କରାଯାଇ ଜୁଣିଆଁ ବଜାର ଆପିତ୍ରା, କରଞ୍ଜାବିନ୍ଧା ଗ୍ରାମ ପରିକ୍ରମା କରି ଗିଳିଦା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ମିଳନୀ ସ୍ଥଳକୁ ଆସିଥିଲା। ପରେ ରବିବାର ସକାଳେ ଅନ୍ତରଙ୍ଗ ସଭା ସମେତ ସାଧାରଣ ଧର୍ମ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିଲେ । ବଂଶୀଧର ଯେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆସାମ ସାରସ୍ୱତ ସଂଘର ଦିବ୍ୟାନନ୍ଦ ସାରସ୍ୱତୀ ମହନ୍ତ ମହାରାଜ ଯୋଗ ଦେଇ ଥିଲେ। ମୁଖ୍ୟ ବକ୍ତା ଭାବେ ବିଜୟ ଦାଶ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଦାନନ୍ଦ ମହାରାଜ, ନିରଞ୍ଜନ ମହାନ୍ତି, ଦେବ କୁମାର ରାଉତ, ସୁରେଶ ମହାପାତ୍ର, ଦୁଃଖି ଶ୍ୟାମ ନନ୍ଦ, ମିନତୀ ସ୍ୱାଇଁ, ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଧର୍ମ ଶାସ୍ତ୍ର ଆଲୋଚନା କରିଥିଲେ । ଜିଲାସ୍ତରୀୟ ଧର୍ମସଭାରେ ଏତେ ସଂଖ୍ୟକ ଭକ୍ତ ମାନେ ଆସୁଛନ୍ତି ସେମାନଙ୍କ ସୁରକ୍ଷା ପ୍ରତି ପ୍ରଶାସନ କଣ ପଦକ୍ଷେପ ନେଇଛି ତାହା ଏବେ ପ୍ରଶ୍ନଉଠିଛି । ଏକ ଶିକ୍ଷାନୁଷ୍ଠାନରେ ଶନିବାର, ରବିବାର ଓ ସୋମବାର ୩ ଦିନ ଧରି ବିନା ଅନୁମତିରେ କିପରି ସମ୍ମିଳନୀ କରାଯାଉଛି ତାହା ଆଶ୍ଚର୍ଯ୍ୟ କରୁଛି। ଏବାବଦରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ କହନ୍ତି ଆମେ ଏପର୍ଯ୍ୟନ୍ତ ଜାଣିନାହୁଁ। ସେଠାରେ ଏଭଳି ଏକ କାର୍ଯ୍ୟକ୍ରମ ହେଉଛି । ତେବେ ସୋମବାର ବିଦ୍ୟାଳୟ ଖୋଲିଲେ ତଦନ୍ତ କରାଯିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସରିଲା ପ୍ରାର୍ଥିପତ୍ର ଯାଞ୍ଚ, ଆଜି ପ୍ରତ୍ୟାହାର

**କେନ୍ଦୁଝର ୭।୪ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ନିର୍ବାଚନ ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ୨୩ରେ ହେବାକୁ ଅଛି । ଏଥିପାଇଁ ନାମାଙ୍କନ ପତ୍ର ଦାଖଲ ସରିଥିବା ବେଳେ ପ୍ରାର୍ଥିପତ୍ର ଯାଞ୍ଚ ସରିଛି । ଚମ୍ପୁଆ, ଘଷିପୁରା, ପାଟଣା ନିର୍ବାଚନ ମଣ୍ଡଳୀରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କର ଯାଞ୍ଚ ବେଳେ କଟିଛି। ସେହିପରି କେନ୍ଦୁଝର ଲୋକ ସଭା ପାଇଁ ନାମାଙ୍କନ ପତ୍ର ମଧ୍ୟରୁ ୨ ଜଣଙ୍କ ଯାଞ୍ଚ ବେଳେ କଟିଥିବା ଜଣାପଡିଛି। ଉଭୟ କଂଗ୍ରେସ ଦଳ ପକ୍ଷରୁ ନାମାଙ୍କନ ଦାଖଲ କରିଥିଲେ ହେଁ ଜଣଙ୍କ ଇସ୍ତଫାପତ୍ର ଗ୍ରହଣ ନ ହେବାରୁ ପିସିସି ସଭାପତି ବଦଳାଇ ଅନ୍ୟ ଜଣଙ୍କୁ ଦେଇଥିଲେ । ସେହିପରି ଅନ୍ୟ ଜଣେ ଟିକେଟ ନ ପାଇବାରୁ କଟିଯାଇଥିଲେ । କେନ୍ଦୁଝର ଲୋକ ସଭା ପାଇଁ ସମୁଦାୟ ୧୧ ପ୍ରାର୍ଥୀ ଲଢୁଥିବା ଜଣାପଡ଼ିଛି। ସଦର ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ତିନି ଦଳ ପ୍ରାର୍ଥୀଙ୍କୁ ମିଶାଇ ସମୁଦାୟ ୯ ଜଣ ପ୍ରାର୍ଥୀ ହୋଇଥିବା ଜଣାପଡିଛି। ତନ୍ମଧ୍ୟରୁ ୪ ଜଣ ସ୍ୱାଧୀନ ପ୍ରାର୍ଥୀ ରହିଥିବାବେଳେ ଅବଶିଷ୍ଟ ବିଭିନ୍ନ ରାଜନୈତିକ ଦଳରୁ ଲଢୁଥିବା ଜଣାପଡିଛି । ତେଲକୋଇ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୮ ଜଣ ପ୍ରାର୍ଥୀ ଥିବାବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀ ଥିବା ଜଣାପଡିଛି। ସେହିପରି ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ସମୁଦାୟ ୯ ଜଣ ପ୍ରାର୍ଥୀ ହୋଇଥିବା ଜଣାପଡିଛି । ସେଥିରୁ ଜଣେ ସ୍ୱାଧୀନ ପ୍ରାର୍ଥୀ ଥିବା ବେଳେ ଅନ୍ୟମାନେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଥିବା ଜଣାପଡିଛି । ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ୧୬ ଜଣ ପ୍ରାର୍ଥୀ ରହିଛନ୍ତି। ସେଥିରୁ ୫ ଜଣ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ଘଷିପୁରା ନିର୍ବାଚନ ମଣ୍ଡଳୀରୁ ୮ ଜଣ ନିର୍ବାଚନ ଲଢୁଥିବାବେଳେ ଦୁଇ ଜଣ ସ୍ୱାଧୀନ ପ୍ରାର୍ଥୀ ଥିବା ଜଣାପଡିଛି । ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୮ ଜଣ ପ୍ରାର୍ଥୀ ରହିଥିବାବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀ ଥିବା ଜଣାପଡିଛି। ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଫାଇନାଲ ତାଲିକା ପ୍ରକାଶ ପାଇବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଭାଜପା, କଂଗ୍ରେସ ଆଦି ଦଳର ଅସନ୍ତୁଷ୍ଟ ଆଶାୟୀମାନେ ସ୍ୱାଧୀନ ଭାବେ ଅନ୍ୟ ଦଳ ଟିକେଟରେ ଲଢୁଥିବା ଜଣାପଡିଛି । ଫଳରେ ନିର୍ବାଚନ ଲଢ଼େଇ ରୋମାଞ୍ଚକର ହେବ ବୋଲି କୁହାଯାଉଛି ।

## ଭାଜପାକୁ ସମର୍ଥନ ଦେବେ ସଂଗ୍ରାମ



ଖବରଦାତା ସମ୍ମିଳନୀରେ ଭାଜପା ନେତାଙ୍କ ସହ ସଂଗ୍ରାମ ରାଉତ।

**ଚାନ୍ଦବାଲି, ୭।୪ (ଡି.ଏନ.ଏ)**

ଭଦ୍ରକଜିଲା ଚାନ୍ଦବାଲିବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ଟିକେଟ ଆଶାୟୀ ଥିଲେ ସଂଗ୍ରାମ ସେନାର ମୁଖ୍ୟ ସଂଗ୍ରାମ ରାଉତ। ତାଙ୍କୁ ଟିକେଟ ନ ମିଳିବାରୁ ସେ ଭାଜପାର ପ୍ରାର୍ଥୀ ମନମୋହନ ସାମଲଙ୍କୁ ସମର୍ଥନ କରିବେ ବୋଲି ରବିବାର ସଂଗ୍ରାମ ସେନା ଓ ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ସଂଗ୍ରାମ ୨୦୦୯ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ୬ ହଜାର ୮୫ ଖଣ୍ଡ ଭୋଟ ପାଇଥିଲେ। ୨୦୧୪ରେ ସେ ପ୍ରାର୍ଥୀ ହୋଇ ନ ଥିଲେ। ଚଳିତ ନିର୍ବାଚନରେ ସେ ବିଜେଡି ଟିକେଟ ପାଇଁ ଲବି କରୁଥିଲେ। ହେଲେ ଟିକେଟ ମିଳିଲାନି। ଏବେ ସେ ଭାଜପାକୁ ସମର୍ଥନ କରିବା ପରେ ଚାନ୍ଦବାଲିରେ ଦଳର ସ୍ଥିତି ସୁଦୃଢ଼ ହେବ ବୋଲି ଚର୍ଚ୍ଚା ହେଉଛି।

### ବିଶ୍ୱ ସ୍ୱାସ୍ଥ୍ୟ ଦିବସ

## ସ୍ୱାସ୍ଥ୍ୟସେବା ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ

**ବାଲେଶ୍ୱର ଅଫିସ, ୭।୪**



ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ରବିବାର ଜିଲା ମୁଖ୍ୟଚିକିତ୍ସାଳୟସ୍ଥିତ ସିଡ଼ିଏମ୍‌ଓଙ୍କ ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ରମେଶ ଚନ୍ଦ୍ର ରାଉତ ସ୍ୱାସ୍ଥ୍ୟ ସେବାକୁ ଘରେ ଘରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେବା ସହିତ ସମସ୍ତେ ଶାରୀରିକ ଓ ମାନସିକ ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଥିଲେ।

ଜିଲା ମୁଖ୍ୟଚିକିତ୍ସାଧିକକାରୀ ଡା. ରଞ୍ଜନ କୁମାର ପାଢ଼ୀ ସଭାପତିତ୍ୱ କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିୟନ୍ତ୍ରିତ ଜୀବନଚର୍ଯ୍ୟା ଅଭ୍ୟାସ ଦ୍ୱାରା ମଣିଷ ସୁସ୍ଥ ଏବଂ ନିରାମୟ ଜୀବନଯାପନ କରିପାରେ। ସମସ୍ତଙ୍କ ନିକଟରେ ମୌଳିକ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ଆଜିଭଳି ଦିନରେ ଶପଥ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପରେଶ ଚନ୍ଦ୍ର ନନ୍ଦୀ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ଡା. ଗିରିଶ ଚନ୍ଦ୍ର ପତି, ଜିଲା ଜନସ୍ୱାସ୍ଥ୍ୟ ସୂଚନାଧିକାରୀ ଡା. ନରେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଡାକ୍ତରଙ୍କ ସମେତ ନର୍ସ ଓ କର୍ମଚାରୀମାନେ ସମ୍ବେଦନଶୀଳ ହୋଇ ନିଜର ଦାୟିତ୍ୱ ତୁଲାଇବାକୁ ଆହ୍ୱାନ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ମ୍ୟାନେଜର ପ୍ରଭୁ ପ୍ରତ୍ୟନ୍ତ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ସମିତି ଅନ୍ତର୍ଗତ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ମହିଳା ଆରୋଗ୍ୟ ସମିତିର ସଦସ୍ୟା ଓ ସ୍ୱେଚ୍ଛାସେବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରମଣୀକାନ୍ତ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା।

# ନିଃସଙ୍ଗତା ଦୂର କରିବ ରୋବୋ

ଆଜିକାଲି ଅନେକ କ୍ଷେତ୍ରରେ ରୋବୋର ବ୍ୟବହାର କରାଯାଉଛି। ବିଶେଷ ଭାବରେ ଚିକିତ୍ସା କ୍ଷେତ୍ରରେ ଏହାର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଉ ଏକ ଦିଗରେ ରୋବୋ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି ଜାପାନର ବୈଜ୍ଞାନିକମାନେ। ଜଣେ ବ୍ୟକ୍ତି ଯଦି ନିଜକୁ ଏକୁଟିଆ ଅନୁଭବ କରୁଛନ୍ତି ତେବେ ତାଙ୍କ ମନରେ ସକାରାତ୍ମକ ମନୋଭାବ ଜାଗ୍ରତ କରିବାରେ ସାହାଯ୍ୟ କରିପାରିବ ରୋବୋ। ଅଧିକାଂଶ ସମୟ ନିଃସଙ୍ଗତା ଭିତରେ ରହୁଥିବା କିଛି ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ରୋବୋ ସହ କଟାଇବାକୁ ପରାମର୍ଶ ଦିଆଯାଇଥିଲା। ରୋବୋ ସେମାନଙ୍କୁ ସେମାନଙ୍କର ମନ ପସନ୍ଦର ଗୀତ ଶୁଣାଇବା ଦ୍ୱାରା ସେମାନଙ୍କର ମାନସିକତାରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା।



# ଉପକାରୀ ଲେମ୍ବୁ ପାଣି

ଲେମ୍ବୁରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଖରାଦିନେ ଗ୍ଲାସେ ଲେମ୍ବୁ ପାଣି ପିଇଦେଲେ କେତେ ଆରାମ ଲାଗେ ତାହା କେବଳ ଅନୁଭବୀ ହିଁ ଜାଣେ। ଏଥିରେ ଥିବା ଉପକାରୀ ଗୁଣ ଯୋଗୁ ଏହାକୁ ଦେଶୀ କୋଲ୍ଡ ଡ୍ରିଙ୍କ୍ସ ବୋଲି କୁହାଯାଏ। ଏହି ପାଣିରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ, ଭିଟାମିନ୍, ମିନେରାଲ ଭରି ରହିଛି। ଲେମ୍ବୁପାଣି ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। ଗ୍ଲାସେ ଲେମ୍ବୁପାଣି ଆମ ଶରୀରରେ ଶକ୍ତି ସଂଚାର କରିଥାଏ। ଖାଲି ପେଟରେ ଏହି ପାଣି ପିଇଦେଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ସକାଳୁ ଖାଲି ପେଟରେ ଲେମ୍ବୁ ପାଣି ପିଇଲେ ଆଣ୍ଠୁଗଣ୍ଠିଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। ଏଥିରେ ଆଣ୍ଟିଅକ୍ସିଡେଣ୍ଟ ଗୁଣ ମଧ୍ୟ ରହିଛି। ଲେମ୍ବୁ ପାଣି ପିଇଲେ ଆଉ ଏକ ଉପକାର ହୋଇଥାଏ। ଏହା ଓଜନକୁ ସନ୍ତୁଳିତ ରଖିଥାଏ। ଲେମ୍ବୁ ପାଣି ଶରୀରରେ ଭିଟାମିନ୍ 'ସି'ର ଅଭାବ କେତେକାଂଶରେ ପୂରଣ କରିଥାଏ। ଏହି ପାଣି ପିଇବା ଦ୍ୱାରା ପାଟି ଦୁର୍ଗନ୍ଧ ଦୂର ହୋଇଥାଏ। ଏହାବ୍ୟତୀତ ଚର୍ବି ଅଂଶ କମାଇଥାଏ ଲେମ୍ବୁ ପାଣି।



# ଛାନିଆ ରୋଗ

"ସାଧାରଣତଃ କିଛି ଅପ୍ରୀତିକର ବା ଅପ୍ରାକୃତିକ ପରିସ୍ଥିତିକୁ ସାମ୍ନା କରିବା ସମୟରେ ମନୁଷ୍ୟର ମାନସିକ ଓ ଶାରୀରିକ ସ୍ତରରେ ପରିବର୍ତ୍ତନ ଦେଖାଯାଏ । ଉଦାହରଣସ୍ୱରୂପ ରକ୍ତଚାପ (ବ୍ଲଡପ୍ରେସର), ହୃଦ୍‌ସ୍ପନ୍ଦନ ବଢ଼ିଯିବା, ଝାଳ ବୋହିବା, ଦେହ ଥରିବା ଭଳି ପରିସ୍ଥିତି ବହୁତଦିନ ଧରି ଲାଗି ରହିଲେ ଏହାକୁ ଉଦ୍‌ବେଗ ବା ଛାନିଆ ରୋଗ ବୋଲି ଧରାଯାଏ। ଚିକିତ୍ସକଙ୍କ ମତରେ ଏହା ମସ୍ତିଷ୍କରେ ଥିବା ରାସାୟନିକ ପଦାର୍ଥ–ସେରୋଟୋନିନ୍ ଓ ଗାବା ଅସନ୍ତୁଳନ ଯୋଗୁ ହୋଇଥାଏ। ଏହା କେତେକ କ୍ଷେତ୍ରରେ ବଂଶଗତ କାରଣ ଯୋଗୁ ମଧ୍ୟ ହୋଇଥାଏ।"



ଡା. ଅଂଶୁମୋଚନ ସାହୁ

ଜୀବନଶୈଳୀର ପରିବର୍ତ୍ତନ କାରଣରୁ ଆମ ସମସ୍ତଙ୍କର କାର୍ଯ୍ୟଭାର ଓ ବ୍ୟସ୍ତତା ବୃଦ୍ଧି ପାଉଛି। ସମସ୍ତ କ୍ଷେତ୍ରରେ ପ୍ରତିଯୋଗିତାମୂଳକ



ମନୋଭାବ ମଧ୍ୟ ବଢୁଛି। ଟିଭି, ମୋବାଇଲ, ଫେସ୍‌ବୁକ୍, ହ୍ୱାଟ୍ସଆପ, ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ବୃଦ୍ଧିପାଉଛି। ଏହିସବୁ କାରଣରୁ ଲୋକଙ୍କ ମଧ୍ୟରେ ବ୍ୟସ୍ତତା, ଉଦ୍‌ବେଗ, ଛାନିଆ ଓ ମାନସିକ ଚାପ ବୃଦ୍ଧି ପାଉଛି। ସାଧାରଣତଃ ଛାନିଆ ରୋଗ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କଠାରେ ଅଧିକ ଦେଖିବାକୁ ମିଳେ। ଏବେ ଏହା ମଧ୍ୟ ଯୁବବର୍ଗଙ୍କ ମଧ୍ୟରେ ବହୁଳ ଭାବରେ ଦେଖାଗଲାଣି। ବର୍ତ୍ତମାନ ପ୍ରାୟତଃ ସମାଜର ତିନିଭାଗ ଲୋକ ଏହି ରୋଗର ଶିକାର ହେଲେଣି।

**କାରଣ**

ସାଧାରଣତଃ କିଛି ଅପ୍ରୀତିକର ବା ଅପ୍ରାକୃତିକ ପରିସ୍ଥିତିକୁ ସାମ୍ନା କରିବା ସମୟରେ ମନୁଷ୍ୟର ମାନସିକ ଓ ଶାରୀରିକ ସ୍ତରରେ ପରିବର୍ତ୍ତନ ଦେଖାଯାଏ। ଉଦାହରଣସ୍ୱରୂପ ରକ୍ତଚାପ (ବ୍ଲଡପ୍ରେସର), ହୃଦ୍‌ସ୍ପନ୍ଦନ ବଢ଼ିଯିବା, ଝାଳ ବୋହିବା, ଦେହ ଥରିବା ଭଳି ପରିସ୍ଥିତି ବହୁତଦିନ ଧରି ଲାଗି ରହିଲେ ଏହାକୁ ଉଦ୍‌ବେଗ ବା ଛାନିଆ ରୋଗ ବୋଲି ଧରାଯାଏ। ଚିକିତ୍ସକଙ୍କ ମତରେ ଏହା ମସ୍ତିଷ୍କରେ ଥିବା ରାସାୟନିକ ପଦାର୍ଥ–ସେରୋଟୋନିନ୍ ଓ ଗାବା ଅସନ୍ତୁଳନ ଯୋଗୁ ହୋଇଥାଏ। ଏହା କେତେକ କ୍ଷେତ୍ରରେ ବଂଶଗତ କାରଣ ଯୋଗୁ ମଧ୍ୟ ହୋଇଥାଏ।

**ଲକ୍ଷଣ**

ଏହି ରୋଗର ସାଧାରଣ ଲକ୍ଷଣଗୁଡିକ ହେଲା ଅତ୍ୟଧିକ ମନ ବ୍ୟସ୍ତ ଲାଗିବା, ଛାନିଆ ବା ଡର ଲାଗିବା, ମନ ବିଚଳିତ ହେବା, କୌଣସି କାମରେ ମନ ନ ଲାଗିବା, ଭୋକ କମ ହେବା, ନିଦ କମ ହେବା, ହଠାତ୍ ଭୟଭୀତ ହୋଇ ଛାତିରେ ଯନ୍ତ୍ରଣା ଅନୁଭବ କରିବା, ଦେହ ହାତ ଝିମ ଝିମ ହେବା ବା ଥରିବା, ପାଟି ଶୁଖିଯିବା, ଛାତି ଧଡ ଧଡ ହେବା ଓ ହଠାତ୍ ଅଣନିଃଶ୍ୱାସୀ ହୋଇପଡିବା, ମୁଣ୍ଡ ବୁଲାଇବା, ଝାଡା ପରିସ୍ରା ଅଧିକ ଲାଗିବା, ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବା ଇତ୍ୟାଦି।

**ଅଧିକ ଦିନ ଏହି ରୋଗ ହେଲେ କ'ଣ ହୁଏ**

ଏହାଦ୍ୱାରା କାର୍ଯ୍ୟଦକ୍ଷତା କମିଯାଏ, କୌଣସି ନିଷ୍ପତ୍ତି ନେବାରେ ଅସୁବିଧା ଉପୁଜେ, ବାରମ୍ବାର ନକାରାତ୍ମକ ଚିନ୍ତାଧାରା ଆସେ, ନିଜକୁ ଅସୁରକ୍ଷିତ ମନେହୁଏ, ଡେରିରେ ନିଦ ହୁଏ ଏବଂ ବାରମ୍ବାର ନିଦ ଭାଙ୍ଗେ। ଏହାଦ୍ୱାରା ମୋବାଇଲ୍, ଇଣ୍ଟରନେଟ୍ ଭଳି ବ୍ୟବହାର ଅଭ୍ୟାସ ବଢ଼ିଯାଏ। ବିଭିନ୍ନ ନିଶା ଖାଇବା ପାଇଁ ଆଗ୍ରହ ବଢ଼େ। ମାନସିକ ଅବସ୍ଥା ଭଲ ନ ରହିବା କାରଣରୁ ବିଭିନ୍ନ ରୋଗ–ମଧୁମେହ, ଉଚ୍ଚ ରକ୍ତଚାପ, ଶରୀରର ଓଜନ ବଢ଼ିବା, ଯୌନ ଅକ୍ଷମତା ଦେଖାଦେବା, କାରଣ ନ ଥାଇ ପେଟ ପୋଡାଜଳା ବା ଏସିଡିଟି ହେବା, ସ୍ତ୍ରୀ ଲୋକଙ୍କଠାରେ ମୁଣ୍ଡ ପୋଡାଜଳା, ମୁଣ୍ଡବିନ୍ଧା ଇତ୍ୟାଦି ଦେଖାଯାଏ।

**ଚିକିତ୍ସା**

ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଏହି ରୋଗର ଚିକିତ୍ସା, ଔଷଧ ଓ ସାଇକୋଥେରାପି ଦ୍ୱାରା କରାଯାଇଥାଏ। ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ପ୍ରୋପାନଲଲ, କ୍ଲୋନାଜିପାମ ଓ ପାରକସିଟିନ୍ ଆଦି ଦିଆଯାଏ। ଏହି ରୋଗର ଲକ୍ଷଣ ଓ ଚିକିତ୍ସା ବିଷୟରେ ଲୋକମାନଙ୍କ ମଧ୍ୟରେ ଠିକ୍ ସୂଚନାର ଅଭାବ ରହିଛି। ଏହାର ଚିକିତ୍ସା ନିମନ୍ତେ ନିୟମିତ ବା ଠିକ ଭାବରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ସେବନ କରିବା ଦରକାର।

**କ'ଣ କରିବା ଠିକ୍ ନୁହେଁ**

ସାଧାରଣତଃ ନିଦ ନ ହେଲେ କେତେକେ ପାଖ ଦୋକାନରୁ କେତେପ୍ରକାର ଔଷଧ କିଣି ଖାଇଥାଆନ୍ତି। ମାତ୍ର ଏପରି ବଟିକା ଅଧିକ ଦିନ ବ୍ୟବହାର କଲେ ତାହା ଅଭ୍ୟାସରେ ପରିଣତ ହୋଇଯାଇଥାଏ। ରାତିରେ ଶୋଇବାର ଦୁଇ ଘଣ୍ଟା ପୂର୍ବରୁ ମୋବାଇଲ୍, ଟିଭି ଦେଖିବା ଅନୁଚିତ। ତେଣୁ ଉଦ୍‌ବେଗ କିମ୍ବା ନିଦ୍ରାର ଭାରସାମ୍ୟ ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ଉଚିତ।

– ଆସିଷ୍ଟାଣ୍ଟ ପ୍ରଫେସର
ମାନସିକ ରୋଗ ବିଭାଗ
ମୋ : ୮୪୯୬୯୧୨୦୯୧



ଡ. ମାନସ ରଞ୍ଜନ ସେନାପତି

# ଶବ୍ଦ ପ୍ରଦୂଷଣ



"ଅଧିକ କୋଳାହଳ ହେବା ଦ୍ୱାରା ଆମ ଶରୀରରେ ଆଡ୍ରେନାଲିନ ନାମକ ହରମୋନ୍‌ର ମାତ୍ରା ଅଧିକ ହୋଇଯାଇଥାଏ। ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ଅଧିକ ବିପଜ୍ଜନକ। ଶବ୍ଦ ପ୍ରଦୂଷଣରେ ଜୀର୍ଣ୍ଣ ଶକ୍ତି ବାଧାପ୍ରାପ୍ତ ହୋଇଥାଏ। ଗର୍ଭସ୍ଥ ଶିଶୁ ମଧ୍ୟ ଏଥିରୁ ରକ୍ଷା ପାଇ ନ ଥାଏ। ଶିଶୁର ସମ୍ପୂର୍ଣ୍ଣ ବିକାଶ ହୁଏ ନାହିଁ ଏବଂ ବିକଳାଙ୍ଗ ହୁଏ। କ୍ରମାଗତ ଭାବେ ଶବ୍ଦ ପ୍ରଦୂଷଣର ଶିକାର ହେବା ଦ୍ୱାରା ଅନିଦ୍ରା ରୋଗ, ଅର୍ଦ୍ଧକପାଳି, ସ୍ମୃତିଶକ୍ତି ହ୍ରାସ ଏବଂ କୋଲେଷ୍ଟରଲ ମାତ୍ରା ବୃଦ୍ଧି ହୋଇଥାଏ। ଏସବୁର ପ୍ରଭାବ ମନୁଷ୍ୟର ସାମଗ୍ରିକ ବ୍ୟବହାର ତଥା ଚଳଣି ଉପରେ ପଡ଼ିଥାଏ।"

ଶବ୍ଦ ଅଧିକ ମାତ୍ରାରେ ହେଲେ ତାହା ବିରକ୍ତିକର ହୋଇଥାଏ ଏବଂ ଶବ୍ଦ ପ୍ରଦୂଷଣ ବୋଲି କୁହାଯାଇଥାଏ। ସାଧାରଣତଃ ସହରାଞ୍ଚଳରେ ଶବ୍ଦ ପ୍ରଦୂଷଣ ପରିଲକ୍ଷିତ ହୋଇଥାଏ। ମୁଖ୍ୟତଃ ସହର ବା ବଡ଼ ବଡ଼ ମେଟ୍ରୋ ଗୁଡ଼ିକରେ ଆମେ ଏକ କୋଳାହଳପୂର୍ଣ୍ଣ ପରିବେଶରେ ବାସ କରୁଛେ। ଶବ୍ଦର ଦୁଇଟି ଗୁଣ ଥାଏ। ତାହା ହେଲା ତୀବ୍ରତା ଓ କମ୍ପନତା। ତୀବ୍ରତା ଡେସିବେଲ୍ ଏକକରେ ମପାଯାଇଥାଏ। ସାଧାରଣତଃ ୬୦ ଡେସିବେଲରୁ ଅଧିକ ହେଲେ ଶବ୍ଦ ବିରକ୍ତିକର ହୋଇଥାଏ ଏବଂ ମନୁଷ୍ୟ ତଥା ଜୀବଜଗତ ପାଇଁ କ୍ଷତିକାରକ ହୋଇଥାଏ। ଶବ୍ଦ ପ୍ରଦୂଷଣର ପରିମାଣ ଭୟାବହ। ଶ୍ରବଣ ଶକ୍ତି ହ୍ରାସ ଏହାର ମୁଖ୍ୟ କାରଣ। ପ୍ରାୟ ୧୬୦ ଡେସିବେଲରେ ବଧିରତା ଦେଖାଦେଇଥାଏ। ସେହିପରି କମ୍ପନତାକୁ ମାପିବା ପାଇଁ 'ହର୍ଟଜ' ଏକକ ବ୍ୟବହାର କରାଯାଏ। ସାଧାରଣ ଲୋକଙ୍କର ଧ୍ୱନି ଗ୍ରହଣ କରିବାର କ୍ଷମତା ପ୍ରାୟ ୧୬ ରୁ ୨୦,୦୦୦ ହର୍ଟଜ ମଧ୍ୟରେ ରହିଥାଏ। ହଠାତ୍ ଅଧିକ କୋଳାହଳ ହେବା ଦ୍ୱାରା ଆମ ଶରୀରରେ ଆଡ୍ରେନାଲିନ ନାମକ ହରମୋନ୍‌ର ମାତ୍ରା ଅଧିକ ହୋଇଯାଇଥାଏ। ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଅଧିକ ବିପଜ୍ଜନକ। ଶବ୍ଦ ପ୍ରଦୂଷଣରେ ଜୀର୍ଣ୍ଣ ଶକ୍ତି ବାଧାପ୍ରାପ୍ତ ହୋଇଥାଏ। ଗର୍ଭସ୍ଥ ଶିଶୁ ମଧ୍ୟ ଏଥିରୁ ରକ୍ଷା ପାଇ ନ ଥାଏ। ଶିଶୁର ସମ୍ପୂର୍ଣ୍ଣ ବିକାଶ ହୁଏ ନାହିଁ ଏବଂ ବିକଳାଙ୍ଗ ହୁଏ। କ୍ରମାଗତ ଭାବେ ଶବ୍ଦ ପ୍ରଦୂଷଣର ଶିକାର ହେବା ଦ୍ୱାରା ଅନିଦ୍ରା ରୋଗ, ଅର୍ଦ୍ଧକପାଳି, ସ୍ମୃତିଶକ୍ତି ହ୍ରାସ ଏବଂ କୋଲେଷ୍ଟରଲ ମାତ୍ରା ବୃଦ୍ଧି ହୋଇଥାଏ। ଏସବୁର ପ୍ରଭାବ ମନୁଷ୍ୟର ସାମଗ୍ରିକ ବ୍ୟବହାର ତଥା ଚଳଣି ଉପରେ ପଡ଼ିଥାଏ। ଏଗୁଡ଼ିକ ମଧ୍ୟରେ ମାନସିକ ଅସ୍ଥିରତା, ବିରକ୍ତି ମନୋଭାବ, ବିଚକ୍ଷଣତା ଓ ଉପସ୍ଥିତ ବୃଦ୍ଧି ହ୍ରାସ ଓ ପାଗଳାମି, ବାଚାଳାମି ଅନ୍ତର୍ଭୁକ୍ତ।

ଶବ୍ଦ ପ୍ରଦୂଷଣର କାରଣ ଅନେକ। ସହରାଞ୍ଚଳରେ ଯାନବାହନ ବୃଦ୍ଧି ପାଇଚାଲିଛି। ଜନବସତି ନିକଟରେ ଶିଳ୍ପ କାରଖାନା, ବିମାନବନ୍ଦର ଆଦି ପ୍ରତିଷ୍ଠା ହେବା ଉଚିତ ନୁହେଁ। ରନ୍‌ୱେରେ ବିମାନ ଉପରକୁ ଉଠିବା ସମୟରେ ଶବ୍ଦ ପ୍ରାୟ ୧୪୦ ଡେସିବେଲ ଛୁଇଁଥାଏ। ଚାରି ଘଣ୍ଟାରୁ ଆଠ ଘଣ୍ଟା ବିମାନଯାତ୍ରା କରିବା ପରେ ଯାତ୍ରୀମାନେ କାନରେ ଝଣଝଣ ଶବ୍ଦ ପାଇଥାନ୍ତି। ହେଲିକପ୍ଟର ଅଧିକ ଶବ୍ଦ ସୃଷ୍ଟି କରିଥାଏ, ତେଣୁ ୬୦୦–୧୨୦୦ ମିଟର ଉଚ୍ଚତାରେ ଉଡ଼ିବା ବିଧେୟ। ଶବ୍ଦ ପ୍ରଦୂଷଣର ପ୍ରଭାବ ମନୁଷ୍ୟ ଏବଂ ଉଭୟ ସ୍ଥଳଚର ଓ ଜଳଚର ପାଣୀମାନଙ୍କ ଉପରେ ପଡ଼ିଥାଏ। ବିମାନବନ୍ଦର ନିକଟ ଜନବସତି ଶବ୍ଦ ପ୍ରଦୂଷଣ ଦ୍ୱାରା ଅଧିକ ପ୍ରଭାବିତ ହେଉଥିବା ଗବେଷଣାରୁ ଜଣାଯାଏ। ସେହିପରି ବିବାହ ଉତ୍ସବ ଓ ଅନ୍ୟାନ୍ୟ ମାଙ୍ଗଳିକ ଉତ୍ସବରେ ଡିଜେ, ଲାଉଡ ସ୍ପିକର ବଜାଇବା, ବାଣ ଫୁଟାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ବ୍ୟାପକ ହୋଇଥାଏ। ଶିଶୁ ଓ ବୟସ୍କ ବ୍ୟକ୍ତି ବେଶି ପ୍ରଭାବିତ ହୁଅନ୍ତି। ସାରଣୀରେ କେତେକ ଶବ୍ଦର ଉତ୍ପତ୍ତି ଓ ମାନ ଦିଆଗଲା।

ସାରଣୀ

| ଶବ୍ଦର ଉତ୍ପତ୍ତିସ୍ଥଳ | ଶବ୍ଦର ମାନ (ଡେସିବେଲ) |
|---|---|
| ମନୁଷ୍ୟ ହୃତ୍‌ପିଣ୍ଡ ସ୍ପନ୍ଦନ | ୧୩ |
| ନିମ୍ନ ସ୍ୱର | ୧୫ |
| ଚୁଇଙ୍ଗମ୍ ଚୋବାଇବା | ୨୦ |
| ଖବରକାଗଜ ପୃଷ୍ଠା ଲେଉଟାଇବା | ୩୦ |
| ଗ୍ରନ୍ଥାଗାର, ସାଧାରଣ କଥାବାର୍ତ୍ତା | ୪୦ |
| ଭାଷଣ | ୬୦ |
| କୁକୁର ଭୁକିବା | ୬୬ (ବିରକ୍ତିଜନକ) ବୃଦ୍ଧି |
| ଘଣ୍ଟା ଆଲାର୍ମ ଶବ୍ଦ | ୮୦ |
| ଖବରକାଗଜ ଛାପାଖାନା, ଅଟାକଳ | ୧୦୦ |
| କାର୍ ହର୍ନ | ୧୨୦ |
| ରକେଟ୍ ଉତ୍‌କ୍ଷେପଣ | ୧୮୦ |

ଶବ୍ଦର ମାତ୍ରା ୧୨୦ ଡେସିବେଲ୍ ଯନ୍ତ୍ରଣାଦାୟକ ହୋଇଥିବା ବେଳେ ୧୮୦ ଡେସିବେଲ୍‌ରେ କାନ ସୂକ୍ଷ୍ମ ପରଦା ଫାଟିଯିବାର ସମ୍ଭାବନା ଥାଏ। ଏହାରୁ ଅଧିକ ହେଲେ ଫୁସ୍‌ଫୁସ୍ ନଷ୍ଟ ମଧ୍ୟ ହୋଇଥାଏ। ତେଣୁ ଶବ୍ଦ ପ୍ରଦୂଷଣ କେତେ ମାରାତ୍ମକ ହୋଇପାରେ ଏହା ଉପଲବ୍ଧି କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ୍। ସୁଚିନ୍ତିତ ଯୋଜନା ଅନୁଯାୟୀ ଶିଳ୍ପ ପ୍ରତିଷ୍ଠାନ ଏବଂ ବ୍ୟବସାୟ କେନ୍ଦ୍ର ଜନବସତି ଠାରୁ ଦୂରରେ ରହିବା ଉଚିତ। ବ୍ୟାପକ ବୃକ୍ଷ ରୋପଣ ମଧ୍ୟ ଆବଶ୍ୟକ। ଘରର ଛାତକୁ ମଧ୍ୟ ଶବ୍ଦ ନିରୋଧକ କରାଯାଇପାରେ। ଘରେ ସବୁଜ ରଙ୍ଗ ଦେଲେ ଏହା ସର୍ବାଧିକ ଶବ୍ଦ ଶୋଷଣ କରେ।

–ଡିନ୍ ବିଜ୍ଞାନ, ବିଜୁ ପଟ୍ଟନାୟକ
ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୨୩୭୬୯୭

# ଲୋ' ବ୍ଲଡପ୍ରେସର ଓ ଗାଜର



ସାଧାରଣତଃ ବ୍ଲଡପ୍ରେସର (ରକ୍ତଚାପ)କୁ ଦୁଇ ଭାଗ–ହାଇ, ଲୋ'ରେ ବିଭକ୍ତ କରାଯାଇଛି। ଯଦି ଆପଣ ଏପରି ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ ଚେକ୍ କରାଇ ନିଅନ୍ତୁ। ତା'ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ମଧ୍ୟ ଖାଆନ୍ତୁ। ହେଲେ ଏପରି କେତୋଟି ଘରୋଇ ଉପଚାର ରହିଛି, ଯାହାଦ୍ୱାରା ଆପଣ ଲୋ' ବ୍ଲଡପ୍ରେସରକୁ ନିୟନ୍ତ୍ରଣରେ ରଖିପାରିବେ। ସବୁଠାରୁ ସରଳ ଉପାୟ ହେଲା ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତୁ। ଆଉ ଏକ ଘରୋଇ ଉପାୟ ହେଲା–କିଛି ଡାଲଚିନି ଗୁଣ୍ଡ ନେଇ ଉଷୁମ ପାଣିରେ ମିଶାଇ ପିଅନ୍ତୁ। ଏହାଦ୍ୱାରା ଲୋ' ବ୍ଲଡପ୍ରେସର କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଟମାଟୋ ରସରେ ଅଳ୍ପ ଗୋଲମରିଚ ଗୁଣ୍ଡ ଏବଂ ଅଳ୍ପ ଲୁଣ ମିଶାଇ ପିଇଲେ କିଛି ସମୟ ପାଇଁ ଏହି ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ତେବେ ଯଦି ଲୋ' ପ୍ରେସର ରହିଛି ତେବେ ଏହାର ଲକ୍ଷଣ ଜାଣିବା ମାତ୍ରେ ବସି ପଡନ୍ତୁ କିମ୍ବା ବେଡ୍ ଉପରେ ଗଡି ପଡନ୍ତୁ। ହାତପାପୁଲିକୁ ମୁଠା କରି ଖୋଲନ୍ତୁ ଏବଂ ଏହି ପ୍ରକ୍ରିୟା କିଛି ସମୟ କରନ୍ତୁ। ପାଦଦ୍ୱୟକୁ ହଲାନ୍ତୁ। ଏହାଦ୍ୱାରା ଲୋ' ବ୍ଲଡପ୍ରେସରରୁ କେତେକାଂଶରେ ଉପଶମ ମିଳିଥାଏ। ତେବେ ଏପରି ସମସ୍ୟା ଥିଲେ ଅଭିଜ୍ଞ ଡାକ୍ତରଙ୍କର ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

# ସ୍ୱାସ୍ଥ୍ୟ ସୂଚନା



- ସକାଳୁ ବିଛଣାରୁ ଉଠିବା ପରେ ସେଠାରେ କିଛି ବ୍ୟାୟାମ କରିପାରନ୍ତି। ବିଶେଷଭାବରେ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କିଛି ସମୟ କରନ୍ତୁ, ଯାହାଦ୍ୱାରା ରକ୍ତ ସଂଚାଳନ ଏବଂ ପାଚନକ୍ରିୟା ସକ୍ରିୟ ରହିଥାଏ। ଖାସ୍ କଥା ହେଲା, ଏହାଦ୍ୱାରା ଅଣ୍ଟା ଯନ୍ତ୍ରଣାରୁ ଲାଘବ ମିଳେ।
- ନିୟମିତ ବ୍ରେକ୍‌ଫାଷ୍ଟ ନ ଖାଇବା କେତେକଙ୍କର ଅଭ୍ୟାସ। ହେଲେ ପ୍ରତିଦିନ ବ୍ରେକ୍‌ଫାଷ୍ଟ କରିବାକୁ କଦାପି ଭୁଲନ୍ତୁ ନାହିଁ। ଏହା ମାନସିକତାକୁ ସକାରାତ୍ମକ ରଖିଥାଏ।
- ସକାଳୁ ଉଠିବା ପରେ ମୁହଁ ଧୋଇ ଫ୍ରେଶ ହେବା ପରେ ଦାନ୍ତ ଘଷିବା ହେଉଛି ପ୍ରଥମ କାମ। କେତେକ ଏହି କାମ ଜଲଦି ଶେଷ କରିଥାଆନ୍ତି। ହେଲେ ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷନ୍ତୁ।
- ସକାଳ କାର୍ଯ୍ୟତାଲିକାରେ ଯୋଗ ସାମିଲ କରନ୍ତୁ। ଅର୍ଥାତ ପ୍ରତିଦିନ କିଛି ସମୟ ଯୋଗ କରିବା ଦ୍ୱାରା ମନରେ ଶାନ୍ତି ଏବଂ କାମ କରିବାକୁ ଆଗ୍ରହ ଆସିଥାଏ।
- ପ୍ରତିଦିନ ଏକ ଗ୍ଲାସ କ୍ଷୀର ପିଅନ୍ତୁ। ଏହାଦ୍ୱାରା ହାଡ ମଜଭୁତ ହୋଇଥାଏ।

## ସଂକ୍ଷେପରେ

### କମ୍ପୋଜିଶନ ସ୍କିମ୍ ଚୟନ ସେବାପ୍ରଦାନକାରୀଙ୍କୁ ଏପ୍ରିଲ ୩୦ ଯାଏ ସୁଯୋଗ

**ନୂଆଦିଲ୍ଲୀ,୭-୪:** ଆୟକର ବିଭାଗ ପକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ସେବାପ୍ରଦାନକାରୀଙ୍କୁ ଏପ୍ରିଲ ୩୦ ଯାଏ ଜିଏସ୍‌ଟି କମ୍ପୋଜିଶନ ଯୋଜନା ବାଛିବାର ସୁଯୋଗ ଦିଆଯାଇଛି। ସେମାନେ ଏହି ଯୋଜନା ବାଛିବା ପରେ ହ୍ରାସ ପାଇଥିବା ୬% ଟିକସ ଦେଇପାରିବେ। ସୂଚନାଥାଉ କି, ଜିଏସ୍‌ଟି କାଉନସିଲର ନିଷ୍ପତ୍ତି ଅନୁଯାୟୀ, ସାମଗ୍ରୀ ଏବଂ ସେବା ପ୍ରଦାନ ଟିକସ(ଜିଏସ୍‌ଟି) ଦେୟ ୬% ବାଛିବାର ବିକଳ୍ପ ଆର୍ଥିକ ବର୍ଷ ଆରମ୍ଭରେ ଅଥବା ଆର୍ଥିକ ବର୍ଷ ଭିତରେ ଯେକୌଣସି ସମୟରେ ନୂଆ ପଞ୍ଜୀକରଣ ହାସଲ କରିବା ଦିନଠାରୁ କାର୍ଯ୍ୟକାରୀ ହେବ। ବର୍ତ୍ତମାନ ଅଧିକାଂଶ ସେବା ପ୍ରଦାନରେ ୧୨ରୁ ୧୮ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଆଦାୟ କରାଯାଉଛି। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ଏ ସଂକ୍ରାନ୍ତରେ ଏକ ସର୍କୁଲାର ଜାରି କରିଛି। ନୂଆ ପଞ୍ଜୀକରଣ ଲାଗି ଆବେଦନ କରୁଥିବା ସମୟରେ ଏଭଳି କମ୍ପାନୀ ଏହି ଲାଭ ପାଇବା ଲାଗି ଜିଏସ୍‌ଟି ଆର୍‌ଇଜି-୦୧ ଫର୍ମ ବ୍ୟବହାର କରିବେ। ତାଙ୍କୁ ସଙ୍ଗେ ସଙ୍ଗେ ଏହି ସୁବିଧା ମିଳିଯିବ।

### ଇ-ୱେ ବିଲ୍‌ରେ ପାର୍ଥକ୍ୟ ପ୍ରଶ୍ନର ସମ୍ମୁଖୀନ ହେଉଛନ୍ତି କମ୍ପାନୀ

**ନୂଆଦିଲ୍ଲୀ,୭-୪:** ଦେଶରେ ଇ-ୱେ ବିଲ୍‌ର ଦୁରୁପଯୋଗ ବୃଦ୍ଧି ପାଉଛି। ଏହାକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକାଧିକ ପଦକ୍ଷେପ ନିଆଯାଉଛି। ଏବେ ଇ-ୱେ ବିଲ୍‌ରେ ଦେଖା ଦେଉଥିବା ପାର୍ଥକ୍ୟ ପାଇଁ ଜିଏସ୍‌ଟି ଅଧିକାରୀମାନେ କମ୍ପାନୀଙ୍କୁ ପ୍ରଶ୍ନ ପଚାରିବା ଆରମ୍ଭ କରିଛନ୍ତି। ଟିକସ ଫାଙ୍କି ରୋକିବା ଲାଗି ରାଜସ୍ୱ ଅଧିକାରୀମାନେ ତଥ୍ୟ ମିଶାଇବା ବେଳେ ପାର୍ଥକ୍ୟ ଥିବା ଦେଖିବା ପରେ କମ୍ପାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି। ସୂଚନାଥାଉ କି, ୫୦ ହଜାର ଟଙ୍କାରୁ ଅଧିକ ପରିମାଣର ସାମଗ୍ରୀ ପରିବହନ ଲାଗି ଇ-ୱେ ବିଲ୍‌ର ଆବଶ୍ୟକତା ରହିଛି। ଏହାର ଦୁରୁପଯୋଗ କରି ଟ୍ରାନ୍ସପୋର୍ଟର/କମ୍ପାନୀମାନେ ଗୋଟିଏ ଇ-ୱେ ବିଲ୍‌ରେ ଏକାଧିକ ସ୍ଥାନକୁ ମାଲ୍ ପରିବହନ କରୁଥିବା ଜଣାପଡିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜିଏସ୍‌ଟି ନେଟ୍‌ୱାର୍କ(ଜିଏସ୍‌ଟିଏନ୍) ଏବେ ଇ-ୱେ ବିଲ୍ ଏବଂ ଫୈଠ ହୋଇଥିବା ଟିକସର ବିବରଣୀ ଆୟକର ଅଧିକାରୀମାନଙ୍କୁ ଦେବା ଆରମ୍ଭ କରିଛି। ଫଳରେ ଇ-ୱେ ବିଲ୍‌ରେ ବ୍ୟାପକ ହେରଫେର ହେଉଥିବା ଧରାପଡିଛି।

### ଖୁବଶୀଘ୍ର କିସ୍ତିରେ ମିଳିବ ବୀମା ଦାବି

**ନୂଆଦିଲ୍ଲୀ,୭-୪:** ଆଗାମୀ ଦିନରେ ବ୍ୟକ୍ତିଗତ ଦୁର୍ଘଟଣା ଓ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ପଲିସିଧାରୀ ସେମାନଙ୍କର ବୀମା ଦାବିକୁ କିସ୍ତିରେ ନେବାକୁ ପ୍ରସ୍ତୁତ ରହିବେ। ବୀମା ନିୟାମକ ପ୍ରାଧିକରଣ ଆଇଆରଡିଏଆଇ ଏଦିଗରେ ଆଗତ ଏକ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଯାଉଛି। ଯଦିଓ ଏହା ଏବେ ବିଚାରାଧୀନ ରହିଛି, କିନ୍ତୁ ଖୁବଶୀଘ୍ର ଏହା ଲାଗୁ ହୋଇଯିବ ବୋଲି ମନେକରାଯାଉଛି। ଏସଂକ୍ରାନ୍ତରେ ଏକ ପ୍ରସ୍ତାବ ଉପରେ ବିଚାର କରିବା ଲାଗି ଆଇଆରଡିଏଆଇ ଏକ ୱାର୍କିଂ ଗ୍ରୁପ୍ ଗଠନ କରିଥିଲା। ଏହା ଗତ ଜାନୁୟାରୀରେ ନିଜର ରିପୋର୍ଟ ପ୍ରଦାନ କରିସାରିଛି। ଏନେଇ ନିୟାମକଙ୍କ ପକ୍ଷରୁ ଏକ ଚିଠା ମାର୍ଗଦର୍ଶକ ଜାରି କରାଯାଇଛି ଓ ପ୍ରତିକ୍ରିୟା ଦେବାକୁ କୁହାଯାଇଛି। ଆଇଆରଡିଏଆଇ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ, ବୀମା ଦାବିକୁ କିସ୍ତିରେ ନେବା ଅର୍ଥ ପଲିସିଧାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟାବଧି ପର୍ଯ୍ୟନ୍ତ ନିୟମିତ ଆୟ ମିଳିବ। ପଲିସିଧାରୀଙ୍କୁ ତାଙ୍କର ବୀମା ଦାବି ଗୋଟିଏ ଥରରେ ଅଥବା କିସ୍ତିରେ ଗ୍ରହଣ କରିବା ନେଇ ବିକଳ୍ପ ଦିଆଯିବ। ତେବେ ପଲିସୀ କିଣିବା ବେଳେ ଫର୍ମରେ ଏଭଳି ବ୍ୟବସ୍ଥା କରିବାକୁ ବୀମା କମ୍ପାନୀଙ୍କୁ କୁହାଯିବ। ଚିଠା ମାର୍ଗଦର୍ଶକ ଅନୁଯାୟୀ, ସର୍ବାଧିକ ୫ ବର୍ଷ ପର୍ଯ୍ୟନ୍ତ ଜଣେ ପଲିସୀଧାରୀ କିସ୍ତିରେ ନିଜର ବୀମା ଦାବି ନେଇପାରିବେ। ଦାବି ସମୟ ଅନୁଯାୟୀ ତାଙ୍କର କିସ୍ତି ନିର୍ଦ୍ଧାରିତ ହେବ। ତେବେ ଉଭୟ ଦାବି ପାଇଁ ପଲିସୀରେ ପ୍ରିମିୟମ ପରିମାଣ ସମାନ ରହିବ ବୋଲି ଆଇଆରଡିଏଆଇ ସ୍ପଷ୍ଟ କରିଛି। ତେବେ ଗୋଟିଏ ଥର ପ୍ରଦାନ କରାଯାଉଥିବା ବୀମା ଦାବିଠାରୁ ସମ୍ପୂର୍ଣ୍ଣ କିସ୍ତି ପରିମାଣ ଅଧିକ ପ୍ରଦାନ କରାଯିବ ବୋଲି କୁହାଯାଇଛି।

---

> ବିମାନ ଇନ୍ଧନ ଜିଏସ୍‌ଟି ଅଧୀନକୁ ଆସିଲେ ଘରୋଇ ବିମାନ ଶିଳ୍ପରେ ସମାନତା ଆସିପାରିବ।
> —ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



> ଭାରତ ଉଚ୍ଚ ସ୍ତରର ଅଭିବୃଦ୍ଧିକୁ ବଜାୟ ରଖିବାର ଆବଶ୍ୟକତା ରହିଛି।
> – ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା, ଆମେରିକାରେ ଅବସ୍ଥାପିତ ଭାରତ ରାଷ୍ଟ୍ରଦୂତ



■ ସୋସିଆଲ ମିଡିଆରେ ରାଜନୈତିକ ଦଳ

# ବିଜ୍ଞାପନ ବାବଦ ବ୍ୟୟ ୧୦ କୋଟି

ନୂଆଦିଲ୍ଲୀ,୭-୪




- ■ ୫୧,୮୧୦ ରାଜନୈତିକ ବିଜ୍ଞାପନ
- ■ ୩୬.୨ ଲକ୍ଷ ଟଙ୍କା ସହ ବିଜେପି ଶୀର୍ଷରେ
- ■ ଫେବୃୟାରୀ ସୁଦ୍ଧା ବିଜ୍ଞାପନ ଖର୍ଚ୍ଚ ୩.୭୬ କୋଟି ଟଙ୍କା

ଦେଶରେ ସାଧାରଣ ନିର୍ବାଚନ ମତଦାନ ଦିନ ପାଖେଇ ଆସୁଥିବା ବେଳେ ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସ୍‌ବୁକ୍‌ରେ ରାଜନୈତିକ ଦଳଗୁଡ଼ିକ ଓ ସେମାନଙ୍କ ସମର୍ଥକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରଚାର ଅଭିଯାନ ଜୋର୍ ଧରିଛି। ଚଳିତବର୍ଷ ଫେବୃୟାରୀ-ମାର୍ଚ୍ଚରେ ଫେସ୍‌ବୁକ୍‌ରେ ରାଜନୈତିକ ଦଳଗୁଡ଼ିକର ବିଜ୍ଞାପନ ଖର୍ଚ୍ଚ ୧୦ କୋଟି ଟଙ୍କାରୁ ଅଧିକ ହେଲାଣି। ଫେସ୍‌ବୁକ୍ ଆଡ୍ ଲାଇବ୍ରେରୀ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଫେବୃୟାରୀ ଓ ମାର୍ଚ୍ଚ ୩୦ ତାରିଖ ମଧ୍ୟରେ ୫୧,୮୧୦ ରାଜନୈତିକ ବିଜ୍ଞାପନ ବାବଦରେ ୧୦.୩୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରାଯାଇଛି। ଏଥିରେ ଭାଜପା ଓ ତାଙ୍କର ସମର୍ଥକ ସବୁଠାରୁ ଆଗରେ ରହିଛନ୍ତି। ସୋସିଆଲ ମିଡିଆ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ରାଜନୀତି ଏବଂ ରାଷ୍ଟ୍ରୀୟ ଗୁରୁତ୍ୱ ବହନ କରୁଥିବା ସମ୍ପର୍କିତ ସମସ୍ତ ବିଜ୍ଞାପନ ଦିଆଯାଇଛି। ଶାସକ ଭାରତୀୟ ଜନତା ପାର୍ଟି(ଭାଜପା) ଏବଂ ଏହାର ସମର୍ଥକମାନେ 'ଭାରତର ମନ୍ କି ବାତ୍' ପେଜ୍ ସହିତ ବିଜ୍ଞାପନର ଅଧିକାଂଶ ଅଂଶ ଖର୍ଚ୍ଚ କରିଛନ୍ତି। ଭାଜପା ପକ୍ଷରୁ ପ୍ରାୟ ୧୧୦୦ ବିଜ୍ଞାପନ ଦେଇଛନ୍ତି ଏବଂ ଏଥିଲାଗି ସେମାନେ ୩୬.୨ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ସେହିପରି 'ମାଇ ଫାର୍ଷ୍ଟ ଭୋଟ୍ ଫର୍ ମୋଦି' ଓ 'ନେଶନ ୱିଥ୍ ନମୋ' ବିଜ୍ଞାପନରେ ମଧ୍ୟ ବେଶ ଖର୍ଚ୍ଚ କରାଯାଇଛି। ତେବେ ଭାଜପା ତୁଳନାରେ ଭାରତୀୟ ଜାତୀୟ କଂଗ୍ରେସ ୪୧୦ ବିଜ୍ଞାପନ ଦେଇ ଫେବୃୟାରୀରୁ ମାର୍ଚ୍ଚ ମଧ୍ୟରେ ୫.୯୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ଅନ୍ୟପକ୍ଷରେ ବିଜୁ ଜନତା ଦଳ(ବିଜେଡି) ବିଜ୍ଞାପନ ବାବଦରେ ୮.୫୬ ଲକ୍ଷ ଟଙ୍କା, ତେଲୁଗୁ ଦେଶମ ପାର୍ଟି(ଟିଡିପି) ୧.୫୮ ଲକ୍ଷ ଟଙ୍କା ଏବଂ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି(ଏନ୍‌ସିପି) ଏହି ଅବଧିରେ ୫୮,୩୫୫ ଟଙ୍କା ବ୍ୟୟ କରିଛି। ସୂଚନାଥାଉ କି, ଗତ କିଛି ମାସ ହେଲା ଫେସ୍‌ବୁକ, ଟୁଇଟର ଓ ଗୁଗଲ ରାଜନୈତିକ ବିଜ୍ଞାପନ ବାବଦରେ ଖର୍ଚ୍ଚରେ ସ୍ୱଚ୍ଛତା ଆଣିବା ଲାଗି ପ୍ରତିଶ୍ରୁତି ଦେଇ ଏକାଧିକ ପଦକ୍ଷେପ ଘୋଷଣା କରିଥିଲେ। ଭାରତରେ ଫେସ୍‌ବୁକ୍‌ର ୨୦ କୋଟି ୟୁଜର ରହିଛନ୍ତି। ଏଥିପୂର୍ବରୁ 'ଭାରତୀୟ ସ୍ୱଚ୍ଛତା ରିପୋର୍ଟ' ଅନୁସାରେ ଲୋକପ୍ରିୟ ସର୍ଚ୍ଚ ଇଞ୍ଜିନ ଗୁଗଲରେ ବିଜ୍ଞାପନ ବାବଦରେ ଖର୍ଚ୍ଚରେ ଭାଜପା ସମସ୍ତ ରାଜନୈତିକ ଦଳଗୁଡ଼ିକୁ ପଛରେ ପକାଇ ଦେଇଛି। ରିପୋର୍ଟ ଅନୁଯାୟୀ, ରାଜନୈତିକ ଦଳଗୁଡ଼ିକ ଏବଂ ସେମାନଙ୍କ ସମର୍ଥକଙ୍କ ପକ୍ଷରୁ ଫେବୃୟାରୀ, ୨୦୧୯ ସୁଦ୍ଧା ବିଜ୍ଞାପନ ବାବଦରେ ୩.୭୬ କୋଟି ଟଙ୍କା ବ୍ୟୟ କରିଛନ୍ତି। ଭାଜପା ଏ ବାବଦରେ ୧.୨୧ କୋଟି ଟଙ୍କା ଖର୍ଚ୍ଚ କରି ତାଲିକାର ଶୀର୍ଷରେ ରହିଛି, ଯାହାକି ଗୁଗଲରେ ମୋଟ ବିଜ୍ଞାପନ ଖର୍ଚ୍ଚର ୩୨ ପ୍ରତିଶତ। କଂଗ୍ରେସ ୫୪,୧୦୦ ଟଙ୍କା ବ୍ୟୟ କରି ଷଷ୍ଠ ସ୍ଥାନରେ ରହିଛି।




## ହିରୋ ମୋଟୋସ୍ପୋର୍ଟସ ଟିମ୍‌ର ଉଲ୍ଲେଖନୀୟ ପ୍ରଦର୍ଶନ

ଭୁବନେଶ୍ୱର,୭-୪

ହିରୋ ମୋଟୋ କର୍ପ ଲିମିଟେଡର ମୋଟର ସ୍ପୋର୍ଟସ ଡିଭିଜନ ହିରୋ ମୋଟୋସ୍ପୋର୍ଟସ ର୍ୟାଲିର ଟିମ୍ ମେରଜୋୟୋଗା ର୍ୟାଲି-୨୦୧୯ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଏହି ର୍ୟାଲିରେ ଓରିଏଲ ମିନା ତୃତୀୟ ସ୍ଥାନ ଏବଂ ଜ୍ୟାକ୍ୱିମ ରୋଡ୍ରିଗ୍ସ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ଟିମ୍ ଷ୍ଟେଜ ୫ରେ ଟିମ୍ ଉନ୍ନତ ପ୍ରଦର୍ଶନ କରିବାକୁ ସକ୍ଷମ ହୋଇଛି। ଓରିଏଲ୍ ମିନା ଏବଂ ଜ୍ୟାକ୍ୱିମ ରୋଡ୍ରିଗ୍ସଙ୍କ ପ୍ରଦର୍ଶନ ବେଶ ଆଶା ଜନକ ରହିଛି। ଟିମ୍‌ର ପ୍ରଦର୍ଶନକୁ ନେଇ ଖୁସି ଥିବା ବେଳେ ଗ୍ରାହକଙ୍କୁ ସର୍ବଦା ଶ୍ରେଷ୍ଠତମ ଉତ୍ପାଦ ଯୋଗାଣ ଉପରେ ଧ୍ୟାନ ରଖିଛୁ ବୋଲି କମ୍ପାନୀର ମୁଖ୍ୟ ଟେକ୍ନୋଲୋଜି ଅଧିକାରୀ ମାରକସ୍ ବ୍ରାଉନସ୍ୱରଜର କହିଛନ୍ତି।

## ଆଜି ଜେଟ୍‌ଲୀଙ୍କ ଆମେରିକା ଗସ୍ତ

**ବିଶ୍ୱବ୍ୟାଙ୍କ-ଆଇଏମ୍‌ଏଫ ବୈଠକରେ ଯୋଗଦେବେ**

ନୂଆଦିଲ୍ଲୀ,୭-୪

ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଦେଶ ପ୍ରସ୍ତୁତ ହେଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନିଷ୍ଠ ସହଯୋଗୀ ତଥା କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହି ସମୟରେ ଅନୁପସ୍ଥିତ ରହିବେ। ଆସନ୍ତା ୯ରୁ ୧୪ଯାଏ ୱାଶିଂଟନରେ ବିଶ୍ୱବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ)ର ବାର୍ଷିକ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଜେଟ୍‌ଲୀ ଏଥିରେ ଯୋଗ ଦେବା ଲାଗି ସୋମବାର ଆମେରିକା ଉଦ୍ଦେଶ୍ୟରେ ଯାତ୍ରା କରିବେ। ତାଙ୍କ ସହିତ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ, ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ମଧ୍ୟ ଯିବେ। ଆସନ୍ତା ୧୫ରେ ସେ ସ୍ୱଦେଶ ଫେରି ଆସିବେ। ସ୍ୱାସ୍ଥ୍ୟଗତ କାରଣରୁ ସେ ଉକ୍ତ ଦୁଇ ଅନ୍ତର୍ଜାତୀୟ ଆର୍ଥିକ ସଂସ୍ଥାର ସ୍ପ୍ରିଙ୍ଗ ବୈଠକରେ ଯୋଗ ଦେଇପାରି ନ ଥିଲେ। ବିଶ୍ୱର ଆର୍ଥିକ ଅବସ୍ଥା ସମ୍ପର୍କରେ ଆଲୋଚନା ପାଇଁ ଏଭଳି ବୈଠକ ଆୟୋଜନ ହୋଇଥାଏ।

## ଲାଲଚାନ୍ଦର ନୂଆ ଟିଭିସି ଉନ୍ମୋଚିତ




ଭୁବନେଶ୍ୱର,୭-୪

ଲାଲଚାନ୍ଦ ଜୁଏଲର୍ସର ନୂଆ ଟେଲିଭିଜନ କମର୍ସିଆଲ (ଟିଭିସି)ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚନ ହୋଇଯାଇଛି। ଏହା ଓଡ଼ିଆ ନାରୀ ଉପରେ ଆଧାରିତ ହୋଇଥିବା ବେଳେ ଏଥିରେ ଓଲିଉଡ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଅଭିନୟ କରିଛନ୍ତି। ଏହାର ଉନ୍ମୋଚନ ଅବସରରେ ବର୍ଷା ପ୍ରିୟଦର୍ଶିନୀ ଏବଂ ଲାଲଚାନ୍ଦ ଜୁଏଲର୍ସର ନିର୍ଦ୍ଦେଶକ କିଶନଲାଲ ଗୁପ୍ତା ଉପସ୍ଥିତ ଥିଲେ। ଲାଲଚାନ୍ଦ ଜୁଏଲର୍ସ କିଭଳି ନାରୀ ଜୀବନରେ ପ୍ରତ୍ୟେକ ଉତ୍ସବରେ ସାମିଲ ରହିଛି ତାହାକୁ ଏହି ଟିଭିସିରେ ଉପସ୍ଥାପନା କରାଯାଇଛି। ଏଭଳି କମର୍ସିଆଲ ଓଡ଼ିଶାରେ ପ୍ରଥମ ଥର ପାଇଁ ହୋଇଥିବା ଅଭିନେତ୍ରୀ ବର୍ଷା କହିଛନ୍ତି। ଏହି କମର୍ସିଆଲ ଦର୍ଶକଙ୍କଦ୍ୱାରା ବେଶ ଆଦୃତ ହେବ ବୋଲି ନିର୍ଦ୍ଦେଶକ କିଶନଲାଲ ଗୁପ୍ତା କହିଛନ୍ତି।

## ବ୍ରାଣ୍ଡ ଫ୍ୟାକ୍ଟ୍ରିରେ ପଣା ସଂକ୍ରାନ୍ତି ଅଫର




ଭୁବନେଶ୍ୱର,୭-୪

ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ପଣା ସଂକ୍ରାନ୍ତି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଅନ୍ ବ୍ରାଣ୍ଡେଡ ଟୁ ବ୍ରାଣ୍ଡେଡ ନାମକ ଏହି ଫେଷ୍ଟିଭାଲ ଅଫରରେ ଗ୍ରାହକ ଆକର୍ଷଣୀୟ ମୂଲ୍ୟରେ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡର ପୋଷାକପତ୍ର ଲାଭ କରିବାକୁ ସକ୍ଷମ ହେବେ। ଏହି ସମୟରେ ଗ୍ରାହକ ପୁରୁଣା ଅଣବ୍ରାଣ୍ଡ କପଡା, ଜୋତା, ଲଗେଜ,ଫ୍ୟାଶନ ପ୍ରଡକ୍ଟ ବଦଳାଇ ରିହାତି ଭାଉଚର ଲାଭ କରିପାରିବେ। ବର୍ତ୍ତମାନର ଅଫର ବାଦ ଏଗୁଡିକ ଅତିରିକ୍ତ ଅଫର ପ୍ରଦାନ କରିବାରେ ସୁବିଧା ଦେବ। ଏକ୍ସଚେଞ୍ଜ ଭାଉଚରଗୁଡିକୁ ବ୍ୟବହାର କରି ଗ୍ରାହକ ଏକ ସ୍ମାର୍ଟ କ୍ରୟ ଅଭିଜ୍ଞତା ଲାଭ କରିପାରିବେ। ଭାଉଚରଗୁଡିକ ଅନ୍ୟୁନ ୧୦୦ ଟଙ୍କାରୁ ସର୍ବୋଚ୍ଚ ୫୦୦ ଟଙ୍କା ମଧ୍ୟରେ ରହିଛି। ଏହାବାଦ ଲୋକପ୍ରିୟ ବ୍ରାଣ୍ଡ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଗ୍ରାହକ ପାଇପାରିବେ। ବିଭିନ୍ନ ଅଫର ସହ ଗ୍ରାହକଙ୍କୁ ଉନ୍ନତ କ୍ରୟ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଥିବା ବ୍ରାଣ୍ଡ ଫ୍ୟାକ୍ଟ୍ରି ସିଇଓ ସୁରେଶ ସଧୱାନୀ ସୂଚନା ଦେଇଛନ୍ତି।

■ ଆମଦାନୀ ଶୁଳ୍କ ନେଇ ଟ୍ରମ୍ପଙ୍କ ଟାର୍ଗେଟ

# ଭାରତ ଆଦାୟ କରୁଛି ୧୦୦% ଟିକସ

ୱାଶିଂଟନ,୭-୪



ଡୋନାଲ୍ଡ ଟ୍ରମ୍ପ

ଭାରତ ଅଧିକାଂଶ ଆମେରିକା ସାମଗ୍ରୀ ଉପରେ ୧୦୦ ପ୍ରତିଶତ ଆମଦାନୀ ଶୁଳ୍କ ଆଦାୟ କରୁଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ଅଭିଯୋଗ କରିଛନ୍ତି। ସର୍ବାଧିକ ଶୁଳ୍କ ଆଦାୟ କରୁଥିବା ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ ଭାରତ ସହ ଏଭଳି 'ବୋକାମିରେ ଭରା' ବାଣିଜ୍ୟ କାରବାର ବିରୋଧରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ପୂର୍ବରୁ ମଧ୍ୟ ଟ୍ରମ୍ପ ଆମଦାନୀ ଶୁଳ୍କକୁ ନେଇ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲେ ଏବଂ ଭାରତକୁ 'ଟାରିଫ କିଙ୍ଗ' ବା 'ଶୁଳ୍କ ରାଜା' ବୋଲି ଅଭିହିତ କରିବାକୁ ପଛାଇ ନାହାନ୍ତି। ଶନିବାର ଲାସ୍ ଭେଗାସ୍‌ରେ ରିପବ୍ଲିକାନ ଜିୱିସ୍ କୋଆଲିଶନକୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଭାରତ ଆମଠାରୁ ସର୍ବାଧିକ ଟିକସ ଆଦାୟ କରୁଛି। ଭାରତ ଏକ ମହାନ୍ ଦେଶ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନିଷ୍ଠ ବନ୍ଧୁ ହୋଇ ଆମଠାରୁ ୧୦୦ ପ୍ରତିଶତ ଶୁଳ୍କ ଆଦାୟ କରୁଛନ୍ତି। ଅନ୍ୟପକ୍ଷରେ ଆମେରିକା ଏକ୍ଷେତ୍ରରେ ଭାରତୀୟ ସାମଗ୍ରୀ ଉପରେ କୌଣସି ଟିକସ ଆଦାୟ କରୁନାହିଁ। ସେ ଭାରତୀୟ ସାମଗ୍ରୀ ଉପରେ ସମାନ ଟାରିଫ ଆଦାୟ କରିବାକୁ ଚାହୁଁଥିବା ବେଳେ ସିନେଟରମାନେ ଏଥିରେ ବାଧକ ସାଜୁଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ସେ କହିଛନ୍ତି ଯେ, ଚାଇନା ପରେ ଭାରତ ଦ୍ୱିତୀୟ ଦେଶ ଯିଏ କି, ଆମେରିକା ସାମଗ୍ରୀ ଉପରେ ଅତ୍ୟଧିକ ଟିକସ ଆଦାୟ କରୁଛି।

---



## ଜିଲ୍ଲାପାଳ, ସମ୍ବଲପୁର ତଥା ରିଟର୍ଣ୍ଣିଂ ଅଧିକାରୀ ୦୩-ସମ୍ବଲପୁର

## ଲୋକସଭା ନିର୍ବାଚନ ମଣ୍ଡଳୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର

ସଂଖ୍ୟା: ୪୨ / ନିର୍ବାଚନ ତାରିଖ: ୦୬।୦୪।୨୦୧୯

**ପ୍ରାପ୍ତେଷୁ,**

୦୩-ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ।

**ବିଷୟ:** ୦୩-ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦୈନନ୍ଦିନ ନିର୍ବାଚନ ବ୍ୟୟ ନିରୀକ୍ଷଣ ଅନୁସୂଚୀ।

**ମହାଶୟ/ମହାଶୟା,**

ମୁଁ ଆପଣଙ୍କୁ ଜଣାଇବାକୁ ଚାହୁଁଛି ଯେ, ମାନ୍ୟବର ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଚଳିତ ସାଧାରଣ ନିର୍ବାଚନ-୨୦୧୯ର ୦୩-ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଦୈନନ୍ଦିନ ନିର୍ବାଚନୀ ସମ୍ବନ୍ଧୀୟ ବ୍ୟୟ ଅଭିଲେଖ ବହି (ରେଜିଷ୍ଟର) ଏବଂ ତତ୍ ସମ୍ବନ୍ଧୀୟ କାଗଜାତର ନିରୀକ୍ଷଣ ନିମ୍ନପ୍ରଦତ୍ତ ସାରଣୀ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ। ତଦନୁସାରେ ଆପଣ ବା ଆପଣଙ୍କର ନିର୍ବାଚନ ଏଜେଣ୍ଟ ବା ଆପଣଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚର ହିସାବ ସମ୍ବନ୍ଧୀୟ ଅଭିଲେଖ ବହି ଏବଂ ତତ୍ ସଂଲଗ୍ନ କାଗଜାତ ଇତ୍ୟାଦି ଧାର୍ଯ୍ୟ ତାରିଖ ଓ ସମୟରେ ନିରୀକ୍ଷଣ ନିମନ୍ତେ ଉପସ୍ଥାପନ କରିବାକୁ ଜଣାଇ ଦିଆଯାଉଅଛି।

| ଅନୁସୂଚୀ | ଯାଞ୍ଚ ତାରିଖ | ଯାଞ୍ଚ ସମୟ | ଯାଞ୍ଚ ସ୍ଥାନ |
|---|---|---|---|
| ପ୍ରଥମ ଯାଞ୍ଚ | ୧୧।୦୪।୨୦୧୯ | ଦିନ ୧୧ଘଣ୍ଟାଠାରୁ ଅପରାହ୍ନ ୫ଘଣ୍ଟା ପର୍ଯ୍ୟନ୍ତ | ଡି.ପି.ସି. ସମ୍ମିଳନୀ କକ୍ଷ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର |
| ଦ୍ୱିତୀୟ ଯାଞ୍ଚ | ୧୬।୦୪।୨୦୧୯ | | |
| ତୃତୀୟ ଯାଞ୍ଚ | ୨୦।୦୪।୨୦୧୯ | | |

ସ୍ୱା./- ଜିଲ୍ଲାପାଳ, ସମ୍ବଲପୁର ତଥା ରିଟର୍ଣ୍ଣିଂ ଅଧିକାରୀ
୦୩- ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ

## ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର

ନଂ. ୫୦/ ନିର୍ବାଚନ ତାରିଖ: ୦୭।୦୪।୧୯

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାରତ ନିର୍ବାଚନ ଆୟୋଗ ଦ୍ୱାରା ସମ୍ବଲପୁର ଜିଲ୍ଲାରେ ସାଧାରଣ ନିର୍ବାଚନ ୨୦୧୯ ଅନୁଧ୍ୟାନ ପାଇଁ ନିମ୍ନଲିଖିତ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସାଧାରଣ ଓ ଖର୍ଚ୍ଚ ଅନୁଧ୍ୟାନ ପାଇଁ ପର୍ଯ୍ୟବେକ୍ଷକମାନେ ସାଧାରଣ ଜନତା/ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା/ ଆପତ୍ତି ଅଭିଯୋଗ ନିମ୍ନଲିଖିତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ।

| କ୍ର.ନଂ. | ସାଧାରଣ ପର୍ଯ୍ୟବେକ୍ଷକଙ୍କ ନାମ | ନିର୍ବାଚନ ମଣ୍ଡଳୀ | ମୋବାଇଲ ନମ୍ବର |
|---|---|---|---|
| ୧ | ମହମ୍ମଦ ମହସିନ, ଆଇ.ଏ.ଏସ୍., ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ | ୦୩-ସମ୍ବଲପୁର ଲୋକସଭା (୧୫- କୁଚିଣ୍ଡା, ୧୬-ରେଙ୍ଗାଲି, ୧୭-ସମ୍ବଲପୁର, ୧୮-ରେଢ଼ାଖୋଲ) | ୮୪୮୦୯୯୯୭୭୪ ଏବଂ ୬୩୭୨୭୪୭୬୭୮ |
| ୨ | ଶ୍ରୀ ଅଶୋକ ସିଙ୍ଘାରେ, ଆଇ.ଏ.ଏସ୍., ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ | ୦୩- ସମ୍ବଲପୁର ଲୋକସଭା (୧୯-ଦେବଗଡ଼, ୬୨-ଛେଣ୍ଡିପଦା, ୬୩-ଆଠମଲ୍ଲିକ) | ୮୪୮୦୯୯୯୭୭୦ |
| ୩ | ଶ୍ରୀ ଚନ୍ଦ୍ର କିଶୋର ମୀନା, ଆଇ.ପି.ଏସ୍., ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ (ପୋଲିସ) | ୦୩-ସମ୍ବଲପୁର ଲୋକସଭା (୧୫-କୁଚିଣ୍ଡା, ୧୬-ରେଙ୍ଗାଲି, ୧୭-ସମ୍ବଲପୁର, ୧୮-ରେଢ଼ାଖୋଲ, ୧୯-ଦେବଗଡ଼, ୬୨-ଛେଣ୍ଡିପଦା, ୬୩-ଆଠମଲ୍ଲିକ) | ୮୪୮୦୯୯୯୭୬୯ |
| ୪ | ଏସ୍. ଭିରାମୁଥୁ, ଆଇ.ଆର୍.ଏସ୍., ନିର୍ବାଚନ ବ୍ୟୟ ପର୍ଯ୍ୟବେକ୍ଷକ | ୦୩-ସମ୍ବଲପୁର ଲୋକସଭା (୧୫-କୁଚିଣ୍ଡା, ୧୬-ରେଙ୍ଗାଲି, ୧୭-ସମ୍ବଲପୁର, ୧୮-ରେଢ଼ାଖୋଲ, ୧୯-ଦେବଗଡ଼, ୬୨-ଛେଣ୍ଡିପଦା, ୬୩-ଆଠମଲ୍ଲିକ) | ୬୨୭୨୭୫୭୫୪୮ |
| ୫ | ଶ୍ରୀ ସୁନୀଲ କୁମାର, ଆଇ.ଆର୍.ଏ.ଏସ୍. ନିର୍ବାଚନ ବ୍ୟୟ ପର୍ଯ୍ୟବେକ୍ଷକ | ୧୫-କୁଚିଣ୍ଡା, ୧୬-ରେଙ୍ଗାଲି, ୧୭-ସମ୍ବଲପୁର, ୧୮-ରେଢ଼ାଖୋଲ | ୬୩୭୨୭୫୫୧୦୦ |

**ସାକ୍ଷାତକାର ସ୍ଥାନ ଓ ସମୟ:-**

| | |
|---|---|
| ସାକ୍ଷାତକାର ସ୍ଥାନ | ପର୍ଯ୍ୟବେକ୍ଷକଙ୍କ ପ୍ରକୋଷ୍ଠ, ଡି.ଆର୍.ଡି.ଏ. କାର୍ଯ୍ୟାଳୟ, ସମ୍ବଲପୁର |
| ସାକ୍ଷାତକାର ସମୟ | ପୂର୍ବାହ୍ନ ୧୦.୦୦ ଘଟିକାରୁ ୧୧.୦୦ ଘଟିକା |
| ଅଭିଯୋଗ ତଦାରଖ ପ୍ରକୋଷ୍ଠ, ସମ୍ବଲପୁର | ୦୬୬୩-୨୪୧୧୧୨୪ |
| କଲ ସେଣ୍ଟର (ମତଦାତା ସହାୟତା କେନ୍ଦ୍ର), ସମ୍ବଲପୁର | ୧୯୫୦ (ଟୋଲ ଫ୍ରି) |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସମ୍ବଲପୁର

## PUBLIC NOTICE

Information as furnished by the contesting candidates in their affidavits in respect of Government dues is hereby published for information of all electors.

| Sl. No. | Name of Candidate | Party affiliation, if any | Government dues to departments dealing with: Government accommodation | Supply of water | Supply of elements | Telephone | Government transport including aircrafts and helicopters | Other Government dues, if any |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Anil Kumar Singh Deo | INC | Nil | Nil | Nil | Nil | Nil | Nil |
| 2 | Dibya Shankar Mishra | BJD | Nil | Nil | Nil | Nil | Nil | Nil |
| 3 | Manoj Kumar Meher | BJP | Nil | Nil | Nil | Nil | Nil | Nil |
| 4 | Kirti Chandra Goud | BMP (Bahujan Mukti Party) | Nil | Nil | Nil | Nil | Nil | Nil |
| 5 | Jatindra Sahu | API (Ambedkarite Party of India) | Nil | Nil | Nil | Nil | Nil | Nil |
| 6 | Shiba Hati | Samajwadi Party | Nil | Nil | Nil | Nil | Nil | Nil |
| 7 | Priyabrata Spipka | Independent | Nil | Nil | Nil | Nil | Nil | Nil |

*Sd./- Returning Officer, 78- Junagarh AC*

## PUBLIC NOTICE

Information as furnished by the contesting candidates in their affidavits in respect of Government dues is hereby published for information of all electors.

| Sl. No. | Name of Candidate | Party affiliation, if any | Government dues to departments dealing with: Government accommodation | Supply of water | Supply of elements | Telephone | Government transport including aircrafts and helicopters | Other Government dues, if any |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Anant Pratap Deo | BJP | Nil | Nil | Nil | Nil | Nil | Nil |
| 2 | Digambar Duria | INC | Nil | Nil | Nil | Nil | Nil | 59,575/- |
| 3 | Mousadhi Bag | BJD | Nil | Nil | Nil | Nil | Nil | Nil |
| 4 | Jubaraj Parabhoi | BSP | Nil | Nil | Nil | Nil | Nil | Nil |
| 5 | Ghasiram Nial | Hindustan Nirman Dal | Nil | Nil | Nil | Nil | Nil | Nil |
| 6 | Nirmal Jal | BMP (Bahujan Mukti Party) | Nil | Nil | Nil | Nil | Nil | Nil |
| 7 | Puspalata Chouhan | API (Ambedkarite Party of India) | Nil | Nil | Nil | Nil | Nil | Nil |
| 8 | Bajrang Agrawal | Independent | Nil | Nil | Nil | Nil | Nil | Nil |
| 9 | Rabindra Kumar Pattjoshi | Independent | Nil | Nil | Nil | Nil | Nil | Nil |

*Sd./- Returning Officer, 79- Dharamgarh AC*

ଧରିତ୍ରୀ
DHARITRI
ସୋମବାର, ୮ ଏପ୍ରିଲ, ୨୦୧୯





“ ମହମ୍ମଦ ଅମିର ନିୟମିତ ଉଇକେଟ ନେଇ ପାରୁ ନ ଥିବାରୁ ତାଙ୍କର ପାକିସ୍ତାନ ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ସମ୍ଭାବନା କ୍ଷୀଣ।
–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ

“ କାମେରନ ବ୍ୟାଙ୍କ୍ରଫ୍ଟ ଠିକଣା ରୂପେ ଇଂଲିଶ କାଉଣ୍ଟି ଦଳ ଡରହାମ୍‌ର ଅଧିନାୟକ ଦାୟିତ୍ୱ ତୁଲାଇପାରିବେ ବୋଲି ମୋର ବିଶ୍ୱାସ।
–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ପ୍ରମୋଦଙ୍କୁ ସ୍ୱର୍ଣ୍ଣ ପଦକ



**ଭୁବନେଶ୍ୱର, ୭।୪(କ୍ରୀଡ଼ା ପ୍ରତିନିଧି):** ଦୁବାଇରେ ଦ୍ୱିତୀୟ ଫାଜା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ସିଙ୍ଗଲ୍ସ ଇଭେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସହବାବ୍ ଅଲ୍-ଅହଲି ସ୍ପୋର୍ଟ୍ସ ହଲ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାର ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡର ଡାନିଏଲ ବିଥେଲଙ୍କୁ ୧୫-୨୧, ୨୧-୧୮, ୨୧-୧୩ ପଏଣ୍ଟରେ ପରାସ୍ତ କରିଛନ୍ତି।

### ଆଇଏସ୍ଏଲ କୋଚ୍ ହୋଇପାରିବେ ଭାରତୀୟ

ପଣଜୀ,୭।୪- ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ) ଆଗାମୀ ସଂସ୍କରଣଠାରୁ ଭାରତୀୟ କୋଚ୍ ଫ୍ରାଞ୍ଚାଇଜ ମ୍ୟାନେଜର ଦାୟିତ୍ୱରେ ରହିପାରିବେ। ଏ ନେଇ ଆଇଏସ୍ଏଲ ପକ୍ଷରୁ ଅନୁମତି ଦିଆଯାଇଛି। ହେଲେ ଯୋଗ୍ୟତା ଲାଗି କଡ଼ା ନିୟମ ପ୍ରସ୍ତୁତ କରାଯାଇଛି। ୨୦୧୪ରେ ଆଇଏସ୍ଏଲ ଆରମ୍ଭ ଠାରୁ ଫ୍ରାଞ୍ଚାଇଜଗୁଡ଼ିକ ଜିକୋ, ରବର୍ଟ କାର୍ଲୋସ, ମାର୍କୋ ମାଟେରାଜି, ଷ୍ଟିଭ କପେଲ ଓ ଡେଭିଡ ପ୍ଲାଟଙ୍କ ଭଳି ହାଇ ପ୍ରୋଫାଇଲ କୋଚ୍‌ଙ୍କ ଉପରେ ନିର୍ଭର କରୁଛନ୍ତି। ଆୟୋଜକଙ୍କ ପକ୍ଷରୁ ସମସ୍ତ କ୍ଲବଙ୍କୁ ଏକ ସର୍କ୍ୟୁଲାର ଜାରି ହୋଇଛି। ଏଥିରେ ଉଲ୍ଲେଖ ଅଛି ଯେ, ସହାୟକ କୋଚ୍ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ହୋଇପାରିବେ। କିନ୍ତୁ ସେମାନଙ୍କ ନିକଟରେ ପ୍ରୋ ଲାଇସେନ୍ସ ଥିବା ନିହାତି ଦରକାର। ଏଥିସହିତ ଉକ୍ତ କ୍ଲବ ସହ ସେ ଦୁଇବର୍ଷ ସହାୟକ କୋଚ୍ ଭାବେ କାର୍ଯ୍ୟ କରିଥିବେ ଓ ଶୀର୍ଷ ସ୍ତରୀୟ କ୍ଲବର ମ୍ୟାନେଜର ଭାବେ ତାଙ୍କର ଅଭିଜ୍ଞତା ରହିଥିବ। ଭାରତରେ ଏବେ ୧୪ ପ୍ରୋ ଲାଇସେନ୍ସ ପ୍ରାପ୍ତ କୋଚ୍ ଅଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କେହି ଆଇଏସ୍ଏଲ ମୁଖ୍ୟ କୋଚ୍ ହୋଇପାରିବେ ନାହିଁ। ଏଫ୍‌ସି ଗୋଆ ଟେକ୍‌ନିକାଲ ଡିରେକ୍ଟର ଡେରିକ ପେରେରା ଓ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ସହାୟକ କୋଚ୍ ଥାଙ୍ଗବାଇ ସିଙ୍ଗଟୋଙ୍କ ନିକଟରେ ସମସ୍ତ ଯୋଗ୍ୟତା ରହିଛି। ଅନ୍ୟପକ୍ଷରେ ସବିର ପାଶା ଗତ ୩ ବର୍ଷ ହେଲା ଚେନ୍ନାଇନ ଏଫ୍‌ସି ସହ ସହାୟକ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ହେଲେ ତାଙ୍କ ନିକଟରେ ଶୀର୍ଷ ସ୍ତରୀୟ ଦଳର ମ୍ୟାନେଜର ଦାୟିତ୍ୱ ସମ୍ଭାଳିବାରେ ଅଭିଜ୍ଞତା ନାହିଁ।

### ବିରକ୍ତି ପ୍ରକାଶ କଲେ ଧୋନୀ

ଚେନ୍ନାଇ,୭।୪: କ୍ୟାପ୍‌ଟେନ କୁଲ ଭାବେ ପରିଚିତ ମହେନ୍ଦ୍ର ସିଂ ଧୋନୀ କ୍ରିକେଟ ଫିଲ୍ଡ ମଧ୍ୟରେ କ୍ୱଚିତ ନିଜର ଭାବ ପ୍ରକାଶ କରନ୍ତି। କିନ୍ତୁ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମ୍‌ରେ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷରେ ଅନୁଷ୍ଠିତ ମ୍ୟାଚ୍‌ରେ ୩୭ ବର୍ଷୀୟ ଭେଟେରାନ ଉଇକେଟକିପର ନିଜର ଥଣ୍ଡା ମିଜାଜ ହରାଇ ଦେଇଥିଲେ। ଦୀପକ ଚହର ୧୯ତମ ଓଭର ବୋଲିଂ କରୁଥିବାବେଳେ ଏହି ଘଟଣା ଘଟିଥିଲା। ଭ୍ରମଣକାରୀ ପଞ୍ଜାବ ଦଳକୁ ବିଜୟ ଲାଗି ଅନ୍ତିମ ଦୁଇ ଓଭରରେ ୩୮ ରନ୍ ଦରକାର ଥିଲା। ଚହର ପ୍ରଥମ ବଲ ଭ୍ରମଣକାରୀ ପଞ୍ଜାବ ଦଳର ବ୍ୟାଟ୍ସମ୍ୟାନ ସର୍ଫରାଜ ଖାନଙ୍କ ଅଣ୍ଟା ଉପରକୁ ବଲ ପକାଇ ୪ ରନ୍ ବ୍ୟୟ କରିଥିଲେ। ଏହି ବଲକୁ ଅମ୍ପାୟର ନୋ ବଲ ଦେଇଥିଲେ। ଏହାର ପରବର୍ତ୍ତୀ ବଲ ମଧ୍ୟ ସମାନ ପ୍ରକାର ନୋ ବଲ ପକାଇଥିଲେ, ଯେଉଁଥିରୁ ସର୍ଫରାଜ ଦୁଇ ରନ୍ ଆଦାୟ କରିଥିଲେ। କ୍ରମାଗତ ଦୁଇଟି ନୋ ବଲ ପକାଇବା ପରେ ଧୋନୀ ବୋଲର ଚହରଙ୍କ ନିକଟକୁ ଯାଇ ବିରକ୍ତି ପ୍ରକାଶ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକଙ୍କ ଏହି ଟ୍ରିକ ଭଲ କାମ ଦେଇଥିଲା। ଚହର କ୍ରମାଗତ ଠିକ୍ ସ୍ଥାନରେ ୟର୍କର ବଲ ପକାଇ ଥିଲେ। ଯାହାଫଳରେ ସେ ଡେଭିଡ ମିଲରଙ୍କ ଉଇକେଟ ଅକ୍ତିଆର କରିବା ସହ ଚେନ୍ନାଇ ସୁପର କିଙ୍ଗ୍ସ ଦଳକୁ ବିଜୟ ନିକଟତର କରାଇଥିଲେ। ଉଲ୍ଲେଖଥାଉ କି, ସିଏସ୍‌କେ ଦଳ ୨୨ ରନ୍‌ରେ କିଙ୍ଗ୍ସ ଏକାଦଶ ପଞ୍ଜାବକୁ ହରାଇ ଦେଇଥିଲା।

■ ୨୩ ବର୍ଷରୁ କମ୍ ମହିଳା ଦିନିକିଆ ଚ୍ୟାଲେଞ୍ଜର ଟ୍ରଫି

# ସୁଶ୍ରୀ ଇଣ୍ଡିଆ ଗ୍ରୀନ ଅଧିନାୟିକା

**ଭୁବନେଶ୍ୱର, ୭।୪(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ମହିଳା କ୍ରିକେଟ ପାଇଁ ଏକ ଶୁଭ ଖବର। ରାଜ୍ୟର କ୍ରିକେଟ ପ୍ରତିଭା ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ କ୍ୟାରିୟରର ଆଉଏକ ବଡ଼ ସଫଳତା ଲାଭ କରିଛନ୍ତି। ରାଞ୍ଚିରେ ଚଳିତମାସ ୨୦ରୁ ୨୪ ପର୍ଯ୍ୟନ୍ତ ହେବାକୁଥିବା ୨୩ ବର୍ଷରୁ କମ୍ ମହିଳା ଦିନିକିଆ ଚ୍ୟାଲେଞ୍ଜର ଟ୍ରଫି ପାଇଁ ଦିବ୍ୟଦର୍ଶିନୀଙ୍କୁ ଇଣ୍ଡିଆ ଗ୍ରୀନ ଦଳର ଅଧିନାୟିକା ମନୋନୀତ କରାଯାଇଛି। ନୟାପଲ୍ଲୀସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ(ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଅର୍ଗାନାଇଜେଶନ)ରେ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ସୁଶ୍ରୀ ପୂର୍ବରୁ ମଧ୍ୟ ଇଣ୍ଡିଆ ଗ୍ରୀନ୍ ଦଳରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଏବେ ଅଧିନାୟିକା ଦାୟିତ୍ୱ ମିଳିଥିବାରୁ ଏହାକୁ ଚ୍ୟାଲେଞ୍ଜ ଭାବେ ନେଇଛନ୍ତି ଏହି କ୍ରିକେଟ ପ୍ରତିଭା। ‘‘ସୁଶ୍ରୀ ଜଣେ ଭଲ ଅଫ୍ ସ୍ପିନ ବୋଲର ଏଥିରେ ଦ୍ୱିମତ ନାହିଁ, ମାତ୍ର ଭଲ ବ୍ୟାଟିଂ କରିବାର ଦକ୍ଷତା ମଧ୍ୟ ତାଙ୍କ ନିକଟରେ ରହିଛି। ତାଙ୍କୁ ୩ୟ ସ୍ଥାନରେ ବ୍ୟାଟିଂ ବେଶ୍ ସୁହାଇଥାଏ। ଏବେ ତାଙ୍କର ବ୍ୟାଟିଂ ଆଭରେଜ ୪୦–୫୦ ରହୁଛି ଏବଂ ବୋଲିଂରେ ୪–୫ଟି ଉଇକେଟ ନେଉଛନ୍ତି। ତେଣୁ ତାଙ୍କର ବୋଲିଂ ଠିକ୍ ଅଛି ବୋଲି କହିବାକୁ ହେବ। ତେବେ ସେ ଯେଉଁଦିନ ୧୦୦ ରନ କରିବେ ଏବଂ ୫ ଉଇକେଟ ସଫଳତା ଲାଭ କରିବେ ସେହିଦିନ ମୋର ପରିଶ୍ରମ ସାର୍ଥକ ହୋଇଛି ବୋଲି ଅନୁଭବ ହେବ। ବହୁତ ଶୀଘ୍ର ତାଙ୍କୁ ମୁଁ ଜାତୀୟ ସିନିୟର ଦଳରେ



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ।

ଦେଖିବାକୁ ଚାହେଁ’’ ବୋଲି କୋଚ୍ କ୍ଷୀରୋଦ ପ୍ରକାଶ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲେଇ ସୁଶ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରବିବାର ମହିଳା ଦିନିକିଆ ଚ୍ୟାଲେଞ୍ଜର ଟ୍ରଫି ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ୩ଟି ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତାରେ ଇଣ୍ଡିଆ ଗ୍ରୀନ ବ୍ୟତୀତ ଇଣ୍ଡିଆ ରେଡ ଓ ଇଣ୍ଡିଆ ବ୍ଲୁ ଅଂଶଗ୍ରହଣ କରିବେ। ହର୍ଲିନ ଦେଓଲ ଓ ଦେବିକା ବୈଦ୍ୟଙ୍କୁ ଯଥାକ୍ରମେ ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ ଦଳର ଅଧିନାୟିକା ମନୋନୀତ କରାଯାଇଛି।

**ଇଣ୍ଡିଆ ଗ୍ରୀନ:** ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ (ଅଧିନାୟିକା), ଶିଭାଲି ଶିନ୍ଦେ (ଉଇକେଟକିପର), ପ୍ରିୟା ପୁନିଆ, ୟାସ୍ତିକା ଭାଟିଆ, ଆୟୁଶି ଗର୍ଗ, ଦ୍ରିଶ୍ୟା ଆଇ.ଭି., ଏକତା ସିଂ, ରାଧା ଯାଦବ, ରାଶି କନୋଜିଆ, ମନାଲି ଦକ୍ଷିନୀ, ରେଣୁକା ସିଂ, ଅକ୍ଷୟା ଏ ଓ ଏସ୍. ଅନୁଶା।

**ଇଣ୍ଡିଆ ରେଡ୍:** ହର୍ଲିନ ଦେଓଲ(ଅଧିନାୟିକା), ଆର.କଳ୍ପନା(ଉଇକେଟ କିପର), ଏସ. ମେଘନା, ରିଦ୍ଧିମାନ ଅଗ୍ରୱାଲ, ରୁଜୁ ଶାହ, ଦେଜାଲ ହାସବନିସ, ସି.ଏଚ୍. ଝାନ୍‌ସୀଲକ୍ଷ୍ମୀ, ରେଣୁକା ଚୌଧାରୀ, ତେଜସ୍ୱିନୀ ଦୁରାଗଡ଼, ଅରୁନ୍ଧତୀ ରେଡ୍ଡୀ, ଶାନ୍ତି କୁମାରୀ, ଦିବ୍ୟାନୀ ପ୍ରସାଦ, ସୁମନ ମୀନା।

**ଇଣ୍ଡିଆ ବ୍ଲୁ:** ଦେବିକା ବୈଦ୍ୟ(ଅଧିନାୟିକା), ନୁଝାତ ପରୱିନ(ଉଇକେଟ କିପର), ସେଫାଳି ବର୍ମା, ସିମରନ, ତନୁଶ୍ରୀ ସରକାର, ପ୍ରତିଭା ରଣା, ମିନୁ ମାନି, ତନୁଜା କନୱର, ସି. ପ୍ରତ୍ୟୁଷା, ସିମରନ ଡିଲ ବାହାଦୂର, କଶମା ସିଂ, ଭୃଶାଲି ଭଗତ, ଇନ୍ଦ୍ରାଣୀ ରୟ।

ଜାତୀୟ ସ୍କୁଲ ଚେସ୍‌ରେ ଓଡ଼ିଆଙ୍କ ଅପୂର୍ବ ସଫଳତା

# ୟାଶିତା, ଐଶ୍ୱର୍ଯ୍ୟାଙ୍କୁ ସ୍ୱର୍ଣ୍ଣ ପଦକ



ୟାଶିତା ରାଉତ



ଐଶ୍ୱର୍ଯ୍ୟା ସାହୁ

**ଭୁବନେଶ୍ୱର, ୭।୪(କ୍ରୀଡ଼ା ପ୍ରତିନିଧି)**

ରାୟପୁରରେ ରବିବାର ଉଦ୍‌ଯାପିତ ଜାତୀୟ ଶିଶୁ ଚେସ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଅପୂର୍ବ ସଫଳତା ଲାଭ କରିଛନ୍ତି। ୧୧ ବର୍ଷରୁ କମ୍ ବାଳିକାରେ ୟାଶିତା ରାଉତ ଓ ୭ ବର୍ଷରୁ କମ୍ ବାଳିକାରେ ଐଶ୍ୱର୍ଯ୍ୟା ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୭ ବର୍ଷରୁ କମ୍ ବାଳକରେ ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ ରୌପ୍ୟ ପଦକ ହାସଲ କରିଥିବାବେଳେ ୧୫ ବର୍ଷରୁ କମ୍‌ରେ ସାର୍ଥକ ଦେବତାଙ୍କୁ ବ୍ରୋଞ୍ଜ ପଦକ ମିଳିଛି।

୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ୟାଶିତା ୭.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେ ଅପରାଜେୟ ରହିଥିବାବେଳେ ୬ଟି ମ୍ୟାଚ ଜିତିଥିଲେ ଏବଂ ୩ ମ୍ୟାଚ ଡ୍ର ରଖିଥିଲେ। ଟୁର୍ନାମେଣ୍ଟରୁ ତାଙ୍କୁ ୪୫.୨ ରେଟିଂ ପଏଣ୍ଟ ଫାଇଦା ମିଳିଛି। ଏବେ ତାଙ୍କର ରେଟିଂ ୧୩୪୭ ରହିଛି। ୭ ବର୍ଷରୁ କମ୍ ବାଳିକାରେ ୨ୟ ସିଡ୍ ଐଶ୍ୱର୍ଯ୍ୟା ୮ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସମ୍ପ୍ରତି ୧୦୦୪ ରେଟିଂରେ ଥିବା ଐଶ୍ୱର୍ଯ୍ୟା ପ୍ରତିଯୋଗିତାରେ ଅପରାଜେୟ ରହି ୯ ରାଉଣ୍ଡରୁ ୭ ମ୍ୟାଚ ଜିତିଥିଲେ ଏବଂ ଅବଶିଷ୍ଟ ୨ଟି ମ୍ୟାଚ ଡ୍ର ରଖିଥିଲେ। ପ୍ରତିଯୋଗିତାରୁ ତାଙ୍କୁ ୨୫.୨ ରେଟିଂ ପଏଣ୍ଟ ଫାଇଦା ହୋଇଛି। ୭ ବର୍ଷରୁ କମ୍ ବାଳକ ବର୍ଗରେ ୪ର୍ଥ ସିଡ୍ ଓଡ଼ିଶାର ସ୍ୱସ୍ତିକ ୯ ରାଉଣ୍ଡରୁ ୭ ପଏଣ୍ଟ ପାଇ ରନର୍ସଅପ୍ ହୋଇଛନ୍ତି। ୧୦୬୧ ରେଟିଂରେ ଥିବା ଏହି ଚେସ୍ ପ୍ରତିଭା ଗୋଟିଏ ମ୍ୟାଚ ହାରି ଯାଇଥିବାବେଳେ ୬ ବିଜୟ ଓ ୨ ଡ୍ର ସହ ପ୍ରତିଯୋଗିତା ଶେଷ କରିଛନ୍ତି। ଏହି ବର୍ଗରେ ଆନ୍ଧ୍ର ପ୍ରଦେଶର ଅଖିଳ ପ୍ରସାଦ ପୂରା ୯ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ୧୫ ବର୍ଷରୁ କମ୍ ବାଳକରେ ସାର୍ଥକ ୯ ରାଉଣ୍ଡରୁ ୭ ପଏଣ୍ଟ ପାଇଛନ୍ତି। ସେ ଗୋଟିଏ ମ୍ୟାଚ ହାରିଥିବାବେଳେ ୬ ବିଜୟ ଓ ୨ ଡ୍ର ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୮୨୪ ରେଟିଂରେ ଥିବା ସାର୍ଥକଙ୍କୁ ୧୧.୬ ପଏଣ୍ଟର ଫାଇଦା ହୋଇଛି। ଏଥିରେ ଅନ୍ୟତମ ଓଡ଼ିଆ ଖେଳାଳି ସ୍ୱପ୍ନିଲ ପ୍ରିୟଦର୍ଶୀ ୧୬୩୫) ୬.୫ ପଏଣ୍ଟ ସହିତ ୫ମ ସ୍ଥାନରେ ରହିଛନ୍ତି। ତେବେ ଏହି ପ୍ରତିଯୋଗିତାରୁ ସେ ୬୨ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ଏସଆର ଚେସ୍ ସେଣ୍ଟର ପକ୍ଷରୁ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର, କର୍ମଶାଳା



ଅଭ୍ୟାସରତ ଟାଏକୋଣ୍ଡୋ ପ୍ରଶିକ୍ଷାର୍ଥୀମାନେ।

**ଭୁବନେଶ୍ୱର, ୭।୪(ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱର ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ ଚଳିତ ମାସ ୪ରୁ ୭ ତାରିଖ ପର୍ଯ୍ୟନ୍ତ ପୋମ୍‌ସି ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୭୦ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। କର୍ଣ୍ଣାଟକର ପ୍ରତିଷ୍ଠିତ ପୋମ୍‌ସି ଟାଏକୋଣ୍ଡୋ ପ୍ରଶିକ୍ଷକ ଷଷ୍ଠ ଡାନ୍ ବ୍ଲାକ୍ ବେଲ୍ଟ ତଥା ଅନ୍ତର୍ଜାତୀୟ ରେଫରି ଡବଲ୍ୟୁ.ଆର. ମାଇତି ଏହାକୁ ପରିଚାଳନା କରିଥିଲେ। ପ୍ରଥମ ୩ ଦିନ ମାଇତି ପିଲାମାନଙ୍କୁ ପୋମ୍‌ସି ଟାଏକୋଣ୍ଡାର ବିଭିନ୍ନ କଳାକୌଶଳ ଶିଖାଇଥିଲେ। ଏହି ଅବସରରେ ଜାତୀୟ ଟାଏକୋଣ୍ଡା କର୍ମଶାଳା ଓ ରିଫ୍ରେସର ପାଠ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ୩୬ ରେଫରି ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ସନ୍ତୋଷ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ରବିବାର କୃତୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ସୌମ୍ୟଙ୍କୁ ଆଉ ଏକ ଟାଇଟଲ

**ଅଲ୍ ଓଡ଼ିଶା ଓପନ ଚେସ୍**



**ଭୁବନେଶ୍ୱର, ୭।୪(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ପ୍ରଥମ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଏବେ ଚମତ୍କାର ଫର୍ମରେ। ଏହାକୁ ପାଥେୟ କରି ସେ ହାସଲ କରିବାରେ ଲାଗିଛନ୍ତି ଗୋଟିଏ ପରେ ଗୋଟିଏ ଟାଇଟଲ। ସମ୍ବଲପୁରରେ ରବିବାର ଶେଷ ହୋଇଥିବା ମା’ ସମଲେଶ୍ୱରୀ ଅଲ୍ ଓଡ଼ିଶା ଓପନ ଚେସ୍‌ରେ ଚାମ୍ପିୟନ ହୋଇ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ସୌମ୍ୟ। ଏହା ଥିଲା ତାଙ୍କ କ୍ୟାରିୟରର ୫୬ତମ ଅଲ୍ ଓଡ଼ିଶା ଚେସ୍ ଟାଇଟଲ। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସୌମ୍ୟ ୮ ପଏଣ୍ଟ ପାଇ ହାସଲ କରିଛନ୍ତି ବିଜୟ ମୁକୁଟ। ପ୍ରତିଭା ସମ୍ପନ୍ନ ବୈଭବ ମିଶ୍ର ମଧ୍ୟ ୮ ପଏଣ୍ଟ ହାସଲ କରିଥିଲେ ହେଁ ବୁକୋଲଜ୍‌ରେ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ସମ୍ପ୍ରତି ୨୧୯୭ ରେଟିଂରେଥିବା ସୌମ୍ୟ ସମ୍ବଲପୁର ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲେ। ସେ ୬ଟି ମ୍ୟାଚ ଜିତିଥିବାବେଳେ ୨ଟି ମ୍ୟାଚ ଡ୍ର ରଖିଥିଲେ। ଟୁର୍ନାମେଣ୍ଟରୁ ତାଙ୍କୁ ୯.୨ ରେଟିଂ ପଏଣ୍ଟ ମଧ୍ୟ ମିଳିଛି। ପୁରସ୍କାର ସ୍ୱରୂପ ତାଙ୍କୁ ଟ୍ରଫି ଏବଂ ୧୫,୦୦୦ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ନିଲ୍‌ସୁ ପଟ୍ଟନାୟକ(୭.୫), ରାଜେଶ ନାୟକ, ଅଂଶୁମାନ ସାମଲ, ମାନସ ପରିଡ଼ା, ପ୍ରିୟବ୍ରତ ପଣ୍ଡା, ସନ୍ଦୀପ କୁମାର ଗନେରିୱାଲ(ସମସ୍ତେ ୭ ପଏଣ୍ଟ ଲେଖାଏ), ବସନ୍ତ କୁମାର ଦାସ ଓ ଲୋଚନ କୁମାର ଦାସ(ଉଭୟେ ୬.୫ ପଏଣ୍ଟ) ଟପ୍–୧୦ ଫିନିଶ୍ କରିଛନ୍ତି।

# ସେଭେନ–ଏ ସାଇଡ ଫୁଟବଲ ଉଦ୍‌ଯାପିତ

**କଟକ ଅଫିସ, ୭।୪**

ଫୁଟବଲ କ୍ଲବ ଗ୍ୟାଲେକ୍ସି ପକ୍ଷରୁ ପ୍ୟାରିମୋହନ ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଅଲଓଡ଼ିଶା ସେଭେନ–ଏ ସାଇଡ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ୧୬ବର୍ଷରୁ କମ୍ ବର୍ଗ, ସିନିୟର ଓ ଭେଟେରାନ ବର୍ଗର ଫାଇନାଲ ମ୍ୟାଚ ଖେଳାଯାଇଥିଲା । ୧୬ବର୍ଷରୁ କମ୍ ବର୍ଗରେ କାଠଯୋଡ଼ି କ୍ଲବ ୧–୦ ଗୋଲରେ ସାର୍ତ୍ତୋଲ ଫୁଟବଲ କ୍ଲବକୁ ହରାଇ ଚାମ୍ପିୟନ ହୋଇଥିଲା । ଦୀପକ ସାମଲ ୧୫ତମ ମିନିଟରେ ଏକମାତ୍ର ଗୋଲ ସ୍କୋର କରିଥିଲେ । ସନସାଇନ ଓ ଗ୍ୟାଲେକ୍ସି ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ସିନିୟର ବର୍ଗର ଫାଇନାଲରେ ସନସାଇନ ୨–୦ ଗୋଲରେ ବିଜୟୀ ହୋଇଛି। ସନସାଇନ ପକ୍ଷରୁ ଦୀନବନ୍ଧୁ ଦାସ ଓ ଅବିନାଶ ସାମଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ରିଙ୍କୁ ସାହୁଙ୍କ ଗୋଟିଏ ଗୋଲ ବଳରେ ରେଭେନ୍ସା ମର୍ଣ୍ଣିଂ କ୍ଲବ ୧–୦ ଗୋଲରେ ବିଡ଼ାନାସୀ କ୍ଲବକୁ ହରାଇ ଭେଟେରାନ ବର୍ଗର ଫାଇନାଲ ମ୍ୟାଚ୍ ବିଜୟୀ ହୋଇଛି ।

ମହମ୍ମଦ ଜହୁର, ଦୈତାରୀ କରୁଆ, ଭୋଳାନାଥ ମହାକୁଳ ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ । ଅଭିନେତା ଅରିନ୍ଦମ ରାୟ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ, ନିପେନ୍ଦ୍ର ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ।

# ଜାତୀୟ ହକି କ୍ୟାମ୍ପରେ ୭ ଓଡ଼ିଆ

**ନୂଆଦିଲ୍ଲୀ,୭।୪(ପି.ଟି.)**

ଆସନ୍ତା ୮ ତାରିଖଠାରୁ ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ହେବାକୁ ଥିବା ଜାତୀୟ କ୍ୟାମ୍ପ ଲାଗି ହକି ଇଣ୍ଡିଆ (ଏଚଆଇ) ପକ୍ଷରୁ ୬୦ ଜଣଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ଅଧିନାୟକ ହରଜିତ ସିଂଙ୍କ ନାମ ସ୍ଥାନ ପାଇଛି। ଏହି କ୍ୟାମ୍ପରେ ୭ ଓଡ଼ିଆ ଯୋଗଦେବେ। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପସାନ ତିର୍କୀ (ଡିଫେଣ୍ଡର), ଅମନ ମିରାଜ ତିର୍କୀ, ନୀଲମ ସଞ୍ଜୀପ ଖେସ୍ ଆଶିଷ କୁମାର ଟପୋ ଓ ଶିଳାନନ୍ଦ ଲାକ୍ରା। ହରଜିତଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୧୬ ଜୁନିୟର ବିଶ୍ୱକପ୍ ଜିତିଥିଲା। ନିକଟରେ ଶେଷ ହୋଇଥିବା ୯ମ ଜାତୀୟ ସିନିୟର ଚାମ୍ପିୟନଶିପରେ ଭଲ ପ୍ରଦର୍ଶନ ବଳରେ ଏମାନେ ଜାତୀୟ କ୍ୟାମ୍ପ ଲାଗି ମନୋନୀତ ହୋଇଛନ୍ତି। ୬୦ ଜଣିଆ କ୍ୟାମ୍ପରୁ ୩୩ ଜଣ ଖେଳାଳିଙ୍କୁ ଚୟନ କରାଯିବ। ଅନ୍ତର୍ଜାତୀୟ ଉଭୟ ଜୁନିୟର ଓ ସିନିୟର ଚାମ୍ପିୟନଶିପ୍ ପ୍ରଦର୍ଶନକୁ ଭିତ୍ତି କରି ଖେଳାଳି ଚୟନ କରାଯାଇଛି।

# ସେମିରେ ଏଫ୍‌ସି ଗୋଆ

**ସୁପରକପ୍ ଫୁଟବଲ**

**ଭୁବନେଶ୍ୱର, ୭।୪(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପରକପ୍ ଫୁଟବଲ ଟୁର୍ନାମେଣ୍ଟରେ ଏଫ୍‌ସି ଗୋଆ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ଗୋଆ ୪–୩ ଗୋଲରେ ଜାମସେଦପୁର ଏଫ୍‌ସିକୁ ହରାଇ ସେମିଫାଇନାଲ ଟିକେଟ ହାସଲ କରିଛି। ୯ ତାରିଖ ମଙ୍ଗଳବାର ଗୋଆ ସେମିଫାଇନାଲରେ ଆଇ–ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ଭେଟିବ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଚେନ୍ନାଇ ସିଟି ୪ ତାରିଖରେ ବେଙ୍ଗାଲୁରୁକୁ ୨–୧ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା।

ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପଛରେ ପଡ଼ିଥିବା ଜାମସେଦପୁର ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଥିଲେ ମଧ୍ୟ ବିଜୟୀ ହୋଇପାରି ନ ଥିଲା। ଗୋଆ ତରଫରୁ ଏଡୁ ବେଡିଆ ୨୩ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟର ଦ୍ୱିତୀୟ ମିନିଟ୍ ଖେଳରେ ଜାମସେଦପୁର ମିଡ୍ ଫିଲ୍ଡର ପାବ୍ଲୋ ମୋରଗାଡୋଙ୍କ ଆତ୍ମଘାତୀ ଗୋଲ ବଳରେ ଗୋଆ ୨–୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ୬୪ତମ ମିନିଟ୍‌ରେ ଗୋଆ ପକ୍ଷରୁ ସେରିଟନ ଫର୍ଣ୍ଣାଣ୍ଡିଜ୍ ତୃତୀୟ ଗୋଲ ସ୍କୋର କରିଥିଲେ। ତେବେ ମୋରଗାଡୋ ଜାମସେଦପୁର ତରଫରୁ ୬୯ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଏହାର ଠିକ୍ ୪ ମିନିଟ ପରେ ଗୋଆ ପକ୍ଷରୁ ଫେରାନ କୋରୋମିନାସ ୭୩ତମ ମିନିଟ୍‌ରେ ଚତୁର୍ଥ ଗୋଲ ସ୍କୋର କରିଥିଲେ। ୧–୪ ଗୋଲରେ ପଛରେ ଥିବା ବେଳେ ଜାମସେଦପୁର ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲା। ଜାମେସଦପୁର ତରଫରୁ ୭୭ ମିନିଟ୍‌ରେ ସର୍ଗିଓ ସିଡୋଞ୍ଚା ଗୋଲ ଦେଇଥିଲେ। ଶେଷରେ ୮୩ତମ ମିନିଟରେ ଜାମସେଦପୁରର କାର୍ଲୋସ କାଲଭୋ ପେନାଲ୍ଟି ଜରିଆରେ ଗୋଲ ଦେଇଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ମ୍ୟାଚ୍‌ରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲରେ ପରିଣତ କରିପାରି ନ ଥିଲେ। ରବିବାର ଖେଳାଯିବାକୁ ଥିବା ଚେନ୍ନାଇନ୍ ଏଫ୍‌ସି–ନର୍ଥଇଷ୍ଟ ଏଫ୍‌ସି କ୍ୱାର୍ଟର ଫାଇନାଲର ବିଜେତା ସେମିଫାଇନାଲରେ ୧୦ ତାରିଖରେ ଆଟଲେଟିକୋ କୋଲକାତାକୁ ଭେଟିବ।




କଳିଙ୍ଗ ଷ୍ଟାଡ଼ିୟମରେ ରବିବାର ଚେନ୍ନାଇନ୍ ଏଫ୍‌ସି ଓ ନର୍ଥ ଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ସୁପରକପ୍ ଫୁଟବଲ କ୍ୱାର୍ଟର ଫାଇନାଲ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।



❝ କୌଣସି ମ୍ୟାଚରେ କେବଳ ଉଇକେଟ ଅକ୍ତିଆର ପାଇଁ ନୁହେଁ, ଦଳକୁ କିପରି ଜିତାଇହେବ ସେହି ଲକ୍ଷ୍ୟ ନେଇ ମୁଁ ଖେଳିଥାଏ।
–ଅଲଜାରି ଯୋଶେଫ୍, ୱେଷ୍ଟଇଣ୍ଡିଜ ପେସ୍ ବୋଲର



❝ ବିଶ୍ୱକପ୍ ଯୋଗୁ ଆଇପିଏଲ ଶେଷ ଭାଗରେ କିଛି ଖେଳାଳି ଉପଲବ୍ଧ ହେବେନି, ତେଣୁ ଆମ ଦଳ ଆରମ୍ଭରୁ ଅଧିକ ମ୍ୟାଚ ଜିତିବାକୁ ଚାହୁଁଛି।–ରୋହିତ ଶର୍ମା, ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ

## ଆଜିର ମ୍ୟାଚ



କିଙ୍ଗ୍ସ ଇଲେଭେନ ପଞ୍ଜାବ
ବନାମ
ସନରାଇଜର୍ସ ହାଇଦ୍ରାବାଦ

ସ୍ଥାନ : ମୋହାଲି
ସମୟ : ରାତି ୮ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### କ୍ୟାଚ୍ ଧରିଲେ ଦର୍ଶକଙ୍କୁ ମିଳୁଛି ଏକ ଲକ୍ଷ

ନୂଆଦିଲ୍ଲୀ,୭।୪: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ବିଶ୍ୱର ସବୁଠୁ ବିତ୍ତଶାଳୀ ଓ ଲୋକପ୍ରିୟ କ୍ରିକେଟ ଲିଗର ଚଳିତ ସଂସ୍କରଣରେ ଏକ ନୂଆ ନିୟମ ଲାଗୁ କରାଯାଇଛି। ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ଗୋଟିଏ ହାତରେ କ୍ୟାଚ୍ ଧରିଲେ ପୁରସ୍କାର ଭାବେ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏ ନେଇ ଆଇପିଏଲ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧରୀ ଘୋଷଣା କରିଥିଲେ। ଏହା ବ୍ୟତୀତ ସିଜନର ସବୁଠୁ ଆକର୍ଷଣୀୟ କ୍ୟାଚ୍ ନେଇଥିବା ଦର୍ଶକଙ୍କୁ ଟାଟା ହାରିଅର ଗାଡ଼ି ମିଳିବ ବୋଲି ସେ କହିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଦର୍ଶକଙ୍କୁ ପ୍ରଥମେ ନିଜ ନାମ ପଞ୍ଜୀକୃତ କରିବାକୁ ପଡୁଛି। ନିଜକୁ ଜଣେ ପ୍ରତିଯୋଗୀ ଭାବେ ଜଣାଇବା ଲାଗି ସେମାନଙ୍କୁ କମଳା ରଙ୍ଗର ଟି-ଶାର୍ଟ ପିନ୍ଧିବାକୁ ପଡ଼େ। ତେବେ ବହୁସଂଖ୍ୟାରେ କ୍ରିକେଟ ପ୍ରଶଂସକଙ୍କୁ ଷ୍ଟାଡିୟମ୍ ଆକର୍ଷିତ କରିବା ଲାଗି ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି।

# ପରାଜୟ କୋହଲିଙ୍କ ପିଛା ଛାଡୁନି

**ଆଇପିଏଲ୍ ୧୨**

ବେଙ୍ଗାଲୁରୁ,୭।୪(ପି.ଟି.)

ପରାଜୟ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ପିଛା ଛାଡୁନାହିଁ। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବାଙ୍ଗାଲୋର କ୍ରମାଗତ ଷଷ୍ଠ ପରାଜୟ ବରଣ କରିଛି। ଫଳରେ ଦଳର ସମସ୍ୟା ବଢ଼ିବାରେ ଲାଗିଛି। ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଲିଗ୍‌ର ୨୦ତମ ମ୍ୟାଚ୍‌ରେ ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ୭ଟି ବଲ ବାକିଥାଇ ବାଙ୍ଗାଲୋରକୁ ୪ ଉଇକେଟରେ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଙ୍ଗାଲୋର ପୂର୍ବ ଭଳି ମାମୁଲି ପ୍ରଦର୍ଶନ କରିଥିଲା ଓ ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୮.୫ ଓଭରରେ ୬ ଉଇକେଟ ହରାଇ ୧୫୨ ରନ କରି ବିଜୟୀ ହୋଇଛି। ପ୍ରଭାବୀ ବୋଲିଂ (୪–୦–୨୧–୪) ପ୍ରଦର୍ଶନ କରି ଦିଲ୍ଲୀ ଦ୍ରୁତ ବୋଲର କାଗିସୋ ରାବାଡ଼ା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫୦ରନ ଆଭରେଜ୍ ଟାର୍ଗେଟର ପିଛା କରି ଦିଲ୍ଲୀ ଆଉଟ ଅଫ୍ ଫର୍ମ ତଥା ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଖାତା ଖୋଲିବା ପୂର୍ବରୁ ଧାୱନ ଆଉଟ୍ ହୋଇଥିଲେ। ଦଳ ତରଫରୁ ଅଧିନାୟକ ଆୟର ସର୍ବାଧିକ ୬୭ (୫୦ ବଲ, ୮ ଚୌକା, ୨ ଛକା) ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ପୃଥ୍ୱୀ ଶ ୨୨ ବଲରୁ ୨୮, କଲିନ ଇନ୍‌ଗ୍ରାମ ୨୧ ବଲରୁ ୨ ଚୌକା ଓ ୧ ଛକା ସହ ୨୨, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୪ ବଲରୁ ୧୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ। କ୍ରିସ୍ ମୋରିସ୍ ବିନା ସ୍କୋରରେ ଆଉଟ ହୋଇଥିବା ବେଳେ ଅକ୍ଷର ପଟେଲ ୪ ଓ ରାହୁଲ ଟେୱାଟିଆ ୧ ରନ କରି ଅପରାଜିତ ରହିଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ଆୟର ଓ ପୃଥ୍ୱୀ ୪୮ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ବାଙ୍ଗାଲୋର ପକ୍ଷରୁ ନବଦୀପ ସଇନି ୨, ଟିମ ସୌଦି, ପବନ ନେଗୀ, ମହମ୍ମଦ ସିରାଜ ଓ ମୋଇନ ଅଲି ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। କୋହଲି ଓ ମୋଇନ ଅଲିଙ୍କୁ ବାଦଦେଲେ ଅନ୍ୟମାନେ ମାମୁଲି ପ୍ରଦର୍ଶନ କରିଥିଲେ। କୋହଲି ୩୩ ବଲରୁ ୧ ଚୌକା ଓ ୨ ଛକା ସହ ସର୍ବାଧିକ ୪୧ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋଇନ ୩୨ (୧୮ ବଲ, ୧ ଚୌକା, ୩ ଛକା), ଆକାଶଦୀପ ନାଥ ୧୯, ଏବି ଡି ଭିଲର୍ସ ୧୭, ମାର୍କସ ଷ୍ଟୋଇନିସ ୧୫, ପାର୍ଥିବ ପଟେଲ ୯ ରନ କରି ଆଉଟ ହୋଇଥିବା ବେଳେ ଟିମ୍ ସୌଦି ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ରାବାଡ଼ା ୨୧ ରନ ଦେଇ ସର୍ବାଧିକ ୪, ମୋରିସ ୨, ଅକ୍ଷର ପଟେଲ ଓ ସନ୍ଦୀପ ଲାମିଚେନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



୪ ଉଇକେଟ୍ ଅକ୍ତିଆର କରିଥିବା ଦିଲ୍ଲୀ କ୍ୟାପିଟାଲ୍ସର କାଗିଶୋ ରାବାଡ଼ା।

**ସଂକ୍ଷିପ୍ତ ସ୍କୋର**

■ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୪୯/୮ (କୋହଲି-୪୧, ମୋଇନ୍-୩୨, ଆକାଶଦୀପ- ୧୯, ଡିଭିଲର୍ସ- ୧୭, ରାବାଡ଼ା- ୪/୨୧, ମୋରିସ- ୨/୨୮)।

■ ଦିଲ୍ଲୀ କ୍ୟାପିଟାଲ୍ସ ୧୮.୫ ଓଭରରେ ୧୫୨/୬ (ଆୟର- ୬୭, ପୃଥ୍ୱୀ- ୨୮, ଇନ୍‌ଗ୍ରାମ- ୨୨, ପନ୍ତ- ୧୮, ସଇନି- ୨/୨୪)।

## ବିସିସିଆଇ ପ୍ରଶାସକ କମିଟି ବୈଠକ ଆଜି

ନୂଆଦିଲ୍ଲୀ, ୭।୪ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପରିଚାଳନା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି (ସିଓଡବ୍ଲ୍ୟୁ) ଏକ ବୈଠକ ଏଠାରେ ସୋମବାର ଅନୁଷ୍ଠିତ ହେବ। ଏଥିରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଭେନ୍ୟୁ ଚୂଡ଼ାନ୍ତ କରାଯିବ। ଏହାଛଡ଼ା ବିଭିନ୍ନ ସ୍ପନସରଶିପ୍ ଏବଂ ସର୍ଭିସ ପାଇଁ ସାନି ଟେଣ୍ଡର ଆହ୍ୱାନ ଉପରେ ନିଷ୍ପତ୍ତି ନିଆଯିବ। ବୈଠକରେ ବିସିସିଆଇର ୩ କର୍ମକର୍ତ୍ତା ଯଥା କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା, କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧାରୀ ଏବଂ କୋଷାଧ୍ୟକ୍ଷ ଅନିରୁଦ୍ଧ ଚୌଧାରୀ ପ୍ରମୁଖ ମଧ୍ୟ ଉପସ୍ଥିତ ରହିବେ। ବୈଠକରେ ମିନି ମହିଳା ଆଇପିଏଲ ଆୟୋଜନ ସମେତ ଅନ୍ୟ କେତେକ ପ୍ରସଙ୍ଗ ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଖବରଅନୁସାରେ ଚେନ୍ନାଇ ଓ ହାଇଦ୍ରାବାଦରେ ପ୍ଲେ–ଅଫ୍ ଓ ଏଲିମିନେଟର ଏବଂ ମୁମ୍ବାଇରେ ଫାଇନାଲ ମ୍ୟାଚ ଖେଳାଯିବା ପ୍ରସ୍ତାବ ରହିଛି। ଭାରତରେ ସମସ୍ତ ଘରୋଇ ଅନ୍ତର୍ଜାତୀୟ ଗେମ୍ ପାଇଁ ପେଟିଏମ୍ ଟାଇଟଲ ପ୍ରାୟୋଜକ ରହି ଆସିଥିଲା। ଏ ନେଇ ହୋଇଥିବା ଚୁକ୍ତିର ମିଆଦ ଇତିମଧ୍ୟରେ ଶେଷ ହୋଇଛି।

## ଦୁର୍ଘଟଣାରେ ପୂର୍ବତନ କ୍ରିକେଟରଙ୍କ ମୃତ୍ୟୁ

ଜୋହାନ୍ସବର୍ଗ,୭।୪– ପୂର୍ବତନ ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ମହିଳା କ୍ରିକେଟର ଇରିସା ଥୁନିସନ ଫୁରି ଷ୍ଟିଲଫୋଣ୍ଟେନଠାରେ କାର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାରେ ତାଙ୍କ ସନ୍ତାନଙ୍କ ପ୍ରାଣ ହାନୀ ହୋଇଛି। ମଧ୍ୟ ଗତିର ବୋଲର ଦେଶ ପାଇଁ ୩ ଅନ୍ତର୍ଜାତୀୟ ଦିନିକିଆ ଓ ଗୋଟିଏ ଟି୨୦ ମ୍ୟାଚ୍ ଖେଳିଛନ୍ତି। ୨୫ ବର୍ଷୀୟ ବୋଲର ୨୦୧୩ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା ଦଳର ସଦସ୍ୟ ଥିଲେ।

# ମୁମ୍ବାଇକୁ ଜିତାଇଲେ ଯୋଶେଫ

ହାଇଦ୍ରାବାଦ, ୭।୪(ପି.ଟି.)

ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୪୦ ରନରେ ଘରୋଇ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୭ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରିଥିଲା। ଜବାବରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ହାଇଦ୍ରାବାଦ ୧୭.୪ ଓଭରରେ ୯୬ ରନ କରି ଅଲଆଉଟ ହୋଇ ମ୍ୟାଚ୍ ହାତଛଡ଼ା କରିଛି। ଆଣ୍ଟିଗୁଆ ଦ୍ରୁତ ବୋଲର ଅଲଜାରି ଯୋଶେଫ୍ ୩.୪ ଓଭର ବୋଲିଂ କରି ଗୋଟିଏ ମେଡେନ ନେବା ସହ ମାତ୍ର ୧୨ ରନ ବିନିମୟରେ ୬ ଉଇକେଟ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ହାଇଦ୍ରାବାଦ ତରଫରୁ ଦୀପକ ହୁଦା ୨୦, ମନୀଷ ପାଣ୍ଡେ ୧୬, ଜନୀ ବେୟାରଷ୍ଟୋ ୧୬, ଡେଭିଡ ୱାର୍ନର ୧୫, ମହମ୍ମଦ ନବୀ ୧୧ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ଯୋଶେଫ ସର୍ବାଧିକ ୬, ରାହୁଲ ଚହର ୨, ଜାସନ ବେହେରାନଡୋର୍ଫ ଓ ଯଶପ୍ରୀତ ବୁମ୍‌ରା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ହାଇଦ୍ରାବାଦ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ମୁମ୍ବାଇ ବଡ଼ ସ୍କୋର ହାସଲ କରିପାରି ନ ଥିଲା। କେବଳ କିରଣ ପୋଲାର୍ଡ (ଅପରାଜିତ ୪୬ ରନ, ୨୬ ବଲ, ୨ ଚୌକା, ୪ ଛକା)ଙ୍କୁ ବାଦ୍ ଦେଲେ ବାକି ବ୍ୟାଟ୍ସମ୍ୟାନ ବିଫଳ ହୋଇଥିଲେ। ଏହି କ୍ରମରେ ଅଧିନାୟକ ରୋହିତ ଶର୍ମା ୧୧, କ୍ୱିଣ୍ଟନ ଡି କକ୍ ୧୯, ସୂର୍ଯ୍ୟକୁମାର ଯାଦବ ୭, ଇଶାନ କିଷାନ ୧୭, କ୍ରୁନାଲ ପାଣ୍ଡ୍ୟା ୬, ହାର୍ଦ୍ଦିକ ପାଣ୍ଡ୍ୟା ୧୪ ଓ ରାହୁଲ ଚହର ୧୦ ରନ କରି ଆଉଟ ହୋଇଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ସିଦ୍ଧାର୍ଥ କାଉଲ ୨, ଭୁବନେଶ୍ୱର କୁମାର, ସନ୍ଦୀପ ଶର୍ମା, ମହମ୍ମଦ ନବୀ ଓ ରସିଦ ଖାଁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



୬ ଉଇକେଟ ନେଇଥିବା ଅଲଜାରି ଯୋଶେଫ

**ସଂକ୍ଷିପ୍ତ ସ୍କୋର**

■ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୩୬/୭ (ପୋଲାର୍ଡ- ୪୬*, ଡି କକ୍- ୧୯, ଇଶାନ- ୧୭, ସିଦ୍ଧାର୍ଥ- ୨/୩୪)।

■ ସନରାଇଜର୍ସ ହାଇଦ୍ରାବାଦ ୧୭.୪ ଓଭରରେ ୯୬ ଅଲଆଉଟ (ହୁଦା- ୨୦, ପାଣ୍ଡେ- ୧୬, ବେୟାରଷ୍ଟୋ- ୧୬, ୱାର୍ନର- ୧୫, ଜୋସେଫ- ୬/୧୨, ଚହର-୨/୨୧)।

## ସାଥିୟାଁଙ୍କୁ ୬ଷ୍ଠ ସ୍ଥାନ

ୟୋକୋହାମା, ୭।୪ (ପି.ଟି.)

ଆଇଟିଟିଏଫ୍–ଏଟିଟିୟୁ ଏସିଆନ କପ୍‌ରେ ୬ଷ୍ଠ ସ୍ଥାନ ଅଧିକାର ସତ୍ତ୍ୱେ ଭାରତର ଜି. ସାଥିୟାଁ ବିଶ୍ୱ କପ୍‌ରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଶନିବାର ବିଶ୍ୱର ୧୪ ନମ୍ବର ଖେଳାଳି ତଥା ହଂକଂର ଚୁନ୍ ଟିଙ୍ଗ୍ ଓଙ୍ଗ୍‌ଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିବା ଭାରତୀୟ ଟେବୁଲ ଟେନିସ ଖେଳାଳି ସାଥିୟାଁ କିନ୍ତୁ ରବିବାର ୫ ଓ ୬ଷ୍ଠ ସ୍ଥାନ ପାଇଁ ଅନୁଷ୍ଠିତ କ୍ଲାସିଫିକେଶନ ମ୍ୟାଚରେ ହାରିଯାଇଥିଲେ। ଚାଇନିଜ ତାଇପେର ୧୭ ବର୍ଷୀୟ ଲିନ୍ ୟୁନ୍ ଜୁ ୧୧–୪, ୧୧–୮, ୧୧–୮, ୧୪–୧୨ରେ ତାଙ୍କୁ ପରାସ୍ତ କରିଥିଲେ। ପୋଜିଶନ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ସାଥିୟାଁ ଅକ୍ଟୋବର ୧୮ରୁ ୨୦ ପର୍ଯ୍ୟନ୍ତ ଚାଇନାର ଚେଙ୍ଗଡୁଠାରେ ହେବାକୁଥିବା ବିଶ୍ୱକପ୍‌ରେ ଖେଳିବା ଲାଗି ଯୋଗ୍ୟତା ହାସଲ କରିପାରିଛନ୍ତି।

# ଟାଇଟଲ ଜିତିଲେ ଲିନ୍ ଡାନ୍

**ମାଲେସିଆ ଓପନ୍ ବ୍ୟାଡମିଣ୍ଟନ**

କୁଆଲାଲମ୍ପୁର,୭।୪(ଏଏଫ୍‌ପି)

ଏଠାରେ ଖେଳାଯାଇଥିବା ମାଲେସିଆ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଚାଇନା ତାରକା ଲିନ୍ ଡାନ୍ ଟାଇଟଲ ହାସଲ କରିଛନ୍ତି। ରବିବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଲିନ୍ ନିଜ ଦେଶର ଚେନ୍ ଲଙ୍ଗ୍‌ଙ୍କୁ ହରାଇ ଦୀର୍ଘ ଦୁଇବର୍ଷ ପରେ କୌଣସି ମେଜର ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ୫ଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା ଲିନ୍ ଗତ ଜାନୁୟାରୀ ପରଠାରୁ ବିଭିନ୍ନ ଟୁର୍ନାମେଣ୍ଟରେ ଆରମ୍ଭରୁ ପରାସ୍ତ ହୋଇ ବିଦାୟ ନେଉଥିଲେ। ଇଣ୍ଡୋନେସିଆ ମାଷ୍ଟର୍ସ, ଜର୍ମାନ ଓପନ ଓ ଅଲ–ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ସେ ସଫଳତା ହାସଲ କରିପାରି ନ ଥିଲେ। ଚଳିତ ବର୍ଷ ଏହା ଲିନ୍‌ଙ୍କ ପ୍ରଥମ ଟାଇଟଲ ସାବ୍ୟସ୍ତ ହୋଇଛି। ଦୁଇଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଲିନ୍ ଚାମ୍ପିୟନ ହେବା ସହ ୪୯,୦୦୦ ଆମେରିକୀୟ ଡଲାର ପୁରସ୍କାର ହାସଲ କରିଛନ୍ତି।

ଅପରପକ୍ଷରେ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଟପ୍ ସିଡ୍ ତାଇୱାନର ଜୁ- ୟିଙ୍ଗ୍ ୨୧–୧୬, ୨୧–୧୯ରେ ଜାପାନର ଅକେନ ୟାମାଗୁଚିଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଏଥିସହିତ ସେ କ୍ରମାଗତ ତୃତୀୟଥର ପାଇଁ ଏହି ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଡବଲ୍ସ ଇଭେଣ୍ଟରେ ଚାଇନା ଯୋଡି ଲି ଜୁନହୁଇ ଓ ଲିଉ ୟୁଚେନ୍ ୨୧–୧୨, ୨୧–୧୭ରେ ଜାପାନ ଯୋଡି ତାକେଶୀ କାମୁରା ଓ କେଇଗୋ ସେନେଡାଙ୍କୁ ହରାଇ ଟାଇଟଲ ଜିତିଛନ୍ତି।




ପୋଡିୟମରେ ରନର୍ସଅପ୍ ଚେନ୍ ଲଙ୍ଗ୍ (ବାମ), ଲି ଚୋଙ୍ଗ ୱେଇ ଓ ଚାମ୍ପିୟନ ଲିନ୍ ଡାନ (ଡାହାଣ)।



■ ବ୍ୟବସାୟୀଙ୍କ ବାଇକ୍ ଡିକିରୁ ଚୋରି ଘଟଣା

# ୪ କିଗ୍ରା ରୁପା ଅଳଙ୍କାର ଉଦ୍ଧାର, ଆସିକାରୁ ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡ଼ି,୭।୪(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଏକ ହୋଟେଲ ସମ୍ମୁଖରେ ଥିବା ଜଣେ ବ୍ୟବସାୟୀଙ୍କ ବାଇକ ଡିକିରୁ ଗତ ୨୭ରେ ଚୋରି ହୋଇଥିବା ୪ କି.ଗ୍ରା ରୁପା ଅଳଙ୍କାରକୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଦାରିଙ୍ଗବାଡି ପୋଲିସ ଗଞ୍ଜାମ ଜିଲା ଆସିକାରୁ ଗିରଫ କରିଛି । ସେ ହେଲେ ଆସିକା ଅଞ୍ଚଳର ଦାସୁ ଏଡୁ କଣ୍ଡୁଲୁ । ଚୋରି ବେଳେ ବ୍ୟବହୃତ ହୋଇଥିବା ବାଇକ (ନଂ.ଓଡି ୩୨ ବି ୬୩୭୪)କୁ ଜବତ କରାଯାଇଥିବା ଖବରଦାତା ସମ୍ମିଳନୀରେ ଆଇଆଇସି ଅଲେଖ ଗରଡ଼ିଆ ସୂଚନା ଦେଇଛନ୍ତି। ଅଳଙ୍କାର ଚୋରି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।

ଆସିକା ଅଞ୍ଚଳର ବ୍ୟବସାୟୀ ପି. ପ୍ରଭାକର ପାତ୍ର ଏବଂ ତାଙ୍କ ସହଯୋଗୀ ଗତ ୨୭ରେ ଦାରିଙ୍ଗବାଡ଼ି ଅଞ୍ଚଳକୁ ବାଇକ୍ (ନଂ. ଓଆର -ବିଏନ-୭୮୨୦)ରେ ଆସି ବିଭିନ୍ନ ଦୋକାନରେ ରୁପା ଅଳଙ୍କାର ବିକ୍ରି କରି ଏକ ଅପରାହ୍ନ ୧ଟାରେ ଏକ ହୋଟେଲକୁ ଯାଇଥିଲେ। ଉକ୍ତ ବାଇକ୍ ଡିକିରେ ୪ କି.ଗ୍ରା. ରୁପା ଅଳଙ୍କାର ଥିଲା। ହୋଟେଲରେ ଖାଇ ଉଭୟେ ଆସିବା ପରେ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ସମସ୍ତ ଅଳଙ୍କାର ନେଇଯାଇଥିବା ଦେଖିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଉକ୍ତ ହୋଟେଲ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ଦୁର୍ବୃତ୍ତମାନେ ବାହାର ଜିଲାର ସ୍ପଷ୍ଟ ହେବା ପରେ ଆଇଆଇସି ଗରଡ଼ିଆ ଏବଂ ତଦନ୍ତକାରୀ ଅଫିସର ଆର.ଭୀମରାଓ ରେଡ୍ଡୀ ଗଞ୍ଜାମ ଜିଲାର ବିଭିନ୍ନ ଥାନାକୁ ଯାଇ ଫୁଟେଜରେ ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଦେଖାଇଥିଲେ। ତେବେ ଜଣେ ଆସିକା ଅଞ୍ଚଳର ଚିହ୍ନଟ ହେବା ପରେ ପୋଲିସ ଚଢ଼ାଉ କରିଥିଲେ ମଧ୍ୟ କାହାରିକୁ ଧରିପାରି ନ ଥିଲା। ଶୁକ୍ରବାର ପୁଣି ଦାରିଙ୍ଗବାଡ଼ି ଏବଂ ଆସିକା ପୋଲିସ ଚଢ଼ାଉ ଜଣଙ୍କୁ ଗିରଫ କରିଥିଲେ। ତାଙ୍କ ଠାରୁ ବାଇକ ଏବଂ ଚୋରି ଯାଇଥିବା ରୁପା ଅଳଙ୍କାର ଜବତ କରାଯାଇଛି। ଏ ନେଇ ମାମଲା(ନଂ. ୩୭/୧୯) ରୁଜୁ କରାଯାଇଥିବା ଆଇଆଇସି ଗରଡ଼ିଆ କହିଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଅଳଙ୍କାର ଲୁଟି ଦୌଡ଼ି ପଳାଉଥିବା ସମୟରେ ପୋଲିସ ପାଟ୍ରୋଲିଂ ଗାଡି ଯାଇଥିଲେ ମଧ୍ୟ ସନ୍ଦେହ କରିପାରି ନ ଥିବା ସିସିଟିଭି ଫୁଟେଜରେ ଦେଖାଯାଇଛି।


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

# ଦାବି ପୂରଣ ନ ହେଲେ ଭୋଟ ବର୍ଜନ ଚେତାବନୀ


ମହିଳା ଓ ପୁରୁଷମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଖଜୁରିପଡ଼ା,୭।୪(ଡି.ଏନ୍.ଏ.)

ଖଜୁରିପଡ଼ା ବ୍ଲକ ବିଲାବାଡ଼ି ଗ୍ରାମପଞ୍ଚାୟତର ଡଙ୍ଗାଗାଁରେ ରବିବାର ମା' ବରାଳୀ ନାରୀ ମହାସଂଘ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଟିବାରି, ଟିକିରାସାହି, ଘାଟିତଳ, ସିକାଡ଼ି ଓ ଡଙ୍ଗାଗାଁର ବହୁ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଗତ ୨୬ରେ କନ୍ଧମାଳ ଜିଲାପାଳ ଡି.ବୃନ୍ଦାଡିଙ୍କୁ ଭୋଟ ବର୍ଜନ ପାଇଁ ଲିଖିତ ଭାବେ ଅଭିଯୋଗ କରିଥିଲେ। ବର୍ତ୍ତମାନ ସମସ୍ତଙ୍କୁ ନେଇ ବୈଠକ ହୋଇଛି। ବୈଠକରେ ୫ଖଣ୍ଡ ଗ୍ରାମବାସୀ କହିଛନ୍ତି ଯେ, ପାଣିଶାଳ ୧୫୭ ନଂ. ଜାତୀୟ ରାଜପଥଠାରୁ କୁଟିବାରି, ମୁଣ୍ଡାପଥରରୁ ସିକାଡି ଓ ଡଙ୍ଗା ଗାଁ ଦେଇ ଝୁଞ୍ଝୁମ୍ ସିଙ୍ଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ବିଦ୍ୟୁତ୍ ସଂଯୋଗ ଓ ପାନୀୟ ଜଳ ବ୍ୟବସ୍ଥା କରିବାକୁ ବହୁବାର ଦାବି କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ନିର୍ବାଚନରେ ମଧ୍ୟ ଅଭିଯୋଗ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ବୁଝାଶୁଝା କରାଯାଇ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ କିଛି କରାଗଲା ନାହିଁ। ତେଣୁ ଏଥର ପୁଣି ଜିଲାପାଳଙ୍କୁ ଅଭିଯୋଗ କରି ନିଷ୍ପତ୍ତି ନେଇଛୁ ଯେ, ଡଙ୍ଗା ଗାଁରେ ଭୋଟ ଗ୍ରହଣ କେନ୍ଦ୍ରକୁ ଇଭିଏମ୍ ଗ୍ରହଣ କରିବୁ ନାହିଁ କି ଭୋଟ କରାଇ ଦେବୁ ନାହିଁ । ଏଥିସହ ପ୍ରତି ଗାଁରେ ବୈଠକ ହେବ ଓ ଫୁଲବାଣୀରୁ ବୌଦ୍ଧକୁ ସଂଯୋଗ କରୁଥିବା ୧୫୭ ନଂ. ଜାତୀୟ ରାଜପଥକୁ ପାଣିଶାଳଠାରେ ଅବରୋଧ କରାଯିବ ବୋଲି ମା' ବରାଳଦେବୀ ନାରୀ ମହାସଂଘର ସମସ୍ତ ମହିଳା ଚେତାବନୀ ଦେଇଛନ୍ତି। ତେଣୁ ଶୀଘ୍ର ପ୍ରଶାସନ ପକ୍ଷରୁ ଏହାର ସମାଧାନ କରିବାକୁ ଦାବି ହୋଇଛି।

# କ.ନୂଆଗାଁରେ ଅଷ୍ଟଦଣ୍ଡ ମିଳନ

କ.ନୂଆଗାଁ,୭।୪(ଡି.ଏନ୍.ଏ.)

କ.ନୂଆଗାଁର ଦୁର୍ଗାମଣ୍ଡପଠାରେ ଶନିବାର ଅଷ୍ଟଶମ୍ଭୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଦଣ୍ଡ ନୃତ୍ୟ ଦଳ ଭାଗ ନେଇଥିଲେ। ସେମାନେ ହେଲେ କିଲୁପଡ଼ା, ଦାଉଙ୍ଗିଆ, ଗୋଛାପଡ଼ା, ଲେଟିଙ୍ଗିଆ, ବନେଗାଁ, ବାଲିଗାଡ଼ା, ରୁତୁଙ୍ଗିଆ, ପୋଖରୀବନ୍ଧ। ସକାଳ ୧୦ଟାରେ ଦଣ୍ଡଦଳଙ୍କୁ ବରଣ କରାଯାଇଥିଲା। ମଧ୍ୟାହ୍ନରେ ଧୂଳିଦଣ୍ଡ ପରିବେଷଣ କରିବା ପରେ କାଳିପେନୁ ନଦୀ ନିକଟରେ ପାଣିଦଣ୍ଡ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଦୁର୍ଗାମଣ୍ଡପରେ ଘଣ୍ଟ କାହାଳି, ତୁରିଢ଼ୋଲ, ହୁଳହୁଳି ମାଧ୍ୟମରେ ଅଷ୍ଟଶମ୍ଭୁ ମିଳନ ହୋଇଥିଲା। ପରେ ସାହିରେ ମା' ଦଣ୍ଡକାଳୀଙ୍କୁ ପୂଜା କରାଯାଇଥିଲା। ମଧ୍ୟରାତିରେ କାଳୀ ସଭା ନୃତ୍ୟ ରୀତି ପ୍ରକାରେ ସମ୍ପନ୍ନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଲୋକଙ୍କ ସମାଗମ ହୋଇଥିଲା। ଏ ନେଇ ପୋଲିସ ମୁତୟନ ରହିଥିଲେ। ରଜନୀକାନ୍ତ ସାହୁ, ସମ୍ପାଦକ ସୁଶୀଳ କୁମାର ପାତ୍ର, ଆଲୋକ ଦୋରା, ପ୍ରଭାତ ପାଣିଗ୍ରାହୀ, ଭଗବତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୬ ପଞ୍ଚାୟତରେ ନାହିଁ ମୋବାଇଲ, ଇଣ୍ଟରନେଟ ସେବା

ରାଇକିଆ,୭।୪(ଡି.ଏନ.ଏ)

ଯୁଗ ବଦଳିଛି, ପ୍ରତ୍ୟେକ କାର୍ଯ୍ୟ ଇଣ୍ଟରନେଟ ମାଧ୍ୟମରେ ହେଉଛି। ବିଦ୍ୟାଳୟରେ ନାମଲେଖାରୁ ଆରମ୍ଭକରି ଯୁବଗୋଷ୍ଠୀଙ୍କ ଚାକିରୀ ପାଇଁ ଆବେଦନ ପର୍ଯ୍ୟନ୍ତ ସବୁ ଇଣ୍ଟର ନେଟ ଭାରସା। ଏପରିକି ପଞ୍ଚାୟତ କାର୍ଯ୍ୟାଳୟରୁ ପିଡିଏସ୍ ସାମଗ୍ରୀ ମଧ୍ୟ ବାୟୋମ୍ୟାଟ୍ରିକ (ଇଣ୍ଟରନେଟ) ଦ୍ୱାରା ପ୍ରଦାନ କରିବାର ବ୍ୟବସ୍ଥା ଆରମ୍ଭ କରାଯାଇଛି। କିନ୍ତୁ ରାଇକିଆ ବ୍ଲକରେ ମାଣିକେଶ୍ୱର, କରଡ଼ା, ରଣବା, ବଡ଼ବାରବା, ଇନ୍ଦ୍ରଗଡ଼, ପେଟାପାଙ୍ଗା ପଞ୍ଚାୟତର ଲୋକେ ମୋବାଇଲ ସେବା ପାଇପାରିନାହାନ୍ତି। ପାଖାପାଖି ୮୦ରୁ ଊର୍ଦ୍ଧ୍ୱ ଗ୍ରାମରେ ମୋବାଇଲ ସେବା ନ ଥିବାରୁ ଲୋକେ ଯୋଗାଯୋଗରୁ ଦୂରରେ ରହୁଛନ୍ତି। କୌଣସି ସ୍ଥାନରେ ଟାୱାର ପ୍ରତିଷ୍ଠା ହୋଇନାହିଁ। ୧୦୨, ୧୦୮ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟକୁ ମଧ୍ୟ ଫୋନ୍ କରିପାରୁନାହାନ୍ତି। କରଡ଼ା, ଇନ୍ଦ୍ରଗଡ଼, ରଣବା ଅଞ୍ଚଳର ଲୋକେ ୨୦ରୁ ୨୫ କିମି ଗଲା ପରେ ଯାଇ ମୋବାଇଲରେ କଥା ହୋଇପାରୁଛନ୍ତି। ଫଳରେ ରାଇକିଆ ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ। ଅନେକ ଥର ଗାଁକୁ ନେତାମାନଙ୍କ ଗସ୍ତ ବେଳେ ମୋବାଇଲ ସେବା ପାଇଁ ପ୍ରାଥମିକତା ଭାବେ ଦାବି କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏପରିକି ଜିଲାପାଳଙ୍କୁ ମଧ୍ୟ ପୂର୍ବରୁ ଅଭିଯୋଗ ଶୁଣାଣି ବେଳେ ଲିଖିତ ଭାବେ ଜଣାଯାଇଥିବା ଇନ୍ଦ୍ରଗଡ଼ର ରମେଶ ନାୟକ କହିଛନ୍ତି। ଏଥିପାଇଁ ଅନେକ ଥର ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ମଧ୍ୟ କରାଯାଇଛି। ତଥାପି ପଦକ୍ଷେପ ନିଆଯାଉନାହିଁ। ମାଣିକେଶ୍ୱର ସରପଞ୍ଚ ଭୂଷଣ ପ୍ରଧାନ କହିଛନ୍ତି, ଏ ନେଇ ବିଏସ୍ଏନ୍ଏଲ ଏସ୍‌ଡିଓଙ୍କଠାରୁ ଆରମ୍ଭ କରି ଆମେ ବିଭିନ୍ନ ସ୍ତରରେ ଆଲୋଚନା କରିଛୁ। କିନ୍ତୁ ଏବେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳିଛି।















2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ